ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Monday, January 3/2022 | ★★★★★★

୪୮ଶ ଭାଗ ୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଦ୍ରାବିଡଙ୍କ ଆଶା**

ବିସିସିଆଇ ସହ ମନାନ୍ତର ସତ୍ତ୍ୱେ ବିରାଟ କୋହଲି ଖୁବ୍‌ଶୀଘ୍ର ବଡ଼ ସ୍କୋର କରିବେ ବୋଲି ଦୃଢ଼ ଆଶାପୋଷଣ କରିଛନ୍ତି ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ। ୦୮

୦୭ **ପୂଜା-ପ୍ରଭାସଙ୍କ ରାଧେ ଶ୍ୟାମ**

ଅଭିନେତା ପ୍ରଭାସ ଓ ଅଭିନେତ୍ରୀ ପୂଜା ହେଗ୍‌ଡେଙ୍କ ଅଭିନୀତ ଚଳଚ୍ଚିତ୍ର 'ରାଧେ ଶ୍ୟାମ' ଚଳିତ ମାସ ୧୪ ତାରିଖରେ ବଡ ପରଦାରେ ଆସିବ।




# ସନ୍ଦେହ ଥିଲେ ଜଣାଅ: ସୁପ୍ରିମ୍‌କୋର୍ଟ କମିଟି

**ପେଗାସସ୍ ଗୁପ୍ତଚରଗିରି**




ନୂଆଦିଲ୍ଲୀ, ୨।୧

ପେଗାସସ୍ ସ୍ୱାଏୱେର ଦ୍ୱାରା ଫୋନ ଟାର୍ଗେଟ୍ ହୋଇଥିବା ନେଇ ସନ୍ଦେହ କରୁଥିବା ଲୋକମାନଙ୍କୁ ତଥ୍ୟ ମାଗିଛି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ବୈଷୟିକ କମିଟି। ମାମଲାର ତଦନ୍ତ କରୁଥିବା ଉକ୍ତ କମିଟି ଏକ ସାର୍ବଜନୀନ ବିଜ୍ଞପ୍ତିରେ ସେହି ଲୋକଙ୍କୁ ଜାନୁୟାରୀ ୭ ସୁଦ୍ଧା ଯୋଗାଯୋଗ କରିବାକୁ କହିଛି। ଏପରି କି ଫୋନଗୁଡ଼ିକୁ ପରୀକ୍ଷଣ କରିବାକୁ କମିଟି ପ୍ରସ୍ତୁତ ଥିବା କହିଛି।

ନ୍ୟୁଜ୍ ପୋର୍ଟାଲ 'ଦି ୱାୟାର'ର ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ସଫ୍ଟୱେର୍ ପେଗାସସ ମାଧ୍ୟମରେ ଭାରତରେ ୧୪୨ରୁ ଅଧିକ ଲୋକଙ୍କୁ ଟାର୍ଗେଟ କରାଯାଇଥିଲା। ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ସିକ୍ୟୁରିଟି ଲ୍ୟାବ୍ ଦ୍ୱାରା ହୋଇଥିବା ଫରେନସିକ ଆନାଲିସିସ୍‌ରୁ ସେଲ୍‌ଫୋନଗୁଡ଼ିକର ତଥ୍ୟ ଚୋରି ହୋଇଥିବା ଜଣାପଡ଼ିଥିଲା, ଯାହାକି ଉକ୍ତ ନ୍ୟୁଜ୍ ପୋର୍ଟାଲ ରିପୋର୍ଟରେ ଦର୍ଶାଯାଇଥିଲା। ୧୪୨ ଜଣଙ୍କ ମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର, ଦୁଇଜଣ କେନ୍ଦ୍ରମନ୍ତ୍ରୀ, ଜଣେ ପୂର୍ବତନ ନିର୍ବାଚନ କମିଶନର, ସୁପ୍ରିମ୍‌କୋର୍ଟର ୨ ରେଜିଷ୍ଟ୍ରାର, ଜଣେ ପୂର୍ବତନ ଆଟର୍ନି ଜେନେରାଲଙ୍କ ସହଯୋଗୀ ଏବଂ ୪୦ ଖବରଦାତା ରହିଥିବା ଜଣାପଡ଼ିଛି। ଇସ୍ରାଏଲ ସଂସ୍ଥା ଏନଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ସ୍ୱାଏୱେର ଜରିଆରେ ଏହି ଗୁପ୍ତଚର କରାଯାଇଥିବା ପ୍ରଘଟ ହେବା ପରେ ଭାରତ ସମେତ ବିଶ୍ୱବ୍ୟାପୀ ଝଡ଼ ସୃଷ୍ଟି ହୋଇଥିଲା। ମାମଲା ସୁପ୍ରିମ୍‌କୋର୍ଟକୁ ଯିବା ପରେ ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ସର୍ବୋଚ୍ଚ ଅଦାଲତ ତଦନ୍ତ ପାଇଁ ବୈଷୟିକ କମିଟି ଗଠନ କରିଥିଲେ।

# ଏବେ ଖୋଲିବନି ପ୍ରାଥମିକ ସ୍କୁଲ

**କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ବଦଳାଇଲେ ସରକାର**

ଭୁବନେଶ୍ୱର, ୨।୧ (ବ୍ୟୁରୋ)

ରାଜ୍ୟରେ ସୋମବାରଠାରୁ ପ୍ରାଥମିକ ବିଦ୍ୟାଳୟ ଖୋଲିଥାନ୍ତା। ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ପିଲା ସ୍କୁଲ ଯାଇଥାନ୍ତେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। କିନ୍ତୁ କରୋନାର ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବା ନିଷ୍ପତ୍ତିକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। ଏ ନେଇ ରବିବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ପୁନଃ ଖୋଲାଯିବା ନିମନ୍ତେ ଆଦେଶ ଜାରି କରିଥିଲେ। ଏହି ଆଦେଶ ମୁତାବକ, ପାଖାପାଖି ୨୩ହଜାର ସ୍କୁଲ ଆସନ୍ତା ୩ତାରିଖ (ସୋମବାର)ଠାରୁ



ଖୋଲିବାର ବ୍ୟବସ୍ଥା କରାଯାଉଥିଲା ଏବଂ ଅବଶିଷ୍ଟ ୩,୦୯୩ ବିଦ୍ୟାଳୟ ୧୦ତାରିଖ ଦିନଠାରୁ ଖୋଲିଥାନ୍ତା। ଇତିମଧ୍ୟରେ ପଦାଧିକାରୀମାନେ ବିଭିନ୍ନ ସ୍କୁଲ ଗସ୍ତକରି ବିଦ୍ୟାଳୟ ସହ ଜଡ଼ିତ ବ୍ୟକ୍ତିବିଶେଷମାନଙ୍କ ସହିତ ଆଲୋଚନା କରିଛନ୍ତି। ସାମ୍ପ୍ରତିକ ସ୍ୱାସ୍ଥ୍ୟଜନିତ ପରିସ୍ଥିତି, ବିଶେଷ ଭାବେ ବିଗତ ଦୁଇଦିନ ମଧ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଏବଂ ବିଭିନ୍ନ ଉଚ୍ଚ ପଦାଧିକାରୀମାନଙ୍କ ରିପୋର୍ଟକୁ ନେଇ ପିଲାଙ୍କ ବୃହତ୍ତର ସ୍ୱାସ୍ଥ୍ୟଗତ ହିତକୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବା ନିଷ୍ପତ୍ତିକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଯଥାବିଧି ଜାରି ରହିବ। ଆସନ୍ତା ୫ରୁ ୮ ତାରିଖ ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ସମେଟିଭ୍-୧ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଯଥାବିଧି ଚାଲୁରହିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ସରକାରଙ୍କ ଏଭଳି ତରବରିଆ ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାଥମିକ ସ୍କୁଲ ୩ରୁ ଖୋଲିବ ବୋଲି ୨୮ ତାରିଖରେ ସରକାର ଘୋଷଣା କଲେ। ଠିକ୍ ତା' ପରଦିନ ଡିଏମ୍‌ଇଟି ରମାରମଣ ମହାନ୍ତି ସ୍କୁଲ ଖୋଲିବା ନିଷ୍ପତ୍ତି ବଦଳିପାରେ ବୋଲି କହିଥିଲେ। କିନ୍ତୁ ଏହାପରେ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଗଲା ଯେ, ସ୍କୁଲ ଖୋଲିବା ନିଷ୍ପତ୍ତି ବଦଳିବ ନାହିଁ। ୩ରୁ ହିଁ ପ୍ରାଥମିକ ସ୍କୁଲ ଖୋଲିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ପଷ୍ଟ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଓ ଗଣଶିକ୍ଷା ବିଭାଗର ମନ୍ତବ୍ୟରେ କୌଣସି ତାଳମେଳ ରହି ନ ଥିଲା। ତେଣୁ ଏହାକୁ ନେଇ ଅଭିଭାବକଙ୍କଠାରୁ ଆରମ୍ଭକରି ଶିକ୍ଷକ ପର୍ଯ୍ୟନ୍ତ ସମସ୍ତେ ଦ୍ୱନ୍ଦ୍ୱରେ ଥିଲେ। ସେହିପରି ସଂକ୍ରମଣ ବଢୁଥିବାରୁ ପିଲାଙ୍କୁ କିପରି ସ୍କୁଲ ଛାଡ଼ିବେ ସେନେଇ ଅଭିଭାବକମାନେ ଚିନ୍ତା କରୁଥିଲେ। କିନ୍ତୁ ରବିବାର ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ଥଗିତ ବୋଲି ଘୋଷଣା କରାଯିବା ପରେ ଅଭିଭାବକଙ୍କ ମନରେ ଆଶ୍ୱସ୍ତି ଆସିଛି।




ଭୁବନେଶ୍ୱର ରାଜମହଲ ଛକ ରାସ୍ତା କଡ଼ରେ ଜଣେ ବ୍ୟବସାୟୀ ଗ୍ରାହକଙ୍କୁ ଉଲ୍ ଦେଖାଉଛନ୍ତି।

# ଚର୍ଚ୍ଚାରେ ଚାଇନା ପାରା

■ ଗୋଡ଼ରେ ଟ୍ୟାଗ୍, ଗୁପ୍ତଚରଗିରି ସନ୍ଦେହ

ରାଜଗାଙ୍ଗପୁର, ୨।୧ (ଡି.ଏନ୍.ଏ.)



ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା କାଂସବାହାଲ ଫାଣ୍ଡି ଅଧୀନ ୱାଟରପଏଣ୍ଟ ନିକଟରୁ ରବିବାର ଅପରାହ୍ନରେ ଉଦ୍ଧାର ହୋଇଥିବା ପାରାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ସ୍ଥାନୀୟ ଅଞ୍ଚଳରେ ଦେଖାଯାଉଥିବା ପାରା ତୁଳନାରେ ଏହାର ଆକାର ଅପେକ୍ଷାକୃତ ବଡ଼। ସବୁଠାରୁ ମୁଖ୍ୟ କଥା ହେଉଛି, ଏହାର ଗୋଡ଼ରେ ଚାଇନିଜ୍ ଭାଷାରେ ଲିଖିତ ଏକ ଟ୍ୟାଗ୍ ରହିଛି। ଉକ୍ତ ଟ୍ୟାଗ୍‌ରେ ଇଂଲିଶରେ ସିରିଆଲ୍ ନମ୍ବର ମଧ୍ୟ ରହିଛି। ତେଣୁ ଏହା ଟ୍ରାଞ୍ଜିଷ୍ଟର ଭଳି କାର୍ଯ୍ୟ କରୁଥିବା ଆଶଙ୍କା ପ୍ରକାଶ ପାଇଛି। ଟ୍ୟାଗ୍‌ରେ ଲିଖିତ ଭାଷାରୁ ଉକ୍ତ ପାରାକୁ ଗୁପ୍ତଚରଗିରି କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି।

ୱାଟରପଏଣ୍ଟ ନିକଟରେ ରହୁଥିବା ସର୍ବେଶ୍ୱର ଛୋଟରାୟଙ୍କ ଘରକୁ ରବିବାର ଅପରାହ୍ନରେ ଉକ୍ତ ପାରା ଉଡ଼ି ଆସିଥିଲା। କିଛି ସମୟ ଘରେ ବସି ରହିବା ପରେ ଏହାର ଗୋଡ଼ରେ ମୁଦି ଭଳି ଏକ ଯନ୍ତ୍ର ଲାଗିଥିବା ଦେଖିବାକୁ ମିଳିଥିଲା। କୌଣସି ମତେ ପାରାକୁ ଧରିବା ପରେ ତା'ର ଗୋଡ଼ରେ ଲାଗିଥିବା ଟ୍ୟାଗ୍‌କୁ ଦେଖି ପରିବାର ସଦସ୍ୟ ଭୟଭୀତ ହୋଇପଡ଼ିଥିଲେ। ଏ ସମ୍ପର୍କରେ ସର୍ବେଶ୍ୱର ତୁରନ୍ତ କାଂସବାହାଲ ଫାଣ୍ଡିକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ପାରାର ଫଟୋ ଉଠାଇ ନେଇଥିଲା। ପରେ ବିଶେଷଜ୍ଞଙ୍କ ମତାମତ ଜାଣିବା ଲାଗି ଉକ୍ତ ଫଟୋକୁ ଭୁବନେଶ୍ୱର ପଠାଯାଇଥିବା ସ୍ଥାନୀୟ ପୋଲିସ ପକ୍ଷରୁ କୁହାଯାଇଛି।

**ଆଜିର ସମ୍ପାଦକୀୟ**

ଭିଡ଼ର ଅର୍ଥ ନୁହେଁ ଭୋଟ୍

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍‌କେଡ୍‌ରେ ୧୨ କୋଟି ଟଙ୍କାର ଗାଡ଼ି ସାମିଲ ହୋଇଥିବାରୁ ସେ ନିଜକୁ ଆଉ 'ଫକିର' ବୋଲି ଦାବି କରିପାରିବେ ନାହିଁ।

-ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି

# ପାଣି ପାଇଁ ମୋବାଇଲ ଟାୱାର ଉପରେ ଚଢ଼ି ପ୍ରତିବାଦ



ମୋବାଇଲ ଟାୱାର ଉପରେ ଚଢ଼ି ଯୁବକ ପ୍ରତିବାଦ କରୁଛନ୍ତି।

ନୂଆପଡ଼ା ଅଫିସ୍, ୨।୧

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଘରଧରା ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଦେଇଥିବାରୁ ଜଣେ ଯୁବକ ରବିବାର ପୂର୍ବାହ୍ନରେ ମୋବାଇଲ ଟାୱାର ଉପରେ ଚଢ଼ି ଅଭିନବ ପ୍ରତିବାଦ କରିଛନ୍ତି। ଏହି ଗ୍ରାମରେ ୩ଟି ନଳକୂପ ରହିଛି। ଦୁଇଟି ନଳକୂପରୁ ଫ୍ଲୋରାଇଡ୍ ଯୁକ୍ତ ପାଣି ବାହାରୁଥିବାରୁ ଏହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଅନ୍ୟଟି ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ରହିଛି। ସେହି ନଳକୂପର ପାଣି ଉପରେ ଗାଁ ଲୋକେ ନିର୍ଭର କରନ୍ତି। ସମୟ ସମୟରେ ଅଙ୍ଗନୱାଡ଼ି କର୍ମୀ ଗେଟ୍ ବନ୍ଦ କରିଦେଉଥିବାରୁ ଗାଁ ଲୋକଙ୍କୁ ପାଣି ନେବାରେ ଅସୁବିଧା ହେଉଛି। ତେଣୁ ଗାଁର ହେମନ୍ତ ରଣା ନିକଟରେ ଥିବା ମୋବାଇଲ ଟାୱାର ଉପରେ ଚଢ଼ି ପ୍ରତିବାଦ କରିଥିଲେ। ଅଙ୍ଗନୱାଡ଼ିର ଗେଟ୍ ସବୁବେଳେ ଖୋଲା ରଖିବା ପାଇଁ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ତାଙ୍କୁ ଓହ୍ଲାଇ ଆସିବାକୁ କହିଥିଲେ। ମାତ୍ର ସେ ଶୁଣି ନ ଥିଲେ। ଖବରପାଇ ଖଡ଼ିଆଳ ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ବୁଝାଶୁଝା କରିଥିଲେ। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଟାୱାର ଉପରେ ରହିବା ପରେ ହେମନ୍ତ ତଳକୁ ଓହ୍ଲାଇ ଆସିଥିଲେ।

# ବଦଳିବନି ମେଡିକାଲ ପାଠ୍ୟକ୍ରମରେ ଇଡବ୍ଲ୍ୟୁଏସ୍ ମାନଦଣ୍ଡ

**ଚୟନ ଲାଗି ୮ ଲକ୍ଷ ଆୟସୀମା ଏ ବର୍ଷ କାଏମ ରହିବ**

ନୂଆଦିଲ୍ଲୀ, ୨।୧

ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଲାଗି ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଚୟନ ନିମନ୍ତେ ବର୍ତ୍ତମାନର ମାନଦଣ୍ଡ ଚଳିତ ଶିକ୍ଷାବର୍ଷ ଲାଗି କାଏମ ରହିବ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଜଣାଇଛନ୍ତି। ଇଡବ୍ଲ୍ୟୁଏସ୍ ଚୟନ ପାଇଁ ବାର୍ଷିକ ଆୟସୀମା ୮ ଲକ୍ଷ ଟଙ୍କା ମାନଦଣ୍ଡ କାଏମ ରଖିବା ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ୩ ଜଣିଆ କମିଟି ସୁପାରିସ୍ କରିଥିଲେ। ଏବେ ନାମଲେଖା ଓ ଏନ୍‌ଇଇଟି (ଜାତୀୟ ଯୋଗ୍ୟତ ଓ ପ୍ରବେଶିକା ପରୀକ୍ଷା) ଛାତ୍ରୀଛାତ୍ରଙ୍କ ପାଇଁ କଲେଜ ନିର୍ଦ୍ଧାରଣ ପ୍ରକ୍ରିୟା ଚାଲିଥିବାରୁ ଏଭଳି ସମୟରେ କୋଟା ନିୟମରେ ପରିବର୍ତ୍ତନ କରିବା ସମସ୍ୟା ସୃଷ୍ଟି କରିବ ବୋଲି ସରକାର କହିଛନ୍ତି। ତେବେ ଇଡବ୍ଲ୍ୟୁଏସ୍ ନିୟମାବଳୀରେ ସଂଶୋଧନ ଆସନ୍ତା ଶିକ୍ଷାବର୍ଷରୁ ଲାଗୁ ହୋଇପାରେ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସଂଶୋଧିତ ଇଡବ୍ଲ୍ୟୁଏସ୍ ମାନଦଣ୍ଡ ସର୍ବାଧିକ ବାର୍ଷିକ ଆୟସୀମା ୮ ଲକ୍ଷ ରଖିଥିବାବେଳେ ଏହା ବାଦ୍ ୫ ଏକରରୁ ଅଧିକ କୃଷି ଜମି ଓ ଅନ୍ୟାନ୍ୟ ମାନଦଣ୍ଡକୁ ବାଦ୍ ଦିଆଯାଇଛି। ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ମଧ୍ୟରେ ସ୍ୱଚ୍ଛଳ ବର୍ଗ ନିର୍ଦ୍ଧାରଣ କରିବା ଲାଗି ୮ ଲକ୍ଷ ବାର୍ଷିକ ଆୟସୀମା ଧାର୍ଯ୍ୟ ହୋଇଥିବାବେଳେ ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ସମାନ ସୀମା ଧାର୍ଯ୍ୟ ହେଲା କ'ଣ ପାଇଁ ବୋଲି ପୂର୍ବରୁ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଥିଲେ। ଗତ



ନଭେମ୍ବରରେ ହୋଇଥିବା ଶୁଣାଣି ବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସରକାରଙ୍କ ତରଫରୁ କୋର୍ଟରେ ଉପସ୍ଥିତ ରହି ପ୍ରଚଳିତ ଆୟ ମାନଦଣ୍ଡର ପୁନର୍ବିଚାର କରାଯାଇ ୪ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ସେହି ଅନୁଯାୟୀ ନଭେମ୍ବର ୩୦ରେ ସରକାର ପୂର୍ବତନ ଅର୍ଥ ସଚିବ ଅଜୟ ଭୂଷଣ ପାଣ୍ଡେ, ଆଇସିଏସ୍‌ଏସ୍‌ଆର୍ ସଦସ୍ୟ ସଚିବ ଭି.କେ. ମାଲହୋତ୍ରା ଏବଂ ସରକରାଙ୍କ ପ୍ରମୁଖ ଅର୍ଥନୈତିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲଙ୍କୁ ନେଇ ୩ ଜଣିଆ କମିଟି ଗଢ଼ିଥିଲେ। ଗତ ଡିସେମ୍ବର ୩୧ରେ କମିଟି ଏହାର ରିପୋର୍ଟ ଦାଖଲ କରିଥିଲା।

ଏନ୍‌ଇଇଟି-ପିଜି ପାଇଁ ନାମଲେଖା ପ୍ରସଙ୍ଗରେ ସରକାର ସତ୍ୟପାଠ ଦାଖଲ କରି କହିଛନ୍ତି, ଯେଉଁମାନଙ୍କ ପରିବାରର ବାର୍ଷିକ ଆୟ ୮ ଲକ୍ଷ ଟଙ୍କା କିମ୍ବା ଏହାଠାରୁ କମ୍ ହୋଇଥିବ ସେମାନେ ଇଡବ୍ଲ୍ୟୁଏସ୍ ସଂରକ୍ଷଣର ସୁବିଧା ହାସଲ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ସଚିବ ଆର୍. ସୁବ୍ରମଣ୍ୟମ୍ ସତ୍ୟପାଠ ଦାଖଲ କରି ସରକାର କମିଟିର ସୁପାରିସ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ତେବେ କମିଟି ନିଷ୍ପତ୍ତି ନେବାରେ ବିଳମ୍ବ ଯୋଗୁ ଏନ୍‌ଇଇଟି-ପିଜି ୨୦୨୧ କାଉନସେଲିଂ ବିଳମ୍ବିତ ହୋଇଛି। ଏହା ବିରୋଧରେ ବହୁସଂଖ୍ୟାରେ ଡାକ୍ତର ଦିଲ୍ଲୀ ଏବଂ ଦେଶର ଅନ୍ୟ ଭାଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଚାପରେ ବଦଳିଛି ସରକାରୀ ନିଷ୍ପତ୍ତି



**ବର୍ଷ ୨୦୨୧ରେ ଅନେକ କାର୍ଯ୍ୟପାଳିକା ପଦକ୍ଷେପକୁ ନେଇ ସୁପ୍ରିମକୋର୍ଟ ନିଜ ସାମ୍ବିଧାନିକ ଭୂମିକା ତୁଲାଇବାକୁ ଯାଇ ନ୍ୟାୟିକ ସମୀକ୍ଷା କରିଥିଲେ। ସର୍ବୋଚ୍ଚ ଅଦାଲତ ଏହି ଦାୟିତ୍ୱ ତୁଲାଇବା ସମୟରେ କାର୍ଯ୍ୟପାଳିକାର ନୀତି ନିର୍ଦ୍ଧାରଣ ଉପରେ ହସ୍ତକ୍ଷେପ କରି ନ ଥିଲେ। କିନ୍ତୁ ଯେଉଁଠି ବି କାର୍ଯ୍ୟପାଳିକାର ନିଷ୍ପତ୍ତିରେ ସାମ୍ବିଧାନିକ ଅସଙ୍ଗତି ପରିଲକ୍ଷିତ ହୋଇଥିଲା ସେଇଠି ତାଗିଦ୍ କରିବାକୁ ମଧ୍ୟ କୁଣ୍ଠାବୋଧ କରି ନ ଥିଲେ। ଅଦାଲତଙ୍କ ଏଭଳି ସଂଯତ ଓ ସତର୍କ ହସ୍ତକ୍ଷେପ ସରକାରଙ୍କୁ ନିଜ ନିଷ୍ପତ୍ତି ବଦଳାଇବାକୁ ବାଧ କରିଥିଲା। ସେଗୁଡ଼ିକ ମଧ୍ୟରୁ କେତେକ ଦୃଷ୍ଟାନ୍ତ ସମ୍ପର୍କରେ ଏଠାରେ ଅବତାରଣା କରାଗଲା।**

**ସୌଜନ୍ୟ: ଲାଇଭ୍ ଲ**

" ସମ୍ବିଧାନ ତିନୋଟି ବ୍ୟବସ୍ଥା ପ୍ରତିଷ୍ଠା କରିଛି। ସେଗୁଡ଼ିକ ହେଲା ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଅନ୍ୟ ଦୁଇ ଅଙ୍ଗ ଦ୍ୱାରା ନିଆଯାଉଥିବା ପଦକ୍ଷେପର ବୈଧତାକୁ ସମୀକ୍ଷା କରିବା ପାଇଁ ନ୍ୟାୟପାଳିକାର ସ୍ୱତନ୍ତ୍ର ଭୂମିକା ରହିଛି। ଯଦି ନ୍ୟାୟିକ ସମୀକ୍ଷା ପାଇଁ ନ୍ୟାୟପାଳିକାର କ୍ଷମତା ନାହିଁ ତେବେ ଭାରତରେ ଗଣତନ୍ତ୍ରର କାର୍ଯ୍ୟକାରିତା ଅପରିକଳ୍ପନୀୟ ହୋଇଯିବ।

-ଜଷ୍ଟିସ୍ ଏନ୍.ଭି. ରମନା,
ପ୍ରଧାନ ବିଚାରପତି



## ଟିକାକରଣ ନୀତି ବଦଳିଲା



୨୦୨୧ରେ ସକାରାତ୍ମକ ନ୍ୟାୟିକ ସମୀକ୍ଷାର ସର୍ବୋତ୍ତମ ଦୃଷ୍ଟାନ୍ତ ହେଉଛି କେନ୍ଦ୍ର ସରକାରଙ୍କ କୋଭିଡ୍ ଟିକାକରଣ ନୀତିରେ ରହିଥିବା ତ୍ରୁଟି ସମ୍ପର୍କରେ ସୁପ୍ରିମକୋର୍ଟ ରେଖାଙ୍କିତ କରିବା ପରେ ଏଥିରେ ଆସିଥିବା ପରିବର୍ତ୍ତନ। ୧୮ରୁ ୪୪ ବର୍ଷୀୟଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟକୁ ଯୋଗାଇ ଦିଆଯାଉଥିବା ଟିକାର ଦାମ୍ ଭିନ୍ନ ଭିନ୍ନ ରହିଥିବାବେଳେ ଏହାକୁ ନେଇ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼, ଏଲ୍. ନାଗେଶ୍ୱର ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପ୍ରିଲ ୧୦ରେ ପ୍ରକାଶିତ ରାୟରେ ସୁପ୍ରିମକୋର୍ଟ କହିଥିଲେ, ଭାକ୍ସିନ ନୀତି ଜୀବନ ଓ ସ୍ୱାସ୍ଥ୍ୟ ଅଧିକାର ପାଇଁ ହାନିକାରକ। ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୨୧ ଅନୁସାରେ ଏହା ଉପରେ ପୁନର୍ବିଚାର କରାଯିବା ଜରୁରୀ। ସେହିପରି ମେ' ୩୧ ରାୟରେ ସୁପ୍ରିମକୋର୍ଟ କେନ୍ଦ୍ରକୁ ଭାକ୍ସିନ କିଣାର ସମ୍ପୂର୍ଣ୍ଣ ଇତିହାସ, ଜରୁରୀ ଦସ୍ତାବିଜ ଓ ଭବିଷ୍ୟତ ଯୋଜନା ସମ୍ପର୍କିତ ତଥ୍ୟ ମାଗିଥିଲେ। ମାଗଣା ଟିକାକରଣ ପାଇଁ ବଜେଟରେ ଆବଣ୍ଟିତ ୩୫,୦୦୦ କୋଟି ଟଙ୍କା କିପରି ଖର୍ଚ୍ଚ କରଯାଇଛି ତାହାର ମଧ୍ୟ ହିସାବ ମାଗିଥିଲେ। ଅଦାଲତଙ୍କ ଏହି କଡ଼ା ଆଭିମୁଖ୍ୟ ଯୋଗୁ କେନ୍ଦ୍ର ସରକାର ନିଜ ନିଷ୍ପତ୍ତି ବଦଳାଇବାକୁ ବାଧ ହୋଇଥିଲେ। ରାଜ୍ୟ ସରକାରଙ୍କ ପାଇଁ କେନ୍ଦ୍ର ଟିକା କିଣିବ ଏବଂ ୧୮ରୁ ୪୪ ବୟସ ବର୍ଗର ସମସ୍ତଙ୍କ ଲାଗି ମାଗଣା ଭାକ୍ସିନ ଯୋଗାଇ ଦିଆଯିବ ବୋଲି ଚାପରେ ପଡ଼ି ଜୁନ୍ ୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ।

## କାଉଡିଆ ଯାତ୍ରା: ନଇଁଲେ ଯୋଗୀ



୨୦୨୧ରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ ଆଉ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଶ୍ରାବଣ ମାସରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ବୋଲ୍ ବମ୍ ଭକ୍ତମାନଙ୍କୁ କାଉଡିଆ ଯାତ୍ରା ପାଇଁ ଅନୁମତି ଦେଇଥିଲେ। ଏହାକୁ ନେଇ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲା କରି ଏଥିରେ ରୋକ ଲଗାଇଥିଲେ। ଜଷ୍ଟିସ୍ ଆର୍.ଏଫ୍ ନରିମନ ଏବଂ ବି.ଆର୍. ଗବାଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, କେନ୍ଦ୍ର ସରକାର ଧାର୍ମିକ ଆୟୋଜନ ନ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ୟୁପି ସରକାର ଏଭଳି ଅନୁମତି ଦେବା ଅନୁଚିତ। ଧର୍ମୀୟ ଭାବାବେଗ ଜୀବନ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ମୌଳିକ ଅଧିକାରର ପରିପନ୍ଥୀ ବୋଲି ଖଣ୍ଡପୀଠ କହିବା ପରେ ଯୋଗୀ ସରକାରଙ୍କୁ କାଉଡିଆ ଯାତ୍ରା ବନ୍ଦ କରିବାକୁ ପଡ଼ିଥିଲା। ସେହିପରି ସଂକ୍ରମଣ ବୃଦ୍ଧି ଯୋଗୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ କେରଳ ସରକାର ମଧ୍ୟ ବକର-ଇଦ୍ ପାଳନ ଉପରେ ରୋକ ଲଗାଇଥିଲେ।

## ଟ୍ରିବ୍ୟୁନାଲରେ ପଦବୀ ପୂରଣ




ସାରା ଦେଶରେ ଟ୍ରିବ୍ୟୁନାଲଗୁଡ଼ିକରେ ବହୁସଂଖ୍ୟକ ପଦବୀ ଖାଲିପଡ଼ିଥିବାବେଳେ ସେଗୁଡ଼ିକୁ ପୂରଣ କରିବାରେ କେନ୍ଦ୍ରର ତତ୍ପରତା ଦେଖିବାକୁ ମିଳୁ ନ ଥିଲା। ସିଜେଆଇ ଏନ୍. ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହାକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପ୍ରତି କେନ୍ଦ୍ରର ସମ୍ମାନ ନାହିଁ କହି କଡ଼ା ସମାଲୋଚନା କରିଥିଲେ। ଏଥିସହ ସରକାର ଅଦାଲତଙ୍କ ଧୈର୍ଯ୍ୟର ପରୀକ୍ଷା କରୁଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। କଡ଼ା ତାଗିଦ ପରେ କେନ୍ଦ୍ର ପକ୍ଷରୁ ଏନ୍‌ସିଏଲ୍‌ଟି ଏବଂ ଆଇଟିଏଟିଗୁଡ଼ିକରେ ଖାଲି ଥିବା ପଦବୀ ପୂରଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ଏନ୍‌ଡିଏ ପରୀକ୍ଷାରେ ମହିଳାଙ୍କୁ ଅନୁମତି



ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପାଇଁ ପ୍ରବେଶିକା ପରୀକ୍ଷାରେ ମହିଳାମାନେ ଭାଗ ନେଇପାରିବେ। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ବଳରେ ମହିଳାମାନଙ୍କୁ ଉକ୍ତ ପରୀକ୍ଷା ପାଇଁ ଅନୁମତି ମିଳିଛି। ଭାରତୀୟ ସୈନ୍ୟବାହିନୀର ଲିଙ୍ଗଗତ ପକ୍ଷପାତ ନୀତିକୁ ସୁପ୍ରିମକୋର୍ଟ ଅଗଷ୍ଟ ୧୮ରେ ଭର୍ତ୍ସନା କରିବା ସହ କ'ଣ ପାଇଁ ସହ-ଶିକ୍ଷା ଏକ ସମସ୍ୟା ବୋଲି ପ୍ରଶ୍ନ କରିଥିଲେ। ପ୍ରକାଶ ଯେ, ପୂର୍ବରୁ ଏନ୍‌ଡିଏ ଏବଂ ନାଭାଲ ଏକାଡେମୀ ପରୀକ୍ଷାରେ ମହିଳା ପ୍ରାର୍ଥୀଙ୍କୁ ଅନୁମତି ଦିଆଯାଉ ନ ଥିବାରୁ କେନ୍ଦ୍ର ସରକାରଙ୍କ ଏଭଳି ପାତରଅନ୍ତର ନୀତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଉକ୍ତ ପିଆଇଏଲ୍‌ର ଶୁଣାଣି କରି ଜଷ୍ଟିସ ସଞ୍ଜୟ ରାୟ, କିଷନ କୌଲ ଏବଂ ହୃଷୀକେଶ ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିପାଇଁ ୟୁପିଏସ୍‌ସିକୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବାକୁ ପଡ଼ିଥିଲା।

## କୋଭିଡ୍ ମୃତ୍ୟୁ କ୍ଷତିପୂରଣ



କୋଭିଡ୍-୧୯ ମହାମାରୀରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ରାଜ୍ୟ ସରକାରମାନଙ୍କ ପକ୍ଷରୁ ଦିଆଯାଉଥିବା କ୍ଷତିପୂରଣ ଉପରେ ସୁପ୍ରିମକୋର୍ଟ କଡ଼ା ନଜର ରଖିଛନ୍ତି। କ୍ଷତିପୂରଣ ଆବେଦନଗୁଡ଼ିକୁ ସମୀକ୍ଷା ଲାଗି ଗୁଜରାଟ ସରକାର ଏକ ଯାଞ୍ଚ କମିଟି ଗଠନ କରିବା ପରେ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ଏମ୍.ଆର୍. ଶାହଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗୁଜରାଟ ସରକାରଙ୍କ ପ୍ରଧାନ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ସମନ କରି କହିଥିଲେ, କ୍ଷତିପୂରଣ ଆବେଦନ ଉପରେ ଯାଞ୍ଚ କମିଟି ଗଢ଼ିବା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବଜ୍ଞା ସହ ସମାନ। ଏଭଳି ତାଗିଦ ପରେ ଗୁଜରାଟ ସରକାର ସଂଶୋଧନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେଇଥିଲେ। ନିମ୍ନ ହାର କ୍ଷତିପୂରଣ ପ୍ରଦାନ ଲାଗି କେରଳ ଓ ମହାରାଷ୍ଟ୍ର ସମେତ ଅନ୍ୟ କେତେକ ରାଜ୍ୟ ମଧ୍ୟ ଅଦାଲତଙ୍କ ଦ୍ୱାରା ସମାଲୋଚିତ ହୋଇଛନ୍ତି। ପ୍ରକାଶ ଯେ, କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନେଇ ଆବେଦନ ପ୍ରକ୍ରିୟା ସ୍ଥାନୀୟ ଖବରକାଗଜ ଓ ଗଣମାଧ୍ୟମରେ ବହୁଳ ଭାବେ ପ୍ରକାଶ କରିବା ସହ ଏସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଦିଲ୍ଲୀରେ ପ୍ରଦୂଷଣ ସଙ୍କଟ



ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଗତ ନଭେମ୍ବରରେ ବାୟୁ ଗୁଣବତ୍ତା ସ୍ତର ଚିନ୍ତାଜନକ ସ୍ଥିତିରେ ପହଞ୍ଚିଥିବାବେଳେ ସୁପ୍ରିମକୋର୍ଟ ଏହା ଉପରେ ତତ୍ପରତା ଦେଖାଇଥିଲେ। ସିଜେଆଇ ଏନ୍.ଭି. ରମନଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଦିଲ୍ଲୀ-ଏନ୍‌ସିଆର୍‌ରେ ନିର୍ମାଣ କାର୍ଯ୍ୟଗୁଡ଼ିକ ଉପରେ ଅସ୍ଥାୟୀ ରୋକ ଲଗାଇବା ସହ ବୈଜ୍ଞାନିକ ପଦ୍ଧତି ଆଧାରରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ହସ୍ତକ୍ଷେପ କ୍ରମେ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ କମିଶନ ଜାତୀୟ ରାଜଧାନୀରେ ପ୍ରଦୂଷଣ ରୋକିବାକୁ ଏକାଧିକ ପଦକ୍ଷେପ ନେଇଥିଲେ।

## ଲଖିମପୁର ମାମଲା ମୋଡ଼ ବଦଳିଲା



କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଓ ତାଙ୍କ ପୁଅ ଆଶିଷ ମିଶ୍ରା ଜଡ଼ିତ ଥିବା ୟୁପିର ଲଖିମପୁର ହିଂସା ମାମଲାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ନ ଥିଲେ ଏହାର ମୋଡ଼ ବଦଳି ନ ଥାଆନ୍ତା ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ। ସିଜେଆଇ ରମନାଙ୍କ ଖଣ୍ଡପୀଠ ଉଚିତ ସମୟରେ ହସ୍ତକ୍ଷେପ କରିଥିବାରୁ ଅଦାଲତଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ଚାଲିଛି। ରାଜ୍ୟ ପୋଲିସକୁ ନେଇ ଖଣ୍ଡପୀଠ କେତେକ କଠୋର ମନ୍ତବ୍ୟ ଦେବା ପରେ ଆଶିଷ ମିଶ୍ରାଙ୍କୁ ଗିରଫ କରାଯାଇଥିଲା। ଅକ୍ଟୋବର ୩ରେ ଆଶିଷ ମିଶ୍ରାଙ୍କ ଗାଡ଼ି କୃଷକଙ୍କ ଉପରକୁ ମାଡ଼ିଯିବା ଆକସ୍ମିକ ନୁହେଁ, ବରଂ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ସ୍ଥାନୀୟ କୋର୍ଟଙ୍କୁ ଅବଗତ କରାଇଛି। ଏଥିସହ ୪ କୃଷକ ଓ ଜଣେ ଖବରଦାତାଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଆଶିଷଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।

## ପୁରୁଣା ଢାଞ୍ଚାରେ ଏନ୍‌ଇଇଟି ପରୀକ୍ଷା



ସୁପ୍ରିମକୋର୍ଟଙ୍କ ଚାପ ଫଳରେ କେନ୍ଦ୍ର ସରକାର ଏନ୍‌ଇଇଟି ସୁପର ସ୍ପେଶିଆଲିଟି ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ଆଣିଛନ୍ତି। ପୁରୁଣା ପ୍ରଶ୍ନ ଢାଞ୍ଚାରେ ଏଥର ପରୀକ୍ଷା କରାଯିବ ବୋଲି ଅକ୍ଟୋବର ୬ରେ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିବାରୁ ଯୁବ ଡାକ୍ତରମାନେ ଆଶ୍ୱସ୍ତ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏନ୍‌ଇଇଟି-ଏସ୍‌ଏସ୍ ପରୀକ୍ଷା ସିଲାବସ୍ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଥିବା ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ ସରକାର ଅବଗତ କରାଇଥିଲେ।

## ଆର୍ଥିକ ଦୁର୍ବଳ ବର୍ଗ ମାପଦଣ୍ଡ ନେଇ ସମୀକ୍ଷା

ସୁପ୍ରିମକୋର୍ଟ ଏନ୍‌ଇଇଟି-ପିଜି କାଉନ୍‌ସେଲିଂ ସମ୍ପର୍କିତ ଏକାଧିକ ପିଟିଶନର ଶୁଣାଣି କରି ବାର୍ଷିକ ୮ ଲକ୍ଷ ଟଙ୍କା ଆୟ ସୀମାର ଯୁକ୍ତିଯୁକ୍ତତା ଉପରେ ପ୍ରଶ୍ନ ଉଠାଇଥିଲେ। ଏଥିସହ ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ କେନ୍ଦ୍ର ପକ୍ଷରୁ ସ୍ଥିର କରାଯାଇଥିବା ଅନ୍ୟ ମାପଦଣ୍ଡଗୁଡ଼ିକ ଉପରେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସାରା ଦେଶରେ ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କ କ୍ରିମି ଲେୟର କ୍ଷେତ୍ରରେ ବାର୍ଷିକ ଆୟକୁ ୮ ଲକ୍ଷ ଟଙ୍କାରେ କିପରି ସୀମିତ ରଖାଯାଇପାରିବ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କେନ୍ଦ୍ରକୁ ପ୍ରଶ୍ନ କରିଥିଲେ। ଫଳରେ ଏହାର ସମୀକ୍ଷା ଲାଗି କେନ୍ଦ୍ର ସରକାର ନଭେମ୍ବର ୨୫ରେ ରାଜି ହୋଇଥିଲେ। ୩ ଜଣିଆ କମିଟିର ସୁପାରିସ କ୍ରମେ ୮ ଲକ୍ଷ ଟଙ୍କା ବାର୍ଷିକ ଆୟ ମାନଦଣ୍ଡରେ ଆସନ୍ତା ଶିକ୍ଷାବର୍ଷରେ ପରିବର୍ତ୍ତନ ଆଣିବାକୁ କେନ୍ଦ୍ର ନିଷ୍ପତ୍ତି ନେଇଥିବା ରବିବାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୦୦,୫୩,୭୨୩ | ୫୪,୫୯,୧୭୩ | ୨୫,୪୩,୮୩,୪୨୩ |
| ଭାରତ | ୩,୪୮,୮୯,୧୩୨ | ୪,୮୧,୭୭୦ | ୩,୪୨,୮୪,୫୬୧ |
| ଓଡ଼ିଶା | ୧୦,୫୫,୫୫୬ | ୮୪୭୩(+୫୩) | ୧୦,୪୫,୧୦୯ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମନସ୍ୱିନୀ

**ମହାଭାରତ ଯୁଦ୍ଧର କଥାବସ୍ତୁର ଆର୍ଟ କରି ସଫଳତା**




**ଦିଗପହଣ୍ଡି,୨।୧(ଡି.ଏନ.ଏ.):** ମହାଭାରତ ଯୁଦ୍ଧର ବିଭିନ୍ନ କଥାବସ୍ତୁର ପେନ୍‌ସିଲ ଆର୍ଟ କରି ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜର ଛାତ୍ରୀ ମନସ୍ୱିନୀ ନାହାକ ଇଣ୍ଡିଆ ବୁକ୍ ଅଫ ରେକର୍ଡ -୨୦୨୧ରେ ଟାଇଟଲ ହାସଲ କରିଛନ୍ତି। ଦିଗପହଣ୍ଡି ସହର ଆସିକା ରୋଡ୍‌ସ୍ଥିତ ଦଣ୍ଡପାଣି ନଗରରେ ବାପା ସାଧୁ ଚରଣ ନାହାକ ଏବଂ ମା' ମମତାଙ୍କ ସୁକନ୍ୟା ମନସ୍ୱିନୀ ଖେମୁଣ୍ଡି କଲେଜରେ ୨୦୧୮ ଶିକ୍ଷାବର୍ଷରେ ଯୁକ୍ତ ୩ ବିଜ୍ଞାନ ରସାୟନ ବିଭାଗର ଛାତ୍ରୀ ଥିଲେ। ସେ ଘରେ ରହୁଥିବା ବେଳେ ବିଭିନ୍ନ ଆର୍ଟ ସହ ମେହେନ୍ଦି ଡିଜାଇନ କରି ନିଜର ୟୁ ଟ୍ୟୁବ୍ ଆକାଉଣ୍ଟରେ ପୋଷ୍ଟ କରୁଥିଲେ। ପରେ ସେ ମହାଭାରତ ଯୁଦ୍ଧର କଥା ବସ୍ତୁକୁ ବଡ଼ ବଡ଼ ଡ୍ରଇଂ ସିଟ୍ ପେନ୍‌ସିଲ ଆର୍ଟ କରି ନିଜର ୟୁ ଟ୍ୟୁବ୍ ଆକାଉଣ୍ଟରେ ପୋଷ୍ଟ କଲେ। ସେ ସବୁ କଳାକୃତି ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇବା ପାଇଁ ଆବେଦନ କରିବା ପରେ ଏହି ସଫଳତା ମିଳିଛି ବୋଲି ମନସ୍ୱିନୀ କହିଛନ୍ତି।

### ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ

**୨ ଦିନ ଶୀତ ଲହରି**

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ରାଜ୍ୟରେ ଏବେ ଶୀତ ଆହୁରି ବଢ଼ିବ। ଆସନ୍ତା ଦୁଇଦିନ ୨ରୁ ୩ଡିଗ୍ରୀ ତାପମାତ୍ରା କମିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ତଥ୍ୟାନୁସାରେ, ରବିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ସେଲସିୟସ ରହିଥିଲା। ସେହିପରି କେନ୍ଦୁଝରରେ ୯.୬, ଝାରସୁଗୁଡ଼ା ୧୦.୪, ଟିଟିଲାଗଡ଼ ୧୦.୮, ଭବାନୀପାଟଣା ୧୧, ଫୁଲବାଣୀ ୧୧, ବାରିପଦା ୧୧.୮, ଚାନ୍ଦବାଲି ୧୨, ବାଲେଶ୍ୱର ୧୨.୫, ହୀରାକୁଦ ୧୨.୬, ତାଳଚେର ୧୩, କଟକ ୧୩.୨, କୋରାପୁଟ ୧୩.୫, ବଲାଙ୍ଗୀର ୧୩.୮, ସୁବର୍ଣ୍ଣପୁର ୧୩.୯, ଭୁବନେଶ୍ୱରରେ ୧୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଦୁଇଦିନ ରାଜ୍ୟର ୪ଟି ଜିଲାରେ ଶୀତ ଲହରି ଅନୁଭୂତ ହେବ। ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼ ଓ ବଲାଙ୍ଗୀରରେ ଶୀତ ଲହରି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିଲାଗି ସତର୍କ ରହିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

### ହାତୀଛୁଆର ମୃତଦେହ ଜବତ

**କେନ୍ଦୁଝର, ୨।୧ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ୍ ଅନ୍ତର୍ଗତ ଦେଓବନ୍ଧ ସେକ୍ସନ ବାରବାଙ୍କ ଜଙ୍ଗଲରୁ ରବିବାର ଏକ ହାତୀଛୁଆର ମୃତଦେହ ବନ ବିଭାଗ ଜବତ କରିଛି। ୫ ବର୍ଷର ଦନ୍ତା ହାତୀ ବୋଲି ଜଣାପଡ଼ିଛି। ପାଟ୍ରୋଲିଂ ସମୟରେ ଅପରାହ୍ନରେ ବନ ବିଭାଗ କର୍ମଚାରୀ ମୃତଦେହକୁ ଠାବ କରିଥିଲେ। ଘଟଗାଁ ରେଞ୍ଜ୍ ବନ ବିଭାଗ କର୍ମଚାରୀ ଏବଂ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍. ଡି ଘଟଣାସ୍ଥଳକୁ ଯାଇ ମୃତ୍ୟୁର କାରଣ ଅନୁଧାନ କରିଛନ୍ତି। ନୂଆବର୍ଷରେ ଏହା ପ୍ରଥମ ହାତୀ ମୃତ୍ୟୁ ଘଟଣା। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରାଣୀ ବିଶେଷଜ୍ଞ ଟିମ୍ ମୃତ୍ୟୁର କାରଣ ଖୋଜୁଥିବା ଡିଏଫ୍‌ଓ କହିଛନ୍ତି।

### ଦେବୀ ମୁହାଁଣରେ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ

**ଅସ୍ତରଙ୍ଗ,୨।୧(ଡି.ଏନ୍.ଏ.):** ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଦେବୀ ନଦୀ ମୁହାଁଣ ନିକଟରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡା ଦେଉଥିବା ଦେଖିବାକୁ ମିଳିଛି। ୨ଟି ଅଲିଭ ରିଡ୍‌ଲେ ଅଣ୍ଡା ଦେଉଥିବା ସ୍ଥାନୀୟ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଅଣ୍ଡା ଡିସେମ୍ବର ୨୭ ତାରିଖରେ ଦେଇଥିଲାବେଳେ, ସେଥିରୁ ୧୫୦ ଅଣ୍ଡା ସଂଗ୍ରହ କରାଯାଇଥିବା ବନବିଭାଗ କର୍ମଚାରୀ କହିଥିଲେ। ସେହିପରି ନୂତନ ବର୍ଷର ପ୍ରଥମ ଦିନରେ ଆଉ ଏକ ଅଲିଭ ରିଡ୍‌ଲେ ୧୧୦ଟି ଅଣ୍ଡା ଦେଇଥିବା ବନବିଭାଗ ପ୍ରକାଶ କରିଛି।। ମୋଟ ଦୁଇ ଥରରେ ୨୬୦ ଅଣ୍ଡା ସଂଗ୍ରହ କରାଯାଇ ଦେବୀନାସି ହାଚେରିରେ ଛୁଆ ଫୁଟିବା ପାଇଁ ରଖାଯାଇଛି ବୋଲି ଦେବି ମୁହାଁଣର ଫରେଷ୍ଟର ସବିର ସାହୁ ପ୍ରକାଶ କରିଛନ୍ତି।

# ଶାଗମାଛ ଦରରେ ଜମି କିଣିବାକୁ ମସୁଧା

**ଯାଜପୁର ଅଫିସ,୨।୧**



**ବୈତରଣୀରେ ନିର୍ମାଣାଧୀନ ବ୍ୟାରେଜ୍**
- ୨୬ ଏକର ପାଇଁ ୧୩.୮୦ କୋଟି ମଞ୍ଜୁର
- ଏକର ପ୍ରତି ୨ କୋଟି ଦାବି
- ଆଶଙ୍କାରେ ଦଶରଥପୁର ଚାଷୀ

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ବାମ ଓ ଡାହାଣ ପାର୍ଶ୍ୱ ସପ୍ତମାତୃକା ମନ୍ଦିର ନିକଟରେ ୨ଟି ଆନିକଟ (ବ୍ୟାରେଜ) ନିର୍ମାଣାଧୀନ ରହିଛି। ଏଥିପାଇଁ ୨୩୬.୬୩ କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିସାରିଛି। ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଓଡ଼ିଶା କନ୍‌ଷ୍ଟ୍ରକ୍ସନ କମ୍ପାନୀ(ଓସିସି) ଲିମିଟେଡ ଏହାର ନିର୍ମାଣ ଦାୟିତ୍ୱରେ ରହିଛି। ତେବେ ଏଥିପାଇଁ ବୈତରଣୀ ନଦୀର ଡାହାଣ ପାର୍ଶ୍ୱ ଯାଜପୁର ତହସିଲ ଅନ୍ତର୍ଗତ ବିନ୍ଧାଣ ମୌଜାର ରାଉତରାପୁର, ଇନ୍ଦ୍ର ଆଖଣ୍ଡଲେଶ୍ୱର ନଗରର ପ୍ରାୟ ୨୬.୦୪ ଏକର ଜମି ପାଣିରେ ବୁଡ଼ିବ। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ବାବଦରେ ଖର୍ଚ୍ଚ ପାଇଁ ୧୩ କୋଟି ୮୦ ଲକ୍ଷ ୧୨ ହଜାର ଟଙ୍କା ମଞ୍ଜୁର ହୋଇଛି। ତେବେ ଏକର ପ୍ରତି ମାତ୍ର ୫୩.୦୮ ଲକ୍ଷ ଟଙ୍କା ହେଉଥିବାରୁ ଯାଜପୁର ସହରର ଜମି ମୂଲ୍ୟ ତୁଳନାରେ ତାହା ବହୁତ କମ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି। ଏକର ପ୍ରତି ଅନ୍ୟୁନ ୨ କୋଟି ଟଙ୍କା ନ ଦେଲେ ଜମି ଛଡା ଯିବ ନାହିଁ ବୋଲି ଚାଷୀମାନେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ପ୍ରକଳ୍ପର ବାମପାର୍ଶ୍ୱ ଦଶରଥପୁର ବ୍ଲକ ତରପଦା, ମଲ୍ଲିକାପୁର, କଇଆଁ, ଖାନନଗର, ନିଜାମପୁର ଆଦି ଗ୍ରାମର ପ୍ରାୟ ୩୦ ଏକର ଜମି ପାଣିରେ ବୁଡ଼ିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ହେଲେ ବିଭାଗ ପକ୍ଷରୁ ଏଯାଏ କୌଣସି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ନିର୍ମାଣାଧୀନ ପ୍ରକଳ୍ପକୁ ବନ୍ଦ କରିଦିଆଯିବ ବୋଲି ସଂପୃକ୍ତ ଚାଷୀମାନେ ଚେତାବନୀ ଦେଇଛନ୍ତି।

ବୈତରଣୀ ନଦୀର ଡାହାଣ ପାର୍ଶ୍ୱରେ ୮୪.୫୦ ମିଟର ଲମ୍ବ ବ୍ୟାରେଜ ନିର୍ମାଣ କରିବାକୁ ୬।୯।୨୦୧୨ରେ ପ୍ରଥମେ ସ୍ଥିର ହୋଇଥିଲା। କିନ୍ତୁ ଜଳ ସଂରକ୍ଷଣ ପାଇଁ ଗୋଟିଏ ବ୍ୟାରେଜ ଯଥେଷ୍ଟ ହେବ ନାହିଁ ବୋଲି ଆକଳନ କରାଯାଇ ପରବର୍ତ୍ତୀ ସମୟରେ ୨ଟି ବ୍ୟାରେଜ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଡାହାଣ ପାର୍ଶ୍ୱରେ ୮୪.୫୦ ମିଟର ଓ ବାମ ପାର୍ଶ୍ୱରେ ୯୦ ମିଟର ଲମ୍ବ ବ୍ୟାରେଜ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ପ୍ରାୟ ୯.୫୦ ମିଟର ପର୍ଯ୍ୟନ୍ତ ଜଳଧାରଣ କ୍ଷମତା ରହିବ। ଏହି ୨ ବ୍ୟାରେଜ ନିର୍ମାଣ ଖର୍ଚ୍ଚ ବାବଦକୁ ୨୩୬.୬୩ କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିଛି। ତେବେ ପ୍ରଥମ ପର୍ଯ୍ୟାୟ ଡାହାଣ ପାର୍ଶ୍ୱ ବ୍ୟାରେଜ ନିର୍ମାଣ ପାଇଁ ୮୩ କୋଟି ୪୨ ଲକ୍ଷ ୫୯ ହଜାର ୪୬୧ ଟଙ୍କା ମଞ୍ଜୁର ହୋଇଛି। ତେବେ ଟେଣ୍ଡର ପ୍ରକ୍ରିୟାରେ ସର୍ବନିମ୍ନ ୭୮ କୋଟି ୪୨ ହଜାର ୯୦ ଲକ୍ଷ ୪୦୮ ଟଙ୍କା ବିନିମୟରେ ଓସିସିଏଲ୍‌କୁ କାର୍ଯ୍ୟାଦେଶ ଦିଆଯାଇଛି । ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ବାମ ବ୍ୟାରେଜ୍‌ରେ ଭଦ୍ରକ ଜିଲା ଓ ଡାହାଣ ପାର୍ଶ୍ୱରେ ଯାଜପୁର ଜିଲାର ପ୍ରାୟ ୧୫୦୦ ହେକ୍ଟର ଜମିରେ ଜଳସେଚିତ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଜମି ଅଧିଗ୍ରହଣକୁ ବାଦ୍ ଦେବାକୁ ଉଠାଜଳସେଚନ ମାଧ୍ୟମରେ ଜଳସେଚିତ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଜଳ ସମ୍ପଦ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣରେ କୌଣସି ସମସ୍ୟା ରହିବ ନାହିଁ ବୋଲି ଆଶା କରାଯାଇଥିଲା। ହେଲେ ବିଭାଗ ପକ୍ଷରୁ ଅଟକଳ ଏବଂ ଚାଷୀ ମହଲରେ ଦାବି ହେବା ପରେ ନଦୀ ଡାହାଣ ପାର୍ଶ୍ୱରେ ଏକର ୨୬.୦୪ ଡେସିମିଲ ଜମି ପାଇଁ ଉପରୋକ୍ତ ଟଙ୍କା ମଞ୍ଜୁର କରାଯାଇଛି। ଏହି ମର୍ମରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମର ଚିଫ୍ ଇଞ୍ଜିନିୟରଙ୍କୁ ବିଭାଗୀୟ ଆର୍ ଆଣ୍ଡ ଆର୍ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଜଣେ କ୍ଷତିଗ୍ରସ୍ତ ଚାଷୀ କୁମାର କିଙ୍କର ନାୟକ କୁହନ୍ତି, ବ୍ୟାରେଜ ନିର୍ମାଣ ପାଇଁ ପାଣିରେ ବୁଡିବାକୁ ଥିବା ଜମି ଅତି ପୁରୁଣା। ଏଥିରେ ଚାଷୀମାନେ ବିଭିନ୍ନ ଚାଷ କରି ପେଟ ପୋଷିଥାନ୍ତି। ତେଣୁ ଏକର ପ୍ରତି ୨ କୋଟି ଟଙ୍କା ନ ମିଳିଲେ କୋର୍ଟର ଆଶ୍ରୟ ନିଆଯିବ। ଏ ସଂକ୍ରାନ୍ତରେ ଯାଜପୁର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଧନେଶ୍ୱର ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ବୈତରଣୀ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ତେବେ ସେହି ଜମି ନଦୀରେ ରହିଛି। ବନ୍ୟା ସମୟରେ ଏହି ଚିହ୍ନଟ ଜମି ପାଣିରେ ବୁଡି ରହେ। ନିୟମ ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ ହୋଇଛି।

## ୧୦ଲକ୍ଷ ଟଙ୍କା ପାଇଁ ଶିଶୁପୁତ୍ର ଅପହରଣ ଅଭିଯୋଗ

**ବରଗଡ଼ ଅଫିସ୍,୨।୧**

ବରଗଡ଼ ସହର ଉପକଣ୍ଠ ସିମେଣ୍ଟ ନଗରରୁ ରବିବାର ସନ୍ଧ୍ୟାରେ ଜଣେ ଶିଶୁପୁତ୍ର (୯ବର୍ଷ)ଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଶିଶୁ ଜଣକ ଖେଳୁଥିବା ବେଳେ ଦୁର୍ବୃତ୍ତ ତାଙ୍କୁ ଉଠାଇ ନେଇଥିବା ଜଣାପଡିଛି। ତେବେ ଅପହୃତ ଶିଶୁ ଜଣକ ବରଗଡ଼ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ଜଣେ ପଦସ୍ଥ ଅଧିକାରୀଙ୍କ ପୁଅ ହୋଇଥିବାରୁ ଘଟଣାଟି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ଘଟଣାସ୍ଥଳରୁ ଇଂଲିଶରେ ଲେଖାଥିବା ଏକ ଚିଠି ଜବତ ହୋଇଛି। ଏଥିରେ ୧୦ଲକ୍ଷ ଟଙ୍କା ଦେଲେ ପରିବାର ଲୋକେ ପୁଅକୁ ସୁରକ୍ଷିତ ଫେରି ପାଇବେ ବୋଲି ଉଲ୍ଲେଖ ରହିଛି। ଏ ସମ୍ପର୍କରେ ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କ ପଚାରିବାରୁ ସେଭଳି ଏକ ଖବର ମିଳିଛି ଏବଂ ଏହାକୁ ପୋଲିସ ଗୁରୁତ୍ୱର ସହିତ ନେଇ ଅନୁସନ୍ଧାନ ଜାରି ରଖିଛି ବୋଲି କହିଛନ୍ତି। ସେହିପରି ବରଗଡ଼ ଏସ୍‌ପି ରାହୁଲ ଜୈନ ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅପହୃତ ଶିଶୁଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରିଛନ୍ତି।



ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୫ତମ ଶ୍ରାଦ୍ଧୋତ୍ସବରେ ରବିବାର ନବୀନ ନିବାସ ପରିସରସ୍ଥ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ‘ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରଙ୍କୁ ସମ୍ମାନ ମିଳିବା ଉଚିତ’

**ଅମର ଶହୀଦ ସ୍ମୃତି ସ୍ତମ୍ଭ ଉଦ୍‌ଘାଟିତ**

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସଦନ ପରିସରରେ ରବିବାର ‘ଅମର ଶହୀଦ ସ୍ମୃତି ସ୍ତମ୍ଭ’ ଉଦ୍‌ଘାଟିତ ହୋଇଯାଇଛି। ସଦନଠାରେ ୩୫ତମ ନିଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲରେ ସ୍ମୃତି ସ୍ତମ୍ଭର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ନୀଳମଣି ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ନିକଟରେ ଦେଶ ଋଣୀ ବୋଲି କହିଥିଲେ। ଅମର ଶହୀଦ ଓ ସଂଗ୍ରାମୀଙ୍କ ତ୍ୟାଗ ଏବଂ ତିତିକ୍ଷାରୁ ଆମେ ସ୍ୱାଧୀନତା ପାଇଛୁ। ତେଣୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ସମ୍ମାନ ଦିଆଯିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଥିଲେ। ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ ବୋଲି କହିଥିଲେ। ଦୁଇଟି ଅଧିବେଶନରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ, ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ଜୟଦେବ ଜେନା, ଭାଜପା ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଗଣେଶ୍ୱର ବେହେରା, ଡ. ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଅପରାହ୍ନ ଅଧିବେଶନରେ ରାଜ୍ୟ ଯୁବ ସାମ୍ମୁଖ୍ୟ ସଭାପତି ପ୍ରସନ୍ନ ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ପ୍ରାରମ୍ଭରେ ଲୋକରଞ୍ଜନ ମହତାବ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଶହୀଦ ପୀଠରୁ ମାଟି ଆଣିଥିବା ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବର ସ୍ମୃତି ସ୍ମରଣିକା ଉନ୍ମୋଚନ ହୋଇଥିଲା। ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ପକ୍ଷରୁ ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଅଭୟ ବଡ଼ଜେନା, ସନ୍ତୋଷ ପତି, ଶ୍ୟାମପ୍ରସାଦ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ମୃତ୍ୟୁଞ୍ଜୟ ରଥ ଅଧିବେଶନକୁ ସଂଯୋଜନା କରିଥିଲେ।



ଅମର ଶହୀଦ ସ୍ମୃତି ସ୍ତମ୍ଭ ଉଦ୍‌ଘାଟନୀ ଅବସରରେ ରାଜ୍ୟପାଳ ଡ. ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

## ଅଟକିଗଲା ସଚିବଙ୍କ ସମୀକ୍ଷା ଯୋଜନା

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ଅଧା ରହିଗଲା ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀଙ୍କ ଯୋଜନା। ଗତ ୫ରୁ ୬ ଦିନ ତଳେ ମଧୁସୂଦନ ପରିବହନ ବିଭାଗ ଅଧୀନରେ ଆସୁଥିବା ସମସ୍ତ ମୁଖ୍ୟ କାର୍ଯ୍ୟାଳୟକୁ ଚିଠି କରି ଜାନୁୟାରୀ ମାସ ପ୍ରତ୍ୟେକ ସୋମବାର ସମୀକ୍ଷା କରିବାକୁ ପ୍ରସ୍ତାବ ଦେଇଥିଲେ। ଓଏସ୍‌ଆର୍‌ଟିସିର କେତେ ଲାଭ ହେଉଛି ବା କ୍ଷତି ହେଉଛି। କେଉଁସବୁ କାମ ପଡିରହିଛି। ଏସବୁ କଥାକୁ ସେ ବୁଝି କେତେ ବସ୍ ଓଏସ୍‌ଆର୍‌ଟିସିର ଚାଲିଛି ଏବଂ କେତେ ପଡି ରହିଛି ସେ ସମସ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) କେତେ ରାଜସ୍ୱ ଆଦାୟ କରୁଛି ଏବଂ ଯେତିକି ଟାର୍ଗେଟ୍ ଦିଆଯାଉଛି ତାହା ପୂରଣ କରିପାରିଛି ନା ନାହିଁ ସେସବୁ ହିସାବ ମଧ ନେଇ ଥାଆନ୍ତେ। ସେହିପରି ରାଜ୍ୟରେ ଚାଲିଥିବା କେତେଗୁଡିଏ କାମ ଯାହା ପରିବହନ ବିଭାଗ ଅଧୀନରେ ରହିଛି, ତାହାର କାମ କିପରି ଚାଲିଛି ସେ ବିଷୟରେ ମଧ ସମୀକ୍ଷା କରିବାକୁ ଯୋଜନା ରଖିଥିଲେ। ଏହା ସୋମବାର ଅର୍ଥାତ୍ ୩ ତାରିଖରୁ ଆରମ୍ଭ ହୋଇଥାଆନ୍ତା। ହେଲେ ଏହାର ଦିନକ ପୂର୍ବରୁ ମଧୁସୂଦନଙ୍କୁ ପରିବହନ ବିଭାଗ ଦାୟିତ୍ୱରୁ ହଟାଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ଦାୟିତ୍ୱ ମିଳିଛି।

# ପରଦାକୁ ଆସିବ ବିଜେନ୍ଦ୍ର-ଲୀଳାଙ୍କ ଦାମ୍ପତ୍ୟ ପ୍ରେମ

**ନିଖୋଜ ସ୍ତ୍ରୀଙ୍କୁ ଖୋଜିବାକୁ ବୁଲିଥିଲେ ୧୦୦୦ ଗାଁ**

**୨୦୧୩ କେଦାରନାଥ ବର୍ଷା ବିପ୍ୟାତରେ ନିଖୋଜ ହୋଇଯାଇଥିଲେ ସ୍ତ୍ରୀ। ଖୋଜାଖୋଜି ସତ୍ତ୍ୱେ ମିଳି ନ ଥିଲା ତାଙ୍କର କୌଣସି ସନ୍ଧାନ। ଏପରି କି ସରକାର ତାଙ୍କୁ ମୃତ ବୋଲି ଘୋଷଣା ମଧ କରିଦେଇଥିଲେ। ହେଲେ ଏହାକୁ ମାନି ନ ଥିଲା ସ୍ୱାମୀ ବିଜେନ୍ଦ୍ର ସିଂ ରାଠୋରଙ୍କ ମନ। ଜୀବନଠୁ ବେଶି ଭଲ ପାଉଥିବା ସ୍ତ୍ରୀ ଲୀଳାଙ୍କୁ ଖୋଜିବାକୁ ସେ ଏକାକୀ ଆରମ୍ଭ କଲେ ଅଭିଯାନ। ୧୦୦୦ରୁ ଉର୍ଦ୍ଧ୍ୱ ଗ୍ରାମ ପରିକ୍ରମା କରିବା ପରେ ହୋଇଥିଲା ଦୀର୍ଘ ପ୍ରତୀକ୍ଷାର ଅନ୍ତ। ଠାବ ହୋଇଥିଲେ ଲୀଳା। ଏଥିଲାଗି ତାଙ୍କୁ ଲାଗିଥିଲା ଦୀର୍ଘ ୧୯ ମାସ। ବିଜେନ୍ଦ୍ର-ଲୀଳାଙ୍କ ଜୀବନର ଏହି ଅଙ୍ଗେନିଭା ଘଟଣାକୁ ବିତିଗଲାଣି ଦୀର୍ଘଦିନ। ସଫଳ ଦାମ୍ପତ୍ୟର ଉଦାହରଣ ପାଲଟିଥିବା ଏହି ଦମ୍ପତିଙ୍କ ଜୀବନୀକୁ ନେଇ ଖୁବ୍‌ଶୀଘ୍ର ଏକ ସିନେମା ନିର୍ମାଣ କରିବାକୁ ଯୋଜନା କରାଯାଉଛି, ଯାହାର ନିର୍ଦ୍ଦେଶନା ଦେବେ ସ୍ୱନାମଧନ୍ୟ ବଲିଉଡ୍ ନିର୍ଦ୍ଦେଶକ ସିଦ୍ଧାର୍ଥ ରୟ କପୁର।**

**ଜୟପୁର, ୨।୧**

ଉତ୍ତରାଖଣ୍ଡର କେଦାରନାଥରେ ହୋଇଥିବା ପ୍ରଳୟଙ୍କରୀ ବିପର୍ଯ୍ୟୟ ଉଜାଡ଼ି ଦେଇଥିଲା ଅନେକଙ୍କ ପରିବାର। ବାଦଲଫଟା ବର୍ଷା ଏବଂ ଏହାକୁ ନେଇ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟାରେ ଆଖି ଆଗରେ ଭାସିଯାଇଥିଲେ ଅନେକଙ୍କ ଆତ୍ମୀୟ। ଏଭଳି ଦୁଃଖଦ ଘଟଣାର ଭୁକ୍ତଭୋଗୀ ସାଜିଥିଲେ ରାଜସ୍ଥାନ ଆଜମେରର ବିଜେନ୍ଦ୍ର ସିଂ ରାଠୋର। ଚାରିଧାମ ଯାତ୍ରାରେ ବାହାରିଥିବା ବିଜେନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ଲୀଳାଙ୍କ ପାଇଁ କେଦାରନାଥ ପରିକ୍ରମା ଆଣିଦେଇଥିଲା ଲୋମଟାଙ୍କୁରା ଅନୁଭୂତି। ଟ୍ରାଭେଲ ଏଜେନ୍ସିରେ କାର୍ଯ୍ୟରତ ବିଜେନ୍ଦ୍ର ପତ୍ନୀଙ୍କ ଅନୁରୋଧକ୍ରମେ ବାହାରିଥିଲେ ଚାରିଧାମ ଯାତ୍ରାରେ। କେଦାରନାଥରେ ପହଞ୍ଚି ସେଠାକାର ଏକ ଲଜ୍‌ରେ ରହିଥିଲେ ଉଭୟେ। ଲୀଳାଙ୍କୁ ଲଜ୍‌ରେ ଛାଡ଼ି ବିଜେନ୍ଦ୍ର କୌଣସି କାମରେ ବାହାରକୁ ଯାଇଥିବାବେଳେ ଆରମ୍ଭ ହୋଇଥିଲା ମୂଷଳଧାରାରେ ବର୍ଷା। ଚାହୁଁ ଚାହୁଁ ମାଡ଼ି ଆସିଥିଲା ସୁଅ। ଭାସିଯାଇଥିଲା ଘରଦ୍ୱାର, ତା' ସହିତ ହଜାର ହଜାର ଲୋକ। ପାଣି କମିବା ପରେ ବିଜେନ୍ଦ୍ର ବଡ଼ କଷ୍ଟରେ ଲଜ୍ ପାଖରେ ପହଞ୍ଚିଥିଲେ। ହେଲେ ସେ ଯାହା ଦେଖିଲେ, ତାହା ଥିଲା କଳ୍ପନା ବାହାରେ। କାରଣ ସେଠାରେ ଲଜ୍‌ର କୌଣସି ଚିହ୍ନବର୍ଣ୍ଣ ନ ଥିଲା। ସବୁକିଛି ଭାସିଯାଇଥିଲା ପ୍ରଖର ସ୍ରୋତରେ। ଅନ୍ୟମାନଙ୍କ ସହ ଲୀଳା ବି ବନ୍ୟାରେ ଭାସିଯାଇଥିବା ଆଶଙ୍କା କରାଯାଇଥିଲା। ଏପରି କି ସରକାର ତାଙ୍କୁ ମୃତ ବୋଲି ଘୋଷଣା ମଧ କରିଦେଇଥିଲେ। ହେଲେ ବିଜେନ୍ଦ୍ରଙ୍କ ମନରେ ଥିବା ବିଶ୍ୱାସ ଦୋହଲି ନ ଥିଲା। ଲୀଳାଙ୍କୁ ଖୋଜିବା ପାଇଁ ସେ ଆରମ୍ଭ କଲେ ଅଭିଯାନ। ସ୍ତ୍ରୀଙ୍କ ଫଟୋ ଧରି କେଦାରନାଥ ଆଖପାଖ ଅଞ୍ଚଳର ପ୍ରତି ଗାଁ ବୁଲିଲେ। ଦୀର୍ଘ ୧୯ ମାସ ପରେ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ଉତ୍ତରାଖଣ୍ଡର ଗଙ୍ଗୋଲି ଗ୍ରାମରୁ ମିଳିଲେ ଲୀଳା। ବିଜେନ୍ଦ୍ର-ଲୀଳାଙ୍କ ଅନାବିଳ ଦାମ୍ପତ୍ୟ ଜୀବନ ସେ ସମୟରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଥିଲା। ଏହି ସତ୍ୟ କାହାଣୀକୁ ନେଇ ଖ୍ୟାତନାମା ନିର୍ଦ୍ଦେଶକ ସିଦ୍ଧାର୍ଥ ରୟ କପୁର ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ଏଭଳି ଏକ ନିଆରା ଫିଲ୍ମ ପରଦାରେ ଦର୍ଶକଙ୍କ ମନୋରଞ୍ଜନ କରିବ ବୋଲି ସିଦ୍ଧାର୍ଥ କହିଛନ୍ତି।



ଅଭୁଲା ୨୦୧୫ ଜାନୁୟାରୀ ୨୭ କେଦାରନାଥ ବିପତ୍ତି ଛାଡ଼ି ଯାଇଥିଲା ବିପର୍ଯ୍ୟୟର କରୁଣ ଚିତ୍ର। ବନ୍ୟା ଉଜାଡ଼ି ଦେଇଥିଲା ହଜାର ହଜାର ପରିବାର। ଧ୍ୱସ୍ତ ସ୍ତୂପ ତଳେ ଶବଙ୍କ ବିଭୀଷିକା ଦର୍ଶାଉଥିଲା ପ୍ରକୃତିର ତାଣ୍ଡବ। କିଏ ହରାଇଥିଲା ପୁଅ କୁ ତ ଆଉ କିଏ ବାପାଙ୍କୁ। କାହା ଆଖି ସାମ୍ନାରେ ଭାସିଯାଇଥିଲେ ସମ୍ପୂର୍ଣ୍ଣ ପରିବାର ତ ଆଉ କିଏ ସର୍ବସ୍ୱ ହରାଇ ନିନ୍ଦୁଥିଲା ଭାଗ୍ୟକୁ। ଏଭଳି ସ୍ଥିତିରେ ଦୀର୍ଘ ୧୯ ମାସ ଧରି ମନରେ ଅନେକ ସଂଶୟ ନେଇ ସ୍ତ୍ରୀ ଲୀଳାଙ୍କୁ ଖୋଜିବା ବିଜେନ୍ଦ୍ରଙ୍କ ପାଇଁ ଥିଲା ସବୁଠାରୁ କଷ୍ଟକର ସମୟ। ପ୍ରାୟ ୧୦୦୦ ଗ୍ରାମ ପରିକ୍ରମା କରିବା ପରେ ବିଜେନ୍ଦ୍ରଙ୍କ ଜୀବନରେ ଆସିଥିଲା ସେହି ପ୍ରତୀକ୍ଷିତ ମୁହୂର୍ତ୍ତ। ସେଦିନ ଥିଲା ୨୭ ଜାନୁୟାରୀ ୨୦୧୫। ଉତ୍ତରାଖଣ୍ଡର ଗଙ୍ଗୋଲି ଗ୍ରାମରେ ବୁଲୁଥିବା ବେଳେ ସ୍ଥାନୀୟ ଜଣେ ବାସିନ୍ଦା ଲୀଳାଙ୍କ ଫଟୋକୁ ଚିହ୍ନି ପାରିଥିଲେ। ସେ କହିଥିଲେ, ଫଟୋରେ ଥିବା ମହିଳା ଜଣକ ମାନସିକ ଭାରସାମ୍ୟ ହରାଇଛନ୍ତି ଏବଂ ଗାଁରେ ଇତସ୍ତତଃ ହୋଇ ବୁଲୁଛନ୍ତି। ଏହା ଶୁଣିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନେଇ ଦୌଡ଼ିଥିଲେ ବିଜେନ୍ଦ୍ର। ସେତେବେଳେ ଗ୍ରାମର ଏକ ମଣ୍ଡପ ନିକଟରେ ଅସହାୟ ଅବସ୍ଥାରେ ବସିଥିଲେ ଲୀଳା। ମାନସିକ ଅବସ୍ଥା ଠିକ୍ ନ ଥିବାରୁ ପ୍ରଥମେ ସ୍ୱାମୀଙ୍କୁ ଚିହ୍ନି ପାରି ନ ଥିଲେ। ହେଲେ ସ୍ତ୍ରୀ-ସ୍ୱାମୀଙ୍କ ଭେଟର ଦୃଶ୍ୟ ଏବଂ ଏହି କରୁଣ କାହାଣୀ ସେଦିନ ଚକିତ କରିଦେଇଥିଲା ଗଙ୍ଗୋଲି ଗ୍ରାମବାସୀଙ୍କୁ।

## ଖଇରା ତହସିଲଦାରଙ୍କୁ ଆକ୍ରମଣ

ଖଇରା,୨୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବଡ଼ନୁଆଗାଁ ଗ୍ରାମ ନିକଟରେ ରବିବାର ଅପରାହ୍ନରେ ୨ଟି ବେଆଇନ ବାଲି ବୋଝେଇ ଗାଡ଼ି ଅଟକାଉଥିବା ବେଳେ ଜଣେ ଯୁବକଙ୍କ ଆକ୍ରମଣରେ ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା ଆହତ ହୋଇଛନ୍ତି। ଚିକିତ୍ସାପାଇଁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ସେ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଦୁଇ ବାଇକ୍ ମୁହାଁମୁହିଁ: ୨ ମୃତ

ଚାନ୍ଦବାଲି, ୨୧ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପାଇକରାୟପୁର ଗ୍ରୀଡ୍ ନିକଟରେ ଶନିବାର ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବିଜୟନଗର ପଞ୍ଚାୟତର ସୁଦର୍ଶନ ନାୟକ ଏବଂ ଚରଦିଆ ପଞ୍ଚାୟତ ହରିଶପୁର ଗ୍ରାମର ବଳରାମ ସାହୁ। ସୂଚନା ଅନୁଯାୟୀ, ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ସୁଦର୍ଶନ ଓ ବଳରାମଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଯୁବକଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କୁ ଆଶାନୁଯାୟୀ ଅର୍ଥଲାଭ,ବ୍ୟବସାୟିକ ସଫଳତା ମିଳିବ। ପରିବହନରେ ସମସ୍ୟା ସମାଧାନ ଓ କଚେରି ମାମଲାରେ ବିଜୟୀ ହେବା ନିଶ୍ଚିତ। ବନ୍ଧୁଙ୍କ ସୁପରାମର୍ଶ ଅନୁଯାୟୀ କାମ କଲେ ଉଚ୍ଚ ପ୍ରଶଂସିତ ହେବେ। ପାଖ ପଡ଼ୋଶୀ କିମ୍ବା ନିଜର ଆତ୍ମୀୟଙ୍କ ଅସହଯୋଗରୁ କାମଗୁଡ଼ିକ ଅଧାରେ ଅଟକି ଯାଇପାରେ।

**ବୃଷ** ଅଟକି ରହିଥିବା କାମଟିକୁ ପୁନଃ ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ବ୍ୟବସାୟ, ନିର୍ମାଣ, ଶିଳ୍ପ, ବାଣିଜ୍ୟ, ଏଜେନ୍ସିପ୍, ବୀମା, ଶେୟାର ବଜାରରେ ସଫଳତା ହାସଲ କରିବେ। ଅନ୍ୟକୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ନିଜେ ହଇରାଣରେ ପଡ଼ିପାରନ୍ତି। ପରୋକ୍ଷ ଶତ୍ରୁତାର କୁପରିଣାମ ସ୍ୱରୂପ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ସମସ୍ୟାର ସମାଧାନ କଷ୍ଟକର ହେବ। ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇ ପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ରାଜନୀତି, ସଙ୍ଗଠନ କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ମାଲିମକଦ୍ଦମା ହେତୁ ମାନସିକ ସ୍ଥିତି ଠିକ୍ ରହିନପାରେ।

**କର୍କଟ** କର୍ମକ୍ଷେତ୍ରରେ କଠିନ ଶ୍ରମ, ଅତ୍ୟଧିକ ମାନସିକ ଚାପଜନିତ ସ୍ୱାସ୍ଥ୍ୟ ଭଲ ରହିନପାରେ। ଅତ୍ୟଧିକ ଭାବ ପ୍ରବଣତା ହେତୁ କେତେକ ଆକସ୍ମିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସମ୍ପର୍କ ଯୋଡ଼ିବା କ୍ଷେତ୍ରରେ ମରୀଚିକା ପଛରେ ଦୌଡ଼ିବାକୁ ପଡ଼ିପାରେ। ଅଫିସରେ ବାକ୍ ଅସଂଯମତା ଯୋଗୁ ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ଆଶଙ୍କା ରହିଛି।

**ସିଂହ** ମତଭେଦ କାରଣରୁ ପରିବାର ମଧ୍ୟରେ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିବେ। କର୍ମକ୍ଷେତ୍ରରେ ଅକାରଣ ଅଭିଯୋଗ ସକାଶେ ଅନ୍ତରଙ୍ଗ ବନ୍ଧୁଙ୍କ ଉପରେ ସନ୍ଦେହ ଘନୀଭୂତ ହୋଇପାରେ। ବ୍ୟବସାୟ, ପରିବହନ, ନିର୍ମାଣାଦିରେ ଉନ୍ନତି ଘଟିବ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିପାରେ।

**କନ୍ୟା** ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମଟି ଅଟକି ରହିବା କାରଣରୁ କ୍ଷୋଭ ପ୍ରକାଶ କରିବେ। ବହୁତ ଦିନରୁ ପ୍ରତୀକ୍ଷା କରିଥିବା ସରକାରୀ ସ୍ତରରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା, କାରିଗରି କ୍ଷେତ୍ରରୁ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି ଖରାପ ହେବା କାରଣରୁ ମନ ଅସ୍ଥିର ରହିବ।

**ତୁଳା** ନିଜ ମନ ଅନୁଯାୟୀ କୌଣସି କାମ ସମ୍ପନ୍ନ ନ ହେବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବିଶେଷ ଗୁରୁତର ନ ହେଲେ ମଧ୍ୟ ପରିବାରରେ ସାଧାରଣ କଥାରୁ କଳହ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଅସମୟରେ ସାହାଯ୍ୟ କରିବା କାରଣରୁ ପ୍ରଶଂସିତ ହେବେ। ସହାନୁଭୂତିଶୀଳ ମନୋଭାବ ପୋଷଣରୁ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଉପୁଜିବା ଜନିତ କେତେକ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପନ୍ନ କରିପାରିବେ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମନାନ୍ତରର ଆଶଙ୍କା ରହିଛି। ଅଫିସିଆଲି କାମରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଅବହେଳା କାରଣରୁ ପୁରାତନ ରୋଗର ପ୍ରାଦୁର୍ଭାବ ଦୈହିକ ଅସୁସ୍ଥତା ସୃଷ୍ଟି କରିବ।

**ଧନୁ** ଅନିଷ୍ଟ ଚିନ୍ତା ନ କରୁଥିଲେ ମଧ୍ୟ ଆତ୍ମୀୟମାନେ ଭୁଲ୍ ବୁଝି ଦୂରେଇ ଯାଉଥିବାର ଅନୁଭବ କରିପାରନ୍ତି। ସମ୍ପର୍କୀୟଙ୍କ ପ୍ରତାରଣାପୂର୍ଣ୍ଣ କଥାକୁ ବିଶ୍ୱାସ କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

**ମକର** କୌଣସି ବିବାଦୀୟ ଘଟଣାବଳୀ ମନକୁ ଭାରାକ୍ରାନ୍ତ କରିପାରେ। ନୂତନ ଭାବେ ଆରମ୍ଭ କରିବାକୁ ମନସ୍ଥ କରିଥିବା କାମଟି ଆଦୌ ଅଟକିବ ନାହିଁ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ,କିନ୍ତୁ କିଛି ଅସୁବିଧା ହେବ ନାହିଁ। ସଭା ସମିତି, ନିର୍ମାଣ ଓ ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**କୁମ୍ଭ** ଆଜି ପ୍ରତିଯୋଗୀତା, ପ୍ରତିଦ୍ୱନ୍ଦ୍ୱିତା, ମାଲିମକଦ୍ଦମା, ପ୍ରଭୃତିରେ ଆପଣଙ୍କ ସପକ୍ଷରେ ଅନୁକୂଳ ରହିବ। ସାମାଜିକ ସ୍ତରରେ, ଆଲୋଚନା କ୍ଷେତ୍ରରେ, ବନ୍ଧୁଗହଣରେ ଆପଣଙ୍କ ମତ ଓ ମନ୍ତବ୍ୟର ପ୍ରାଧାନ୍ୟତା ବଢ଼ିଯିବ। ବ୍ୟବସାୟ ଓ ବାଣିଜ୍ୟ,ଅର୍ଥ ସମ୍ପର୍କୀତ ଆଲୋଚନା କ୍ଷେତ୍ରରେ ସମସ୍ୟା ଦୂରେଇ ଯିବ।

**ମୀନ** କର୍ମକ୍ଷେତ୍ରରେ ମତାନ୍ତର,ଶତ୍ରୁତା ଓ ଶିକ୍ଷା,ସନ୍ତାନ କ୍ଷେତ୍ରରେ ପ୍ରତିକୂଳତା ସୃଷ୍ଟି କରିବେ। ଆପଣଙ୍କ ସମ୍ମୁଖରେ ମିଠା କଥା କହୁଥିବା ବ୍ୟକ୍ତିଙ୍କ ଅଭିସନ୍ଧିମୂଳକ କାର୍ଯ୍ୟକଳାପ ପ୍ରତି ସଜାଗ ରହି କାମ କରିବା ଭଲ ହେବ। ରପ୍ତାନୀ ବାଣିଜ୍ୟ, ପ୍ଲଟିଂ କାରବାର, ଧାତୁ ଅଳଙ୍କା.କୁଟୀରଶିଳ୍ପ ବ୍ୟବସାୟୀ ମାନଙ୍କ ପାଇଁ ଦିନଟି ବହୁତ ଭଲ ରହିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେଙ୍ଗ ବୋଲେ ବେଙ୍ଗୁଲୀଲୋ,**
**ପୃଥ୍ୱୀ କ୍ଷଣକ୍ଷଣକେ ଆନ।**

ଚିରସ୍ଥାୟୀ ନୁହେଁ କିଛି ସକଳ ଅସ୍ଥିର, ଜୀବନ, ଯୌବନ, ଧନ, ପଦ୍ମ ପତ୍ରେ ନୀର। ସବୁ କ୍ଷଣସ୍ଥାୟୀ। ଦୁନିଆ ପରିବର୍ତ୍ତନଶୀଳ। କେତେବେଳେ କ'ଣ ହେବ କେହି କହିପାରିବେ ନାହିଁ। ପରିବର୍ତ୍ତନ ଦୁନିଆର ନିୟମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଁ ଡାହାଣ,**
**ଦୁଇ ହାତରେ ଫୁଲର ବାସ ସମାନ।**

ଫୁଲ ଯେଉଁ ହାତରେ ଧରିଥିଲେ ମଧ୍ୟ ଏହାର ବାସନାରେ କିନ୍ତୁ କୌଣସି ଫରକ ରହି ନ ଥାଏ। ଯାହା ଭଲ, ତାହା ସର୍ବତ୍ର ଭଲ ବା ଉତ୍ତମ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାସୁଦେବପୁର ମାଟିରେ ଥାଇ ଆପଲ ବେର୍


ଥାଇ ଆପଲ ବେର୍ ବଗିଚାରେ ଉପେନ୍ଦ୍ର ବିଶ୍ୱାଳ।

- ଉଚ୍ଚଶିକ୍ଷିତ ଉପେନ୍ଦ୍ରଙ୍କ ନିଆରା ସଫଳତା
- ଜୈବିକ ପ୍ରଣାଳୀରେ ହେଉଛି ଚାଷ

କାଳୀପଦ ରାୟ
ପଦ୍ମପୁର,୨୧

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆରୁହା ପଞ୍ଚାୟତର ତୁଳମତୁଳା ଗ୍ରାମର କେନାଲ କୂଳରେ ଅଧେଏକର ଜମିରେ ହୋଇଛି ବଗିଚା। ଚାରିପଟେ ନିବୁଜ ବାଡ଼ ସାଙ୍ଗକୁ ପକ୍ଷୀ କବଳରୁ ଫସଲକୁ ରକ୍ଷା କରିବା ପାଇଁ ଜାଲ ଘେରାଯାଇଛି। ଲାଲ ଟହ ଟହ, ଛୋଟ ଛୋଟ ସେଓ ଭଳି ଫଳ ଭୂମି ଉପରେ ଗଡୁଛି। ଥାଇ କଶ୍ମୀର ଆପଲ ବେର୍ ଭଳି ପ୍ରଜାତିର ୨ ଶହରୁ ଊର୍ଦ୍ଧ୍ୱ ଗଛରେ ଫଳିଛି ଭଳିକି ଭଳି ଫଳ। ଏହି ଫଳର ସ୍ୱାଦ ଖୁବ୍ ମିଠା ଓ ନିଆରା। ବଜାରରେ କିଲୋ ପ୍ରତି ଶହେ ଟଙ୍କାରେ ବିକ୍ରି ହେଉଥିବା ବେଳେ ଫଳର ଭଲ ଚାହିଦା ମଧ୍ୟ ରହିଛି। ଏହି ଚାଷ କରି ସଫଳ ହୋଇଛନ୍ତି ତୁଳମତୁଳା ଗ୍ରାମର ଉଚ୍ଚଶିକ୍ଷିତ ଉପେନ୍ଦ୍ର ବିଶ୍ୱାଳ (୪୯)। ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ସେ ବାସୁଦେବପୁର ମାଟିରେ ଥାଇ ଆପଲ ବେର୍ ଫଳାଇ ପାରିଛନ୍ତି।

୧୯୯୭ରେ ଇତିହାସରେ ମାଷ୍ଟର ଡିଗ୍ରୀ ହାସଲ କରିବା ପରେ କଲେଜରେ ଅଧ୍ୟାପକ ଚାକିରି ପାଇଁ ସୁଯୋଗ ମିଳିଥିଲା। ହେଲେ ସ୍ୱାଧୀନ ଭାବେ କିଛି ନିଆରା କରିବା ଲାଗି ଇଚ୍ଛା ରଖିଥିବା ଉପେନ୍ଦ୍ର ଚାକିରି ନ କରି ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିଥିଲେ। ପ୍ରଥମେ ୨୦୦୫ରେ ଏକ ଟ୍ରଷ୍ଟର ୭ ଏକର ଜମି ଲିଜ୍ ସୂତ୍ରରେ ନେଇ ମାଛ, ଗୋପାଳନ, ପନିପରିବା, କୁକୁଡ଼ା ଚାଷ ଆରମ୍ଭ କରି ସଫଳତା ପାଇଥିଲେ। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଆଳୁ, କୋବି, କଲରା, ଅମୃତଭଣ୍ଡା, ଲଙ୍କା, କଦଳୀ, ପିଜୁଳି ଚାଷ କରି ସମଗ୍ର ଅଞ୍ଚଳ ପାଇଁ ସେ ଉଦାହରଣ ପାଲଟିଥିଲେ। ଚାଷ ପ୍ରତି ଆଗ୍ରହ ଥିବା ଦେଖି ସ୍ତ୍ରୀ ପ୍ରଜ୍ଞା ୟୁଟ୍ୟୁବ୍‌ରୁ ଥାଇ ଆପଲ ବେର୍ ବିଷୟରେ ତାଙ୍କୁ କହିଥିଲେ। ଏହାପରେ ଉପେନ୍ଦ୍ର ପଶ୍ଚିମବଙ୍ଗରୁ ୨ ଶହ ଚାରା ଆଣି ୨୦୨୧ ଏପ୍ରିଲରେ ୧୦ ଗୁଣ୍ଠ ଜମିରେ ରୋପଣ କରିଥିଲେ। ଦୁଇଶହ ଗଛରେ ଏବେ ପାଖାପାଖି ଏକ ଟନ୍‌ରୁ ଊର୍ଦ୍ଧ୍ୱ ଫଳ ଫଳିଛି, ଯାହାର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ। ତାଙ୍କ ବଗିଚା ଦେଖିବା ସହ ଆପଲ ବେର୍ କିଣିବା ପାଇଁ ପ୍ରତ୍ୟହ ଜିଲାର ବିଭିନ୍ନ ସ୍ଥାନରୁ ଲୋକଙ୍କ ଭିଡ଼ ଜମୁଛି।

ଏହି ଫଳ ଗଛର ବିଶେଷ ଗୁଣ ମଧ୍ୟ ରହିଛି। ଠିକ୍ ଭାବେ ଯତ୍ନ ନେଲେ ପ୍ରତିବର୍ଷ ଏହା ଅଧିକ ଉତ୍ପାଦନ ଦେଇଥାଏ। ସ୍ୱତନ୍ତ୍ର ଭାବେ ଏହି ଗଛର କଟିଂ କରାଯାଇ ଡ୍ରିପିଂ ସିଷ୍ଟମରେ ଜଳସେଚନ ସହ ଚାଷ ପାଇଁ ସମ୍ପୂର୍ଣ୍ଣ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରାଯାଉଛି। ଉପେନ୍ଦ୍ରଙ୍କର ଏହି ବଗିଚା ଦେଖି ସାରିବା ପରେ ସ୍ଥାନୀୟ ଉଦ୍ୟାନ ଓ କୃଷି ବିଭାଗ ପକ୍ଷରୁ ଚାଷର ଉନ୍ନତୀକରଣ ନିମନ୍ତେ ସହାୟକ ଉପକରଣ ଏବଂ ଆର୍ଥିକ ସହାୟତା ପ୍ରଦାନ ଲାଗି ପ୍ରତିଶ୍ରୁତି ଦିଆଯାଇଛି। ତାଙ୍କ ଫାର୍ମରେ କାମ କରି ୪ରୁ ୫ ପରିବାର ପ୍ରତିପୋଷଣ ହେଉଛନ୍ତି। ଉଚ୍ଚଶିକ୍ଷା ଲାଭ କରି କେବଳ ଚାକିରି ପଛରେ ନ ଗୋଡ଼ାଇ ନିଜେ କିଛି କରିବା ସହ ଅନ୍ୟମାନଙ୍କୁ ରୋଜଗାରର ବାଟ ଦେଖାଇ ସ୍ୱାବଲମ୍ବୀ କରିବାର ଆତ୍ମସନ୍ତୋଷ ଅଲଗା ବୋଲି ଉପେନ୍ଦ୍ର କହିଛନ୍ତି।

## ପୋଖରୀରୁ ଦୁଇ ଯୁବକଙ୍କ ମୃତଦେହ ଜବତ

କେନ୍ଦ୍ରାପଡ଼ା ଅଫିସ, ୨୧: କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମ ରାସ୍ତା ନିକଟ ଏକ ପୋଖରୀରେ ଦୁଇ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ରବିବାର ସକାଳେ ପୋଲିସକୁ ଖବର ଦେଇଥିଲେ। ମୃତଦେହକୁ ପୋଖରୀରୁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ବାହାରକୁ ଆଣିଥିଲେ। ପୋଲିସ ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ମୃତ ଦୁଇ ଯୁବକ ହେଉଛନ୍ତି ପାଟକୁରା ଥାନା ଅନ୍ତର୍ଗତ ତଳଗାଁର ନିଧିରାମ ଜେନାଙ୍କ ପୁଅ ସୁବ୍ରତ (୨୮) ଓ ରଞ୍ଜନ ପଟ୍ଟନାୟକଙ୍କ ପୁଅ ସନାତନ (୨୨)। ଏଥିସହ ପୋଖରୀରୁ ଏକ ବାଇକ୍ ଉଦ୍ଧାର ହୋଇଛି। ଏ ସମ୍ପର୍କରେ ରଞ୍ଜନ କହିଛନ୍ତି, ଶନିବାର ସକାଳେ ପୁଅ ସନାତନ ଭୋଜି କରିବାକୁ ଯାଉଥିବା ଘରେ କହି ଯାଇଥିଲେ। ସନ୍ଧ୍ୟା ୮ଟାରେ ଘରକୁ ଫେରୁଥିବା ନେଇ ଫୋନରେ ଜଣାଇଥିଲେ। ତେବେ ପରେ ଫୋନ ସୁଇଚ ଅଫ ହୋଇଯାଇଥିଲା। ଏ ସମ୍ପର୍କରେ ଆଇଆଇସି ପବିତ୍ର ମହାରଣାଙ୍କୁ ପଚାରିବାରେ ମୃତ୍ୟୁର କାରଣ ଅଦ୍ୟାବଧି ଜଣାପଡ଼ିନାହିଁ। ତେବେ ପ୍ରାଥମିକ ସୂଚନା ଅନୁଯାୟୀ, ନୂଆବର୍ଷ ଉପଲକ୍ଷେ ଦୁଇ ଯୁବକ ଘରୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସମ୍ପର୍କରେ ଜଣାପଡ଼ିବ। ଏହି ମାମଲା ତଦନ୍ତାଧୀନ ରହିଛି ବୋଲି ସେ କହିଛନ୍ତି।

# ଗଡ଼ିପାରିଲାନି ଯାତ୍ରୀବାହୀ ଟ୍ରେନ୍

**ହରିଦାସପୁର-ପାରାଦୀପ ରେଳପଥ**



ଚଣ୍ଡିଖୋଲ,(ଡି.ଏନ୍.ଏ.)/ ଭୁବନେଶ୍ୱର, (ବ୍ୟୁରୋ) ୨୧

ହରିଦାସପୁର-ପାରାଦୀପ ରେଳପଥ ନିର୍ମାଣ କାର୍ଯ୍ୟ ୨୦୨୦ ମାର୍ଚ୍ଚରୁ ଶେଷ କରାଯାଇ ପୂର୍ବତଟ ରେଳପଥକୁ ହସ୍ତାନ୍ତର କରାଯାଇଛି। ଏହାପରେ ବିଭାଗ ପକ୍ଷରୁ ଟ୍ରାକ୍ ଯାଞ୍ଚ କରାଯାଇ ୨୦୨୦ ଜୁଲାଇ ୩୦ରୁ ଏହି ରେଳପଥରେ ରେଳଯାତ୍ରା ଆରମ୍ଭ ହୋଇଛି। ତେବେ ସେହିଦିନଠାରୁ ଆଜିଯାଏ ମାଲବାହୀ ଟ୍ରେନ୍ ଚାଲିଥିଲେ ମଧ୍ୟ ଯାତ୍ରୀବାହୀ ଟ୍ରେନ୍ ଚାଲି ପାରିଲାନାହିଁ। ସେତେବେଳେ ରେଲୱେ ପକ୍ଷରୁ ଦର୍ଶାଯାଇଥିଲାଯେ, କୋଭିଡ୍ କଟକଣା ଯୋଗୁ ଯାତ୍ରୀ ବାହୀ ଟ୍ରେନ ଚାଲିପାରିବ ନାହିଁ। କୋଭିଡ୍ କଟକଣା ପରେ ୨୦୨୦ ଡିସେମ୍ବରରେ ଯାତ୍ରୀବାହୀ ଟ୍ରେନ୍ ଚାଲିବ। ଯାତ୍ରୀବାହୀ ଟ୍ରେନ୍ ଚାଲିବା ନେଇ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେବେ ୬ ମାସ ପରେ ରେଳ ଚାଲିବା ପ୍ରତିଶ୍ରୁତି ମିଳିବା ପରେ ମାଲବାହୀ ଟ୍ରେନ୍ ଯାତାୟାତ କରିଥିଲା। ଏହା ମଧ୍ୟରେ ଦେଢ଼ ବର୍ଷ ବିତିଗଲାଣି। ତଥାପି ଯାତ୍ରୀବାହୀ ଟ୍ରେନ୍ ଚାଲିପାରିଲା ନାହିଁ।

ସୂଚନାଥାଉକି, ଦୀର୍ଘ ୮୨ କିମି ଲମ୍ବ ବିଶିଷ୍ଟ ଏହି ରେଳପଥ ୩ଟି ଜିଲା ଦେଇ ଅତିକ୍ରମ କରିଛି। ପାରାଦୀପ ବନ୍ଦରକୁ ମାଲ ପରିବହନ ଓ ବିଶ୍ୱପ୍ରସିଦ୍ଧ ବୌଦ୍ଧକ୍ଷେତ୍ର ଲଳିତଗିରି-ଉଦୟଗିରି-ରତ୍ନଗିରିକୁ ଦେଶ ବିଦେଶର ପର୍ଯ୍ୟଟକ ଆସିବା ପାଇଁ ଏହି ରେଳ ପଥ ନିର୍ମାଣ କରାଯାଇଥିବା ସେତେବେଳେ ସୂଚନା ଦିଆଯାଇଥିଲା। ୧୯୯୭ରେ ଏହି ରେଳ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ର କ୍ୟାବିନେଟର ମଞ୍ଜୁର ମିଳିଥିଲା। ସେ ସମୟରେ ହୀରକ ତ୍ରିଭୁଜକୁ ବୌଦ୍ଧଧର୍ମାବଲମ୍ବୀ ଓ ପର୍ଯ୍ୟଟକ ଆସିବାକୁ ଏହି ରେଳପ୍ରକଳ୍ପର ଆବଶ୍ୟକତା ଥିଲା ବୋଲି କୁହାଯାଇଥିଲା। ସେଥିପାଇଁ ଲଳିତଗିରି, ରତ୍ନଗିରି ଓ ଉଦୟଗିରି ପାଇଁ ୨ଟି ଷ୍ଟେସନ ନିର୍ମାଣ କରାଯାଇଛି। ଏହାସହ କେନ୍ଦ୍ରାପଡ଼ା ଜିଲାରେ ପୂର୍ବରୁ ଆଦୌ ରେଳପଥ ନ ଥିବାବେଳେ ପ୍ରଥମକରି ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ କେନ୍ଦ୍ରାପଡ଼ା ଜିଲାକୁ ସଂଯୋଗ କରିବ ବୋଲି ରିପୋର୍ଟରେ ଦର୍ଶାଯାଇଥିଲା। ୨୦୨୧ ରେଳ ବଜେଟରେ ଏହି ରେଳ ପ୍ରକଳ୍ପର ଭିତ୍ତିଭୂମି ବିକାଶ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ତଥାପି ଆଜିଯାଏ ଯାତ୍ରୀବାହୀ ଟ୍ରେନ ଚଳାଚଳ କରି ପାରିଲା ନାହିଁ। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଯଦି ଆସନ୍ତା ତିନି ମାସ ମଧ୍ୟରେ ଯାତ୍ରୀ ବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରା ନ ଯାଏ ତେବେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପାରାଦୀପ-ହରିଦାସପୁର ପାସେଞ୍ଜର ଟ୍ରେନ ଚଳାଚଳ ପାଇଁ ସମାଜବାଦୀ ପାର୍ଟି ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ଟୁଇଟ ଯୋଗେ ଦାବି କରାଯାଇଛି। ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଏନେଇ ସୂଚନା ଦେଇଛନ୍ତି। ବେହେରା କହିଛନ୍ତି, ଆସନ୍ତା ୬ତାରିଖରେ ରେଳମନ୍ତ୍ରୀ ନୀଳଗିରି-ବାଲେଶ୍ୱର ରେଳଲାଇନ ଉଦ୍‌ଘାଟନ ପାଇଁ ଓଡ଼ିଶା ଆସୁଛନ୍ତି। ଏହିଦିନ ସେ ପାରାଦୀପଠାରୁ ହରିଦାସପୁର ପର୍ଯ୍ୟନ୍ତ ନୂତନ ପାସେଞ୍ଜର ଟ୍ରେନ୍ ଚଳାଚଳ ନେଇ ଘୋଷଣା କରିବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ କହିଛନ୍ତି, ଏହି ରେଳପଥରେ କେତେକ ଷ୍ଟେଶନର ଭିତ୍ତିଭୂମି ବିକାଶ କରାଯାଉଛି। ସେହି କାମ ସରିଲା ପରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ ହେବ।

## ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା

ମାଲକାନଗିରି, ୨୧ (ଡି.ଏନ.ଏ.)

ନୂଆବର୍ଷ ଆରମ୍ଭରୁ ମାଓବାଦୀମାନେ ସେମାନଙ୍କ ସ୍ଥିତି ଜାହିର ପାଇଁ ଆରମ୍ଭ କରିଛନ୍ତି ପ୍ରୟାସ। ମାଲକାନଗିରି ଜିଲା ସୀମାନ୍ତ ସୁକୁମାର କୁଟ୍ରୁଠାରୁ କାର୍ଲିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ମାଓବାଦୀମାନେ ଶନିବାର ରାସ୍ତା ଖୋଳି ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା ଅବରୋଧ କରି ବ୍ୟାନର ଲଗାଇଥିବା ବେଳେ ଏହାର ୨୪ ଘଣ୍ଟା ନ ପୂରୁଣୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣଙ୍କ ଗଳାକାଟି ହତ୍ୟା କରିଛନ୍ତି। ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ଏପରି ହିଂସାକାଣ୍ଡ ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି ବାସାଗୁଡା ଥାନା ଅନ୍ତର୍ଗତ ତିମାପୁର ଗ୍ରାମକୁ ଶନିବାର ବିଳମ୍ବିତ ରାତିରେ ୫ରୁ ୬ଜଣ ସଶସ୍ତ୍ର ମାଓବାଦୀ ଆସି ହେମନ୍ତ ବଡି ନାମକ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଘରୁ ଡାକି ନେଇ ଗାଁ ମୁଣ୍ଡରେ ହତ୍ୟା କରିଥିଲେ। ହତ୍ୟା ପରେ ମୃତଦେହ ନିକଟରେ ଏକ ଚିଠି ଛାଡି ମାଓବାଦୀମାନେ ଚାଲିଯାଇଥିଲେ। ମୃତକ ପୋଲିସ ଇନ୍‌ଫର୍ମର ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଥିବା ବିଜାପୁର ଏସ୍‌ପି କୋମଳ ଲୋଚନ କାଶ୍ୟପ ସୂଚନା ଦେଇଛନ୍ତି। ତେବେ ବର୍ଷ ଆରମ୍ଭରୁ ମାଓବାଦୀଙ୍କ ଏଭଳି ହିଂସାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।


## classifieds Everyday
0674-2580101, 2549302

real estate

**SALE**

ଗୋଠପାଟଣାଠାରୁ 500 ମିଟର ସମ୍‌ହସ୍ପିଟାଲ୍‌ରୁ ୪ କି.ମି. ଦୂରରେ ଘଙ୍ଗାପାଟଣାଠାରେ ଘରବାରି ପ୍ଲଟ୍ ମିଳୁଛି। 9994968742, 7077250901. D-71764

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA-6370476317. D-71765

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399. D-71761

Duplex Immediate Sale near Vani Vihar University. 1.03Crore Fixed Price. Whatsapp: 943-731-3333(Owner) 9438874333. D-22702

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643. D-71762

Demarcated ପ୍ଲଟ୍ KEC, Gudiapokhari ପାଖରେ immediate registration, possession ଅଗ୍ରିମ boundarywall, electricity ସହିତ 30ft. road sqft.-730/-ରେ ମିଳୁଛି। 7008045582, 9692003948. D-22681

construction

Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239. D-71757

to-let

1378 Bapuji Nagar rent for house (only Family). Contact: 9556185625. D-71766

healthcare

One hour any therapy by expert therapist @800 only. 9078484455. D-71461

Ayurvedic full body massage, refresh your mind relaxed by expert lady therapist. Contact: 8480939300. D-22667

Newly Open Saikrupa Panchakarma Spa positively health benefits with expert. 8984068077. D-22723

Newly open full body massage ladies and gents. 8327740003, 8455985899. D-71838

business

ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/-ରୁ ୬୦,୦୦୦/- ରୋଜଗାର କରନ୍ତୁ। 9776020766, 9439008685. D-71460

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। -ଶ୍ରୀଅରବିନ୍ଦ



# ଭିଡ଼ର ଅର୍ଥ ନୁହେଁ ଭୋଟ୍

କରୋନା ସଂକ୍ରମଣ ନୂଆବର୍ଷ ୨୦୨୨ ଆରମ୍ଭରୁ ଊର୍ଦ୍ଧ୍ୱମୁଖୀ ହୋଇଛି। ୨ ଜାନୁୟାରୀରେ ଦେଶରେ ୨୭ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହା ଦ୍ୱାରା ଆକ୍ରାନ୍ତ ହେବା ଲୋକଙ୍କ ମନରେ ଭୟ ସୃଷ୍ଟି କଲାଣି। ଆଗକୁ ଉତ୍ତରପ୍ରଦେଶ ସମେତ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ନେତାମାନେ ପ୍ରଚାରରେ ମାତିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ କୋଭିଡ୍ ନିୟମାବଳୀ ପାଳନ କରିବାକୁ ଦେଶବାସୀଙ୍କୁ ନିବେଦନ କରିଥିଲେ। ତା' ପରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ଘୋଷଣା କଲେ ଯେ, ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ଦ୍ଧାରିତ ସମୟରେ ବିଧାନସଭା ନିର୍ବାଚନ କରିବାକୁ ଚାହୁଁଛନ୍ତି। ନିର୍ବାଚନ ସମୟରେ କୋଭିଡ୍ ନିୟମାବଳୀ ପାଳନ କରାଯିବ ବୋଲି ଗତ ସପ୍ତାହରେ ଲକ୍ଷ୍ନୌଠାରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ ବେଳେ ରାଜନୈତିକ ନେତୃବୃନ୍ଦ ଏହି ବିଷୟ ଜଣାଇଥିବା ଚନ୍ଦ୍ରା କହିଥିଲେ। ତେବେ ରାଜନୈତିକ ଦଳର ପ୍ରତିନିଧିମାନେ ଯେଉଁଭଳି ଢଙ୍ଗରେ କୋଭିଡ୍ କଟକଣା ମାନିବେ ବୋଲି କହିଛନ୍ତି, ତାହାର ବାସ୍ତବତା ଉପରେ ସନ୍ଦେହ ରହିଛି।

ଆଜିର ସ୍ଥିତି ଦେଖିଲେ ଭାରତରେ ନିର୍ବାଚନ ପ୍ରଚାରରେ ପରିବର୍ତ୍ତନ ଆସୁ। ପୁରୁଣାକାଳିଆ ଢଙ୍ଗରେ ଲୋକଙ୍କୁ ବସ୍, ଟ୍ରକ୍‌ରେ ବୁହାଇ ନେଇ ରାଲି ଆୟୋଜନ କରାଯାଉଛି। ଥରେ ସେହିଭଳି ପ୍ରଚାର ବନ୍ଦ ହୋଇଗଲେ ଗଣତନ୍ତ୍ର ସୁଦୃଢ଼ ହୋଇଯିବ। ସମସ୍ତେ ଭୋଟ୍ ବ୍ୟାଙ୍କ ବିରୋଧରେ ପ୍ରଚାର କରନ୍ତି ଓ ଲେଖା ଲେଖନ୍ତି। କିନ୍ତୁ କେଉଁ ପଦ୍ଧତିରେ ଗଲେ ଭୋଟ୍ ବ୍ୟାଙ୍କର ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ, ସେ ସମ୍ପର୍କରେ କୌଣସି ମଞ୍ଚରେ ଏଭଳି ମତପ୍ରକାଶ ପାଉନାହିଁ। ପ୍ରତ୍ୟେକ ରାଜନୈତିକ ଦଳ ତାହାର ଭୋଟ୍ ବ୍ୟାଙ୍କ ସୃଷ୍ଟି କରିବାର ଅଧିକାର ରଖିଛି। ସେହି ଅଧିକାରକୁ ଗଣତାନ୍ତ୍ରିକ ବ୍ୟବସ୍ଥା ମାଧ୍ୟମରେ ଅସ୍ୱୀକାର କରିବା ସମ୍ଭବ ନୁହେଁ। ଉଦାହରଣ ସ୍ୱରୂପ, ଆମେରିକାରେ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ଭୋଟ୍ ବ୍ୟାଙ୍କ ସୃଷ୍ଟି କରିବାର ଉପାୟ ଆବିଷ୍କାର କରିଥିଲେ। 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ସ୍ଲୋଗାନଠାରୁ ଆରମ୍ଭକରି ଗର୍ଭପାତକୁ ବେଆଇନ କରାଇବା ପାଇଁ ଦାବି ସୃଷ୍ଟି କରି ଅନେକ ସାମାଜିକ ପୁନଃଚିନ୍ତନ ଆରମ୍ଭ କରାଇଥିଲେ। ଏଭଳି ଖୋଲାଖୋଲି ଭୋଟ୍ ବ୍ୟାଙ୍କ ସୃଷ୍ଟି କରାଇବାର ଉଦ୍ୟମ ସମ୍ଭବତଃ ପୂର୍ବରୁ ଆମେରିକାରେ ଦେଖାଦେଇ ନ ଥିଲା। ଏହି ଉଦ୍ୟମକୁ ବିଫଳ କରାଇବାକୁ ଯାଇ ଟ୍ରମ୍ପ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଜୋ ବାଇଡେନ୍ ଏକ ଭିନ୍ନ ପନ୍ଥା ଗ୍ରହଣ କଲେ। ବିରୋଧୀ ଟ୍ରମ୍ପ୍‌ଙ୍କୁ ସାମ୍ନା କରିବା ସକାଶେ ବାଇଡେନ୍ ସର୍ବଦା କୋଭିଡ୍ ମାସ୍କ ପିନ୍ଧି ଲୋକଙ୍କ ସମ୍ମୁଖକୁ ଆସିଲେ। ନିଜର ଅର୍ଥନୀତି ଏବଂ ସାମାଜିକ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ଦ୍ୱାରା ପ୍ରଚାରିତ କରାଇବା ସହିତ ବଡ଼ ଧରଣର ରାଲି ବା ଭିଡ଼ ସୃଷ୍ଟି କରାଇବାରୁ ବାଇଡେନ୍ ଦୂରେଇ ରହିଲେ। ଏହାର ଉତ୍ତର ସ୍ୱରୂପ ଆମେରିକାରେ ଐତିହାସିକ ରୂପରେ ସର୍ବାଧିକ ଭୋଟ୍ ଗ୍ରହଣ ହେଲା ଓ ବାଇଡେନ୍ ଯଥେଷ୍ଟ ଅଧିକ ବ୍ୟବଧାନରେ ଜିତିଲେ।

ଏଠାରେ ଭାରତର ସ୍ଥିତିକୁ ଦେଖାଯାଉ। ଗତାନୁଗତିକ ଢାଞ୍ଚାରେ ଗତବର୍ଷ ପଶ୍ଚିମବଙ୍ଗ ନିର୍ବାଚନ ହେଲା। ନିର୍ବାଚନ କମିଶନ ତାହାର ଆନୁଗତ୍ୟ ପ୍ରମାଣ କରିବାକୁ ଯାଇ ଉଲ୍ଲଂଘନ ପକ୍ଷପାତିତା ପ୍ରଦର୍ଶନ କଲେ। ମମତା ବାନାର୍ଜୀଙ୍କ ବ୍ୟକ୍ତିଗତ ପ୍ରଚାର ଉପରେ କଟକଣା ଜାରି କରୁଥିବା ଏହି ତଥାକଥିତ ନିରପେକ୍ଷ ସାମ୍ବିଧାନିକ ସଂସ୍ଥା ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରାଟ ଜନସମାବେଶକୁ ଅଣଦେଖା କଲା। କୋଭିଡ୍ ନିୟମାବଳୀକୁ କେନ୍ଦ୍ର ସରକାରର କ୍ଷମତାସୀନ ବ୍ୟକ୍ତିମାନେ ଖୋଲାଖୋଲି ଉଲ୍ଲଂଘନ କଲା ବେଳକୁ ଭାରତର କୌଣସି ବ୍ୟବସ୍ଥା ହସ୍ତକ୍ଷେପ କରିପାରିଲା ନାହିଁ। କୌତୂହଳର ବିଷୟ ହେଲା ଯେ, ସବୁ ବ୍ୟବସ୍ଥାକୁ ତଳେ ପକାଇ ଏବଂ ନିୟମାବଳୀକୁ ଭାଙ୍ଗିଥିବା ଭାଜପା ପଶ୍ଚିମବଙ୍ଗରେ ପରାଜୟବରଣ କଲା। ଏଠାରେ ମନେପଡ଼େ ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି ବିଭିନ୍ନ ବିରାଟ ନିର୍ବାଚନୀ ସଭାରେ ଘୋଷଣା କରୁଥାଆନ୍ତି ଯେ, ଏତେସଂଖ୍ୟକ ଲୋକଙ୍କୁ ପୂର୍ବରୁ କେବେ କୌଣସି ରାଲିରେ ଦେଖି ନ ଥିଲି। ମୋଦି ନିଶ୍ଚିତ ଭାବେ ସତ କହିଥିବେ। ଏଥିସହିତ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ଆଜିର ଭାରତୀୟ ନିର୍ବାଚନ ରାଜନୀତିରେ ମୋଦିଙ୍କଠାରୁ ଅଧିକ ଅଭିଜ୍ଞ ବୋଲି ଅନ୍ୟ କୌଣସି ରାଜନେତା ଦାବି କରିପାରିବେ ନାହିଁ। ଅର୍ଥାତ୍ ମୋଦିଙ୍କୁ ଦେଖିବାକୁ ଭିଡ଼ ହୋଇଥାଇପାରେ। କିନ୍ତୁ ଭିଡ଼ର ଅର୍ଥ ନୁହେଁ ଭୋଟ୍। ସେଥିପାଇଁ ରାଜନୀତିଜ୍ଞମାନେ ନିଜର ଅହଂଭାବକୁ ଛାଡ଼ି ବାସ୍ତବତାକୁ ଦୃଷ୍ଟି ପକାନ୍ତୁ। ଭୋଟ୍ ବ୍ୟାଙ୍କ ସୃଷ୍ଟି କରନ୍ତୁ। କିନ୍ତୁ ଦାୟିତ୍ୱହୀନ ହୁଅନ୍ତୁ ନାହିଁ। କୋଭିଡ୍ ଆଢୁଆଳରେ ନିର୍ବାଚନ କମିଶନ ମଧ୍ୟ ନିଜର ମେରୁଦଣ୍ଡକୁ ସିଧାକରି ଦେଶର ହିତ କଥା ଚିନ୍ତା କରନ୍ତୁ। କେବଳ ଅବସରପ୍ରାପ୍ତ ଚାକର ହେବା ବ୍ୟତୀତ ସେମାନେ ଦାୟିତ୍ୱବାନ୍ ହୋଇ ସବୁ ଦଳକୁ ସମାନ ଢଙ୍ଗରେ ଦେଖିବା ସହିତ କଟକଣାକୁ ସ୍ପଷ୍ଟ ଭାବେ ଲାଗୁ କରନ୍ତୁ। ତେବେ ଏତେସବୁ ମତ ଦେଲା ବେଳକୁ ଆମେ ସ୍ପଷ୍ଟ ଜାଣିଛୁ ଯେ, ସବୁକିଛି ବ୍ୟକ୍ତିବିଶେଷ ଉପରେ ନିର୍ଭର କରେ। ବ୍ୟବସ୍ଥାର କୌଣସି ଗୁରୁତ୍ୱ ସୃଷ୍ଟି କରିବା ପାଇଁ କେହି ଇଚ୍ଛା କରନ୍ତି ନାହିଁ, ଯେଉଁଥିରେ ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ସରକାରୀ ପିଅନ ପର୍ଯ୍ୟନ୍ତ ସମସ୍ତେ ହାତଯୋଡ଼ି ଠିଆହୁଅନ୍ତି।

# ଲୋକତନ୍ତ୍ର ନିର୍ମାଣ କରିବାକୁ ହେବ



ଇଂ. ଶକ୍ତି ପ୍ରସାଦ ଦାସ

ନିକଟରେ ଲୋକତନ୍ତ୍ର ପାଇଁ ଶିଖର ସମ୍ମିଳନୀରେ ଯୁକ୍ତରାଷ୍ଟ୍ର ରାଷ୍ଟ୍ରପତି ଚେତାବନୀ ଶୁଣାଇଛନ୍ତି ଯେ, ଗଣତନ୍ତ୍ରର ଅବକ୍ଷୟ 'ଆମ ସମୟର ପ୍ରକୃତ ଆହ୍ୱାନ' ପାଲଟିଛି। ସେ କିଛି ଭୁଲ କହିନାହାନ୍ତି। ବାସ୍ତବରେ, ଲୋକତନ୍ତ୍ର ଅବରୋଧରେ ଅଛି। କ୍ରମାଗତ ଭାବରେ ଗତ ପାଞ୍ଚବର୍ଷ ହେଲାଣି ଏହି ପ୍ରକ୍ରିୟା ଅଧିକରୁ ଅଧିକ ରାଷ୍ଟ୍ରରେ ଦେଖାଯାଉଛି।

ଅନ୍ୟପକ୍ଷରେ, ଆମେରିକା ଦ୍ୱାରା ଆହୂତ ଏହି ଶିଖର ସମ୍ମିଳନୀ ସମାଲୋଚନାରୁ ବର୍ତ୍ତି ପାରିନାହିଁ। ଏହା ଲୋକତନ୍ତ୍ରର ମୂଲ୍ୟବୋଧକୁ ସିଦ୍ଧ କରିବା ପାଇଁ ଯେତିକି ନୁହେଁ, ବରଂ ଏକ 'ମୁକ୍ତ ବିଶ୍ୱ'ରେ ଆମେରିକାର ନେତୃତ୍ୱକୁ ଉଜାଗର କରିବାର ଏକ ପ୍ରୟାସ ଭାବରେ ଅଧିକ ଦେଖାଯାଉଛି। କାରଣ, ବୈଶ୍ୱିକ ସ୍ତରରେ ଗଣତନ୍ତ୍ର ଓ ଏକଛତ୍ରବାଦ ମଧ୍ୟରେ ସେଭଳି କୌଣସି ପ୍ରତିଯୋଗିତା ନାହିଁ। ଏହି ଅବକ୍ଷୟର ସଂପୂର୍ଣ୍ଣ ରୂପେ ଆଭ୍ୟନ୍ତରୀଣ କାରଣରୁ ହୋଇଛି। ଅଧିକନ୍ତୁ, ସମ୍ମିଳନୀକୁ ଆମନ୍ତ୍ରିତ ରାଷ୍ଟ୍ରଙ୍କ ତାଲିକା ଉପରେ ଅନେକ ପ୍ରଶ୍ନବାଚୀ ମଧ୍ୟ ଉଠିଛି। ହ୍ୱାଇଟ୍ ହାଉସ୍ ଯେତେ ଯାହା କହୁନା କାହିଁକି, ସମାବେଶଟି ବାସ୍ତବରେ ଚାଇନା ଓ ରୁଷ ବିରୋଧରେ ଏକ ମିଳିତ ମଞ୍ଚ ଭାବରେ ବ୍ୟବହାର କରାଯାଇଛି ବୋଲି ଅନେକେ ଅନୁଭବ କରୁଛନ୍ତି।

ଯାହା ବି ହେଉ, ଆଜି ଲୋକତନ୍ତ୍ର ଏକ ଖରାପ ସମୟ ଦେଇ ଗତି କରୁଛି। ଏହାର ଅସ୍ତିତ୍ୱ ପ୍ରଭୁତ୍ୱବାଦର କ୍ରମବର୍ଦ୍ଧମାନ ବିପଦକୁ ସାମ୍ନା କରୁଛି। ବିଶ୍ୱର ଦୁଇ-ତୃତୀୟାଂଶରୁ ଅଧିକ ଲୋକ ବର୍ତ୍ତମାନ ଅଣ-ଲୋକତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଥିବା ଦେଶଗୁଡ଼ିକରେ ବସବାସ କରୁଛନ୍ତି। ଭାରତ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରାଜିଲ ଓ ଫିଲିପାଇନ୍ସ ଭଳି ବିଶ୍ୱର ଅନେକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକତାନ୍ତ୍ରିକ ମୂଲ୍ୟବୋଧର ଅଧୋପତନ ଘଟିଥିବାର ଅନୁଭୂତ ହେଉଛି। ନାଗରିକ ସ୍ୱାଧୀନତା ତଥା ସଂଖ୍ୟାଲଘୁଙ୍କ ଅଧିକାର ଉପରେ ପ୍ରତିବନ୍ଧକ, ନାଗରିକ ସମାଜର ଦୁର୍ବଳତା, ନ୍ୟାୟପାଳିକା ଓ ସାମ୍ବିଧାନିକ ଅନୁଷ୍ଠାନ ଉପରେ ଅନାବଶ୍ୟକ ଚାପ ଭଳି ଆଚରଣକୁ ନ୍ୟାୟପୂର୍ଣ୍ଣ ବୋଲି ରଙ୍ଗ ଦିଆଯାଉଛି।

କୋଭିଡ୍ ମହାମାରୀ ପରିପ୍ରେକ୍ଷୀରେ ଜରୁରିକାଳୀନ ସ୍ଥିତି, ଦୁଷ୍ପ୍ରଚାର ଏବଂ ସ୍ୱାଧୀନ ଗଣମାଧ୍ୟମ ତଥା ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଅଙ୍କୁଶ ଏହି ବିପଦକୁ ତିବ୍ରତର କରିଛି। ମନଗଢ଼ା କାହାଣୀ ସୃଷ୍ଟି କରାଯାଉଛି କି ଆର୍ଥିକ ସମୃଦ୍ଧି ଓ ମହାମାରୀ ପରିଚାଳନା ପାଇଁ ପ୍ରଭୁତ୍ୱବାଦୀ ଶାସନ ଅଧିକ ପ୍ରଭାବଶାଳୀ।

ଇତିହାସକୁ ଅନୁସରଣ କଲେ ଜଣାଯାଏ ଯେ, ଗଣତନ୍ତ୍ର ଏକ କ୍ଷଣ-ଭଙ୍ଗୁର ବ୍ୟବସ୍ଥା। ୧୯୬୦ ପରଠାରୁ ସମଗ୍ର ବିଶ୍ୱରେ ଦୃଷ୍ଟିଗୋଚର ହୋଇଥିବା ୧୨୦ଟି ନୂଆ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ନିଜକୁ ବିଫଳ ରାଷ୍ଟ୍ରରେ ପରିଣତ କରିଛନ୍ତି କିମ୍ବା ଅଧିକତର ପ୍ରଭୁତ୍ୱବାଦୀ ଶାସନ ବ୍ୟବସ୍ଥା ମଧ୍ୟକୁ ଚାଲିଯାଇଛନ୍ତି ବୋଲି ଜଣାଯାଏ। ଗଣତନ୍ତ୍ର ଶବ୍ଦକୁ ବ୍ୟବହାର କରି ଆମେରିକା ଭଳି କିଛି ରାଷ୍ଟ୍ର ବିଶ୍ୱରେ ନିଜ ନିଜର ସମର୍ଥକ ଗୋଷ୍ଠୀ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ୧୯୯୧ରେ ସୋଭିଏତ୍ ରୁଷର ପତନ ଯଦିଓ ଘରୋଇ ବିଫଳତା କାରଣରୁ ଘଟିଥିଲା, ଆମେରିକା ଏହାର ଶ୍ରେୟ ନେବାକୁ ଭୁଲି ନ ଥିଲା।

ଚାଇନାର ପ୍ରଭୁତ୍ୱବାଦୀ ଶାସନର ଦୃଢ଼ୀକରଣରେ ପ୍ରଭାବିତ ହୋଇ କିଛି ଗରିବ, ଦୁର୍ବଳ ତଥା ନୂତନ ଗଣତାନ୍ତ୍ରିକ ରାଷ୍ଟ୍ର ଏହାର ଋଣ-ଯନ୍ତାରେ ପଡ଼ିଥିବାବେଳେ ଉଦ୍ଦେଶ୍ୟମୂଳକ ଭାବରେ ଋଣ ସହାୟତା ଯୋଗାଇ ଦେଇ ଚାଇନା ଗଣତାନ୍ତ୍ରିକ ଶାସନ ପ୍ରଣାଳୀକୁ ଭୁଲ ବୋଲି ଚିତ୍ରଣ କରିବାରେ ଲାଗିଛି। ଋଣ-ଜାଲ କୂଟନୀତିର ଫାଶରେ ପଡ଼ି ଆଫ୍ରିକୀୟ ଦେଶ ଉଗାଣ୍ଡା ବର୍ତ୍ତମାନ ତା'ର ଏକମାତ୍ର 'ଏଣ୍ଟେବେ ଅନ୍ତର୍ଜାତୀୟ ବିମାନବନ୍ଦର' ଚାଇନାକୁ ସମର୍ପଣ କରିବା ସ୍ଥିତିରେ ପହଞ୍ଚିଛି। ସେହିପରି ଶ୍ରୀଲଙ୍କା ନିଜର 'ହେମ୍ବନ୍ତୋଟା ବନ୍ଦର'କୁ ୯୯ ବର୍ଷର ଲିଜ୍‌ରେ ବେଜିଂ ହାତକୁ ଟେକି ଦେବାକୁ ବାଧ୍ୟ ହୋଇଛି।

ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶାସନ କାଳରେ ରିପବ୍ଲିକାନ୍ ସମର୍ଥକଙ୍କ ଏକ ସଂଖ୍ୟାଗରିଷ୍ଠ ଗୋଷ୍ଠୀ ବିଶ୍ୱକୁ ବାର୍ତ୍ତା ଦେଲା କି, ଗଣତନ୍ତ୍ର ଏକମାତ୍ର ବିକଳ୍ପ ନୁହେଁ। ବ୍ରାଜିଲ, ତୁର୍କୀ, ହଙ୍ଗେରୀ ଭଳି ଦେଶରେ ପ୍ରଭୁତ୍ୱବାଦୀ ଲୋକତନ୍ତ୍ର ନିଜର ପ୍ରାଧିକୃତିକ ସ୍ଥିତିକୁ ସୁଦୃଢ଼ କରିବାର ଲୋଭକୁ ହାତଛଡ଼ା କରିପାରୁନାହାନ୍ତି। କ୍ଷମତାର ଲୋଭ, ଅସମାନତାର ବ୍ୟାପକ ଅଭିବୃଦ୍ଧି, ନିଷ୍ଠୁରତାର ଅପସଂସ୍କୃତି ଏବଂ ଲୋକାଚାରର ଅବମାନନା ଲୋକତନ୍ତ୍ରକୁ ଫମ୍ପା କରିସାରିଲାଣି।

୧୮୪ ବର୍ଷ ପୂର୍ବେ ଆବ୍ରାହାମ ଲିଙ୍କନ ଲୋକତନ୍ତ୍ର ସନ୍ଦର୍ଭରେ କହିଥିଲେ ଯେ, 'ଯଦି ବିନାଶର ଯୋଗ ଅଛି, ତେବେ ଆମେ ନିଜେ ଏହାକୁ ଲେଖିବା ଆଉ ଶେଷ ମଧ୍ୟ କରିବା'। ଡକ୍ଟର ଆମ୍ବେଦକର ମଧ୍ୟ ଚେତାବନୀ ଦେଇଥିଲେ କି, 'ନୂତନ ସମ୍ବିଧାନ ଅଧୀନରେ ବାଟ ଚାଲୁ ଚାଲୁ ଯଦି କିଛି ଭୁଲ ହୋଇଯାଏ, ତେବେ ଏହା ସମ୍ବିଧାନର ଦୋଷତ୍ରୁଟି କାରଣରୁ ହେବ ନାହିଁ। ବରଂ ସମ୍ବିଧାନକୁ ଠିକ ସମ୍ମାନ ଦେବାରେ ଊଣା କରିଥିବା କାରଣରୁ ହୋଇପାରେ।' ଉପରୋକ୍ତ ଶିଖର ସମ୍ମିଳନୀରେ ଆମ ପ୍ରଧାନମନ୍ତ୍ରୀ ମୋଦି ଲୋକତନ୍ତ୍ରର ପ୍ରାଥମିକ ଆବଶ୍ୟକତା ଉପରେ ରେଖାପାତ କରି କହିଛନ୍ତି କି, 'ସମସ୍ତ ଲୋକତାନ୍ତ୍ରିକ ସରକାରଙ୍କୁ ନିଜ ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଦେବା ଉଚିତ'।

ଆଜି ମନକୁ ଏହି କଥା ଆନ୍ଦୋଳିତ କରୁଛି କି, ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଆମେ ଏବେ ମଧ୍ୟ ସେହି ରାଜରାଜୁଡ଼ା ମାନସିକତା ଭିତରେ ରହିଛୁ। ରହିଛି ଆଗଧାଡ଼ିର ଜାତୀୟ ତଥା ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ଅଭାବରୁ ଜଣେ ନେତା କିମ୍ବା ଗୋଟିଏ ପରିବାର ଉପରେ ସମସ୍ତେ ନିର୍ଭରଶୀଳ। ଅଥଚ ଗରିବ, ଦଳିତ, ସଂଖ୍ୟାଲଘୁଙ୍କ ନାମରେ ରାଜନୀତି ଚାଲିଛି। ଡ. ଆମ୍ବେଦକରଙ୍କ ଭାଷାରେ, 'ରାଜନୀତିରେ ନାୟକ-ପୂଜା ଗଣତନ୍ତ୍ରର ପତନ ଓ ପରିଶେଷରେ ଏକଛତ୍ରବାଦ ଶାସନ ପାଇଁ ରାସ୍ତା ଖୋଲିବାକୁ ନିଶ୍ଚିତ କରେ।'

ଲୋକତନ୍ତ୍ରର କିଛି ଅନ୍ତର୍ନିହିତ ସର୍ତ୍ତ ଓ ବୈଶିଷ୍ଟ୍ୟରେ ଖିଲାପ ହେଲେ ଏହା ତା'ର ଆତ୍ମ-ବିନାଶ ପ୍ରବୃତ୍ତିକୁ ସମ୍ଭାବିତ କରିଥାଏ। ତିନି-ଚାରି ଦଶନ୍ଧି ତଳେ 'ଆୟା-ରାମ, ଗୟା-ରାମ'ର ଯୁଗ ଚାଲିଥିଲା। ବର୍ତ୍ତମାନ ରାଜ୍ୟଗୁଡ଼ିକରେ ଛୋଟ-ବଡ଼ ଦଳବଦଳ ମାଧ୍ୟମରେ ଲୋକମତକୁ ହତାଦର କରି ବିସ୍ତାରବାଦୀ ଆଭିମୁଖ୍ୟର ପ୍ରଦର୍ଶନ କରାଯାଉଛି। ଅରୁଣାଚଳ, ମଣିପୁର, ଗୋଆ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ନିକଟ ଅତୀତରେ ଏହାର ନଜିର ଦେଖିବାକୁ ମିଳିଛି। ଲୋକତନ୍ତ୍ରର ଅନ୍ତର୍ନିହିତ ଦୁର୍ବଳତାକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ପ୍ରୟାସ କଲେ, ଲୋକତନ୍ତ୍ର ବିଫଳ ହେବାକୁ ଆରମ୍ଭ କରେ। ମଣ୍ଡଳ ହେଉ ଅବା କମଣ୍ଡଳ ଅଥବା ମାଗଣା ତୁଷ୍ଟୀକରଣ ଯୋଜନା, ଏସବୁ ଶସ୍ତା ଲୋକପ୍ରିୟତା ଲୋକତନ୍ତ୍ର ପାଇଁ ସତର୍କ ଘଣ୍ଟି ବୋଲି ମାନିବାକୁ ହେବ।

ବହୁସଂଖ୍ୟୀୟ ରାଜନୀତିରେ ସଂସଦକୁ ରବର ଷ୍ଟାମ୍ପ ଭଳି ବ୍ୟବହାର କରାଗଲେ ଏହା ଭିତରୁ ଭିତରୁ ମରିଯିବ। କାରଣ, ଗୁଣୀ ଲୋକେ ନୀରବ ରହିବେ। ଦୁର୍ବଳ ଲୋକେ ଆତ୍ମସମର୍ପଣ କରିବେ। ଆନୁଷ୍ଠାନିକ, ସାମାଜିକ-ଅର୍ଥନୈତିକ ଓ ରାଜନୈତିକ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ନାହିଁ। ଅଣ-ନିର୍ବାଚିତ ପ୍ରତିନିଧି, ଅମଲାତନ୍ତ୍ର, ଧର୍ମୀୟ ନେତା, ବଡ଼ ବଡ଼ ବ୍ୟବସାୟୀ ଓ କିଛି ଗୋଡ଼ାଣିଆ ଗଣମାଧ୍ୟମ ଲୋକତନ୍ତ୍ରର ରାଜନୈତିକ ଭୂଗୋଳକୁ ବଦଳାଇବାକୁ ପ୍ରୟାସ କରିବେ।

ଶୀତଳ ଯୁଦ୍ଧ ପରେ ଲୋକଙ୍କୁ ଆକର୍ଷିତ କରିଥିବା ମୁକ୍ତ ବଜାର ଅର୍ଥନୀତିର ଅନୁମେୟ ସଫଳତା ଗଣତନ୍ତ୍ରକୁ ସମୃଦ୍ଧ କରୁଥିବାର ପ୍ରହେଳିକା ସୃଷ୍ଟି କରିଥିଲା। କିନ୍ତୁ, ଅବସରବାଦୀ ପୁଞ୍ଜି ନିବେଶ ବା 'ଫ୍ରୁଟ-ଲୁଜ କ୍ୟାପିଟାଲିଜମ୍' କାରଣରୁ ସମୟ ସହିତ ଏହି କଳ୍ପନା ଅପ୍ରାସଙ୍ଗିକ ହୋଇଗଲାଣି। 'ଲାଭର ଘରୋଇକରଣ ଏବଂ ତଜ୍ଜନିତ ଯନ୍ତ୍ରଣାର ସାମୂହିକୀକରଣ' ସାଧାରଣ ଲୋକତନ୍ତ୍ରଗୁଡ଼ିକୁ ବନ୍ଧକ ପକାଇ ଦେଲାଣି। ଯୋଗାଯୋଗର ପ୍ରାଚୁର୍ଯ୍ୟତା ଆମକୁ ସମ୍ମୋହିତ କରିଛି, ଅତିଷ୍ଠ ମଧ୍ୟ କରିଛି।

ଏତେସବୁ ନକାରାତ୍ମକ ପରିସ୍ଥିତି ଭିତରେ ମଧ୍ୟ ସୁଡ଼ଙ୍ଗ ଶେଷରେ ଆଶାର ଆଲୋକ ଦିକ୍ ଦିକ୍ ହୋଇ ଜଳିବା ଭଳି ଲାଗୁଛି। ଜାମ୍ବିଆରେ, ଶାସକ ଦଳର ଦୃଢ଼ ରଣନୈତିକ କଳା-କୌଶଳ ସତ୍ତ୍ୱେ ଅଗଷ୍ଟ' ୨୧ରେ ବିରୋଧୀ ଦଳର ବିଜୟ ସମ୍ଭବ ହୋଇଛି। ଚାଇନାରେ ଉଇଘର ଲୋକଙ୍କ ଉପରେ ସେଠାକାର ପ୍ରଭୁତ୍ୱବାଦୀ ଶାସକଙ୍କ ଅତ୍ୟାଚାର ମାନବିକ ଅଧିକାର କର୍ମୀଙ୍କୁ ଶକ୍ତ ପ୍ରତିକ୍ରିୟା ପ୍ରକାଶ କରିବାକୁ ସକ୍ଷମ କରିଛି । ବେଲାରୁଷ, କ୍ୟୁବା, ହଂକଂ ଓ ମ୍ୟାନ୍ମାର ଭଳି ଅନେକ ସ୍ଥାନରେ ଗଣତନ୍ତ୍ର ସମର୍ଥକମାନେ ମୁହଁ ଖୋଲୁଛନ୍ତି।

ଲୋକତନ୍ତ୍ରକୁ ସଳଖ କରିବାକୁ ହେଲେ ଲୋକତାନ୍ତ୍ରିକ ଅନୁଷ୍ଠାନସବୁକୁ ନାଗରିକ ସମାଜ ସହଯୋଗରେ ସାମାଜିକ ସମ୍ପର୍କକୁ ପୁନଃ ପ୍ରତିଷ୍ଠା କରିବାକୁ ପଡ଼ିବ। ନିର୍ଦ୍ଦିଷ୍ଟ ଭାବରେ, ଏହି ନୂତନ ସାମାଜିକ ସମ୍ପର୍କ ତତ୍କାଳିକ ସୁଧାର ଓ ଦୀର୍ଘକାଳିକ ବିକାଶର ଆଧାର ହେବା ଆବଶ୍ୟକ। ଗଣତାନ୍ତ୍ରିକ ଶାସନ କିପରି ଓ କାହିଁକି ସର୍ବୋତ୍ତମ ବିକଳ୍ପ ତାହା ବୁଝାଇବାକୁ ପଡ଼ିବ ନିକଟରେ ଆମେରିକାରେ ସୃଷ୍ଟ ଘଟଣାବଳୀରୁ କିଛି ଶିକ୍ଷା କରିବାର ଅଛି। ରାଷ୍ଟ୍ରପତି ଟ୍ରମ୍ପ୍ ସିନେଟ୍, ଫେଡେରାଲ କୋର୍ଟ ଓ ଫେଡେରାଲ ରିଜର୍ଭ ପରି ସ୍ୱାଧୀନ ସାମ୍ବିଧାନିକ ଅନୁଷ୍ଠାନଗଡ଼ିକୁ ପ୍ରଭାବିତ କରିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରି ନ ଥିଲେ। କିନ୍ତୁ, କ୍ୟାପିଟାଲ ହିଲ୍ ଘଟଣା ପରେ ସମସ୍ତେ ଲୋକତନ୍ତ୍ର ସପକ୍ଷରେ ହିଁ ବାହାରିଲେ।

ଲୋକତନ୍ତ୍ରର ନିର୍ମାଣ କେବେବି ସହଜ ନ ଥିଲା, କି ଆଜି ବି ନାହିଁ। ଆମେ ଏକବିଂଶ ଶତାବ୍ଦୀର ନାଗରିକ, କିନ୍ତୁ ଆମର ଊନବିଂଶ ଶତାବ୍ଦୀର ଅନୁଷ୍ଠାନଗୁଡ଼ିକ ସେହି ପୁରୁଣାକାଳିଆ ପ୍ରକ୍ରିୟା ଓ ବିଚାରଧାରା ଦ୍ୱାରା ପର୍ଯ୍ୟବସିତ। ଲୋକତନ୍ତ୍ରକୁ ଏହାର ଅନୁଷ୍ଠାନଗୁଡ଼ିକୁ ନିରନ୍ତର ନବ-ନିର୍ମାଣ କରିବାକୁ ହେବ। କାରଣ, ଲୋକତନ୍ତ୍ର ବିନା ଆମ ପାଇଁ ଅନ୍ୟ ଗତି ନାହିଁ।

**ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର**
**ମୋ: ୯୪୩୭୧୬୪୬୧୧**
Email: saktiprasadd@yahoo.in

# ସୁଖନିଦ୍ରାରେ ଶୋଇଛନ୍ତି



ରବିନାରାୟଣ ସାମଲ

ଛାତିଥରାଇଲା ଭଳି ଭବିଷ୍ୟବାଣୀ ! ଆଗାମୀ ଦଶ ବର୍ଷ ମଧ୍ୟରେ ପୃଥିବୀର ଛଅଟି ସହର ସମୁଦ୍ର ଜଳରେ ନିମଗ୍ନ ହେବ। ତନ୍ମଧ୍ୟରୁ ଭାରତର କୋଲକାତା ଅନ୍ୟତମ। କ୍ଲାଇମେଟ୍ ସେଣ୍ଟ୍ରାଲ୍ ନାମକ ସଂସ୍ଥା ଏହି ସୂଚନା ପ୍ରଦାନ କରିଛି। ଭାରତର ମାଙ୍ଗାଲୋର, କାଣ୍ଡଲା, ମର୍ମୁଗାଓ, ପାରାଦୀପ, ମୁମ୍ବାଇ, କୋଚି ଓ ଭବନଗର ଧୀରେ ଧୀରେ ସମୁଦ୍ର ଜଳରେ ନିମଗ୍ନ ହେଉଛି। ୨୦୫୦ ସୁଦ୍ଧା ଏହି ସହରଗୁଡ଼ିକ ସମ୍ପୂର୍ଣ୍ଣରୂପେ ସମୁଦ୍ର ଗର୍ଭକୁ ଚାଲିଯିବ ବୋଲି ଉପଗ୍ରହ ତଥ୍ୟକୁ ବିଶ୍ଳେଷଣ କରି ନାସା ତା'ର ରିପୋର୍ଟରେ ପ୍ରକାଶ କରିଛି। ଅସମ୍ଭବ ନୁହେଁ! ଆମ ଆଖି ଆଗରେ ତ ସାତଭାୟା ନିଶ୍ଚିହ୍ନ ହୋଇଗଲା। ବିଳମ୍ବ ହେଲେ ବି ଏବେଠୁ ସତର୍କ ନ ହେଲେ କେବଳ ଭାରତ ନୁହେଁ, ପୃଥିବୀର ଅନ୍ୟାନ୍ୟ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ଦିନେ ନା ଦିନେ ସମୁଦ୍ର ଜଳରେ ନିମଗ୍ନ ହୋଇଯିବ।

ଆମେ ଉତ୍ତରାଖଣ୍ଡରେ ଖଣ୍ଡପ୍ରଳୟ କିଛି ବର୍ଷ ହେଲା ଦେଖି ଆସୁଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅସମ୍ଭବ ପ୍ରକାରେ ହେଉଛି। ଯମୁନା ନଦୀରେ ବିଷାକ୍ତ ଫେଣ ବରଫଖଣ୍ଡ ଭଳି ଭାସିଆସୁଛି। ବିଶ୍ୱରେ ସବୁଠାରୁ ବେଶି ପ୍ରଦୂଷିତ ସହର ମଧ୍ୟରୁ ଭାରତରେ ୨୨ଟି ଅଛି। ଭାରତରେ ବେଶି ପ୍ରଦୂଷିତ ନଦୀର ସଂଖ୍ୟା ୩୫୧ ହୋଇଥିବା ସ୍ଥଳେ ଓଡ଼ିଶାରେ ଏହା ୧୯ରେ ପହଞ୍ଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ବାୟୁ ପ୍ରଦୂଷଣ ଯୋଗୁ ଭାରତରେ ବାର୍ଷିକ ୨୦ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟୁଛି ଏବଂ ଏହା ବିଶ୍ୱର ଶତକଡ଼ା ୧୮ ଭାଗ। ପ୍ରଶ୍ନ ଉଠୁଛି – ଏହି ପ୍ରଦୂଷଣ ପାଇଁ ଆମେ କାହାକୁ ଦାୟୀ କରିବା ? ସରକାରଙ୍କୁ ନା ଶିଳ୍ପପତିଙ୍କୁ ନା ସାଧାରଣ ଜନତାଙ୍କୁ ? ଦେଶରେ ତ ଏନ୍‌ଜିଟି, ପିସିବି, ଆଇଏମ୍‌ଡି, ଆଇପିସିସି, ଏନ୍‌ଏପିସିସି ଭଳି ଅନେକ ସଂସ୍ଥା ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଅଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟଟିଏ ବି ଅଛି। ଏମାନେ ସବୁ କରୁଛନ୍ତି କ'ଣ ? ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି ଏମାନେ ସବୁ ସୁଖନିଦ୍ରାରେ ଶୋଇଛନ୍ତି।

ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଜଙ୍ଗଲ ଧ୍ୱଂସକୁ ଜଳବାୟୁଠାରୁ ଅଲଗା କରି ବିଚାର କରାଯାଇ ପାରିବ ନାହିଁ। ସେ ମିଥେନ୍ କିମ୍ବା ଅଙ୍ଗାରକାମ୍ଳର ନିର୍ଗମନ ହେଉ ଅଥବା ସବୁଜ କୋଠରି ପ୍ରଭାବ ହେଉ, ସବୁଗୁଡ଼ିକ ଜଳବାୟୁକୁ ପ୍ରଭାବିତ କରୁଛି। ତେଣୁ ଜଳବାୟୁ ପରିବର୍ତ୍ତନ କଥା ଚିନ୍ତା କରିବା ପୂର୍ବରୁ ଜଳ ଓ ବାୟୁର ପ୍ରଦୂଷଣ ସାଙ୍ଗକୁ ଜଙ୍ଗଲ କ୍ଷୟ କଥା ବି ଚିନ୍ତା କରିବା ନିହାତି ଆବଶ୍ୟକ।

ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ଜଳବାୟୁ ସଂକ୍ରାନ୍ତୀୟ ଶିଖର ସମ୍ମିଳନୀ କୋପ୍-୨୬ ଦୁଇ ସପ୍ତାହ ଧରି ଚାଲିଲା। ୬ ବର୍ଷ ତଳେ ପ୍ୟାରିସ୍‌ରେ ହୋଇଥିବା ଶିଖର ସମ୍ମିଳନୀର ଚୁକ୍ତି ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାରୁ ପ୍ରାୟ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ। ରାଜାଙ୍କ ଆଦେଶରେ ତ ସମସ୍ତେ ମହାଦେବଙ୍କ ମୁଣ୍ଡରେ ଦୁଧ ମାଠିଆ ଢାଳିଥିଲେ, ମାତ୍ର ପାଣି ମାଠିଆ ଢାଳିଲା କିଏ ? କାଦୁଅ ଫିଙ୍ଗାଫିଙ୍ଗିରେ ସମ୍ମିଳନୀ ସରଗରମ ହେଲା। ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଦାୟୀ ଚାଇନା, ଆମେରିକା, ଭାରତ ଓ ରୁଷ୍‌ର ପ୍ରତିନିଧିମାନେ ଚିରାଚରିତ ଢଙ୍ଗରେ ସମୟସୀମା ଘୋଷଣା କରିଦେଲେ। ଆମେରିକା କହିଲା, ୨୦୫୦ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ଶୂନକୁ ଆଣିବ, ଚାଇନା କହିଲା ୨୦୬୦ ମସିହା ସୁଦ୍ଧା ଶୂନକୁ ଆଣିବ ଏବଂ ଭାରତ କହିଲା ୨୦୭୦ ମସିହା ସୁଦ୍ଧା ଶୂନକୁ ଆଣିବ। ଜଣେ ଅନ୍ୟ ଜଣକୁ ଟପିଗଲେ। ଭାରତ କଷ୍ଟ କରିଥିବା ୫୦ ବର୍ଷ ବେଳକୁ ପୃଥିବୀରେ କାହିଁରେ କେତେ ପରିବର୍ତ୍ତନ ହୋଇସାରିବଣି। ଭାରତର ରାଜନୈତିକ ଦୃଶ୍ୟପଟରେ କେତେ ସକାଳ ସଞ୍ଜ ଯାଇସାରିବଣି। ଏହି ଚାରିଟି ରାଷ୍ଟ୍ର ଦ୍ୱାରା ଘୋଷିତ ଦୀର୍ଘ ସମୟ ସୀମା ବିଶ୍ୱବାସୀଙ୍କ ମନରେ ଆଶାର ସଞ୍ଚାର କରିବା ଅପେକ୍ଷା ବେଶି ନିରାଶା ସୃଷ୍ଟି କରିଛି। ବଡ଼ ବଡ଼ ରାଷ୍ଟ୍ରର ବଡ଼ ବଡ଼ କଥାକୁ କିଏ ବିଶ୍ୱାସ କରିବ।

କୋପ୍-୨୬ ସମ୍ମିଳନୀରେ ୨୦୩୦ ସୁଦ୍ଧା ଗଛକଟା ବନ୍ଦ କରି ବୃକ୍ଷ ରୋପଣ କରିବାକୁ ୧୦୦ଟିରୁ ଊର୍ଦ୍ଧ୍ୱ ଦେଶ ସହମତି ପ୍ରକାଶ କରିଥିଲେ। କିନ୍ତୁ ବିକାଶ ଓ ଶିଳ୍ପାୟନକୁ ଦେଖିଲେ ଏହି ପ୍ରତିଶ୍ରୁତି ଯେ ନିଷ୍ଫଳ ହେବ, ଏହା ଜଳ ଜଳ ହୋଇ ଦେଖାଯାଉଛି। ଜୀବାଶ୍ମ ଇନ୍ଧନ ଓ ଗ୍ୟାସ୍ ବ୍ୟବହାର ବନ୍ଦ କରିବାକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରିବାକୁ ସମ୍ମିଳନୀରେ ଏକ ମେଣ୍ଟ ଗଠନ କରାଯାଇ ଦାୟିତ୍ୱ ନ୍ୟସ୍ତ କରାଗଲା। ମାତ୍ର ଏହାକୁ କେଉଁ ରାଷ୍ଟ୍ର ଗ୍ରହଣ କରିବ ? ସର୍ବାଧିକ କୋଇଲା ବ୍ୟବହାରକାରୀ ରାଷ୍ଟ୍ର ଚାଇନା ଓ ଆମେରିକା ତ ଚୁକ୍ତିରେ ସ୍ୱାକ୍ଷର କଲେ ନାହିଁ, ଅନ୍ୟାନ୍ୟ ରାଷ୍ଟ୍ର ସେହି ଆଳରେ ଚୁକ୍ତିକୁ ଫାଇଲ୍ ଭିତରେ ଚାପି ଦେବେ। ବିକଶିତ ରାଷ୍ଟ୍ରଗୁଡ଼ିକର ବେପରୁଆ ମନୋବୃତ୍ତି ଯୋଗୁ ବିକାଶଶୀଳ ରାଷ୍ଟ୍ର ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଜଳବାୟୁର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବାକୁ ବିକଶିତ ରାଷ୍ଟ୍ରମାନେ ଯେତେ ପରିମାଣରେ ଆର୍ଥିକ ଅନୁଦାନ ଦେବା କଥା, ତାହା ଦେଉ ନାହାନ୍ତି। ଫଳରେ ବିକାଶଶୀଳ ରାଷ୍ଟ୍ରମାନେ ଆବଶ୍ୟକ ପଦକ୍ଷେପ ନେଇପାରୁ ନାହାନ୍ତି। ଜଳବାୟୁ ସୁରକ୍ଷା କର୍ମୀ ଗ୍ରେଟା ଥନ୍‌ବର୍ଗ ସମ୍ମିଳନୀକୁ ନେଇ ନୈରାଶ୍ୟ ପ୍ରକାଶ କରିବା ଥିଲା ଗୁରୁତ୍ୱପୂର୍ଣ୍ଣ। ସମ୍ମିଳନୀରେ ହୋଇଥିବା ନିଷ୍ପତ୍ତି ସନ୍ତୋଷଜନକ ନୁହେଁ ବୋଲି ସେ କହିଥିଲେ। ଗ୍ଲାସ୍‌ଗୋ, ଲଣ୍ଡନ, ପ୍ୟାରିସ୍, ଜୁରିଚ୍, ଇସ୍ତାନବୁଲ ଓ କୋପେନ୍‌ହାଗେନ୍‌ରେ ଲକ୍ଷ ଲକ୍ଷ ଲୋକ ସମବେତ ହୋଇ ବିକ୍ଷୋଭ କରିଥିଲେ। ସେମାନେ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି।

ଜଳବାୟୁ ପରିବର୍ତ୍ତନ ଜୀବନ ଜୀବିକାକୁ ଗଭୀରଭାବେ ପ୍ରଭାବିତ କରୁଛି। ଏଥି ଯୋଗୁ ଆଗାମୀ ଦଶ ବର୍ଷ ମଧ୍ୟରେ ୧୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବେ ବୋଲି ବିଶ୍ୱବ୍ୟାଙ୍କ ତା'ର ରିପୋର୍ଟରେ ପ୍ରକାଶ କରିଛି। ଶିଶୁମାନଙ୍କଠାରେ ହେଉଥିବା ରୋଗର ଶତକଡ଼ା ୯୦ ଭାଗ ଏହି ଜଳବାୟୁ ପରିବର୍ତ୍ତନ ଯୋଗୁ ହେଉଛି ବୋଲି ୟୁନିସେଫ୍ ପ୍ରକାଶ କରିଛି।

ବିଦ୍ୟାଳୟର ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ସ୍ଥାନ ପାଇବା ଉଚିତ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଛି। ବେଶ୍ ଭଲ କଥା। କିନ୍ତୁ ଉତ୍ତର ପିଢ଼ିଙ୍କୁ ତାଲିମ ଦେଉ ଦେଉ ପୂର୍ବ ପିଢ଼ି ଯେ କବର ନେଇ ସାରିଥିବେ, ଏକଥା ଗୁରୁତର ସହ ବିଚାର କରିବା ଉଚିତ। ତାପମାତ୍ରା ନିୟନ୍ତ୍ରଣ କରିବାକୁ ଯୁଦ୍ଧକାଳୀନଭିତ୍ତିରେ ପଦକ୍ଷେପ ନେବା ପ୍ରତ୍ୟେକ ରାଷ୍ଟ୍ରର କର୍ତ୍ତବ୍ୟ। ପଚାଶ-ଶହେ ବର୍ଷ ଅବଧି ନୁହେଁ, ସ୍ୱଳ୍ପ ସମୟସୀମା ମଧ୍ୟରେ ଲକ୍ଷ୍ୟ ସ୍ଥିର କରି ତାକୁ କାର୍ଯ୍ୟକାରୀ କଲେ ଜଳବାୟୁ ପରିବର୍ତ୍ତନଜନିତ ବିଭୀଷିକାକୁ ବହୁମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ବୁନ୍ଦି, ବେସନ, ନଡ଼ିଆ ଏବଂ ଚକୋଲେଟ ଆଦି ଲଡ୍ଡୁ ଖାଇଛନ୍ତି, ହେଲେ ଛତୁ ଲଡ୍ଡୁ କେବେ ଖାଇଛନ୍ତି କି? ଏମିତିକା ଲଡ୍ଡୁ ପ୍ରସ୍ତୁତ କରୁଛନ୍ତି ହରିୟାଣାର ଅଶୋକ କୁମାର ବଶିଷ୍ଠ। ତାଙ୍କ ହାତ ତିଆରି ଛତୁ ଲଡ୍ଡୁର ଚାହିଦା ଏବେ ହରିୟାଣା ବ୍ୟତୀତ ଦିଲ୍ଲୀ, ରାଜସ୍ଥାନ ଓ ପଞ୍ଜାବରେ ବେଶ ଆଦୃତ ହୋଇପାରିଛି। ଜିନ୍ଦ ନିବାସୀ ଅଶୋକ ୧୦ମ ଶ୍ରେଣୀ ଯାଏ ପଢ଼ିଛନ୍ତି। ପଢ଼ା ପରେ ବିଭିନ୍ନ ପ୍ରକାର ଶସ୍ୟ ଓ ପନିପରିବା ଚାଷ କରୁଥିଲେ। ପରେ ଛତୁଚାଷ ଆରମ୍ଭ କରି ମୁର୍‌ଥାଲ ମସ୍‌ରୁମ ରିସର୍ଚ୍ଚ ସେଣ୍ଟର (ମୁର୍‌ଥାଲ)ର ଗବେଷକ ଡ. ଅଜୟ ସିଂ ଯାଦବଙ୍କ ତତ୍ତ୍ୱାବଧାନରେ ଏହାକୁ ବଢ଼ାଇବା ସହ ପ୍ରଚୁର ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ରିସର୍ଚ୍ଚ ସେଣ୍ଟର ସହାୟତାରେ ସେ ଘରେ ଛତୁରୁ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତ କରିବା ଆରମ୍ଭ କରି ସେଥିରେ ସଫଳତା ପାଇବା ସହ ମାସକୁ ପାଖାପାଖି ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅଶୋକ ଏବଂ ତାଙ୍କ ସ୍ତ୍ରୀ ସୁନିତା ଛତୁରୁ ଲଡ୍ଡୁ, ଜାମ୍, ଆଚାର ଓ ଚଟଣି ଆଦି ୮୦ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହାକୁ ସେ ଏବେ ଦିଲ୍ଲୀ, ରାଜସ୍ଥାନ ଓ ପଞ୍ଜାବକୁ ପଠାଉଛନ୍ତି ଓ ଆଗାମୀ ଦିନରେ ଅନ୍ୟ ରାଜ୍ୟରେ ତାଙ୍କ ବ୍ୟବସାୟ ଆରମ୍ଭ କରିବେ ବୋଲି କହିଛନ୍ତି ଅଶୋକ। ଅଶୋକଙ୍କ ପ୍ରସ୍ତୁତ ଉତ୍ପାଦକୁ ମଧ୍ୟ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଆଇ) ସ୍ୱୀକୃତି ମିଳିଛି। ମସ୍‌ରୁମ୍ ରିସର୍ଚ୍ଚ ସେଣ୍ଟର ସହ ଏଥିରେ ହରିୟାଣା କୃଷି ବିଜ୍ଞାନ କେନ୍ଦ୍ର ମଧ୍ୟ ସହଯୋଗର ହାତ ବଢ଼ାଇଛି। ଛତୁରୁ ସ୍ୱାଦିଷ୍ଟ ଉତ୍ପାଦ ପ୍ରସ୍ତୁତ କରିବା ଏବେ ନୂତନ ପିଢ଼ିର ଚାଷୀଙ୍କ ପାଇଁ ନୂଆ ବାଟ ଦେଖାଇବା ସହ ନିଯୁକ୍ତି ସୃଷ୍ଟି କରିବ ବୋଲି କହନ୍ତି ଅଶୋକ। ସେ ମଧ୍ୟ ତାଙ୍କ ଚାଷ ଓ ବ୍ୟବସାୟରେ ଅନେକଙ୍କୁ ନିଯୁକ୍ତି ଦେଇଛନ୍ତି। ମହର୍ଷି ବଶିଷ୍ଠ ମସ୍‌ରୁମ୍ ମାର୍କାରେ ତାଙ୍କ ଉତ୍ପାଦକୁ ବିକ୍ରି କରୁଛନ୍ତି ଓ ଏହା ଏଫ୍‌ଏସ୍‌ଏସ୍‌ଆଇର ସ୍ୱୀକୃତି ପାଇଛି। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ମଧ୍ୟ ଏହି କାର୍ଯ୍ୟ ଲାଗି ହରିୟାଣା ସରକାର ସମ୍ମାନିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜାନୁୟାରୀ ୧୯୯୭

- ଆମେରିକା ଲାଗି ଗୁପ୍ତଚର ବୃତ୍ତି ପାଇଁ ଲିବିୟା ସରକାର ଦେଶର ୨ ଜଣ ବରିଷ୍ଠ ସାମରିକ ଅଫିସରଙ୍କ ସମେତ ୮ ଜଣଙ୍କୁ ପ୍ରାଣଦଣ୍ଡ ଦେଇଛନ୍ତି।
- ନୂଆବର୍ଷ ପାଳନ ବେଳେ ରାଜଧାନୀ ଜାକର୍ତ୍ତାଠାରୁ ୬୦ କିମି ଦୂରରେ ଏକ ସଡ଼କ ଦୁର୍ଘଟଣା ଘଟି ୧୧ ଜଣଙ୍କ ମୃତ୍ୟୁ।
- ଚେନ୍ନାଇର ଆମ୍ବାତୁରସ୍ଥିତ ମୁରୁଗାପା ଗ୍ରୁପ୍‌ର ଟି.ଆଇ. ସାଇକେଲ କାରଖାନାରେ ଅଗ୍ନିକାଣ୍ଡ ଘଟି ରପ୍ତାନି ପାଇଁ ରଖାଯାଇଥିବା ପ୍ରାୟ ୪ ହଜାର ୩୦୦ ସାଇକେଲ ଜଳିପୋଡ଼ି ଛାରଖାର ହୋଇଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | 8 |
| 3 | | | | | | | | |
| | 4 | | | 1 | 9 | 7 | | |
| | | 7 | 2 | | 6 | 4 | | |
| | | | | | 1 | | | 3 |
| 5 | | 4 | | | | | | 7 |
| 9 | | | | 7 | | | | |
| 6 | 5 | | 9 | 3 | | | | |
| | | | 1 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 7 | 3 | 8 | 2 | 4 | 9 | 1 |
| 4 | 2 | 1 | 5 | 9 | 7 | 3 | 8 | 6 |
| 9 | 8 | 3 | 6 | 1 | 4 | 2 | 5 | 7 |
| 8 | 9 | 4 | 1 | 3 | 5 | 6 | 7 | 2 |
| 3 | 1 | 5 | 2 | 7 | 6 | 9 | 4 | 8 |
| 6 | 7 | 2 | 9 | 4 | 8 | 5 | 1 | 3 |
| 2 | 5 | 8 | 7 | 6 | 9 | 1 | 3 | 4 |
| 1 | 4 | 9 | 8 | 2 | 3 | 7 | 6 | 5 |
| 7 | 3 | 6 | 4 | 5 | 1 | 8 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାଳିକାମାନଙ୍କର ବିବାହ ବୟସ

ମହାଶୟ,
ଆଇନ ଅନୁଯାୟୀ ୧୮ ବର୍ଷ ନ ହେବାଯାଏ ପିଲାଏ ନାବାଳକ ବା ନାବାଳିକା ଭାବେ ଗଣନା ହୋଇଥା'ନ୍ତି। ବର୍ତ୍ତମାନ ଏକ ନୂଆ ଆଇନ ବାଳିକାମାନଙ୍କ ବିବାହ ସମ୍ବନ୍ଧରେ ପ୍ରକାଶ ପାଇଛି, ଯାହାକି ପୂର୍ବ ଆଇନକୁ ବିରୋଧ କରିବା ସହ ମା'ବାପାମାନଙ୍କ ମାନସିକ ଚାପ ବଢ଼ାଇ ଦେଇଛି। ସାଧାରଣତଃ ଯେଉଁ ମା'ବାପାଙ୍କର ଝିଅ ଥାଆନ୍ତି, ୧୮ ବର୍ଷ ଆରମ୍ଭରୁ ସେମାନେ ଝିଅମାନଙ୍କୁ ବିବାହ ଦେଇ ଚିନ୍ତାମୁକ୍ତ ହେବାକୁ ଚେଷ୍ଟା କରିଥା'ନ୍ତି। କାରଣ ସବୁ ମାତାପିତା ସେମାନଙ୍କୁ ଅଧିକ ସମୟ ନିକଟରେ ରଖି ପାଠ ପଢ଼ାପଢ଼ି ଦିଗରେ ଆଗକୁ ନେବା ପାଇଁ ଅକ୍ଷମ ଅଛନ୍ତି। ସେମାନେ ୨୧ ବର୍ଷ ପର୍ଯ୍ୟନ୍ତ ଝିଅଟିକୁ ଲାଳନପାଳନ ପୂର୍ବକ ସମ୍ଭାଳିବାରେ କଷ୍ଟ ଅନୁଭବ କରିଥା'ନ୍ତି। ଯେହେତୁ ସବୁ ଝିଅ ଉଚ୍ଚ ଶିକ୍ଷା ଲାଭ କରି ଧନ ଅର୍ଜନ କରିବାରେ ସମର୍ଥ ନ ଥା'ନ୍ତି। ସର୍ବୋପରି ଦେଖିବାକୁ ଗଲେ ଯଦି ଝିଅ କିମ୍ବା ପୁଅ ୧୮ ବର୍ଷର ହେଲେ ଭୋଟ କାର୍ଡ଼ ଅର୍ଜନ କରିବାକୁ ସମର୍ଥ ହେଉଛନ୍ତି ଓ ବ୍ୟାଙ୍କମାନଙ୍କରେ ଖାତା ଖୋଲି ଟଙ୍କା ନେଣଦେଣ କରିବାକୁ ସମର୍ଥ ହୋଇପାରୁଛି, ତେବେ ଝିଅଟିଏ ୨୧ ବର୍ଷ ଅତିକ୍ରମ କଲାପରେ ବିବାହଯୋଗ୍ୟା ହେବା ଅସଂଗତ ମନେହୁଏ। ଏହି ନୂଆ ଆଇନ ସ୍ୱାଗତଯୋଗ୍ୟ ନୁହେଁ। ଏହା ଜନସାଧାରଣଙ୍କୁ ଭ୍ରମରେ ପକାଉଛି। ଉକ୍ତ ନୂଆ ଆଇନକୁ ପୁନର୍ବାର ବିଚାରବିମର୍ଶ କରିବା ଉଚିତ ମନେହୁଏ।

**-ମହେଶ୍ୱର ନାୟକ, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଚଇତନ ଡାକିଥିଲା
ଆଜି ତାର ପାଲାପୂଜା
କିଏ ଯିବ ପାଲା ଦେଖି
ଘରେ ନାହିଁ ଚୁଡ଼ାଭଜା !
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୂଜା-ପ୍ରଭାସଙ୍କ ରାଧେ ଶ୍ୟାମ



**ମୁମ୍ବାଇ:** ନୂଆ ବର୍ଷରେ ନୂଆ ଝଲକ୍‌ରେ ନଜର ଆସିବେ ଅଭିନେତା ପ୍ରଭାସ ଓ ଅଭିନେତ୍ରୀ ପୂଜା ହେଗ୍‌ଡେ। ଚଳିତ ମାସ ୧୪ ତାରିଖରେ ବଡ ପରଦାରେ ଆସିବ ରାଧା କ୍ରିଷ୍ଣା କୁମାରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ରାଧେ ଶ୍ୟାମ'। କରୋନା ସଂକ୍ରମଣ ବଢିବା କାରଣରୁ ସିନେମାର ରିଲିଜ୍ ତାରିଖ ଘୁଞ୍ଚିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲା। ତେବେ ମିଡିଆ ଫିଲ୍ମର ପିଆର୍‌ମାନେ ୩୫୦ କୋଟି ବଜେଟ୍‌ରେ ହେଉଥିବା ଚଳଚ୍ଚିତ୍ର ମକର ସଂକ୍ରାନ୍ତିକୁ ସିନେମା ହଲ୍‌ରେ ରିଲିଜ୍ ହେବ ବୋଲି ସ୍ପଷ୍ଟ କରିଛନ୍ତି। ୨୦୨୧ ଡିସେମ୍ବର ୨୩ ରେ ରାଧେ ଶ୍ୟାମର ୩ ମିନିଟ୍ ୫ ସେକେଣ୍ଡର ଟ୍ରେଲର ରିଲିଜ ହୋଇଥିଲା। ଯାହାକି ଦର୍ଶକଙ୍କୁ ଫିଲ୍ମ ଦେଖିବାକୁ ଆକୃଷ୍ଟ କରିଛି। ସିନେମାରେ ଭରି ରହିଛି ଭଲପାଇବା, ରୋମାନ୍ସ, ବିଚ୍ଛେଦ ଏବଂ ଆକ୍ସନ। ଯାହା ଫିଲ୍ମଟି ସିନେ ପ୍ରେମୀଙ୍କୁ ଅଧିକ ପସନ୍ଦ ଆସିବ ବୋଲି ଆଶା କରାଯାଉଛି।

# ଦ୍ୱୀପରେ ଅଙ୍ଗୁଳି ଚିହ୍ନ



ବୌଭେଲ୍‌ଜେଲାକ୍: ପୃଥିବୀରେ ବହୁତ ଦ୍ୱୀପ ରହିଛି। ତା ମଧ୍ୟରୁ ଏପରି ଏକ ଦ୍ୱୀପ ଅଛି, ଯାହାକି ଦେଖିବାକୁ ଅଙ୍ଗୁଳି ଛାପ ସଦୃଶ। ଏହି ଦ୍ୱୀପ ସିବେନିକ୍ ଅର୍ଚ୍ଚିପେଲାଗୋର ୨୪୯ ଦ୍ୱୀପ ମଧ୍ୟରୁ ଅନ୍ୟତମ ଛୋଟ ଦ୍ୱୀପ। ଦ୍ୱୀପର ନାମ ହେଉଛି 'ବୌଭେଲ୍‌ଜେଲାକ୍'। ଏହାକୁ ବୌଲଜେନିକ୍ ମଧ୍ୟ କୁହାଯାଏ। କୌପ୍ରିଜ୍ ଦ୍ୱୀପର କୃଷକମାନେ କୃଷି କାର୍ଯ୍ୟ ପାଇଁ ଏହି ଦ୍ୱୀପକୁ ବ୍ୟବହାର କରିଥାନ୍ତି। ଏଠାରେ ରହୁଥିବା ଲୋକ ସମ୍ପୂର୍ଣ୍ଣ ଶାକାହାରୀ। ଦ୍ୱୀପର କାନ୍ଥ ସବୁ ସୂକ୍ଷ୍ମତାର ସହ ପଥର ମାଧ୍ୟମରେ ଯୋଡିହୋଇ ରହିଛନ୍ତି। ଗୁଗୁଲ ଆର୍ଥରେ ଦ୍ୱୀପକୁ ଖୋଜିଲେ ଏହା ଅଙ୍ଗୁଳି ଛାପ ସଦୃଶ ନଜର ଆସିଥାଏ। ଏହି ଦ୍ୱୀପକୁ ୧୮୦୦ ମସିହାରେ ତିଆରି କରାଯାଇଥିଲାବେଳେ ଏହାକୁ ୨୦୧୮ରେ ସଂରକ୍ଷିତ କରାଯାଇଥିଲା। ଏହି ଦ୍ୱୀପଟି ୨୩ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ।

# ଦୁନିଆର ସବୁଠୁ ଶକ୍ତିଶାଳୀ ପ୍ରାଣୀ



**ବ୍ରସେଲସ୍:** ଦୁନିଆରେ ଅନେକ ପ୍ରକାର ପ୍ରାଣୀ ଅଛନ୍ତି। ଏହି ପ୍ରାଣୀଙ୍କ ମଧ୍ୟରୁ କେତେକ ଭୟଙ୍କର, ଆଉ କେତେକ ଶାନ୍ତ ସ୍ୱଭାବର। କେତେକ ମାଂସାହାରି ହୋଇଥିବାବେଳେ ଅନ୍ୟମାନେ ଶାକାହାରି। କେତେକ ପଶୁ ଶକ୍ତିଶାଳୀ, କେତେକ ଦୁର୍ବଳ। କେତେକ ପଶୁ ବହୁତ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ବିପଜ୍ଜନକ ନୁହନ୍ତି। ଏହି ପଶୁମାନେ ପ୍ରକୃତିରେ ଶାନ୍ତ, କିନ୍ତୁ ଅନ୍ୟ ପଶୁମାନଙ୍କ ଅପେକ୍ଷା ସେମାନଙ୍କର ଅଧିକ ଶକ୍ତି ଅଛି। ଶକ୍ତି ଦୃଷ୍ଟିରୁ ଭୟଭୀତ ପଶୁମାନେ ମଧ୍ୟ ସେମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ବେଲଜିୟମ ବ୍ଲୁ ଷଣ୍ଢ ଦୁନିଆର ସବୁଠାରୁ ଶକ୍ତିଶାଳୀ ପଶୁମାନଙ୍କ ମଧ୍ୟରୁ ଅନ୍ୟତମ। ଏହି ଷଣ୍ଢ ସିଂହ କିମ୍ବା ବାଘ ପରି ବିପଜ୍ଜନକ ନୁହେଁ, କିନ୍ତୁ ସେମାନଙ୍କଠାରୁ ବହୁଗୁଣରେ ଶକ୍ତିଶାଳୀ। ଏପରିକି ଏହି ଷଣ୍ଢ ୧୨୦୦ କିଲୋଗ୍ରାମ ଏବଂ ସେ ଅତି ସହଜରେ ୯୦୦ କିଲୋଗ୍ରାମ ଓଜନ ଉଠାଇ ପାରେ।













































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁଆରୀ ୩/୨୦୨୨ Bhubaneswar, Monday, January 3/ 2022

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ଜୋହାନ୍ସବର୍ଗ, ୨।୧**

ଏକ ଐତିହାସିକ ସିରିଜ ବିଜୟ ହାସଲ କରିବା ପାଇଁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ପ୍ରସ୍ତୁତି ଶେଷ କରିଛି। ସ୍ଥାନୀୟ ୱାଣ୍ଡରର୍ସ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ନୂଆବର୍ଷରେ ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଥିବା ବେଳେ ଏଥିରେ ବିଜୟୀ ହେଲେ ଭାରତ ଦକ୍ଷିଣ ଆଫ୍ରିକା ମାଟିରେ ଇତିହାସରେ ପ୍ରଥମଥର ପାଇଁ ସିରିଜ ବିଜୟ ହାସଲ କରିବାର ଗୌରବ ଅର୍ଜନ କରିବ। ସେଞ୍ଚୁରିଅନରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୧୧୩ ରନରେ ବିଜୟ ହାସଲ କରି ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।

୨୦୧୮ରେ ଭାରତ ଏହି ଗ୍ରାଉଣ୍ଡରେ ବୃହତ୍ ବିଜୟ ହାସଲ କରିଥିଲା ଓ ଏକ ଶକ୍ତିଶାଳୀ ଭାରତୀୟ ଦଳ ଗଠନର ପ୍ରକ୍ରିୟା ଏଠାରେ ଆରମ୍ଭ ହୋଇଥିଲା। ସେବେଠାରୁ ଭାରତର ଜୟଯାତ୍ରା ଜାରି ରହିଛି। ବିଶ୍ୱର ପ୍ରାୟ ସବୁ ସ୍ଥାନରେ ଭାରତ ଶକ୍ତିଶାଳୀ ଦଳଗୁଡ଼ିକୁ ହରାଇଛି। ଗତ ୪ ବର୍ଷ ମଧ୍ୟରେ ଭାରତ ଟେଷ୍ଟ ଫର୍ମାଟ୍‌ରେ ନିଜର ଦକ୍ଷତା ପ୍ରମାଣ କରିଛି। ଯଦି ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟ ହାସଲ କରେ ତାହାହେଲେ ଅଧିନାୟକ କୋହଲିଙ୍କ ପାଇଁ ଏହା ବିଶେଷ ଭାବେ ମହତ୍ତ୍ୱ ରଖିବ। ଏହି ସିରିଜରେ ବିଜୟୀ ହେଲେ କୋହଲି ଭାରତର ଅନ୍ୟତମ ଶ୍ରେଷ୍ଠ ଅଧିନାୟକର ମାନ୍ୟତା ହାସଲ କରିବେ। ନ୍ୟୁଜିଲାଣ୍ଡକୁ ବାଦ୍ ଦେଲେ ଭାରତ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ସେମାନଙ୍କ ଘରୋଇ ମାଟିରେ ପରାସ୍ତ କରିବାର ଗୌରବ ଅର୍ଜନ କରିବ। ଦକ୍ଷିଣ ଆଫ୍ରିକା ପୂର୍ବପରି ଶକ୍ତିଶାଳୀ ଥିବାପରି ମନେହେଉନାହିଁ। ପୂର୍ବପରି ଗ୍ରେମ୍ ସ୍ମିଥ୍‌ଙ୍କ ଚମକ, ହାସିମ ଅମ୍ଲାଙ୍କ କ୍ୱାଲିଟି ବ୍ୟାଟିଂ, ଜ୍ୟାକ କାଲିସ୍‌ଙ୍କ ବିଶ୍ୱସ୍ତରୀୟ ଅଲରାଉଣ୍ଡ କ୍ୱାଲିଟି, ଡେଲ ଷ୍ଟେଇନ ଓ ମର୍ନ ମୋର୍କେଲଙ୍କ କ୍ୱାଲିଟି ପେସ୍ ବୋଲିଂ ଏବେ ଦକ୍ଷିଣ ଆଫ୍ରିକା ଦଳରେ ଦେଖିବାକୁ ମିଳୁନି। ତେଣୁ ଭାରତ ଏହି ସୁବର୍ଣ୍ଣ ସୁଯୋଗର ସଦ୍‌ବ୍ୟବହାର କରିବା ଲକ୍ଷ୍ୟରେ ରହିଛି।

ତେବେ ଦକ୍ଷିଣ ଆଫ୍ରିକା ଦଳରେ କାଗିସୋ ରାବାଡ଼ା, ଲୁନ୍‌ଗି ଏନ୍‌ଗିଡିଙ୍କ ଭଳି କ୍ୱାଲିଟି ପେସ୍ ବୋଲର ରହିଛନ୍ତି। କିନ୍ତୁ ଉଇକେଟକିପର ବ୍ୟାଟର କ୍ୱିଣ୍ଟନ ଡିକକ୍ ମାତ୍ର ୨୯ ବର୍ଷରେ ଟେଷ୍ଟ ଫର୍ମାଟରୁ ହଠାତ୍ ଅବସର ଘୋଷଣା କରିବା ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ଦକ୍ଷିଣ ଆଫ୍ରିକାର ଏହି ଟ୍ରାନ୍‌ଜିଶନ ପିରିୟଡ ଦୀର୍ଘବର୍ଷ ଧରି ଚାଲି ଆସିଥିଲେ ମଧ୍ୟ ଏହା ଆଗକୁ ଜାରି ରହିବା ଭଳି ମନେହେଉଛି। ଡିକକ୍‌ଙ୍କ ଅନୁପସ୍ଥିତିରେ ୨୫ ବର୍ଷୀୟ ଉଇକେଟକିପର ରିଆନ ରିକ୍ଲେଟନ ଟେଷ୍ଟ ପଦାର୍ପଣକରିବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ (ଉପ- ଅଧିନାୟକ), ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଶ୍ରେୟାଶ ଆୟାର, ରିଷଭ ପନ୍ତ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ମହମ୍ମଦ ସିରାଜ, ଅଜିଙ୍କ୍ୟ ରାହାନେ, ରିଦ୍ଧିମାନ ଶାହା (ଉଇକେଟକିପର), ଜୟନ୍ତ ଯାଦବ, ପ୍ରିୟଙ୍କ ପଞ୍ଚାଲ, ଉମେଶ ଯାଦବ, ହନୁମା ବିହାରୀ ଓ ଇଶାନ୍ତ ଶର୍ମା।

**ଦକ୍ଷିଣ ଆଫ୍ରିକା ଦଳ:** ଡିନ୍ ଏଲଗାର (ଅଧିନାୟକ), ଟେମ୍ବା ବଭୁମା (ଉପ- ଅଧିନାୟକ), କାଗିସୋ ରାବାଡ଼ା, ସାରେଲ ଏରୱି, ବେଉରାନ ହେଣ୍ଡ୍ରିକ୍ସ, ଜର୍ଜ ଲିଣ୍ଡେ, କେଶବ ମହାରାଜ, ଲୁନ୍‌ଗି ଏନ୍‌ଗିଡି, ଏଡେନ ମାରାକ୍ରାମ, ୱିଆନ ମୁଲ୍ଡର, କିଗାନ ପିଟରସନ, ରାସି ଭାନ ଡେର ଡୁସେନ, କାଏଲ ଭେରେନ୍, ମାର୍କୋ ଜାନସେନ, ଗ୍ଲେଣ୍ଟନ ଷ୍ଟୁରମ୍ୟାନ, ପ୍ରେନେଲାନ ସୁବ୍ରେନ, ସିସାନ୍ଦା ମାଗାଲା, ରିୟାନ ରିକ୍ଲେଟନ ଓ ଡୁଆନ ଓଲିଭର।


ରବିବାର ନେଟ୍ସ ସେସନରେ ଦ୍ରୁତ ବୋଲର ଉମେଶ ଯାଦବ।

**ଦ୍ୱିତୀୟ ଟେଷ୍ଟ ଆଜିଠାରୁ**
ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧.୩୦
ସ୍ଥାନ: ୱାଣ୍ଡରର୍ସ, ଜୋହାନ୍ସବର୍ଗ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ



ଗୋଆର ତିଳକ ମୈଦାନ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚରେ ଗୋଲ ଦେବା ପରେ ଏଫ୍‌ସି ଗୋଆର ଇଡୁ ବେଡିଆ ଓ କେରଳ ବ୍ଲାଷ୍ଟର୍ସ ଏଫ୍‌ସିର ଆଡ୍ରିଆନ ଲୁନାଙ୍କ ପ୍ରତିକ୍ରିୟା।

# କେରଳ-ଗୋଆ ମ୍ୟାଚ୍ ଡ୍ର

**ଭାସ୍କୋ, ୨।୧:** ଇଣ୍ଡିଆନ ସୁପରଲିଗ୍‌ରେ ରବିବାର କେରଳ ବ୍ଲାଷ୍ଟର୍ସ ଏବଂ ଗୋଆ ଏଫ୍‌ସି ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ମ୍ୟାଚର ୧୦ମ ମିନିଟରେ କେରଳର ଜ୍ୟାକସନ ସିଂ ଏବଂ ୨୦ତମ ମିନିଟରେ ଆଡ୍ରିଆନ ଲୁନା ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ପରେ ଗୋଆ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୨୪ତମ ମିନିଟରେ ଜର୍ଜ ଓର୍ଟିଜ ମେଣ୍ଡୁଜା ଏବଂ ତାରକା ଖେଳାଳି ଏଡୁ ବେଡିଆ ୩୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଦେବାରୁ ପ୍ରଥମାର୍ଦ୍ଧ ଶେଷବେଳକୁ ମ୍ୟାଚ ସମାନ ସ୍ତରକୁ ଚାଲିଆସିଥିଲା। ଅଗ୍ରଣୀ ନେବାପାଇଁ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣ ପ୍ରତିଆକ୍ରମଣକୁ ଜୋରଦାର କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଏହି ମ୍ୟାଚ ପରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ୯ ମ୍ୟାଚରୁ ୩ ବିଜୟ, ୫ ଡ୍ର ଓ ୧ ପରାଜୟ ସହ ୧୪ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଗୋଆ ୯ ମ୍ୟାଚରୁ ୯ ପଏଣ୍ଟ ସହିତ ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।

# କୋହଲିଙ୍କ ସପକ୍ଷରେ ଦ୍ରାବିଡ

**ଜୋହାନ୍ସବର୍ଗ, ୨।୧ (ପି.ଟି.)**

ଭାରତ ଟେଷ୍ଟ ଅଧିନାୟକ ବିରାଟ କୋହଲିଙ୍କ ସପକ୍ଷରେ ମୁହଁ ଖୋଲିଛନ୍ତି ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ। ସେ କହିଛନ୍ତି, ସୁପରଷ୍ଟାର ବ୍ୟାଟରଙ୍କ ଦିନିକିଆ କାର୍ଯ୍ୟକାଳ ଯେପରି ଭାବେ ପରିସମାପ୍ତି ଘଟିଲା ସେ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହ ତାଙ୍କର ବାକ୍ୟବିନିମୟ ଜାରି ରହିଛି। କ୍ରିକେଟ ମହଲରେ ଏହାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ହେଲେ ଏହା ସତ୍ତ୍ୱେ ଖୁବ୍ ନିକଟରେ କୋହଲି ବଡ଼ ସ୍କୋର କରିବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ଟି୨୦ ଅଧିନାୟକତ୍ୱ ତ୍ୟାଗ କରିବା ଓ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ପଦବୀରୁ ବହିଷ୍କୃତ ପ୍ରସଙ୍ଗରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ବିରୋଧାତ୍ମକ ବକ୍ତବ୍ୟ ପରଠାରୁ କୋହଲି ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଅନୁପସ୍ଥିତ ରହୁଛନ୍ତି। ଏହା ପଛରେ କି କାରଣ ରହିଛି ବୋଲି ପଚରାଯିବାରେ ଦ୍ରାବିଡ କହିଥିଲେ ବିଶେଷ କିଛି କାରଣ ଥିବା ଭଳି ତାଙ୍କର ମନେ ହେଉନାହିଁ। କୋହଲି ମାନସିକ ସ୍ତରରେ ସୁଦୃଢ଼ ରହିଛନ୍ତି। ତାଙ୍କର ନୈତିକ ମନୋବଳ ମଧ୍ୟ ଉଚ୍ଚା ରହିଛି। ଅଧିନାୟକ ହିସାବରେ ଖେଳାଳିମାନଙ୍କ ସହ ଭଲ ଯୋଗସୂତ୍ର ରହିଛି। ସେ ଯେପରି ଭାବେ ଅଭ୍ୟାସ ଚଳାଇଛନ୍ତି ଆଗକୁ ତାଙ୍କଠାରୁ ଭଲ ବ୍ୟାଟିଂ ଦେଖିବାକୁ ମିଳିବ ବୋଲି ଆଶା।

କୋହଲି କିନ୍ତୁ ତାଙ୍କ ୧୦୦ ତମ ଟେଷ୍ଟ ଖେଳିବା ପୂର୍ବରୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହିବେ। ସେତେବେଳେ ସେ ସମସ୍ତ ପ୍ରଶ୍ନର ଉତ୍ତର ଦେଇପାରନ୍ତି ବୋଲି ଦ୍ରାବିଡ କହିଛନ୍ତି। ଜାନୁୟାରୀ ୧୧ରୁ କେପ୍ ଟାଉନ୍‌ଠାରେ ଆରମ୍ଭ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ମ୍ୟାଚ ହେବ କୋହଲିଙ୍କ ୧୦୦ତମ ଟେଷ୍ଟ। ଦକ୍ଷିଣ ଆଫ୍ରିକା ଟୁର୍ ପୂର୍ବରୁ ବିସିସିଆଇ ସଭାପତି ଗାଙ୍ଗୁଲିଙ୍କ ବୟାନକୁ ଖଣ୍ଡନ କରି ବିବୃତି ଦେଇ କୋହଲି କ୍ରିକେଟ ମହଲରେ ଝଡ଼ ସୃଷ୍ଟି କରିଥିଲେ। କୋହଲି ୨୦ଟି ଅଧିନାୟକ ପଦବୀ ଛାଡ଼ିବା ପୂର୍ବରୁ ତାଙ୍କୁ ନିଷ୍ପତ୍ତିରୁ ଓହରିଯିବା ଲାଗି କୁହାଯାଇଥିଲା ବୋଲି ଗାଙ୍ଗୁଲି ଯାହା କହିଛନ୍ତି ତାହା ଠିକ୍ ନୁହେଁ ବୋଲି ଭାରତୀୟ ଟେଷ୍ଟ ଅଧିନାୟକ କହିଥିଲେ। ତେବେ ପରବର୍ତ୍ତୀ କାଳରେ ମୁଖ୍ୟ ଚୟନକର୍ତ୍ତା ଚେତନ ଶର୍ମା କୋହଲିଙ୍କ ବକ୍ତବ୍ୟକୁ ଖଣ୍ଡନ କରିଥିଲେ। ସେ କହିଥିଲେ, ଅତି କମ୍‌ରେ ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଅଧିନାୟକ ପଦବୀରେ ରହିବା ଲାଗି ବୋର୍ଡର ସମସ୍ତ କର୍ମକର୍ତ୍ତା କୋହଲିଙ୍କୁ ଅନୁରୋଧ କରିଥିଲେ। କୋହଲିଙ୍କ ବ୍ୟାଟିଂ ଫର୍ମକୁ ନେଇ ଏବେ ଚର୍ଚ୍ଚା ହେଉଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଟେଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ରହିଛି। କୋହଲି ଗତ ଦୁଇ ବର୍ଷ ହେଲା ଭାରତକୁ ଭଲ ଆରମ୍ଭ ଦେଇପାରୁ ନାହାନ୍ତି। ଅଫ୍ ଷ୍ଟମ୍ପ ବାହାରେ ତାଙ୍କ ଖେଳକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ହେଲେ କୋହଲି ବର୍ତ୍ତମାନ ଯେପରି ପ୍ରାକ୍ଟିସ ଚଳାଇଛନ୍ତି ଖୁବ୍‌ଶୀଘ୍ର ଏହା ତାଙ୍କ ବ୍ୟାଟିଂରେ ପ୍ରତିଫଳିତ ହେବ ବୋଲି ଭାରତର ପୂର୍ବତନ ଅଧିନାୟକ ଦ୍ରାବିଡ ପ୍ରକାଶ କରିଛନ୍ତି।


ବିରାଟ କୋହଲିଙ୍କ ବ୍ୟାଟିଂ ଅଭ୍ୟାସ।

**ଗୌତମ ଗମ୍ଭୀର**

# ଶାର୍ଦ୍ଦୁଳଙ୍କ ସ୍ଥାନରେ ଉମେଶ

ସୁଇଜରଲାଣ୍ଡରେ ସପରିବାର ଛୁଟି କଟାଇବା ପରେ ରବିବାର ସନ୍ଧ୍ୟାରେ ମୁଁ ଘରକୁ ଫେରିଲି। ସେ ଦେଶର ବରଫାବୃତ୍ତ ଅଞ୍ଚଳରେ ଆମେ ସ୍କିଂ, ସ୍ନୋବଲ୍ ଫାଇଟ୍‌ର ମଜା ନେଇଥିଲୁ। ପ୍ରଥମ ଥର ମୁଁ ମୋର ସେଲ୍‌ଫି ଫଟୋ ଉଠାଇଥିଲି। ମୋଟ ଉପରେ ଛୁଟି ଭଲରେ କଟିଥିଲା। ଛୁଟିରେ ଥାଇ ମଧ୍ୟ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ମ୍ୟାଚ ଉପରେ ମୋର ନଜର ରହିଥିଲା। ମ୍ୟାଚରେ ଭାରତର ପ୍ରଦର୍ଶନ ଖୁବ୍ ଭଲ ରହିଥିଲା। ହେଲେ ସେମାନେ ୪୦୦ରୁ ଅଧିକ ରନ ସଂଗ୍ରହ କରିଥିଲେ ମୋତେ ଖୁସି ଲାଗିଥାନ୍ତା। ସେଞ୍ଚୁରିଅନଠାରେ କେ.ଏଲ. ରାହୁଲ ଓ ମୟଙ୍କ ଅଗ୍ରୱାଲ ଦଳକୁ ଭଲ ଆରମ୍ଭ ଦେଇଥିଲେ। ମାତ୍ର ମିଡଲ ଅର୍ଡରରେ ଅବଦାନ ଯଥେଷ୍ଟ ନ ରହିବାରୁ ଭାରତ ୩୨୭ରନରେ ସୀମିତ ହୋଇଯାଇଥିଲା। ଭାରତ ସେମାନଙ୍କ ପ୍ରଭାବୀ ବୋଲିଂ ପ୍ରଦର୍ଶନ ଜରିଆରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିଥିଲା। ଫଳାଫଳ ଜାଣିବା ପରେ ହଠାତ୍ ମୁଁ ଖୁସିରେ ଡେଇଁପଡ଼ି ନ ଥିଲି। କାରଣ ସ୍କୋର ବୋର୍ଡରୁ ଖେଳର ସମସ୍ତ ବିଷୟ ଜଣାପଡ଼ି ନ ଥାଏ। କିନ୍ତୁ ପରେ ଜାଣିବାକୁ ପାଇଥିଲି ଭାରତୀୟମାନଙ୍କୁ ବିପକ୍ଷ ଦଳ କ୍ୱଚିତ ଚ୍ୟାଲେଞ୍ଜ ଦେଇଥିଲା। ଦକ୍ଷିଣ ଆଫ୍ରିକା ଦଳରେ ସମ୍ଭବତଃ ଏକ ଦୁର୍ବଳ ବ୍ୟାଟିଂ ଗ୍ରୁପ୍ ପ୍ରତିନିଧିତ୍ୱ କରୁଥିଲା। ଭାରତୀୟ ଦଳ ପକ୍ଷରୁ ମଧ୍ୟ କୌଣସି ତ୍ରୁଟି ନ ଥିଲା। ଟେଷ୍ଟ କ୍ରିକେଟରେ ମୁଭିଂ ବଲ୍ ଖେଳିବା ଲାଗି ଟପ୍ କ୍ଲାସ ସ୍କିଲ୍‌ର ଆବଶ୍ୟକତା ରହିଛି। ଦକ୍ଷିଣ ଆଫ୍ରିକା ଏଥିଲାଗି ନିଜକୁ ଭଲରୂପେ ପ୍ରସ୍ତୁତ କରିଥିବ ନିଶ୍ଚୟ।

ସମୁଦ୍ରପତନଠାରୁ ବହୁ ଉଚ୍ଚରେ ରହିଥିବା ଜୋହାନ୍ସବର୍ଗରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯିବ। ଏହି ଗ୍ରାଉଣ୍ଡରେ ଉଭୟ ପେସ୍ ଓ ବାଉନ୍ସ ଦେଖିବାକୁ ମିଳିବ। ମୁଁ କେଉଁଠାରେ ପଢ଼ିଛି ଭାରତ ଏହି ମ୍ୟାଚ ୫ ପରିବର୍ତ୍ତେ ୪ ବୋଲରଙ୍କୁ ନେଇ ଖେଳିପାରେ। ଏହାଦ୍ୱାରା ଦଳରେ ହନୁମା ବିହାରୀ କିମ୍ବା ଶ୍ରେୟାସ ଆୟାରଙ୍କ ମଧ୍ୟରୁ ଜଣେ ଖେଳାଳିଙ୍କୁ ନେଇ ହେବ। ଅବଶ୍ୟ ଏସବୁ ଗଣମାଧ୍ୟମର କଳ୍ପନାଜଳ୍ପନା ମାତ୍ର। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ହୁଏତ ଅନ୍ୟ କ'ଣ ବିଚାର କରିଥାଇପାରେ। କିନ୍ତୁ ମୋତେ ଯଦି ପଚରାଯାଏ ତେବେ ବୋଲିଂ ଲାଇନ୍‌ଅପ୍‌ରେ ଗୋଟିଏ ପରିବର୍ତ୍ତନ ଚାହିଁବି। ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ମୁଁ ଉମେଶ ଯାଦବଙ୍କୁ ନେବାକୁ ପସନ୍ଦ କରିବି। ଉମେଶଙ୍କର ସ୍ପିଡ୍ ଉପରେ ଭଲ ନିୟନ୍ତ୍ରଣ ରହିଛି, ଏହା ହେଉଛି ତାଙ୍କର ବିଶେଷତ୍ୱ। ପ୍ରଥମ ଟେଷ୍ଟରେ ଅଜିଙ୍କ୍ୟ ରାହାନେଙ୍କୁ ଖେଳାଯିବା ସପକ୍ଷରେ ମୁଁ ନ ଥିଲି। ମାତ୍ର ପ୍ରଥମ ଇନିଂସରେ ସେ ୪୮ରନ ସଂଗ୍ରହ କରିଥିବାରୁ ଦ୍ୱିତୀୟ ଟେଷ୍ଟରେ ହୁଏତ ସେ ତାଙ୍କ ସ୍ଥାନ ବଜାୟ ରଖିପାରନ୍ତି। ବ୍ୟାଟିଂ ଅର୍ଡରରେ ଚେତେଶ୍ୱର ପୂଜାରା ୩ୟ ସ୍ଥାନ ବଜାୟ ରଖିପାରନ୍ତି। ପ୍ରଥମ ଟେଷ୍ଟରେ ବିରାଟ କୋହଲିଙ୍କ ଆଉଟକୁ ନେଇ ଅନେକ ଚର୍ଚ୍ଚା କରୁଛନ୍ତି। ହେଲେ ଏଥିରୁ ସେମାନେ ବିରତ ରହିବା ଉଚିତ। ଏହି ବ୍ୟାଟ୍ସମ୍ୟାନ ଦେଶ ଲାଗି ବହୁ ରନ ସ୍କୋର କରିଛନ୍ତି। ବର୍ତ୍ତମାନ ପାଇଁ ସେ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ନ ଖେଳି ଛାଡ଼ିଦେବା ବୁଦ୍ଧିମାନର କାର୍ଯ୍ୟ ହେବ। ନୂଆବର୍ଷ ଆସିଛି। ଭାରତୀୟ କ୍ରିକେଟର ନୂଆ ଅଧ୍ୟାୟ ଲେଖାହେବ। ବିଜୟ କିମ୍ବା ପରାଜୟ ଉପରେ ଏକତରଫା ତର୍ଜମା ନ କରି ଆମକୁ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ।

(ଦୀନେଶ ଚୋପ୍ରା/ ଗେମ୍‌ପ୍ଲାନ୍)

SEAGRAM'S
ROYAL STAG
PACKAGED DRINKING WATER

# ବରାହୀପୁର ଫୁଟବଲ: ଗୋଠପୁର ଚାମ୍ପିୟନ

**କଣ୍ଟାପଡା, ୨।୧ (ଡି.ଏନ୍.ଏ.)**

ବରାହୀପୁର ଗୋପୀନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଗୁପ୍ତମାଣିକା-ବରାହୀପୁର ପଡିଆରେ ଆୟୋଜିତ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଜୟଦୁର୍ଗା ଫୁଟବଲ ଟିମ୍ ବାରଦାକୁ ୮-୭ ଟାଇବ୍ରେକର ଗୋଲରେ ହରାଇ ମା' ମଙ୍ଗଳା ଫୁଟବଲ ଟିମ ଗୋଠପୁର ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ବାଲୁଙ୍କେଶ୍ୱର, ଷ୍ଟାର କ୍ଲବ, ପ୍ରତାପ କ୍ଲବ, ଜୟଦୁର୍ଗା କ୍ଲବ, ଜଳେଶ୍ୱର କ୍ଲବ, ମା' ମଙ୍ଗଳା କ୍ଲବ, ୟୁନାଇଟେଡ କ୍ଲବ ଓ ମା' ବରୁଣେଇ କ୍ଲବ ଆଦି ୮ଟି ଟିମ୍ ଭାଗ ନେଇଥିଲେ। ପ୍ରଥମ ସେମିରେ ବାଲୁଙ୍କେଶ୍ୱରକୁ ହରାଇ ଜୟଦୁର୍ଗା ଓ ଦ୍ୱିତୀୟ ସେମିରେ ୟୁନାଇଟେଡକୁ ହରାଇ ମା' ମଙ୍ଗଳା ଫୁଟବଲ ଟିମ୍ ଫାଇନାଲରେ ପ୍ରବେଶ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିୟନ ଦଳକୁ ଟ୍ରଫି ସହ ୭୦୦୦ ଓ ରନର୍ସ ଅପ୍ ଦଳକୁ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଗୋଠପୁରର ଶ୍ରୀହରିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଦିଆଯାଇଥିଲା। ଟୁର୍ନାମେଣ୍ଟରେ ବ୍ରହ୍ମାନନ୍ଦ ଭୋଇ, ସମୀର ଦାସ, ଦୁର୍ଗା ଆଚାର୍ଯ୍ୟ ଓ ବିଷ୍ଣୁପ୍ରିୟା ଦାସ ରେଫରି ଦାୟିତ୍ୱ ତୁଲାଇଥିଲେ।


ଟ୍ରଫି ସହ ଚାମ୍ପିୟନ ଗୋଠପୁର ଟିମର ଖେଳାଳିମାନେ।

# ହରିୟାଣା ଷ୍ଟିଲର୍ସ, ବେଙ୍ଗାଲୁରୁ ବୁଲ୍ସ ବିଜୟୀ

**ବେଙ୍ଗାଲୁରୁ, ୨।୧ (ପି.ଟି.):** ଚଳିତ ପ୍ରୋ କବାଡ଼ି ଲିଗ୍ (କେପିଏଲ୍) ସିଜନ ୮ରେ ଅଧିନାୟକ ବିକାଶ କାଣ୍ଡୋଲାଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଗୁଜରାଟ ଜିଆଣ୍ଟ୍ସ ବିପକ୍ଷରେ ହରିୟାଣା ଷ୍ଟିଲର୍ସ ୩୮-୩୬ ରେ ରୋମାଞ୍ଚକ ବିଜୟ ଲାଭ କରିଛି। ପ୍ରଥମାର୍ଦ୍ଧ ସୁଦ୍ଧା ହରିୟାଣା ବିପୁଳ ଅଗ୍ରଣୀ ଲାଭ କରିଥିଲା। ମାତ୍ର ଜିଆଣ୍ଟ୍ସ ଲଢୁଆ ପ୍ରତ୍ୟାବର୍ତ୍ତନ କରି ଅଗ୍ରଣୀ ଲାଭ କରିପାରିଥିଲା। ଷ୍ଟିଲର୍ସ ଦଳ ଆପ୍ରାଣ ଉଦ୍ୟମ କରି ଶେଷ ମୁହୂର୍ତ୍ତରେ ମ୍ୟାଚ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚରେ ପୱନ ସେରାୱତ ଷ୍ଟାର ଖେଳାଳି ଥିଲେ। ତାଙ୍କ ଉଚ୍ଚକୋଟୀର ପ୍ରଦର୍ଶନକୁ ପାଥେୟ କରି ବେଙ୍ଗାଲୁରୁ ବୁଲ୍ସ ୪୦-୨୯ରେ ପୁନେରୀ ପଲ୍‌ଟନକୁ ପରାସ୍ତ କରିଥିଲା। ଷ୍ଟାର ରେଡର ସେରାୱତ ୧୧ ପଏଣ୍ଟ ସ୍କୋର କରିଥିଲେ। ତନ୍ମଧ୍ୟରୁ ୧୦ ପଏଣ୍ଟ ସେ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ।

# ବାଂଲାଦେଶର ଲଢୁଆ ବ୍ୟାଟିଂ

**ମାଉଣ୍ଟ ମାଉନଗାନୁଇ, ୨।୧**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ଦୃଢ଼ ଜବାବ ଦେଇଛି। ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୧୦୮.୧ ଓଭରରେ ୩୨୮ ରନକରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ବାଂଲାଦେଶ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬୭ ଓଭରରେ ୨ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଛି। ଫଳରେ ୮ ଉଇକେଟ ହାତରେ ଥାଇ ବାଂଲାଦେଶ ୧୫୩ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ମାହମୁଦୁଲ ହାସନ ଜୟ ୭୦ ଓ ଅଧିନାୟକ ମୋମିନୁଲ ହକ୍ ୮ ରନକରି ଅପରାଜିତ ରହିଛନ୍ତି। ଓପନର ଶଦମାନ ଇସ୍‌ଲାମ ୨୨ ଓ ନାଜମୁଲ ହୋସେନ ସାଣ୍ଟୋ ୬୪ ରନକରି ନିଲ ୱାଗନରଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ଉଇକେଟ ଅକ୍ତିଆର କରିବା ପାଇଁ ନ୍ୟୁଜିଲାଣ୍ଡ ବୋଲରମାନେ ବେଶ୍ ସଂଘର୍ଷ କରିଥିଲେ। ତେବେ ବାଂଲାଦେଶ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ନ୍ୟୁଜିଲାଣ୍ଡ ବୋଲରଙ୍କୁ ନିରାଶ କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫୮/୫ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ରବିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ହେନେରୀ ନିକୋଲ୍ସ ୩୨ରୁ ଖେଳ ଆରମ୍ଭ କରି ୭୫ ରନ କରିଥିବା ବେଳେ ଶଦମାନ ଇସ୍‌ଲାମଙ୍କୁ କ୍ୟାଚ୍ ଦେଇ ମୋମିନୁଲ ହକ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରି ନିକୋଲ୍ସ ଶେଷ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟମ୍ ବ୍ଲଣ୍ଡେଲ ୧୧, ରଚିନ ରବିନ୍ଦ୍ର ୪, କାଏଲ ଜେମିସନ ୬, ଟିମ ସୌଦି ୬ ରନକରି ଆଉଟ ହୋଇଥିବା ବେଳେ ଟ୍ରେଣ୍ଟ ବୋଲ୍ଟ ୯ ରନକରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ଶୋରିଫୁଲ ଇସ୍‌ଲାମ ଓ ମେହଦି ହାସନ ମିରାଜ ୩ଟି ଲେଖାଏ, ମୋମିନୁଲ ହକ ୨, ଇବାଦୋତ ହୋସେନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ଅର୍ଦ୍ଧଶତକ ହାସଲ ପରେ ମାହମୁଦୁଲ ହାସନ ଜୟ ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୦୮.୧ ଓଭରରେ ୩୨୮ ଅଲଆଉଟ (କନୱେ- ୧୨୨, ୟଙ୍ଗ- ୫୨, ନିକୋଲ୍ସ- ୭୫, ଶୋରିଫୁଲ- ୩/ ୬୯, ମିରାଜ- ୩/ ୮୬, ମୋମିନୁଲ- ୨/ ୬)। ବାଂଲାଦେଶ ପ୍ରଥମ ଇନିଂସ- ୬୭ ଓଭରରେ ୧୭୫/୨ (ମାହମୁଦୁଲ- ୭୦*, ସାଣ୍ଟୋ- ୬୪, ଶଦମାନ- ୨୨, ମୋମିନୁଲ- ୮*, ୱାଗନର- ୨/୨୭)।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Monday, January 3/2022 | ପୃଷ୍ଠା-୧



**୨୦୨୨ରେ ମହାମାରୀ ଶେଷ ହେବ**

ମିଳିତ ମୁକାବିଲା ଦ୍ୱାରା ୨୦୨୨ରେ କୋଭିଡ୍ ମହାମାରୀ ଶେଷ ହେବ ବୋଲି ଡବ୍ଲ୍ୟୁଏଚ୍ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ ଘେବ୍ରେୟେସସ୍ କହିଛନ୍ତି।

୦୩

୦୮

**ଦକ୍ଷିଣ ଆଫ୍ରିକା ଦିନିକିଆ ଦଳରେ ଜାନ୍‌ସେନ୍**

ଯୁବ ଦ୍ରୁତ ବୋଲର ମାର୍କୋ ଜାନ୍‌ସେନ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକା ଦିନିକିଆ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି।



# ୮ ପରେ ଦଶମ ପିଲାଙ୍କୁ ଟିକା

## ଆଜିଠୁ ୧୫ରୁ ୧୮ ବର୍ଷ ପିଲାଙ୍କୁ ଟିକାକରଣ

- ୯୩୯ଟି ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର ପ୍ରସ୍ତୁତ
- ୧୧ ପରେ ଦ୍ୱାଦଶ ପିଲା ଟିକା ନେବେ
- ମାସକରେ ପ୍ରଥମ ଡୋଜ୍ ଟିକାଦାନ ଶେଷ ଲକ୍ଷ୍ୟ

**ଭୁବନେଶ୍ୱର, ୨୧(ବ୍ୟୁରୋ)**

ସାରା ରାଜ୍ୟରେ ସୋମବାରଠାରୁ ୧୫ରୁ ୧୮ ବର୍ଷ ବୟସର ପିଲାମାନଙ୍କ ଟିକାକରଣ ଆରମ୍ଭ ହେବ। ତେବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଥିବାରୁ ସେମାନଙ୍କ ଟିକାକରଣ ପରେ ହେବ। ୮ ତାରିଖ ପରେ ଦଶମ ଶ୍ରେଣୀ ଓ ୧୧ ତାରିଖ ପରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଟିକାଦାନ କରାଯିବ। ରବିବାର ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଦୈନିକ ଟିକାଦାନ ଅଗ୍ରଗତି ସମ୍ପର୍କରେ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟକୁ ଜଣାଇବା ପାଇଁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇ ୨୦୦୭ ସୁଦ୍ଧା ଜନ୍ମ ହୋଇଥିବା ସମସ୍ତ ଛାତ୍ରୀଛାତ୍ର ଟିକାକରଣ ଅନ୍ତର୍ଭୁକ୍ତ ହେବେ ବୋଲି କହିଥିଲେ। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ବିଦ୍ୟାଳୟ ପରିସରରେ ଟିକାଦାନ ଅନୁଷ୍ଠିତ ହେବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତ ପ୍ରସ୍ତୁତି ସରିଛି।



ଅଧକ୍ଷମାନେ ବିଦ୍ୟାଳୟ ପରିସରରେ ଟିକାଦାନ ପାଇଁ ଆବଶ୍ୟକୀୟ ସ୍ଥାନ ଯୋଗାଇ ଦେବେ ଓ ସମସ୍ତ ଛାତ୍ରୀଛାତ୍ରଙ୍କ ଟିକାଦାନ ପାଇଁ ସଚେତନତା ସୃଷ୍ଟି କରିବେ। ପ୍ରଥମ ଡୋଜ୍ ଟିକା ନେବାର ୨୮ରୁ ୪୨ ଦିନ ମଧ୍ୟରେ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ। କରୋନାରେ ପୀଡ଼ିତ ଛାତ୍ରୀଛାତ୍ର ସୁସ୍ଥ ହେବାର ୩ ମାସ ପରେ ଟିକା ନେଇପାରିବେ। ଟିକାକରଣ ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଟିକା ମହଜୁଦ୍ ରହିଛି ଏବଂ ପର୍ଯ୍ୟାପ୍ତ ପରିମାଣର ଟିକା ସବୁ ଜିଲାରେ ପହଞ୍ଚି ସାରିଛି। ସବୁ ଜିଲାରେ ମଧ୍ୟ ନିର୍ଦ୍ଦିଷ୍ଟ ଟିକାକରଣ କେନ୍ଦ୍ର ଖୋଲାଯାଇଛି। କେବଳ ୧୫ରୁ ୧୮ ବର୍ଷ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୯୩୯ ଟିକାକରଣ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଏହାବାଦ୍ ଅନ୍ୟ ଯେଉଁଠି ଟିକାକରଣ ଚାଲିଛି ସେଠି ମଧ୍ୟ ଏହି ବର୍ଗର ପିଲାଙ୍କୁ ଟିକା ଦିଆଯିବ। ଆମ ପାଖରେ ବର୍ତ୍ତମାନ ୧୫ ଲକ୍ଷ କୋଭାକ୍ସିନ ଟିକା ମହଜୁଦ ରହିଛି। ମାସେ ମଧ୍ୟରେ ଆମେ ପିଲାଙ୍କ ପ୍ରଥମ ଡୋଜ୍ ଟିକାକରଣ ଶେଷ କରିବା ପାଇଁ ଲକ୍ଷ୍ୟ ରଖିଛୁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି। ଭୁବନେଶ୍ୱର ମହାନଗର ☞ପୃଷ୍ଠା–୬

# ୪ ବର୍ଷର ଶିଶୁକନ୍ୟାକୁ କଲବଲ କଲେ କୁକୁର



ସିସିଟିଭିରେ କଏଦ ଶିଶୁକନ୍ୟାକୁ ବୁଲା କୁକୁର ଘେରି ରହିଥିବା ସମୟର ଦୃଶ୍ୟ।

**ଭୋପାଳ, ୨୧ୠ**

## ଭିଡିଓ ଭାଇରାଲ

ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଶନିବାର ଅପରାହ୍ନରେ ପଲେ ବୁଲା କୁକୁର ଏକ ୪ ବର୍ଷର ଶିଶୁକନ୍ୟାକୁ ଚାରିପଟୁ ଘେରିଯାଇ ଆକ୍ରମଣ କରିଥିଲେ। ସେମାନେ ଶିଶୁଟିକୁ ଗୋଡ଼ାଇ କାମୁଡ଼ିବା ସହ ତଳେ ପକାଇ ଘୋଷାଡ଼ିଥିଲେ। ଜଣେ ଲୋକ ଘଉଡ଼ାଇବା ପରେ ସେମାନେ ଶିଶୁଟିକୁ ଛାଡ଼ି ପଳାଇଯାଇଥିଲେ। ଗୁରୁତର ଆହତ ଶିଶୁକନ୍ୟାକୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସିସିଟିଭିରେ କଏଦ ହୋଇଥିବା ଏହି ଆତଙ୍କପ୍ରଦ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନା ଅନୁଯାୟୀ ଶନିବାର ଅପରାହ୍ନ ୪ଟା ୧୫ରେ ଭୋପାଳର ବାଗ୍ ସେୱାନିଆରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଜଣେ ଶ୍ରମିକଙ୍କ ଶିଶୁକନ୍ୟା ଘର ବାହାରେ ଖେଳୁଥିବାବେଳେ ୫ଟି ବୁଲା କୁକୁର ତାଙ୍କୁ ଚାରିପଟୁ ଘେରିଯାଇ ଆକ୍ରମଣ କରିଥିଲେ। ସେମାନେ ଝିଅର ପେଟ, ମୁଣ୍ଡ ଓ ଗୋଡ଼କୁ କାମୁଡ଼ିଥିଲେ। ଖସିବାକୁ ଚେଷ୍ଟା କରି ଶିଶୁଟି ପଡ଼ିଯାଇଥିଲା। ତଥାପି କୁକୁର ପଲ ତାଙ୍କୁ ଛାଡ଼ି ନ ଥିବା ସିସିଟିଭି ଭିଡିଓରୁ ଦେଖିବାକୁ ମିଳିଛି। ଭୋପାଳରେ ବୁଲାକୁକୁର ଅନେକ ସମୟରେ ଆତଙ୍କ ସୃଷ୍ଟି କରିଥାନ୍ତି। ଗତବର୍ଷ କୋହେଫିଜା ଅଞ୍ଚଳରେ ୭ ବର୍ଷର ଝିଅକୁ ତାଙ୍କ ମାଆ ସମ୍ମୁଖରେ ବୁଲା କୁକୁର ଆକ୍ରମଣ କରିଥିଲେ। ୨୦୧୯ରେ ଏକ ୬ ବର୍ଷର ପୁଅକୁ ତାଙ୍କ ମାଆ ସାମନାରେ ବୁଲା କୁକୁର କାମୁଡ଼ି ମାରିଦେଇଥିଲେ। ପିଲାଟିକୁ ଉଦ୍ଧାର କରିବାକୁ ଯାଇ ମାଆ ମଧ୍ୟ ଗୁରୁତର ଆହତ ହୋଇଥିଲେ। ରିପୋର୍ଟ ଅନୁଯାୟୀ ଭୋପାଳରେ ଲକ୍ଷେରୁ ଅଧିକ ବୁଲା କୁକୁର ଅଛନ୍ତି।

# ଆଉ ୨୩ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ

## କେନ୍ଦୁଝରରୁ ସର୍ବାଧିକ ୭



- ୧୧ ବିଦେଶ ଫେରନ୍ତା, ୧୨ ସ୍ଥାନୀୟ ସଂକ୍ରମିତ
- ୩୭ ଛୁଇଁଲା ମୋଟ ସଂକ୍ରମିତଙ୍କ ସଂଖ୍ୟା

**ଭୁବନେଶ୍ୱର, ୨୧(ବ୍ୟୁରୋ)**

ଓଡ଼ିଶାରେ ଧୀରେ ଧୀରେ 'ଓମିକ୍ରନ୍' କାୟାବିସ୍ତାର କରିବାରେ ଲାଗିଛି। ଦିନକରେ ରବିବାର ୨୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ସଂଖ୍ୟାକୁ ମିଶାଇ ରାଜ୍ୟରେ ମୋଟ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ୩୭ରେ ପହଞ୍ଚିଛି। ଏ ନେଇ ରବିବାର ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍) ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ରବିବାର ୩୯ଜଣଙ୍କର ଜିନୋମ ସିକ୍ୱେନ୍ସିଂ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୩ ଜଣ ଓମିକ୍ରନ ☞ପୃଷ୍ଠା–୬

# ରାଜ୍ୟରେ ଦିନକରେ ୪୨୪ ପଜିଟିଭ୍

**ଭୁବନେଶ୍ୱର, ୨୧(ବ୍ୟୁରୋ)**

## ଉପରମୁହାଁ କରୋନା

ରାଜ୍ୟରେ ପୁଣି ଉପରମୁହାଁ ହୋଇଛି କରୋନା। ଦିନକରେ ୪ଶହ ଟପିଛି ଦୈନିକ ସଂକ୍ରମିତ ସଂଖ୍ୟା। ଗତ ୨୪ଘଣ୍ଟାରେ ରାଜ୍ୟରେ ୬୧,୬୫୨ ନମୁନା ପରୀକ୍ଷା କରାଯାଇଥିବାବେଳେ ୪୨୪ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ୦.୬୯%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୦ରୁ ୧୮ ବର୍ଷ ମଧ୍ୟରେ ୬୭ଜଣ ଥିବାବେଳେ ସଙ୍ଗରୋଧରୁ ୨୪୯ ଓ ସ୍ଥାନୀୟ ସଂକ୍ରମିତ ୧୭୫ ଜଣ ☞ପୃଷ୍ଠା–୬

# ଜିମ୍‌ରୁ ମୋଦିଙ୍କ 'ଫିଟ୍ ଇଣ୍ଡିଆ' ବାର୍ତ୍ତା



**ଲକ୍ଷ୍ନୌ, ୨୧ୠ**

## ମେଜର ଧ୍ୟାନଚାନ୍ଦ ସ୍ପୋର୍ଟ୍ସ ୟୁନିଭର୍ସିଟି ଭିତ୍ତିପ୍ରସ୍ତର ସ୍ଥାପନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉତ୍ତର ପ୍ରଦେଶର ମିରଟରେ ମେଜର ଧ୍ୟାନଚାନ୍ଦ ସ୍ପୋର୍ଟ୍ସ ୟୁନିଭର୍ସିଟି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ ଜିମ୍‌ରେ କିଛି ସମୟ ବିତାଇଥିଲେ। ମୋଦି ବିଭିନ୍ନ ଉପକରଣରେ ବ୍ୟାୟାମ କରି ଦେଶବାସୀଙ୍କୁ 'ଫିଟ୍ ଇଣ୍ଡିଆ'ର ସନ୍ଦେଶ ଦେଇଛନ୍ତି। ସରଧାନା ସହର ନିକଟସ୍ଥ ସାଲୱା ଓ କାଇଲି ଗ୍ରାମରେ ପ୍ରତିଷ୍ଠା ହେବାକୁ ଥିବା ଏହି ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ପ୍ରାୟ ୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବିଶ୍ୱବିଦ୍ୟାଳୟରେ ସମସ୍ତ ପ୍ରକାର ଅତ୍ୟାଧୁନିକ କ୍ରୀଡ଼ା ସାମଗ୍ରୀ ଓ ଭିତ୍ତିଭୂମି ରହିବ। ସେଠାରେ ଏକ ସିନ୍ଥେଟିକ୍ ହକି ଗ୍ରାଉଣ୍ଡ ସହ ଫୁଟ୍‌ବଲ, ବାସ୍କେଟବଲ, ଭଲିବଲ, ହ୍ୟାଣ୍ଡବଲ ଓ କବାଡ଼ି ପଡ଼ିଆ ମଧ୍ୟ କରାଯିବ ବୋଲି ଜଣାପଡ଼ିଛି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୨୧(ବ୍ୟୁରୋ)**

## ଅଧିକାରୀଙ୍କ ହାତରେ ଏକାଧିକ ଦାୟିତ୍ୱ

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସର ସ୍ତରରେ ରାଜ୍ୟ ସରକାର ରବିବାର ବଡ଼ ଧରଣର ଅଦଳବଦଳ କରିଛନ୍ତି। ୧୦ଜଣ ଆଇଏଏସ୍ ଅଧିକାରୀ ଏହି ତାଲିକାରେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର(ଆର୍.କେ.) ଶର୍ମାଙ୍କୁ ସ୍ୱାସ୍ଥ୍ୟ ବିଭାଗରେ ସ୍ଥାୟୀ ନିଯୁକ୍ତି ଦିଆଯାଇଛି। ଏହାସହ ତାଙ୍କୁ ରାଜ୍ୟ ଔଷଧ ନିଗମ ଅଧକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ପୂର୍ବରୁ କୃଷି ଓ ଉତ୍ପାଦନ କମିଶନର ଦାୟିତ୍ୱ ତୁଲାଉଥିଲେ। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରାଙ୍କୁ କୃଷି ଉତ୍ପାଦନ କମିଶନର ଭାବେ ନିଯୁକ୍ତ କରାଯାଇଛି। ଏହାସହ ଚୋପ୍ରା ଗୃହ ଏବଂ କୃଷି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱରେ ରହିବେ। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ସଚିବ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିବା ସତ୍ୟବ୍ରତ ସାହୁଙ୍କୁ ରାଜସ୍ୱ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ମିଳିଛି। ସେହିପରି ଏସ୍‌ଟି ଓ ଏସ୍‌ସି ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରାଙ୍କୁ ଏମ୍ଏସ୍ଏମ୍ଇ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ତାଙ୍କ ମୂଳ ଦାୟିତ୍ୱ ସହ ଅତିରିକ୍ତ ଭାବେ ଏମ୍ଏସ୍ଏମ୍ଇ ଦାୟିତ୍ୱରେ ରହିବେ। ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କୁ ଇଡ୍‌କୋ ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେ ଶିଳ୍ପ ବିଭାଗ ପ୍ରମୁଖ ସଚିବ, ଏସ୍‌ଡି ଆଣ୍ଡ ଟିଇ ବିଭାଗ ପ୍ରମୁଖ ସଚିବ ସହ ଇପିକଲ୍ ଅଧକ୍ଷ ଦାୟିତ୍ୱ ତୁଲାଉଛନ୍ତି। ଏବେ ଅତିରିକ୍ତ ଭାବେ ଇଡ୍‌କୋ ଅଧକ୍ଷ ରହିବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଛି। ବିଷ୍ଣୁପଦ ଆଇ ଆଣ୍ଡ ପିଆର୍ ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଏହା ସହ ସେ ପରିବହନ ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। କୃଷି ବିଭାଗ ସଚିବ ଥିବା ସୁରେଶ କୁମାର ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ବିଭାଗ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗର ଏହି ପଦବୀଟି କମିଶନର ର୍‍ୟାଙ୍କର ବୋଲି କୁହାଯାଇଛି। ଭାସ୍କର ଜ୍ୟୋତି ଶର୍ମାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ☞ପୃଷ୍ଠା–୬

# ଆଜିଠୁ ଭର୍ଚୁଆଲ ଶୁଣାଣି

## ୨ ସପ୍ତାହ ପାଇଁ ଅନ୍‌ଲାଇନ୍‌ରେ ବିଚାର କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୧ୠ**



ଦେଶରେ ଓମିକ୍ରନ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଏହି ଦକ୍ଷିଣ ଆଫ୍ରିକୀୟ ଭାରିଆଣ୍ଟ ଦ୍ୱାରା ୨୩ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଦେଢ଼ ହଜାର ଟପିଛି। ଏହାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟରେ ସୋମବାରଠାରୁ ସମସ୍ତ ମାମଲାର ଶୁଣାଣି ଭର୍ଚୁଆଲ ମୋଡ୍‌ରେ କରାଯିବ। ଆସନ୍ତା ୨ ସପ୍ତାହ ଧରି ଭିଡିଓ କନ୍‌ଫରେନ୍ସ ଜରିଆରେ ବିଚାର କରିବାକୁ ନିଷ୍ପତ୍ତି ନିଆଯାଇଥିବା ରବିବାର ସନ୍ଧ୍ୟାରେ ସୁପ୍ରିମକୋର୍ଟ ପ୍ରଶାସନ ପକ୍ଷରୁ ଜାରି ଏକ ସର୍କୁଲାରରେ କୁହାଯାଇଛି।

ବାର୍ ସଦସ୍ୟ ଓ ମାମଲାଗୁଡ଼ିକର ପକ୍ଷମାନଙ୍କ ଅବଗତି ନିମନ୍ତେ ସୁପ୍ରିମକୋର୍ଟ ସର୍କୁଲାରରେ ଉଲ୍ଲେଖ କରାଯାଇଛି ଯେ, ପ୍ରତ୍ୟକ୍ଷ ଶୁଣାଣି (ହାଇବ୍ରିଡ୍ ମୋଡ୍‌ରେ) କରାଯିବା ନେଇ ୨୦୨୧ ଅକ୍ଟୋବର ୭ରେ ଏକ ସର୍କୁଲାର ଜାରି କରାଯାଇଥିଲା। ସେଥିରେ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍ଓପି) ସମ୍ପର୍କରେ କୁହାଯାଇଥିଲା। କିନ୍ତୁ ସଦ୍ୟ ସର୍କୁଲାର ଜାରି ହେବା ପରେ ତା'କୁ ବର୍ତ୍ତମାନ ପାଇଁ ରଦ୍ଦ କରାଯାଇଛି। ଫଳରେ ଜାନୁୟାରୀ ୩ରୁ ୨ ସପ୍ତାହ ଧରି ସୁପ୍ରିମକୋର୍ଟରେ ସବୁ ମାମଲା କେବଳ ଭର୍ଚୁଆଲ ମୋଡ୍‌ରେ କରାଯିବ। ଶୀତ ଅବକାଶ ଶେଷ ହେବା ପରେ ସୋମବାର ଶୀର୍ଷ ଅଦାଲତ ଆରମ୍ଭ ହେଉଥିବାରୁ ଭିଡ଼ଜନିତ ସଂକ୍ରମଣ ଏଡ଼ାଇବା ପାଇଁ ଏଭଳି ☞ପୃଷ୍ଠା–୬

# ଡିଏମ୍ଏଫ୍ ପାଣ୍ଠି ଆଦାୟରେ ଅନିୟମିତତା

**ଯାଜପୁର ଅଫିସ, ୨୧ୠ**

## ସିଏଜି ରିପୋର୍ଟ: କୋଇଲା ଖଣି ଲିଜ୍‌ଧାରୀଙ୍କୁ ଅନୁକମ୍ପା

ଖଣି ନିଲାମ ପରେ ଭାଟ୍ ଆଦାୟ ବୃଦ୍ଧି ପାଇଛି। ୨୦୧୮–୧୯ରେ ୭୨୯୭.୬୮ କୋଟି, ୨୦୧୯–୨୦ରେ ୭୪୫୭.୫୮ କୋଟି ଏବଂ ୨୦୨୦–୨୧ ଅକ୍ଟୋବର ପର୍ଯ୍ୟନ୍ତ ୭,୭୫୭.୭୦ କୋଟି ଟଙ୍କା ଆଦାୟ ହୋଇଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗତ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି। ହେଲେ ବାସ୍ତବରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠି ଏବଂ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ (ଏନ୍ଏମ୍ଇଟି) ନିମନ୍ତେ ରାଜସ୍ୱ ଆଦାୟ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଛି। ଖଣି ବିଭାଗ କର୍ତ୍ତୃପକ୍ଷ କେତେକ ଲିଜ୍‌ଧାରୀଙ୍କୁ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି। ୨୦୧୯–୨୦ ଆର୍ଥିକ ବର୍ଷର କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ରିପୋର୍ଟରେ ଏହା ଦର୍ଶାଯାଇଛି।



ଖଣି ଓ ଖଣିଜ ପଦାର୍ଥର ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭କୁ ୨୦୧୫ରେ ସଂଶୋଧନ କରାଯାଇଛି। ଏହି ଆଇନର ସବସେକ୍ସନ ୧ ଧାରା ୯(ବି)ରେ ଜିଲାସ୍ତରରେ ଡିଏମ୍ଏଫ୍ ପାଣ୍ଠି ଗଠିତ ହୋଇଛି। ସେଥିରେ ଖଣିଖାଦାନ ଭରା ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଏହି ପାଣ୍ଠିକୁ ଲିଜଧାରୀ ରୟାଲଟିର ୩୦ ପ୍ରତିଶତ ପ୍ରଦାନ କରିବେ। କିନ୍ତୁ ଅଡିଟ ରିପୋର୍ଟରେ ଏନ୍ଏମ୍ଇଟି ଏବଂ ଡିଏମ୍ଏଫ୍ ପାଇଁ ୧୩.୨୮ କୋଟି ଟଙ୍କା କମ୍ ଆଦାୟ ହୋଇଛି। ☞ପୃଷ୍ଠା–୬

# ମେଡିକାଲରେ ପଶିଲେ ୨ ଦନ୍ତା

- ଜଙ୍ଗଲ ଛାଡ଼ି ସହରମୁହାଁ ହେଉଛନ୍ତି
- ପୂର୍ବରୁ ୩ ଥର ପଶିଥିଲେ

**ଖୋର୍ଦ୍ଧା ଅଫିସ, ୨୧ୠ**

ଖୋର୍ଦ୍ଧା ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ରବିବାର ସନ୍ଧ୍ୟାରେ ଶରଧାପୁର ପଟୁ ଆସିଥିବା ୨ଟି ଦନ୍ତା ଖୋର୍ଦ୍ଧା ମେଡିକାଲ ପଛପଟ କାଜୁ ଜଙ୍ଗଲ ଦେଇ ମେଡିକାଲ ପରିସରକୁ ପଶି ଆସିଥିଲେ। ଦୀର୍ଘ ସମୟ ଧରି ହାତୀଦ୍ୱୟ ମେଡିକାଲ ପରିସରରେ ଅଟକି ରହିଥିବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ବନ ବିଭାଗ ଟିମ୍ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲା। ବିଳମ୍ବିତ ରାତିରେ ନିକଟସ୍ଥ ଜଙ୍ଗଲକୁ ଦନ୍ତାଦ୍ୱୟ ଫେରିଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ଖାଦ୍ୟ ଅନ୍ୱେଷଣରେ ହାତୀ ଏବେ ସହରମୁହାଁ ହେଉଛନ୍ତି। ପୂର୍ବରୁ ୩ଥର ହାତୀ ଖୋର୍ଦ୍ଧା ମେଡିକାଲ ପରିସରକୁ ପଶିଥିଲେ। ଗତବର୍ଷ ଏକ ହାତୀ ଚକ୍ଷୁ ବିଭାଗ ନିକଟରେ ପହଞ୍ଚି ପାଚେରି ଭାଙ୍ଗିବା ସହ ମେଡିକାଲ ପରିସରକୁ ପଶି ଆସିଥିଲା। ପରେ ଦୁଇ ଥର ହାତୀ ମେଡିକାଲ ପଛପଟ କାଜୁ ଜଙ୍ଗଲ ଦେଇ ପଶିଥିଲେ। ସେହିପରି କୁମାରବସ୍ତ ଦେଇ ଏକ ଦନ୍ତା ମୁକୁନ୍ଦପ୍ରସାଦଠାରେ ପେଟ୍ରୋଲ ପମ୍ପ ଦେଇ ଜଟଣୀ ବାଇପାସରେ ବରୁଣେଇ ଜଙ୍ଗଲକୁ ପଳାଇଥିଲା। ଏହାର କିଛି ଦିନ ପରେ ଜରିପୁଟ ଜଙ୍ଗଲରୁ ଏକ ଦନ୍ତା ପଲ୍ଲୀ ସ୍କୁଲ ନିକଟରେ ଦେଖିବାକୁ ମିଳିଥିଲା। ବାରମ୍ବାର ହାତୀ ଜଙ୍ଗଲ ରାସ୍ତା ଦେଇ ସହରମୁହାଁ ହେବାରେ ☞ପୃଷ୍ଠା–୬



ମେଡିକାଲ ପରିସରରୁ ବନବିଭାଗ କର୍ମଚାରୀମାନେ ହାତୀକୁ ଘଉଡ଼ାଉଛନ୍ତି।

# ୧୩.୧୫ ଲକ୍ଷର ଜାଲ୍ ନୋଟ ଜବତ, ଜଣେ ଗିରଫ



ଜବତ ଜାଲ୍ ନୋଟ୍ ଓ ଅନ୍ୟ ସାମଗ୍ରୀ।

- **ଯାଜପୁର ଭଡ଼ାଘରେ ଛପା ହେଉଥିଲା ନୋଟ୍**
- **ରାଜ୍ୟ ବାହାରକୁ ପଠାଯାଉଥିଲା**

ଯାଜପୁର ଟାଉନ,୨।୧(ଡି.ଏନ.ଏ.)

ଯାଜପୁର ଟାଉନ୍ ଥାନା ପୋଲିସ ଶନିବାର ରାତିରେ ଯାଜପୁର ସହରର ସନ୍ଥମାଧବ ଅଞ୍ଚଳର ଏକ ଘରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ୧୩ ଲକ୍ଷ ୧୫ ହଜାର ୫୦୦ ଟଙ୍କାର ଜାଲ ନୋଟ୍ ଓ ଅନ୍ୟ ସାମଗ୍ରୀ ଜବତ କରିଛି। ଏଥିରେ ୯୦୦ଟି ୧୦୦ ଟଙ୍କିଆ, ୪୨୫୦ଟି ୨୦୦ ଟଙ୍କିଆ, ୭୫୫ଟି ୫୦୦ ଟଙ୍କିଆ ଜାଲ ନୋଟ୍ ସହ ପ୍ରିଣ୍ଟିଂ ପାଇଁ ବ୍ୟବହୃତ ମେଶିନ୍, ଷ୍ଟାମ୍ପ, କାଳି ଓ ଅନ୍ୟ ସାମଗ୍ରୀ ରହିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଛଞ୍ଚଣା ଗ୍ରାମର ଚନ୍ଦ୍ରମଣି ବଳ(୩୫)। ଚନ୍ଦ୍ରମଣି ଯାଜପୁର ସହରର ସନ୍ଥମାଧବ ଅଞ୍ଚଳରେ ଏକ ଘରଭଡ଼ା ନେଇ ରହୁଥିଲେ। ଏହି ଘରେ ଜାଲ ନୋଟ୍ ପ୍ରିଣ୍ଟ୍ କରି ରାଜ୍ୟ ବାହାରକୁ ପଠାଉଥିଲେ ବୋଲି ଜଣାପଡ଼ିଛି।

ପୂର୍ବରୁ ଚନ୍ଦ୍ରମଣି ଜାଲ ନୋଟ୍ କାରବାର କରି ଯାଜପୁରରୋଡ୍ ଓ କାଳିଆପାଣି ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ତେବେ ସେ ଯେଉଁ ଘର ଭଡ଼ା ନେଇଥିଲେ ତାହାର ମାଲିକ ବାହାରେ ରହୁଥିଲେ। ଘର ଚାରିପଟେ ପାଚେରି ରହିଛି। ତେଣୁ ଉକ୍ତ ଘର ଭିତରେ ଜାଲନୋଟ୍ ପ୍ରସ୍ତୁତ କରିବା ପାଇଁ ଚନ୍ଦ୍ରମଣି ସକ୍ଷମ ହେଉଥିଲେ। ଏହି ନୋଟ୍ ପ୍ରସ୍ତୁତ କରିବାରେ ତାଙ୍କ ସ୍ତ୍ରୀ ସହାୟତା କରୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି କାରବାରରେ ସମ୍ପୃକ୍ତ ଅନ୍ୟ ସଦସ୍ୟଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୪୮୯ (କ), (ଖ), (ଗ) ଓ (ଘ)ରେ ମାମଲା ନଂ.୧/୨୨ ରୁଜୁ ହୋଇଛି ବୋଲି ରବିବାର ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶରତ କୁମାର ଉପାଧ୍ୟାୟ ଓ ଥାନା ଅଧିକାରୀ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ଏସ୍ଆଇ ଦିଲୀପ କୁମାର କାଣ୍ଡି, ହୃଦାନନ୍ଦ ସାହୁ, ଉମାକାନ୍ତ ରାଉତ, ସୋମନାଥ ନାୟକ ଓ ନିର୍ମଳା ରାଉତ ପ୍ରମୁଖ ଉକ୍ତ ଚଢ଼ାଉରେ ସାମିଲ ହୋଇଥିଲେ।

## ଟ୍ରେଲର ପଛରେ ପିଟି ହେଲା ବାଇକ୍, ୩ ମୃତ

ଜମନକିରା,୨।୧(ଡି.ଏନ.ଏ.)

ରବିବାର ସନ୍ଧ୍ୟାରେ ସମ୍ବଲପୁର ଜିଲା ଜମନକିରା ଥାନା ୫୩ ନଂ ଜାତୀୟ ରାଜପଥର ଚେପଟଆମ୍ବ ଗାଁ ନିକଟରେ ଛିଡା ହୋଇଥିବା ଏକ ଟ୍ରେଲର ପଛ ପଟେ ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅହମତ ଦେହୁରି(୪୨),ରାଜେଶ ଦେହୁରି (୩୦) ଓ ଟିଲୁ ଦେହୁରି (୨୭)। ଏହି ଦୁର୍ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ୩ ମୃତଦେହ ରଖି ରାସ୍ତାରୋକୋ ଜାରି ରଖିଥିବାରୁ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି।

## ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

ଦଶରଥପୁର,୨।୧(ଡି.ଏନ.ଏ.)

**ଆତ୍ମହତ୍ୟା ପୂର୍ବର ଭଏସ୍ ରେକର୍ଡିଂ ଭାଇରାଲ**

ଦୁହେଁ ଦୁହିଁଙ୍କୁ ଭଲପାଉଥିଲେ ଏବଂ ବିବାହ କରିବାକୁ ଚାହୁଁଥିଲେ। ମାତ୍ର ପରିବାର ଲୋକେ ରାଜି ନ ଥିଲେ। ଏହାସହ ସେମାନଙ୍କ ପ୍ରେମରେ ବାଧକ ଥିଲେ ଅନ୍ୟ ଜଣେ ଯୁବକ। ଏଥିରେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିଛନ୍ତି ପ୍ରେମୀ ଯୁଗଳ। ସେମାନଙ୍କ ମଧ୍ୟରେ ଜଣେ ଯୁବକ ହୋଇଥିବାବେଳେ ଅନ୍ୟ ଜଣେ ନାବାଳିକା। ଆତ୍ମହତ୍ୟା କରିବା ପୂର୍ବରୁ ଦୁହେଁ ଉପରୋକ୍ତ ବିଷୟ ଜଣାଇ କେତେକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଭଏସ୍ ରେକର୍ଡିଂ ଛାଡ଼ିଛନ୍ତି, ଯାହାକି ଭାଇରାଲ ହୋଇଛି। ନାବାଳିକା ଜଣକ ତାଙ୍କ ମୃତ୍ୟୁ ପାଇଁ ଉକ୍ତ ଯୁବକଙ୍କୁ ଦାୟୀ କରିଛନ୍ତି, ଯିଏକି ତାଙ୍କୁ ଦୁର୍ବ୍ୟବହାର କରିଥିବା ଜଣାଇଛନ୍ତି। ଘଟଣା ଘଟିଛି ମଙ୍ଗଳପୁର ଥାନା ଦୁଦୁରାଅନ୍ତା ପଞ୍ଚାୟତ ଗଣପତିପାଟଣା ଗ୍ରାମରେ। ରବିବାର ପୂର୍ବାହ୍ନରେ ଗ୍ରାମ ନିକଟ ଚାଷଜମିର ଏକ ବରଗଛରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଉଭୟଙ୍କ ଘର ଗଣପତି ପାଟଣା ଗ୍ରାମରେ। ମୃତ ଯୁବକ ହେଲେ ଶତ୍ରୁଘ୍ନ ଦାସଙ୍କ ପୁଅ ପ୍ରତାପ। ସେ ଏବଂ ଗ୍ରାମର ଜଣେ ନାବାଳିକା ଶନିବାର ରାତିରେ ଘରୁ ପଳାଇ ଯାଇଥିଲେ। ପ୍ରାୟ ଦେଢ଼ କିଲୋମିଟର ଦୂର ବରଗଛରେ ସେମାନଙ୍କ ମୃତଦେହ ରଶିରେ ଝୁଲୁଥିବା ସ୍ଥାନୀୟ ଲୋକେ ସକାଳେ ଦେଖି ପୋଲିସକୁ ଖବର ଦେଇଥିଲେ। ଏସ୍ଆଇ ହରିଶଚନ୍ଦ୍ର ସିଂ ଏବଂ ଏଏସ୍ଆଇ ସନ୍ତୋଷ ସିଂ ପହଞ୍ଚି ମୃତଦେହ ଜବତ କରିବାସହ ଦୁଇଟି ମୋବାଇଲ୍ ଫୋନ ଜବତ କରିଥିଲେ। ପୋଲିସ୍ ମୋବାଇଲ୍‌ରୁ ତଥ୍ୟ ଖୋଜିବା ସହ ସମ୍ପୃକ୍ତ ଯୁବକ କିଏ ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

## ଯୁବତୀଙ୍କୁ ପ୍ରତାରଣା: ବିଏସ୍ଏଫ୍ ଯବାନ ଗିରଫ

ଢେଙ୍କାନାଳ ଅଫିସ, ୨।୧

ଢେଙ୍କାନାଳ ସହରର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ବିଏସ୍ଏଫ୍‌ରେ କାର୍ଯ୍ୟରତ ଜଣେ ଯବାନଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ରଞ୍ଜା ଗ୍ରାମର ବାପି ବାରିକ। ମାମଲା ନଂ. ୫୪୨/୨୧ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ବାପି ସମ୍ପୃକ୍ତା ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ କଥା କହିବା ପରେ ସେ ଧରାଛୁଆଁ ଦେଇ ନ ଥିଲେ। ଓଲଟି ଝିଅଙ୍କ ପରିବାରକୁ ଧମକଚମକ ଦେଇଥିଲେ। ନ୍ୟାୟ ପାଇଁ ପୀଡ଼ିତା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୌନ୍ଦର୍ଯ୍ୟା'ର ଦ୍ୱାରସ୍ଥ ହୋଇଥିଲେ। ସଭାନେତ୍ରୀ ସ୍ମିତାରାଣୀ ସାମଲ ମାମଲାର ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବାପି ସହଯୋଗ କରି ନ ଥିଲେ। ଫଳରେ ଯୁବତୀ ଜଣକ ଟାଉନଥାନାରେ ମାମଲା ରୁଜୁ କରିଥିଲେ।
















































ଜମ୍ମୁ-କଶ୍ମୀରର ମାତା ବୈଷ୍ଣୋଦେବୀ ପୀଠରେ ଦଳାଚକଟାରେ ଶନିବାର ୧୨ ଜଣଙ୍କ ଜୀବନ ଯିବା ପରେ ଦର୍ଶନକୁ କଡ଼ାକଡ଼ି କରାଯାଇଛି। ଦର୍ଶନୀ ଦେଓଦି ବାହାରେ ରବିବାର ଶ୍ରଦ୍ଧାଳୁଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି।



ମୁମ୍ବାଇର ମହିମ ବିଚ୍‌ରେ ରବିବାର ବିହଙ୍ଗଙ୍କ ବିଚରଣ।



କୋଲକାତାରେ ଗଙ୍ଗାସାଗର ମେଳା ପାଇଁ ଯାଉଥିବା ଜଣେ ଭକ୍ତ ସାଧୁଙ୍କ ଆଶୀର୍ବାଦ ନେଉଛନ୍ତି।

## ସଂକ୍ଷେପରେ

### ୟୁନାନ୍‌ରେ ଭୂକମ୍ପ: ୨୨ ଆହତ

**ବେଜିଂ, ୨।୧:** ଚାଇନାର ୟୁନାନ୍ ପ୍ରଦେଶର ନିଙ୍ଗଲାଙ୍ଗ କାଉଣ୍ଟିରେ ୫.୫ ତୀବ୍ରତାର ଭୂକମ୍ପ ରବିବାର ଅପରାହ୍ଣରେ ଅନୁଭୂତ ହୋଇଛି। ଏଥିରେ ୨୨ ଜଣ ଆହତ ହୋଇଥିବାବେଳେ କେତେକ ଘର କ୍ଷତିଗ୍ରସ୍ତ ହୋଇଛି। କେତେକ ଘରର ଟାଇଲ୍ ଖସିପଡ଼ିଥିବା ଦେଖାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ନିଙ୍ଗଲାଙ୍ଗ କାଉଣ୍ଟି ଆସନଠାରୁ ୬୦ କିମି ଏବଂ ୟୋଙ୍ଗନିଙ୍ଗ ସହରଠାରୁ ୩ କିମି ଦୂରରେ। ୧,୩୮୯ ବର୍ଗ କିଲୋମିଟର ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ଉଦ୍ଧାର କାର୍ଯ୍ୟରେ ୬୦ ଜଣିଆ ଟିମ୍‌କୁ ନିୟୋଜିତ କରାଯାଇଛି।

### ୨୦୨୨ରେ ମହାମାରୀ ଶେଷ ହେବ: ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ



ଟେଡ୍ରୋସ୍ ଆଧାନମ ଘେବ୍ରେୟେସସ୍

**ଜେନେଭା, ୨।୧:** କୋଭିଡ୍-୧୯ ମହାମାରୀ ତୃତୀୟ ବର୍ଷରେ ପହଞ୍ଚିଥିବାବେଳେ ୨୦୨୨ରେ ଏହାର ଶେଷ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଆଧାନମ ଘେବ୍ରେୟେସସ୍ ଆଶାବ୍ୟକ୍ତ କରିଛନ୍ତି। ମିଳିତ ମୁକାବିଲା ଦ୍ୱାରା ଚଳିତ ବର୍ଷ ମହାମାରୀ ଶେଷ ହେବା ନେଇ ସେ ନିଶ୍ଚିତ ବୋଲି ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ କହିଛନ୍ତି। କେବଳ ଅସମାନତା ଦୂର ହେଲେ ଏହା ସମ୍ଭବ ହୋଇପାରିବ। କାରଣ ଏବେ ବି କୋଟି କୋଟି ଲୋକଙ୍କ ପାଖରେ କୋଭିଡ୍ ଟିକା ପହଞ୍ଚି ପାରିନାହିଁ। ସେହିପରି ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ଚିକିତ୍ସା, ପରିବାର ନିୟୋଜନ ସେବାରୁ ଅନେକ ବଞ୍ଚିତ ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ କହିଛନ୍ତି। ସେହିପରି ଭବିଷ୍ୟତର ମହାମାରୀ ପାଇଁ ପ୍ରସ୍ତୁତ ରହିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

### କୁପୱାଡ଼ାରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ: ଆତଙ୍କବାଦୀ ନିହତ

**କୁପୱାଡ଼ା, ୨।୧:** ନୂଆବର୍ଷର ପ୍ରଥମ ଦିନରେ ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ଅନ୍ତର୍ଗତ କେରନ ସେକ୍ଟରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ଭାରତୀୟ ଯବାନମାନେ ପଣ୍ଡ କରିଦେଇଛନ୍ତି। ସୁରକ୍ଷା ବଳ ଆକ୍ରମଣରେ ଅନୁପ୍ରବେଶକାରୀ ଆତଙ୍କବାଦୀ ନିହତ ହୋଇଛନ୍ତି। ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଦୁଇ ସେନା ମଧ୍ୟରେ ଅସ୍ତ୍ରବିରତି ବୁଝାମଣାର ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଛି। ଜାନୁୟାରୀ ୧ରେ କେରନ ସେକ୍ଟରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶରେ ସହାୟତା କରିବା ଲାଗି ପାକିସ୍ତାନୀ ସେନା ଉଦ୍ୟମ କରାଯାଇଥିଲା। ଏଲ୍‌ଓସିରେ ମୁତୟନ ଥିବା ଭାରତୀୟ ଯବାନମାନେ ସେମାନଙ୍କ ଉଦ୍ୟମକୁ ଭଣ୍ଡୁର କରିଦେଇଥିଲେ। ସେନା ଗୁଳିରେ ମହମ୍ମଦ ଶବୀର ମଲିକ ନାମକ ଆତଙ୍କବାଦୀ ନିହତ ହୋଇଛନ୍ତି। ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏହି ଆତଙ୍କବାଦୀ ପାକିସ୍ତାନୀ ନାଗରିକ ବୋଲି ଜଣାପଡ଼ିଛି। ମଲିକ ପାକିସ୍ତାନୀ ସେନାର ବର୍ଡର ଆକ୍ସନ ଟିମ୍ (ବିଏଟି) ସଦସ୍ୟ ହୋଇଥାଇପାରନ୍ତି ବୋଲି ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି।

# ଦିନକରେ ୨୭,୫୫୩ କୋଭିଡ୍ ସଂକ୍ରମିତ



ଏକ ଟିକାକରଣ କେନ୍ଦ୍ରରେ କୋଭିଡ୍ ଟିକା ନେବା ପାଇଁ ଲୋକଙ୍କ ଲମ୍ବାଧାଡ଼ି।

**ନୂଆଦିଲ୍ଲୀ, ୨।୧**

**ଓମିକ୍ରନ୍ ଆକ୍ରାନ୍ତ ସଂଖ୍ୟା ୧,୫୦୦ ଟପିଲା**

ଦେଶରେ ରବିବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୨୭,୫୫୩ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶନିବାର ତୁଳନାରେ ସଂକ୍ରମଣ ହାର ୨୧ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରବିବାର ସୁଦ୍ଧା ଦେଶରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୧,୫୨୫ରେ ପହଞ୍ଚିଛି। ୨୪ ଘଣ୍ଟା ମଧ୍ୟରେ କୋଭିଡ୍‌ରେ ୨୮୪ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ମହାମାରୀ ଜନିତ ମୋଟ ମୃତ୍ୟୁସଂଖ୍ୟା ୪,୮୧,୭୭୦ରେ ପହଞ୍ଚିଛି। ଭାରତରେ ଆରୋଗ୍ୟ ହାର ୯୮.୨୭ ପ୍ରତିଶତ ରହିଥିବାବେଳେ ୨୪ ଘଣ୍ଟା ମଧ୍ୟରେ ୯,୨୪୯ କୋଭିଡ ରୋଗୀ ସୁସ୍ଥ ହୋଇଛନ୍ତି। ସକ୍ରିୟ ମାମଲା ସଂଖ୍ୟା ୧୮,୦୨୦ ବୃଦ୍ଧି ପାଇ ୧,୨୨,୮୦୧ ହୋଇଛି।

ଗତ ୨୪ ଘଣ୍ଟାରେ ୫ ରାଜ୍ୟରେ ସଂକ୍ରମଣ ସର୍ବାଧିକ ବୃଦ୍ଧି ପାଇଛି। ମହାରାଷ୍ଟ୍ରରେ ଦିନକରେ ୯,୧୭୦ ମାମଲା ଚିହ୍ନଟ ହୋଇଥିବାବେଳେ ପଶ୍ଚିମବଙ୍ଗରେ ୪,୫୧୨, ଦିଲ୍ଲୀରେ ୨,୭୧୬, କେରଳରେ ୨,୪୩୫ ଏବଂ ତାମିଲନାଡୁରେ ୧,୪୮୯ ମାମଲା ଚିହ୍ନଟ ହୋଇଛି। ପାଖାପାଖି ୭୫ ପ୍ରତିଶତ ମାମଲା ଏହି ୫ ରାଜ୍ୟରୁ ଆସିଛି। କେବଳ ମହାରାଷ୍ଟ୍ରରେ ମାମଲା ସଂଖ୍ୟା ୩୩.୨୮ ପ୍ରତିଶତ ରହିଛି। ୨୪ ଘଣ୍ଟା ମଧ୍ୟରେ କେରଳରେ ସର୍ବାଧିକ ୨୪୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପଶ୍ଚିମବଙ୍ଗରେ ୯ ଜଣଙ୍କ ଜୀବନ ଯାଇଛି।

## ଓମିକ୍ରନ୍‌କୁ ପ୍ରାକୃତିକ ଟିକା କହିବା ବିପଜ୍ଜନକ ଧାରଣା

**ନୂଆଦିଲ୍ଲୀ, ୨।୧**

**ସତର୍କ କରାଇଲେ ବିଶେଷଜ୍ଞ**

ଓମିକ୍ରନ୍ ଏକ ପ୍ରାକୃତିକ ଟିକା ବୋଲି କେତେଜଣ ଦାୟିତ୍ୱଶୂନ୍ୟ ଲୋକ ପ୍ରଚାର ଚଳାଇଛନ୍ତି। ଏହା ଏକ ବିପଜ୍ଜନକ ଧାରଣା ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଦୀର୍ଘ କୋଭିଡ୍‌କୁ ସେମାନେ ହିସାବକୁ ନ ନେଇ ଦାୟିତ୍ୱଶୂନ୍ୟ ପ୍ରଚାର କରୁଥିବା ବିଶେଷଜ୍ଞ କହିଛନ୍ତି। କୋଭିଡ୍-୧୯ର ଅନ୍ୟ ସମସ୍ତ ଭାରିଆଣ୍ଟଠାରୁ ଓମିକ୍ରନ୍ ଅଧିକ ସଂକ୍ରାମକ। ତେବେ ଏଥିରେ କେହି ଗୁରୁତର ହେଉ ନ ଥିବା ଏବଂ କ୍ୱଚିତ୍ ହସ୍ପିଟାଲରେ ଭର୍ତ୍ତି ହେଉଥିବାରୁ ଏହା ପ୍ରାକୃତିକ ଟିକା ଭାବେ କାର୍ଯ୍ୟ କରୁଛି ବୋଲି କେତେଜଣ ଲୋକ ଧାରଣା ସୃଷ୍ଟି କରିଛନ୍ତି। ନିକଟରେ ମହାରାଷ୍ଟ୍ର ସ୍ୱାସ୍ଥ୍ୟ ଅଧିକାରୀ ମଧ୍ୟ ଓମିକ୍ରନ୍ ପ୍ରାକୃତିକ ଟିକା ଭଳି କାର୍ଯ୍ୟ କରୁଥିବା କହିଥିଲେ। ତେବେ ଏଭଳି ଧାରଣା ବିପଜ୍ଜନକ ବୋଲି ବିଶିଷ୍ଟ ଭାଇରୋଲୋଜିଷ୍ଟ ଶହିଦ ଜାମିଲ କହିଛନ୍ତି। ଭାରତରେ ଅପପୁଷ୍ଟି, ବାୟୁ ପ୍ରଦୂଷଣ, ଡାଇବେଟିସ୍ ହାର ଅଧିକ ଥିବାରୁ ଲୋକଙ୍କୁ ଜାଣିଶୁଣି ଓମିକ୍ରନ୍ ସଂକ୍ରମିତ ହେବାକୁ ଛାଡ଼ିଦେବା ବିଜ୍ଞାନ ଓ ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ ଠିକ୍ ନୁହେଁ ବୋଲି ସେ କହିଛନ୍ତି। ଓମିକ୍ରନ୍ କାହାକୁ ଗୁରୁତର କରୁ ନ ଥିଲେ ମଧ୍ୟ ଏହାକୁ ଟିକା ବିବେଚନା କରାଯାଇ ପାରିବ ନାହିଁ ବୋଲି ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଲାଇଫ୍‌କୋର୍ସ ଏପିଡେମିଓଲୋଜି ମୁଖ୍ୟ ପ୍ରଫେସର ଗିରିଧର ଆର୍ ବାବୁ କହିଛନ୍ତି। ଓମିକ୍ରନ୍‌ରେ ମଧ୍ୟ ଲୋକେ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି ଓ ମୃତ୍ୟୁମୁଖରେ ପଡ଼ୁଛନ୍ତି। ତେଣୁ ଭୁଲ୍ ସୂଚନାଠାରୁ ଦୂରେଇ ରହିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଓମିକ୍ରନ୍‌ର ଦୀର୍ଘମିଆଦୀ ପ୍ରଭାବ ରହିପାରେ। ତେଣୁ ଲୋକେ ଯତ୍ନବାନ୍ ହେବା ଲାଗି ଉଜଳା ସିଗ୍‌ନସ୍ ଗ୍ରୁପ୍ ଅଫ୍ ହସ୍ପିଟାଲର ପ୍ରତିଷ୍ଠାତା ନିର୍ଦ୍ଦେଶକ ସୁଚିନ ବଜାଜ କହିଛନ୍ତି। କାରଣ ସାମାନ୍ୟ ସଂକ୍ରମଣ ପରେ ମଧ୍ୟ ଏହି ଭାରିଆଣ୍ଟ ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, କିଡ୍‌ନୀ ଆଦି ବିଭିନ୍ନ ଅଙ୍ଗରେ ୬ ମାସରୁ ଅଧିକ ସମୟ ରହିପାରେ। ତେଣୁ ଏହା କେତେ ଦୀର୍ଘମିଆଦୀ ପ୍ରଭାବ ପକାଇବ ତାହା ପ୍ରକୃତରେ ଜଣାନାହିଁ। ଅଧିକାଂଶ ଫୁସ୍‌ଫୁସ୍ କୋଭିଡ୍ ରୋଗୀଙ୍କଠାରେ ମସ୍ତିଷ୍କ ଓ ହୃତ୍‌ପିଣ୍ଡ ସମସ୍ୟା ଦେଖାଯାଇଛି। ଡେଲ୍ଟାଠାରୁ ଏହା କମ୍ ଗୁରୁତର ଭର୍ସନ ହେଲେ ମଧ୍ୟ ଭୂତାଣୁ। ସେଥିପାଇଁ ସତର୍କ ରହିବା ଜରୁରୀ ବୋଲି ବଜାଜ କହିଛନ୍ତି।

## ଝିଅଙ୍କ ବିବାହ ବୟସ ବିଲ୍ ଯାଞ୍ଚ କମିଟିରେ ଜଣେ ମହିଳା ସଦସ୍ୟ



ସୁସ୍ମିତା ଦେବ

**ନୂଆଦିଲ୍ଲୀ, ୨।୧**

ଝିଅମାନଙ୍କ ବିବାହ ବୟସ ୧୮ରୁ ୨୧କୁ ବୃଦ୍ଧି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ବିଲ୍ ଯାଞ୍ଚ ପାଇଁ ପଠାଯାଇଥିବା ସଂସଦୀୟ କମିଟିରେ ତୃଣମୂଳ କଂଗ୍ରେସ ଏମ୍‌ପି ସୁସ୍ମିତା ଦେବ ଏକମାତ୍ର ମହିଳା ସଦସ୍ୟ ରହିଛନ୍ତି। ପାର୍ଲାମେଣ୍ଟର ଶୀତ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ବାଲ୍ୟ ବିବାହ ନିରାକରଣ (ସଂଶୋଧନ) ବିଲ୍ ଲୋକ ସଭାରେ ଆଗତ କରିଥିଲେ। ଉକ୍ତ ବିଲ୍‌କୁ ଯାଞ୍ଚ କରିବା ଲାଗି ୩୧ ସଦସ୍ୟ ବିଶିଷ୍ଟ ଷ୍ଟାଣ୍ଡିଂ କମିଟିକୁ ପଠାଯାଇଥିଲା। ତେବେ ଝିଅଙ୍କ ବିବାହ ବୟସ ଅନୁଧ୍ୟାନ କରିବା ଲାଗି ବରିଷ୍ଠ ଭାଜପା ନେତା ବିନୟ ସହସ୍ରବୁଦ୍ଧେଙ୍କ ନେତୃତ୍ୱରେ ଗଠିତ କମିଟିରେ ମାତ୍ର ଜଣେ ମହିଳାଙ୍କୁ ରଖାଯାଇଥିବା ରାଜ୍ୟ ସଭା ୱେବସାଇଟ୍‌ରୁ ଜଣାପଡ଼ିଛି। କମିଟିର ଅଧ୍ୟକ୍ଷ ଚାହିଁଲେ ଅନ୍ୟ ମହିଳା ସଦସ୍ୟଙ୍କୁ ଏଥିରେ ସାମିଲ କରିପାରିବେ ବୋଲି ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ କହିଛନ୍ତି। ବିଲ୍‌କୁ ଅନେକ ସାଂସଦ ବିରୋଧ କରୁଥିବାରୁ ଏହା ବିବାଦୀୟ ହୋଇଛି।

## ସ୍ଥିତି ସମୀକ୍ଷା କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୨।୧**



ମନସୁଖ ମାଣ୍ଡବ୍ୟ

ଦେଶରେ କୋଭିଡ୍ ନୂଆ ମାମଲା ସଂଖ୍ୟା କ୍ରମାଗତ ବଢ଼ିଚାଲିଥିବାରୁ ତୃତୀୟ ଲହର ଆସିବା ସମ୍ଭାବନା ସୃଷ୍ଟି ହୋଇଛି। ଏହାର ମୁକାବିଲା ପାଇଁ ସରକାରୀ ସ୍ତରରେ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ। ଏହି ଭର୍ଚୁଆଲ ବୈଠକରେ ଓମିକ୍ରନ୍ ସଂକ୍ରମଣ ଏବଂ ୧୫ରୁ ୧୮ ବର୍ଷ ବୟସ ବର୍ଗର ପିଲାଙ୍କୁ କୋଭିଡ୍ ଟିକା ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଶୀର୍ଷ ଅଧିକାରୀମାନଙ୍କ ସହ ମନସୁଖ ଆଲୋଚନା କରି ସଂକ୍ରମଣ ନିୟନ୍ତ୍ରଣର ମନ୍ତ୍ର ପରୀକ୍ଷା, ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ, ଚିକିତ୍ସା, ଟିକାକରଣ ଏବଂ କୋଭିଡ୍ ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ।

ପୂର୍ବରୁ ଆମେ ମହାମାରୀ ବିରୋଧରେ ଜୋର୍‌ଦାର ଲଢ଼େଇ କରିଛେ। ଏହି ଶିକ୍ଷାକୁ ସମ୍ଭାବ୍ୟ ତୃତୀୟ ଲହର ମୁକାବିଲାରେ ବ୍ୟବହାର କରିବା ଜରୁରୀ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ପୂର୍ବରୁ ଓମିକ୍ରନ୍ ସଂକ୍ରମଣ ଆରମ୍ଭ ହୋଇଥିବା କେତେକ ଦେଶରେ ଦୈନିକ ମାମଲାରେ ୩ରୁ ୪ ଗୁଣ ବୃଦ୍ଧି ପାଇଛି। ନୂଆ ଭାରିଆଣ୍ଟ ଦ୍ରୁତ ସଂକ୍ରାମକ ହୋଇଥିବାରୁ ଅତ୍ୟଧିକ ମାମଲା ଆସିଲେ ହସ୍ପିଟାଲରେ ଚିକିତ୍ସା ପାଇଁ ସ୍ଥାନ ମିଳିବ ନାହିଁ। ଏଥିପାଇଁ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ବଢ଼ାଇବା ଲାଗି ମାଣ୍ଡବ୍ୟ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜାତୀୟ ହାର ଠାରୁ କମ୍ ଟିକାକରଣ ହୋଇଥିବା ରାଜ୍ୟଗୁଡ଼ିକ ଅଧିକ ଲୋକଙ୍କୁ ଟିକା ଦେବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସେହିପରି ୧୫ରୁ ୧୮ ବର୍ଷର ପିଲାଙ୍କୁ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରିକଶନ ଡୋଜ୍ ପ୍ରଦାନକୁ ତ୍ୱରାନ୍ୱିତ କରିବା ଲାଗି ପରାମର୍ଶ ଦିଆଯାଇଛି।

## ପଶ୍ଚିମବଙ୍ଗରେ ଆଜିଠୁ ସ୍କୁଲ୍, କଲେଜ ବନ୍ଦ

**କୋଲକାତା, ୨।୧**



ପଶ୍ଚିମବଙ୍ଗରେ ଦୈନିକ କୋଭିଡ୍ ଏବଂ ଓମିକ୍ରନ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ରବିବାର ସାନି କଟକଣା ଜାରି କରିଛନ୍ତି। ସୋମବାରଠାରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଜିମ୍ ସୁଇମିଂ ପୁଲ୍, ସ୍ପା, ବିଉଟି ସେଲୁନ୍ ଏବଂ ୱେଲ୍‌ନେସ୍ ସେଣ୍ଟରଗୁଡ଼ିକ ମଧ୍ୟ ବନ୍ଦ ରହିବ। ସେହିପରି ସରକାର ଓ ଘରୋଇ କାର୍ଯ୍ୟାଳୟଗୁଡ଼ିକ ୫୦ ପ୍ରତିଶତ କର୍ମଚାରୀରେ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପ୍ରଶାସନିକ ବୈଠକ ଭର୍ଚୁଆଲି କରିବା ପାଇଁ ରାଜ୍ୟ ମୁଖ୍ୟ ସଚିବ ଏଚ୍.କେ. ଦ୍ୱିବେଦୀ କହିଛନ୍ତି। ରାତି ୧୦ରୁ ଭୋର ୫ଟା ପର୍ଯ୍ୟନ୍ତ ରାତି କର୍ଫ୍ୟୁ ଜାରି କରାଯାଇଛି। ଏହି ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ଉପଲବ୍ଧ ହୋଇପାରିବ। କୋଲକାତା ମେଟ୍ରୋ ସେବାକୁ ମଧ୍ୟ ୫୦ ପ୍ରତିଶତ ଯାତ୍ରୀରେ ଚଳାଇବା ଏବଂ ଲୋକାଲ ଟ୍ରେନ୍‌ଗୁଡ଼ିକ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚଳାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

**୫୦% କର୍ମଚାରୀରେ ଚାଲିବ ଅଫିସ**

ତେବେ ଦୂରଗାମୀ ଟ୍ରେନ୍‌ଗୁଡ଼ିକ ସ୍ୱାଭାବିକ ଚଳାଚଳ କରିବ। ସିନେମା ହଲ୍, ରେଷ୍ଟୁରାଣ୍ଟ, ବାର୍ ରାତି ୧୦ଟା ପର୍ଯ୍ୟନ୍ତ ୫୦ ପ୍ରତିଶତ ଗ୍ରାହକରେ ଚାଲିବ। ଶପିଂ ମଲ୍‌ଗୁଡ଼ିକୁ ଦିନ ୧୦ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଖୋଲା ରଖିବାକୁ ଏବଂ ଗହଳି ୫୦ ପ୍ରତିଶତ କମାଇବାକୁ କୁହାଯାଇଛି। ବିବାହ ଓ ଅନ୍ୟାନ୍ୟ ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୫୦ ଜଣରେ ଏବଂ ଶେଷକୃତ୍ୟ ୨୦ ଜଣରେ କରିବା ପାଇଁ କଟକଣା ଜାରି ହୋଇଛି। ଶନିବାର ପଶ୍ଚିମବଙ୍ଗରେ ୪,୫୧୨ କୋଭିଡ୍ ସଂକ୍ରମିତ ଓ ୨୦ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

## ବ୍ରିଟେନ ସ୍କୁଲରେ ମାସ୍କ ଜରୁରୀ



**ଲଣ୍ଡନ, ୨।୧**

ବ୍ରିଟେନରେ କୋଭିଡ୍-୧୯ର ଓମିକ୍ରନ ଭାରିଆଣ୍ଟ ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସେକେଣ୍ଡାରି ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ରବିବାର ସରକାରଙ୍କ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଛାତ୍ରୀଛାତ୍ର ସେଫ୍ଟି ମାସ୍କ ପରିଧାନ କରିବା ସହ ଅନ୍-ସାଇଟ୍ ରାପିଡ୍ ଟେଷ୍ଟ କରାଇବେ। ଏଥିସହ ଭାକ୍ସିନ ମଧ୍ୟ ନେବେ। ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ପିଲାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଥିବାରୁ ଏହି ପଦକ୍ଷେପ ସ୍କୁଲଗୁଡ଼ିକରେ ଶିକ୍ଷାଗ୍ରହଣରେ ବ୍ୟାଘାତ ଦୂର କରିବ ବୋଲି ବ୍ରିଟେନ ଶିକ୍ଷା ସଚିବ ନଧିମ ଜହାୱି କହିଛନ୍ତି।

## ବୁଲି ବାଈ ବିବାଦ
## କାର୍ଯ୍ୟାନୁଷ୍ଠାନ ଲାଗି ବିରୋଧୀ ଏମ୍‌ପିଙ୍କ ଦାବି

**ନୂଆଦିଲ୍ଲୀ, ୨।୧**

**ଏତଲା ଦାଏର କଲା ଦିଲ୍ଲୀ ପୋଲିସ**

ଗିଟ୍‌ହବ୍ ପ୍ଲାଟଫର୍ମରେ 'ବୁଲି ବାଈ' ନାମରେ ମୋବାଇଲ ଆପ୍ଲିକେଶନ ସୃଷ୍ଟି କରାଯାଇ ସେଥିରେ ମୁସଲମାନ ମହିଳାମାନଙ୍କ ଫଟୋ ଅପ୍‌ଲୋଡ କରାଯାଉଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ କାର୍ଯ୍ୟାନୁଷ୍ଠାନ ପାଇଁ ବିରୋଧୀ ଦଳର କେତେଜଣ ଏମ୍‌ପି ଦାବି କରିଛନ୍ତି। ବିବାଦୀୟ ଆପ୍ ଜରିଆରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନଙ୍କୁ ହଇରାଣ ଓ ଅପମାନିତ କରିବା ଅଭିଯୋଗରେ କେତେଜଣ ଅଜଣା ବ୍ୟକ୍ତିଙ୍କ ନାମରେ ଦିଲ୍ଲୀ ପୋଲିସ ଏତଲା ଦାଏର କରିଛି। ଗୋଟିଏ ଗୋଷ୍ଠୀ ଦିଲ୍ଲୀର ଜଣେ ମହିଳା ଖବରଦାତାଙ୍କୁ ଉକ୍ତ ଆପ୍ ଜରିଆରେ ଟାର୍ଗେଟ କରୁଥିବା ସେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଦିଲ୍ଲୀର ସାଇବର ପୋଲିସ ଥାନାରେ ଧାରା ୫୦୯ରେ ମାମଲା ରୁଜୁ ହୋଇଥିବା ଜଣେ ଅଧିକାରୀ କହିଛନ୍ତି।

ମହିଳା ଖବରଦାତାଙ୍କ ଅଭିଯୋଗ ଅନୁଯାୟୀ, ବୁଲି ବାଈ ଆପ୍ ପଛରେ ଥିବା ଗୋଟିଏ ଗୋଷ୍ଠୀ ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟରୁ ମୁସଲମାନ ମହିଳାଙ୍କ ଫଟୋ ସଂଗ୍ରହ କରି ସେଗୁଡ଼ିକର ନିଲାମରେ ଅଂଶଗ୍ରହଣ କରିବା ଲାଗି ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସମ୍ପୃକ୍ତ ଅପରାଧୀଙ୍କ ଆକାଉଣ୍ଟକୁ ଗିଟ୍‌ହବ୍ ବ୍ଲକ୍ କରିଦେଇଥିବା ଶନିବାର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ। ଘଟଣାର ତଦନ୍ତ ଜାରି ରହିଛି। ଅଧିକ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଆର୍‌ଟି ଏବଂ ପୋଲିସ କର୍ତ୍ତୃପକ୍ଷ ବିଚାରବିମର୍ଶ ଚଳାଇଥିବା ଅଶ୍ୱିନୀ ଟୁଇଟ୍ କରିଥିଲେ। ତେବେ ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ସଭାର ଶିବସେନା ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀ, କଂଗ୍ରେସ ନେତା ଶଶୀ ଥରୁର ପ୍ରମୁଖ ଦାବି କରିଛନ୍ତି।

## ଜଳିଗଲା ଦକ୍ଷିଣ ଆଫ୍ରିକା ପାର୍ଲାମେଣ୍ଟ ବିଲ୍ଡିଂ

**କେପ୍ ଟାଉନ, ୨।୧**

ଦକ୍ଷିଣ ଆଫ୍ରିକା ଜାତୀୟ ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ରବିବାର ନିଆଁ ଲାଗିଯାଇଛି। କେପ୍ ଟାଉନ୍ କେନ୍ଦ୍ରସ୍ଥଳରେ ଥିବା ଉକ୍ତ ବିଲ୍ଡିଂରୁ କଳା ଧୂଆଁ ଉଠୁଥିବା ଦେଖାଯାଇଛି। ନିଆଁ ଲିଭାଇବା ପାଇଁ ଅଗ୍ନିଶମ କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ପ୍ରଥମେ ବିଭିନ୍ନ କାର୍ଯ୍ୟାଳୟ ଥିବା ବିଲ୍ଡିଂର ତୃତୀୟ ମହଲାରେ ନିଆଁ ଲାଗି ପରେ ଏହା ନ୍ୟାଶନାଲ ଆସେମ୍ବ୍ଲି ବିଲ୍ଡିଂକୁ ବ୍ୟାପିଯାଇଥିଲା ବୋଲି ମନ୍ତ୍ରୀ ପଟ୍ରିସିଆ ଡି ଲିଲେ କହିଛନ୍ତି। ଗଣତନ୍ତ୍ର ପାଇଁ ଏହା ଏକ ଦୁଃଖର ଦିନ ବୋଲି ସେ କହିଛନ୍ତି।



ନିଆଁଲିଭା କାର୍ଯ୍ୟରେ ୩୫ ଫାୟାର ଫାଇଟରଙ୍କୁ ନିୟୋଜିତ କରାଯାଇଛି। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବା ଅଗ୍ନିଶମ ଓ ଉଦ୍ଧାର ବିଭାଗ ମୁଖପାତ୍ର ଜେର୍ମିନ କାରେଲ୍ସ କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭାରତ ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର, ହୋଟେଲ ଭିଭାନ୍ତ, ଡି.ଏନ୍ ରେଗେଲିଆ ମଲ୍ ପରିସର, ପାତ୍ରପଡ଼ା, ପୂର୍ବାହ୍ନ ୧୦ଟା।
- କଂଗ୍ରେସ ସେବା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୫ତମ ଜୟନ୍ତୀ ପାଳନ, କଂଗ୍ରେସ ଭବନ ପରିସର, ପୂର୍ବାହ୍ନ ୧୧ଟା ୧୫ ।
- ପୁସ୍ତକ ଉନ୍ମୋଚନ ସମାରୋହ, ହୋଟେଲ ଏମ୍ପାୟର୍ସ, ଶହୀଦ ନଗର, ସନ୍ଧ୍ୟା ୬ଟା।
- ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### କାଦମ୍ବିନୀ, କୁନିକଥାର ଜାନୁୟାରୀ ସଂଖ୍ୟା ଲୋକାର୍ପିତ

**ଭୁବନେଶ୍ୱର,୨।୧(ବ୍ୟୁରୋ):** ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ଓ ଶିଶୁ ପତ୍ରିକା 'କୁନିକଥା'ର ୨୦୨୨ ଜାନୁଆରୀ ସଂଖ୍ୟା ରବିବାର ଲୋକାର୍ପଣ ହୋଇଯାଇଛି। କାଦମ୍ବିନୀ ସଦ୍ୟ ପ୍ରକାଶିତ 'ହାସ୍ୟ ବ୍ୟଙ୍ଗ ବିଶେଷାଙ୍କ' ଲୋକାର୍ପଣ ସମାରୋହରେ ଅତିଥି ଭାବେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧକ୍ଷ ତଥା ଅଭିନେତା କୁନା ତ୍ରିପାଠୀ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଦିଗହରା ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଭାଷାର ଗତି ଉପରେ ଆଲୋକପାତ କରିଥିଲେ। ଏଥିସହ ଅରୁଚିକର ସାହିତ୍ୟକୁ ସର୍ବୋପରି ବିରୋଧ କରାଯିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଅନ୍ୟତମ ଅଭିନେତ୍ରୀ ଅନୁ ଚୌଧୁରୀ କହିଥିଲେ, ସାହିତ୍ୟରେ ସଂସ୍କାରର ଉପଯୋଗ ହେବା ଉଚିତ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ଡ. ହୃଷୀକେଶ ମଲ୍ଲିକଙ୍କୁ କାଦମ୍ବିନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଂଖ୍ୟାରେ ପ୍ରକାଶ ପାଇଥିବା ବ୍ୟଙ୍ଗ ସାହିତ୍ୟିକ ସର୍ବଗିଳା, ଓମ ଅଭିଜ୍ଞାନ ସାହୁ, ସତ୍ୟାନାଶ, ଦେବାଶିଷ ମହାପାତ୍ର, ପ୍ରିୟବ୍ରତ ପଣ୍ଡା, ଡ. କୁଳାଙ୍ଗାର, ପୀତବାସ ରାଉତରାୟ ପ୍ରମୁଖ ସ୍ୱରଚିତ ବ୍ୟଙ୍ଗ ରଚନା ପାଠ କରିଥିଲେ। ଅର୍ଚ୍ଚିତା ସାହୁ ଏବଂ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାଦମ୍ବିନୀ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ କାଦମ୍ବିନୀ ଓ କୁନିକଥାର ସମ୍ପାଦିକା ଡ. ଇତି ସାମନ୍ତ ମଞ୍ଚ ପରିଚାଳନା କରିଥିଲେ।

### ଭିଜିଲାନ୍ସ ଅତିରିକ୍ତ ଏସ୍‌ପି କେଦାରନାଥ ସାହୁଙ୍କ ପରଲୋକ

**କଟକ ଅଫିସ,୨।୧:** କଟକ ଭିଜିଲାନ୍ସ ଡିଭିଜନର ଅତିରିକ୍ତ ଏସ୍‌ପି କେଦାରନାଥ ସାହୁ(୫୭)ଙ୍କର ରବିବାର ପରଲୋକେ



ହୋଇଯାଇଛି। ଅପରାହ୍ନରେ ସେ କଟକସ୍ଥିତ ବାସଭବନରେ ଥିବାବେଳେ ହଠାତ୍ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ କୀର୍ତ୍ତିରାଜ ମୁଖାଗ୍ନି ଦେଇଥିଲେ। କଟକ ଜିଲା ବଡମ୍ବା ଥାନା ଅଧୀନ ରଗଡିପଦାରେ ଜନ୍ମ ଗ୍ରହଣ କରିଥିବା କେଦାରନାଥ ୧୯୮୭ରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ।

# ୩୯ କେନ୍ଦ୍ରରେ ହେବ କିଶୋରଙ୍କ ଟିକାକରଣ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

### ଅତିରିକ୍ତ ୪ କେନ୍ଦ୍ର ଆରମ୍ଭ




- ୨ଶହ ଲେଖାଏ ବୁକିଂ ଓ ୫୦ଜଣ ଲେଖାଏ ୱାକ୍-ଇନ୍‌ରେ ଟିକା ନେବେ
- ଖୁବ୍‌ଶୀଘ୍ର ଆଉ ୧୫ ଟିକାକେନ୍ଦ୍ର

ରାଜ୍ୟରେ ସୋମବାରଠାରୁ ୧୫ରୁ ୧୮ ବର୍ଷ ବୟସର କିଶୋରଙ୍କୁ ଟିକାକରଣ କରାଯିବାକୁ ଥିବାବେଳେ ଏ ନେଇ ବିଏମ୍‌ସି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପୂର୍ବରୁ ଭୁବନେଶ୍ୱର ସହରରେ ୩୫ଟି ଟିକାକରଣ କେନ୍ଦ୍ର ରହିଥିବାବେଳେ ଆଉ ୪ଟି ଅତିରିକ୍ତ କେନ୍ଦ୍ର କରାଯାଇଛି। ଡୁମ୍‌ଡୁମା, ପଟିଆ ଓ ୟୁନିଟ୍-୪ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ହସ୍ପିଟାଲରେ ଟିକାକେନ୍ଦ୍ରର ବ୍ୟବସ୍ଥା ହୋଇଛି। ଏଠାରେ କିଶୋରମାନେ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ଟିକା ନେଇପାରିବେ। ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ (ସ୍ୱାସ୍ଥ୍ୟ, ସାନିଟେଶନ୍) କହିଛନ୍ତି, ସହରରେ ଏବେ ୩୫ଟି ସେଣ୍ଟର ରହିଛି। ପ୍ରତି ସେଣ୍ଟରରେ ଦିନକୁ ୨ଶହ ଲେଖାଏ ସ୍ଲଟ୍ ବୁକିଂ ପାଇଁ ସୁବିଧା ଥିବାବେଳେ ୫୦ ଲେଖାଏ ୱାକ୍-ଇନ୍ ବ୍ୟବସ୍ଥା ରହିଛି। ଅର୍ଥାତ୍ ପ୍ରତି ସେଣ୍ଟରରେ ସ୍ଲଟ୍ ବୁକିଂ କରିଥିବା ୨ଶହ କିଶୋରଙ୍କୁ ଟିକାକରଣ କରାଯିବ। ସେହିପରି ୫୦ଜଣ ଲେଖାଏ କିଶୋର କେନ୍ଦ୍ରକୁ ଯାଇ ସେଠାରେ ଅନ୍‌ସାଇଟ୍ ବୁକିଂ କରି ଟିକା ନେଇପାରିବେ। ଆଗକୁ ଆହୁରି ୧୫ଟି ସେଣ୍ଟର ବଢିବାର ଯୋଜନା ରହିଛି। ଏଠାରେ ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଟିକାକରଣ ଚାଲିବ। ଅପରାହ୍ନ ୨ଟାରୁ ସମ୍ମୁଖ ଯୋଦ୍ଧା ଏବଂ ଯେଉଁମାନେ ଏବେ ସୁଦ୍ଧା ଟିକା ନେଇନାହାନ୍ତି ସେମାନେ ୨ଟାରୁ ୫ଟା ମଧ୍ୟରେ ଯାଇ ଟିକା ନେଇପାରିବେ। ଏହାବ୍ୟତୀତ ବସ୍ତି ଅଞ୍ଚଳ କିଶୋରଙ୍କ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ମଙ୍ଗଳବାର ଠାରୁ ପ୍ରତି ସେଣ୍ଟରରେ ୫୦ଜଣ ବସ୍ତି ଅଞ୍ଚଳର କିଶୋରଙ୍କୁ ଟିକା ଦିଆଯିବ। ସେହିପରି ଆର୍‌ଡବ୍ଲ୍ୟୁଏ (ରେଫରେନ୍ସିଆଲ୍ ୱେଲଫେୟାର ଆସୋସିଏଶନ୍)ପକ୍ଷରୁ ଅନୁରୋଧ ମିଳିଲେ ଏଠାରେ ଥିବା କିଶୋରଙ୍କୁ ବିଏମ୍‌ସିର ମୋବାଇଲ୍ ଭ୍ୟାନ୍ ଟିମ୍ ଯାଇ ଟିକାକରଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୧ଲକ୍ଷ କିଶୋରଙ୍କୁ ଟିକା ଦିଆଯିବ। ଏନେଇ ଜାନୁଆରୀ ୧ରୁ ପଞ୍ଜୀକରଣ ଆରମ୍ଭ ହୋଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ରାଜଧାନୀରୁ ୭୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ସଙ୍ଗରୋଧ କେନ୍ଦ୍ରରୁ ୧୪ଜଣ ଥିବାବେଳେ ସ୍ଥାନୀୟ ଅଞ୍ଚଳରୁ ୬୫ଜଣ ଅଛନ୍ତି। ସେହିପରି ଗୋଟିଏ ଦିନରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୯୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଯାବତ ରାଜଧାନୀରୁ ୧ଲକ୍ଷ ୨୩ ହଜାର ୮୮୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧ଲକ୍ଷ ୨୨ହଜାର ୪ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ସେହିପରି ୭୫୫ଜଣ ସକ୍ରିୟ କରୋନା ଆକ୍ରାନ୍ତ ଥିବାବେଳେ ମୃତ୍ୟୁ ସଂଖ୍ୟା ୧୧ଶହରେ ପହଞ୍ଚିଛି।

## 'ସାହିତ୍ୟର କାଳଜୟୀ ସ୍ରଷ୍ଟା ଥିଲେ କବିଚନ୍ଦ୍ର'

**କଟକ ଅଫିସ,୨।୧**

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରବିବାର କଟକ ରିଂରୋଡ଼ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗୀତିକବି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟବକ୍ତା ସାହିତ୍ୟିକ ଭାଗବତ ଶୁକ୍ଳ ଯୋଗଦେଇ କବିଚନ୍ଦ୍ର ସାହିତ୍ୟର କାଳଜୟୀ ସ୍ରଷ୍ଟା ଥିଲେ ବୋଲି କହିଥିଲେ। ସମ୍ମାନିତ ବକ୍ତା ଗୌତମ କର ଓ ସମ୍ମାନିତ ଅତିଥି ସାହିତ୍ୟିକ ଭବାନୀ ପଣ୍ଡିତ କବିଚନ୍ଦ୍ରଙ୍କ ସାଧନା ଓ ସିଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ, ଅଜିତ୍ ମହାପାତ୍ର, ବନମାଳୀ ବେହେରା, ବିଭୂତି ଭୂଷଣ ସେନାପତି, ମନୋରଞ୍ଜନ ମହାପାତ୍ର ବଂଶୀଧର ରାଉତ, ରାମଚନ୍ଦ୍ର ଦାସ ଉପସ୍ଥିତ ଥିଲେ।



ମାଷ୍ଟର କ୍ୟାଣ୍ଟିନସ୍ଥିତ ଭୁବନେଶ୍ୱର ନ୍ୟୁଜ୍ ପେପର ସପ୍ଲାୟର ଆସୋସିଏଶନ୍‌ର ସଦସ୍ୟମାନେ ଧରିତ୍ରୀ କାର୍ଯ୍ୟାଳୟରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

## ଆଜିଠୁ କଟକ ମହୋତ୍ସବ

**କଟକ ଅଫିସ,୨।୧**

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ଶାରଳା ଭବନରେ ୧୩ତମ କଟକ ମହୋତ୍ସବ ସୋମବାରଠାରୁ ଆରମ୍ଭ ହେବ। ୭ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର ୧୫୦ ବିଶିଷ୍ଟ କଣ୍ଠଶିଳ୍ପୀ, ନୃତ୍ୟ ଓ ବାଦ୍ୟଶିଳ୍ପୀ ଯୋଗଦେଇ କଳା ପରିବେଷଣ କରିବେ।

## ଶିଶୁ ସାହିତ୍ୟିକ ରବୀନ୍ଦ୍ର ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଭୁବନେଶ୍ୱର,୨।୧(ଡି.ଏନ୍.ଏ)**

ଓଡ଼ିଶା ସାହିତ୍ୟ ଏକାଡେମୀପ୍ରାପ୍ତ ଶିଶୁ ସାହିତ୍ୟିକ ସ୍ୱର୍ଗତ ରବୀନ୍ଦ୍ର ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ତାଙ୍କ ବାସଭବନ ସମ୍ମୁଖରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏ ନେଇ ଏକ ସାରସ୍ୱତ ସଭା ଆୟୋଜିତ ହୋଇଯାଇଛି। ଏଥିରେ ଶିଶୁ ସାହିତ୍ୟିକ ତଥା ଖବରଦାତା ବଙ୍କିମ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ଅଧ୍ୟାପକ ଦାଶ ବେନହୁର ଯୋଗଦେଇ ମୂର୍ତ୍ତିକୁ ଅନାବରଣ କରିଥିଲେ। ଶରଗଶଶୀ ପତ୍ରିକାର ସମ୍ପାଦକ ତଥା ସାହିତ୍ୟିକ ପ୍ରଶାନ୍ତ କୁମାର ଦାଶ ଉତ୍ସବକୁ ପରିଚାଳନା କରିଥିଲେ। ସଭାରେ ଶିଶୁ ସାହିତ୍ୟିକ ଅରୁଣ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ଦାଶ, ରଘୁନନ୍ଦନ ମହାପାତ୍ର, ସୁକାନ୍ତ କୁମାର ସେନାପତି, ଜୟକୃଷ୍ଣ ସାହୁ ଏବଂ ଶରତ କୁମାର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରବୀନ୍ଦ୍ର ଙ୍କ କାଳଜୟୀ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବର ଆୟୋଜନକାରିଣୀ ତଥା କବିଙ୍କ ସହଧର୍ମିଣୀ ଶାନ୍ତିଲତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ପୁତ୍ର ସୂର୍ଯ୍ୟକାନ୍ତ ବିଶ୍ୱାଳ ସଭା ପରିଚାଳନାରେ ସହାୟତା କରିଥିଲେ।

## ପ୍ରତିଭା ରାୟ ପାଇଲେ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ

**କଟକ ଅଫିସ, ୨।୧**

କଟକ ଶାରଳା ଭବନଠାରେ ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତିରେ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ପୀତାମ୍ବର ମିଶ୍ର ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଥିଲେ, ପୀତାମ୍ବର ମିଶ୍ର ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ସମ୍ମାନିତ ଅତିଥି କଥାକାର ବିଜୟ ନାୟକ କହିଥିଲେ, ପୀତାମ୍ବର ବାବୁ ପ୍ରକାଶନ ଓ ପାଠାଗାର ଆନ୍ଦୋଳନର ପୁରୋଧା ଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାଶ ବେନହୁର ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକା ପଦ୍ମଶ୍ରୀ ଡ. ପ୍ରତିଭା ରାୟଙ୍କୁ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ନୃସିଂହ ପ୍ରସାଦ ମିଶ୍ରଙ୍କୁ ପୀତାମ୍ବର ମିଶ୍ର ପ୍ରକାଶନ ସମ୍ମାନ ଓ ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ଉମାଦେବୀ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର, ପ୍ରଫେସର ତନ୍ମୟ ପଣ୍ଡା, ସୁନନ୍ଦା ମିଶ୍ର, ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ, ଶୈଳରାଣୀ ମିଶ୍ର ଓ ଜୀବାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପରିକ୍ରମା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିବାଦ

**ପୁରୀ ଅଫିସ,୨।୧**

ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ ମିଟର ଉଚ୍ଛେଦ କାର୍ଯ୍ୟ ୯୫ ପ୍ରତିଶତ ଶେଷ ହୋଇଥିବା ବେଳେ ବଳକା ଜମି ଅଧିଗ୍ରହଣରେ ସମସ୍ୟା ଦେଖାଦେଇଛି। ଯେଉଁ ଦରରେ ଜମି ଅଧିଗ୍ରହଣ ହେଉଛି ଜମି ମାଲିକମାନେ ସେଥିରେ ସନ୍ତୁଷ୍ଟ ନୁହନ୍ତି। ଏହି ପ୍ରକଳ୍ପ ପାଇଁ ବାସେଳି ସାହି ଓ ଚୁଡ଼ଙ୍ଗ ସାହି ମୌଜାର ୮ଟି ପ୍ଲଟ ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଜାରି କରାଯାଇ ରବିବାର ସନ୍ଧ୍ୟା ସୁଦ୍ଧା ଦୋକାନ ଓ ଘର ଖାଲି କରିବାକୁ କୁହାଯାଇଥିଲା। ଏଭଳି ନୋଟିସ୍ ପାଇବା ପରେ ଅସନ୍ତୁଷ୍ଟ ଜମି ମାଲିକମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଦାମୋଦର ଗୋଚ୍ଛିକାରଙ୍କୁ ପ୍ରତିନିଧିତ୍ୱ କରି ଆଇନଜୀବୀ ଅମିତ ଦାଶ ରବିବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଅଧିଗ୍ରହଣ ବାବଦକୁ ଥିବା ୪୭ ଡିସିମିଲ ଜମି ୩ଜଣଙ୍କ ମାଲିକାନାରେ ରହିଛି। ପୂର୍ବରୁ ୨୦୧୫ରେ ଆମଠାରୁ ଜମି ଅଧିଗ୍ରହଣ ହୋଇଥିଲା, ସେ ସମୟରେ ହୋଇଥିବା ପ୍ରତିଶ୍ରୁତିର କ୍ଷତିପୂରଣ ଏପର୍ଯ୍ୟନ୍ତ ମିଳିନି। ବଗଲା ଧର୍ମଶାଳା ପରିସରରେ ଜମି ଦିଆଯିବ ବୋଲି କୁହାଯାଇଥିଲେ ମଧ୍ୟ ମିଳିଲା ନାହିଁ। ସେହିଭଳି ଯେଉଁ ଦରରେ ଏବେ ଜମି ପ୍ରଦାନ କରାଯାଉଛି ତାହା ସାମ୍ପ୍ରତିକ ଜମିର ମୂଲ୍ୟଠାରୁ ଢ଼େର କମ୍। ଜମି ନେବାକୁ ପ୍ରଶାସନ ବାଧ୍ୟ କରୁଛି। ଅନ୍ୟପକ୍ଷରେ ଉପଜିଲାପାଳ ଭବତାରଣ ସାହୁ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପାର୍ବତୀ



@ ଦେବେନ୍ଦ୍ର



@ କୃଷ୍ଣଚନ୍ଦ୍ର



@ ମିହିର



@ ଅଭିଷେକ



@ ରିତିକ୍

## ଉତ୍କଳ ପବ୍ଲିଶର୍ସ ଆଣ୍ଡ ବୁକସେଲର୍ସ ଆସୋସିଏଶନ ବୈଠକ



**ଭୁବନେଶ୍ୱର,୨।୧(ବ୍ୟୁରୋ)**

ପ୍ରକାଶକ ସଂଘ 'ଉତ୍କଳ ପବ୍ଲିଶର୍ସ ଆଣ୍ଡ ବୁକ୍ ସେଲର୍ସ ଆସୋସିଏଶନ' ତରଫରୁ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଗୁଆଝରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କ୍ଷୀରୋଦ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ପ୍ରଦୀପ୍ତ କୁମାର ବେହୁରା ଅତିଥି ପରିଚୟ ସହ ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ରାଜକିଶୋର ଦାସ, କୋଷାଧ୍ୟକ୍ଷ ଭିକାରୀ ଧଳଙ୍କ ସହ ସଦସ୍ୟ ଶୁଭ୍ରାଂଶୁ ପଣ୍ଡା, ଦେବରାଜ ସାହୁ, ତୁଷାର ବରଣ ସାହୁ, ରାଧାକୃଷ୍ଣ ଘଡ଼େଇ ପ୍ରମୁଖ ଯୋଗଦେଇ ପୁସ୍ତକ ପ୍ରକାଶନ ଓ ପ୍ରସାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ କିଭଳି ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟରେ ଭାଗନେଇ ସୁଚାରୁରୂପେ ପୁସ୍ତକ ବିକ୍ରୟ କରିହେବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶୁଭ୍ରାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



କଟକ ଦିୱାନ ବଜାରସ୍ଥିତ ବାଲାଜୀ ମନ୍ଦିର ପ୍ରାଙ୍ଗଣରୁ ରବିବାର ଶ୍ରୀଶ୍ରୀ ବାଲାଜୀ ଠାକୁରଙ୍କ ଶୋଭାଯାତ୍ରା ନଗର ପରିକ୍ରମା ପାଇଁ ବାହାରିଛି।



ବକୁଳ ଅମାବାସ୍ୟା ଅବସରରେ ପୁରୀ ଶ୍ରୀମନ୍ଦିର ପରିସରରେ ସେବାୟତମାନେ ରବିବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି କରୁଛନ୍ତି।



ପାରିବାରିକ ପତ୍ରିକା 'କାଦମ୍ବିନୀ' ଓ ଶିଶୁ ପତ୍ରିକା 'କୁନିକଥା'ର ୨୦୨୨ ଜାନୁୟାରୀ ସଂଖ୍ୟା ରବିବାର ଲୋକାର୍ପଣ ଉତ୍ସବରେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧକ୍ଷ କୁନା ତ୍ରିପାଠୀ ଏବଂ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଜଣେ ମୃତ

ନିରାକାରପୁର,୨।୧(ଡି.ଏନ୍.ଏ.): ନିରାକାରପୁର ରେଲୱେ ଷ୍ଟେସନ ଓ ଲେଭଲକ୍ରସିଂ ମଧ୍ୟବର୍ତ୍ତୀ ଅଞ୍ଚଳରେ ଟ୍ରେନ୍ ଧକ୍କାରେ ରବିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ଶ୍ରୀମୁକୁନ୍ଦପୁର ଗ୍ରାମର ପ୍ରକାଶ ଜେନା(୪୨)। ଖବରପାଇ ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଯିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨/୨୨) ରୁଜୁ ହୋଇଛି।

### କେମିକାଲ ଡବା ବିସ୍ଫୋରଣ, ଜଣେ ଗୁରୁତର

ବ୍ରହ୍ମଗିରି,୨।୧(ଡି.ଏନ୍.ଏ.)- ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅରଖକୁଦା ଗ୍ରାମରେ ରବିବାର ଏକ କେମିକାଲ ଡବା ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଚିଲିକାରେ ଚାଲୁଥିବା ଫାଇବର ଡଙ୍ଗା ମରାମତିରେ ବ୍ୟବହୃତ ହେଉଥିବା ଏକ ପ୍ରକାର କେମିକାଲ ଡଙ୍ଗା ରହୁଥିବା ନିକଟସ୍ଥ ଏକ ଘରେ ରଖାଯାଇଥିଲା। ରବିବାର ଉକ୍ତ ଗ୍ରାମର ଉମେଶ ବେହେରା ସେହି ଘରେ ଓଲାଉଥିବା ବେଳେ କେମିକାଲ ଡବାଟି ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ରମେଶ ଗୁରୁତର ହୋଇଥିଲେ। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଶ୍ରୀମନ୍ଦିରରେ ବଉଳ ଅମାବାସ୍ୟା ନୀତି ସମ୍ପନ୍ନ

ପୁରୀ ଅଫିସ,୨।୧- ପୌଷ ମାସ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ବକୁଳ ବା ବଉଳ ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କୁ ବଉଳ ଗଇଠା ଭୋଗ କରାଯାଇଛି। ପରମ୍ପରା ଅନୁଯାୟୀ, ପୌଷ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅବକାଶ ନୀତି ପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଆଜ୍ଞାମାଳ ଲାଗି ହୋଇଥିଲା। ପରେ ମହାପ୍ରଭୁଙ୍କ ସକାଳ ଧୂପ ଉଠିବା ସମୟରେ ରୋଷଘରୁ ବଉଳ - ଗଇଁଠା ଟାଟ ଭୋଗ ନିମନ୍ତେ ଗର୍ଭଗୃହକୁ ଆସିଥିଲା। ପରେ ଶ୍ରୀବିଗ୍ରହମାନଙ୍କୁ ପ୍ରସାଦ ଲାଗି ହେବା ପରେ ସକାଳଧୂପ ପୂଜା ହେବା ପରେ ବନ୍ଦାପନା ହୋଇଥିଲା। ମୁଦିରସ୍ତ ବଡ଼ଠାକୁରଙ୍କ ବାଡ଼ରେ ପୂଜାପଣ୍ଡା ମହାପ୍ରଭୁଙ୍କ ବାଡ଼ରେ ଏବଂ ପତି ମହାପାତ୍ର ମା' ସୁଭଦ୍ରାଙ୍କ ବାଡ଼ରେ ବନ୍ଦାପନା ନୀତି ସମ୍ପନ୍ନ କରିଥିଲେ। ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଟାଟ ମହାପ୍ରସାଦ ବାହାର କରାଯାଇଥିଲା। ପାଣି ପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କୁ ସିଂହାସନକୁ ବିଜେ କରିଥିଲେ। ଆଜ୍ଞାମାଳ ପାଇ ଅମାବାସ୍ୟା ନାରାୟଣ ପାଲିଙ୍କିରେ ସାଗର ଅଭିମୁଖେ ବିଜେ କରିଥିଲେ। ଶ୍ରୀମନ୍ଦିର ସହିତ ପ୍ରତି ଘରେ ମଧ ବକୁଳ ଅମାବାସ୍ୟା ପାଳିତ ହୋଇଛି।

### ସାକ୍ଷୀଗୋପାଳଙ୍କୁ ବକୁଳଲାଗି

ସାକ୍ଷୀଗୋପାଳ,୨।୧(ଡି.ଏନ୍.ଏ.)- ବକୁଳଲାଗି ଅମାବାସ୍ୟା ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ରବିବାର ଠାକୁରଙ୍କୁ ବକୁଳ ଲାଗି କରାଯାଇଛି। ଦ୍ୱିପ୍ରହର ଧୂପରେ ପୂଜାପଣ୍ଡା ସେବକ ସଂସ୍କାର କରି ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କୁ ବକୁଳ ଲାଗି କରିଥିଲେ। ଉପଚାର, ଆଳତି ସହିତ ଦୂବ, ବରକୋଳି ପତ୍ର, ଅରୁଆ ଚାଉଳରେ ବନ୍ଦାପନା କରାଯାଇଥିଲା। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ବଉଳ ଗୁଣ୍ଡ ଭୋଗ କରାଯାଇଛି। ଛତି ତ୍ରାସ, ଘଣ୍ଟ, କାହାଳି, ବାଜା ମହୁରୀ ବାଦ୍ୟ ମଧ୍ୟରେ ଠାକୁରଙ୍କ ଦେବନୀତି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗ୍ରାମର ମନ୍ଦିର, ମଠ ଓ ବ୍ରାହ୍ମଣ ଶାସନରେ ଏହି ପର୍ବ ପାଳିତ ହୋଇଥିଲା।

# ଯୁବକଙ୍କୁ ଗୋଡ଼ାଇ ହାଣିଲେ

## ପୂର୍ବଶତ୍ରୁତାକୁ ନେଇ ହତ୍ୟାକାଣ୍ଡ, ୩ ଗିରଫ

ପୁରୀ ଅଫିସ/ ନିରାକାରପୁର, ୨।୧ (ଡି.ଏନ୍.ଏ.)



ପୁରୀ କୁମ୍ଭାରପଡ଼ା ଥାନାର ଜଟିଆବାଜୀ ଛକ ନିକଟରେ ରବିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ରାୟବାହାଦୁର ଲେନର ବିକି ନାୟକ। ପରେ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧/୨୨) ରୁଜୁ କରିଥିବା ବେଳେ ଆଇପିସି ଧାରା ୩୦୨, ୩୪ ଓ ୩(୨)(ଭି) ଅନୁସୂଚିତ ଜାତି ଓ ଜନଜାତି ଆଇନ ଅନୁଯାୟୀ ଧାରା ଲାଗିଛି। ଏଥିସହ ପୋଲିସ ପୁରୀ ଅଞ୍ଚଳର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ବିକି ସବୁଦିନ ଭଳି ରବିବାର ନିଜ ଦୋକାନକୁ ଯାଇଥିଲେ। ଦୋକାନରେ ଥିବାବେଳେ ଦୁଇ ଜଣ ଯୁବକ ସେଠାରେ ପହଞ୍ଚି ଥିବାବେଳେ କୌଣସି କଥାକୁ ନେଇ ୩ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସମ୍ପୃକ୍ତ ଯୁବକଦ୍ୱୟ ବିକିଙ୍କ ଉପରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ବିକି ଦୌଡ଼ିବା ବେଳେ ୨ ଯୁବକଙ୍କ ଅନ୍ୟ ଜଣେ ସହଯୋଗୀ ଆସିବାରୁ ୩ଜଣ ମିଶି ଏକ ଖଣ୍ଡା ଓ ଧାରୁଆ ଅସ୍ତ୍ର ଧରି ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଖବରପାଇ ବିକିଙ୍କ ପରିବାର ଲୋକ ପହଞ୍ଚିବା ବେଳେ ବିକିଙ୍କ ତଣ୍ଟି କଟିଯିବାରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୋଲିସ ପହଞ୍ଚି ଖୋଜାଖୋଜି କରୁଥିବାବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ବିଶେଷ ସୂତ୍ରରୁ ଅଭିଯୁକ୍ତମାନେ ନିରାକାରପୁର ଥାନା ଅଞ୍ଚଳକୁ ଯାଇଥିବା ଜାଣିବା ପରେ ସେଠିକାର ପୋଲିସକୁ ଜଣାଇଥିଲେ। ଫଳରେ ନିରାକାରପୁର ପୋଲିସ ଅଞ୍ଚଳରେ ଜୋରଦାର ଚେକିଂ କରି ସନ୍ଦେହଜନକ ଅବସ୍ଥାରେ ବାଇକ୍‌ରେ ଯାଉଥିବା ୩ଜଣ ଯୁବକଙ୍କୁ ଧରିଥିଲା। ପରେ ସେମାନଙ୍କୁ ପୁରୀ ପୋଲିସକୁ ହସ୍ତାନ୍ତର କରାଯାଇଥିବା ନେଇ ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେକ ବିକିଙ୍କ ପରିବାର ଲୋକେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଥିବା କଥା କହିଥିବାବେଳେ ପୋଲିସ ଘଟଣାସ୍ଥଳରେ ହୋଇଥିବା ବଚସା କାରଣରୁ ହତ୍ୟା ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ପ୍ରକାଶ କରିଛି।

## ଖଣ୍ଡାରେ ଭିଣୋଇଙ୍କୁ ହତ୍ୟା ଘଟଣା

## ଶାଳକଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨।୧(ବ୍ୟୁରୋ)



■ଭଉଣୀଙ୍କୁ ଅତ୍ୟାଚାର କରୁଥିବାରୁ ରାଗ ଥିଲା

■ବାଇକ୍, ଖଣ୍ଡା ଜବତ



ମଞ୍ଚେଶ୍ୱର ଥାନା ଅଧୀନ ଧିରୁକୁଟି ବସ୍ତିରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶାଳକ ବାପୁନି ନାୟକ(୧୯)ଙ୍କ ସମେତ ୩ଜଣଙ୍କୁ ରବିବାର ପୋଲିସ ଗିରଫ କରିଛି। ଗିରଫ ଅନ୍ୟ ଅଭିଯୁକ୍ତଦ୍ୱୟ ହେଲେ ଦୀପକ ସେଠୀ (୨୦) ଓ ରମେଶ ମହାନ୍ତି (୨୨)। ଏମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଗୋଟିଏ ଖଣ୍ଡା ଓ ବାଇକ ଜବତ ହୋଇଛି। ଅଭିଯୁକ୍ତମାନଙ୍କର ଡାକ୍ତରୀ ପରୀକ୍ଷା ପରେ ସୋମବାର କିମ୍ବା ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମୃତକ ସୁଶାନ୍ତ ଘଡ଼େଇଙ୍କ ଘର ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ବିଜୁ ପଟ୍ଟନାୟକ ଏୟାରପୋର୍ଟରେ ସୁଇପର୍ କାମ କରୁଥିଲେ। ଶାଳକ ବାପୁନି ମଧ୍ୟ ଏଠାରେ ରହି ସୁଇପର କାମ କରୁଥିଲେ। ବସ୍ତିରେ ପାଖାପାଖି ଘର ନେଇ ଦୁଇ ପରିବାର ରୁହନ୍ତି। ତେବେ ଭିଣୋଇ ସୁଶାନ୍ତ ନିଜ ସ୍ତ୍ରୀ ବର୍ଷାଙ୍କୁ ଅନେକ ସମୟରେ ମାଡ଼ ମାରୁଥିଲେ, ଯାହାକୁ ନେଇ ନଭେମ୍ବର ୪ ତାରିଖ ଅର୍ଥାତ୍ ଦୀପାବଳି ଦିନ ସୁଶାନ୍ତଙ୍କ ସହ ବାପୁନୀଙ୍କର ଝଗଡ଼ା ହୋଇଥିଲା। ଏହାକୁ ନେଇ ବାପୁନି ଭିଣୋଇ ସୁଶାନ୍ତଙ୍କୁ ହତ୍ୟା କରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ଏ ନେଇ ସେ ଉକ୍ତ ବସ୍ତିରେ ରହୁଥିବା ସାଙ୍ଗ ରମେଶ ଓ ରଙ୍ଗମାଟିଆ ଗ୍ରାମର ଦୀପକଙ୍କର ସାହାଯ୍ୟ ଲୋଡ଼ିଥିଲେ। ଦୀପକଙ୍କଠୁ ରମେଶ ଖଣ୍ଡା ଆଣି ବାପୁନିଙ୍କୁ ଦେଇଥିଲେ। ଗୁରୁବାର ରାତିରେ ୩ ଅଭିଯୁକ୍ତ ଏକ ବାଇକରେ ଆସି ସୁଶାନ୍ତଙ୍କ ଘର ନିକଟରେ ଛକି ରହିଥିଲେ। ଅପରପକ୍ଷରେ ସୁଶାନ୍ତ ଗୁରୁବାର ରାତି ପ୍ରାୟ ୧୨.୩୦ ବେଳେ ଏକ ଭୋଜି ଖାଇସାରି ଘରକୁ ଆସି ଶୋଇଥିବା ବେଳେ କବାଟ ଖୋଲା ରହିଥିଲା। ହଠାତ ବାପୁନି ଘର ଭିତରକୁ ପଶିଆସି ଖଣ୍ଡାରେ ଭିଣୋଇ ସୁଶାନ୍ତଙ୍କୁ ଆକ୍ରମଣ କରିଥିଲେ। ସ୍ତ୍ରୀ ବର୍ଷା ଦୌଡ଼ି ଆସି ସ୍ୱାମୀଙ୍କୁ ରକ୍ଷା କରିବାକୁ ଉଦ୍ୟମ କରି ଆହତ ହୋଇଥିଲେ। ପରେ ବାପୁନି ତାଙ୍କ ଘରେ ଯାଇ ଲୁଚିଥିବାବେଳେ ୨ ସହଯୋଗୀ ଖଣ୍ଡା ଧରି ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ବାପୁନିଙ୍କୁ ପୋଲିସ କାବୁ କରି ଥାନାକୁ ଆଣି ଅଟକ ରଖିଥିଲା। ପୋଲିସ ଏକ ହତ୍ୟା ମାମଲା (ନଂ. ୪୬୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଟକ ବାପୁନିଙ୍କଠାରୁ ତଥ୍ୟ ହାସଲ ସହ ତାଙ୍କ ସାହାଯ୍ୟ ନେଇ ଲୁଚିଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

## ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ପୁରୁଣା ଭୁବନେଶ୍ୱର,୨।୧(ଡି.ଏନ୍.ଏ.)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉତ୍ତରା ଛକ ନିକଟରେ ବିଜ୍ଞାନ କାରିଗରୀ କୌଶଳ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶାକ ଚନ୍ଦ୍ର ପଣ୍ଡାଙ୍କ ଗାଡ଼ି ରବିବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡିର ପଛପଟ ଭାଙ୍ଗିରୁଜି ଯାଇଥିବା ବେଳେ କେହି ଆହତ ହୋଇ ନଥିବା ଜଣାପଡ଼ିଛି। ସୂଚନା ମୁତବାକ, ଅପରାହ୍ନରେ ମନ୍ତ୍ରୀ ପଣ୍ଡା ପରିବାର ସହ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ଉତ୍ତରା ଛକ ନିକଟରେ ଏକ ଗାଡ଼ି ଆଗରେ ଗାଈ ପଶିଯାଇଥିଲା। ଫଳରେ ଚାଳକ ବ୍ରେକ ମାରିବାରୁ ପଛରେ ଆସୁଥିବା ଗାଡ଼ି ଚାଳକ ମଧ୍ୟ ବ୍ରେକ ମାରିଥିଲେ। ଏହା ଦେଖି ମନ୍ତ୍ରୀଙ୍କ ଗାଡି ଚାଳକ ମଧ୍ୟ ବ୍ରେକ ମାରିଥିଲେ। ଫଳରେ ତାଙ୍କ ପଛରେ ଆସୁଥିବା ଏକ ଗାଡି ମନ୍ତ୍ରୀଙ୍କ ଗାଡ଼ି ପଛକୁ ଧକ୍କା ଦେଇଥିଲା। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି।

## ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା

ପୁରୀ ଅଫିସ, ୨।୧

ପୁରୀ ଚନ୍ଦନପୁର ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କ ଥେଣ୍ଟପୁରସ୍ଥିତ ଶ୍ରୀଜଗନ୍ନାଥ ଆଶ୍ରମ ଆନୁକୂଲ୍ୟରେ ରବିବାର ଆଶ୍ରମ ନିକଟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ସହ ଶ୍ରୀଜଗନ୍ନାଥ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଡ. ନାରାୟଣ ବାବାଙ୍କ ଦ୍ୱାରା ପ୍ରତ୍ୟକ୍ଷ ଉତ୍ତତ୍ତ୍ୱବଧାନରେ ମୁଖ୍ୟ ଅତିଥି ଭାବେ ଡ. ରବି ନାରାୟଣ ସାହୁ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ଶିବିରରେ କନିଷ୍ଠ ତଥା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରକୁ ଡ. ଅର୍ଜୁନ ସାହୁ, ଡ. ଲକ୍ଷ୍ମୀଧର ପ୍ରଧାନ, ଡ. ବିଜୟ ସାହୁ ଏବଂ ବ୍ରଜବନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ରାମଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସହଦେବ ସାହୁ ସଂଯୋଜକ ଭାବେ କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ସୋନାଲି ସାହୁ ଏବଂ ଅନୁପୂର୍ଣ୍ଣା ବେହେରା ପ୍ରମୁଖ ସହାୟତା କରିଥିଲେ।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନାମରେ ଟ୍ରେନ୍ ଚଳାଚଳ ଦାବିରେ ଲିଙ୍ଗରାଜ ମନ୍ଦିରର ସେବାୟତ ପ୍ରତିନିଧିମାନେ ରବିବାର ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେସନ ସମ୍ମୁଖରେ ଧାରଣା ଦେଇଛନ୍ତି।

## ୯ ବିଦେଶୀ ମୃତ ପକ୍ଷୀ ଜବତ

### ୨ ଶିକାରୀ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨।୧(ଡି.ଏନ୍.ଏ.):

ଶୀତ ବଢ଼ିବା ସହିତ ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହେବାରେ ଲାଗିଛି। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ଏମାନେ ଚିଲିକାକୁ ଆସୁଛନ୍ତି। ଚିଲିକା ଓ ତଟବର୍ତ୍ତୀ ଅଞ୍ଚଳରେ ସବୁଦିନ ପକ୍ଷୀ ଶିକାର ଚାଲିଛି। ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଆସି ଶିକାରୀଙ୍କ ଫାଶରେ ପଡ଼ି କିମ୍ବା ବିଷମିଶା ଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ରବିବାର ଟାଙ୍ଗୀ ରେଞ୍ଜ ବନ୍ୟପ୍ରାଣୀ ବିଭାଗ ଅନ୍ତର୍ଗତ ବାଲିପାଟପୁର, ବରପୋଲିଆ ଅଞ୍ଚଳରୁ ୯ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ୨ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଣସପଦାର ଅଶୋକ ଭୋଇ ଓ ନରହରି ଭୋଇ। ଅଭିଯୁକ୍ତ ଅଶୋକଙ୍କଠାରୁ ୪ଟି କଟନ କୁଟ ଓ ନରହରିଙ୍କଠାରୁ ଗୋଟିଏ ହୁଇସିଲଙ୍ଗ, ୪ଟି କଟନ ଟିଲ ପକ୍ଷୀ ଜବତ ହୋଇଛି। ଏ ସମ୍ପର୍କରେ ମାମଲା ରୁଜୁ କରାଯାଇ ଶିକାରୀଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି।

# ପୁଣି ଚାଲିଲା ଶିଶିର ସରସ ମେଳା

ଭୁବନେଶ୍ୱର, ୨।୧(ବ୍ୟୁରୋ)

■ବନ୍ଦ ହେଲା ଫୁଡ୍‌କୋର୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ

■ବିଭିନ୍ନ ଷ୍ଟଲ ବୁଲି ତଦାରଖ କଲେ ଏସ୍‌ଆର୍‌ସି ଟିମ୍

■ମାସ୍କ ବିନା ପ୍ରବେଶ ମନା



ରାଜଧାନୀରେ ଶୀତୁଆ ସନ୍ଧ୍ୟାରେ ଜମୁଛି ଶିଶିର ସରସ ମେଳା। ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି ମେଳାରେ ନୂଆବର୍ଷର ପ୍ରଥମ ଦିନରେ ଅତ୍ୟଧିକ ଗହଳି ହୋଇଥିଲା। ଫଳରେ ମେଳାକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ତେବେ ରବିବାର ପୂର୍ବପରି ପୂର୍ବାହ୍ନ ୧୧ଟାରୁ ମେଳା ଆରମ୍ଭ ହୋଇଥିଲା। ମାତ୍ର ଆୟୋଜକଙ୍କ ପକ୍ଷରୁ ମେଳାରେ ଥିବା ଫୁଡ୍‌କୋର୍ଟକୁ ବନ୍ଦ କରାଯାଇଛି। ସେହିପରି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ରୋକ ଲଗାଯାଇଛି। ମେଳାରେ ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ପ୍ରସିଦ୍ଧ ଖାଦ୍ୟ ଉପଲବ୍ଧ ହେଉଥିବାରୁ ଅତ୍ୟଧିକ ଗହଳି ହେଉଥିଲା। ଓରମାସ୍ ଅଧିକାରୀ ସୁଜୟ କରଙ୍କ ସୂଚନା ଅନୁଯାୟୀ, ଅଧିକ ସଂକ୍ରମଣ ବଢିବା ଆଶଙ୍କାରେ ଫୁଡ୍‌କୋର୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ କରାଯାଇଛି। ତେବେ ମେଳା ସରିବା ପର୍ଯ୍ୟନ୍ତ ଏହା ବନ୍ଦ ରହିବ କି ପୁଣି ଖୋଲିବ ସେ ନେଇ ନିଷ୍ପତ୍ତି ହୋଇନାହିଁ। ରବିବାର ସେପରି ଭିଡ଼ ହୋଇ ନ ଥିଲା, ତେଣୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଚାଲିଥିଲା। ଏସ୍‌ଆର୍‌ସିଙ୍କ ଟିମ୍ ଆସି ମେଳା ବୁଲି ତଦାରଖ କରିଥିଲେ। ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ମେଳା ଆୟୋଜନ କରାଯାଉଛି। ଲୋକଙ୍କୁ ସଚେତନ କରାଇବା ପାଇଁ ୩୦ଜଣ ସ୍ୱେଚ୍ଛାସେବୀ ରହିଛନ୍ତି। ମାସ୍କ ନ ପିନ୍ଧିଲେ ଭିତରକୁ ପ୍ରବେଶ ନିଷେଧ ରହିଛି। ପ୍ରବେଶ ପଥରେ ସାନିଟାଇଜର୍ ମେଶିନ୍ ଲାଗିଛି। ସମସ୍ତ ପ୍ରକାର ନିୟମକୁ ପାଳନ କରାଯାଉଛି। ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ପୂର୍ବପରି ମେଳା ଚାଲିବ ବୋଲି ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ମେଳାକୁ ଶହ ଶହ ସଂଖ୍ୟାରେ ଲୋକ ଆସିଥିଲେ। ପ୍ରଦର୍ଶନୀ ପଡ଼ିଆ ସହ ବାହାରେ ମଧ ଗହଳି ଲାଗିରହିଥିଲା। ଏପରି କି ଗାଡ଼ି ରଖିବାକୁ ସ୍ଥାନ ମିଳିଲା ନାହିଁ। ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ଫଳରେ ଏତେ ମାତ୍ରାରେ ଭିଡ଼ ଦେଖି କର୍ତ୍ତୃପକ୍ଷ ମେଳାକୁ ଅଧାରୁ ବନ୍ଦ କରି ଦେଇଥିଲେ। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

## 'ହରେକୃଷ୍ଣ ମହତାବ ଥିଲେ ଚଳନ୍ତି ପାଠାଗାର'

ଭୁବନେଶ୍ୱର, ୨।୧(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ହରେକୃଷ୍ଣ ମହତାବ ଦେଶର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ଏଥିସହିତ ସେ ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନରେ ମଧ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସେ ଦୈନିକ ଖବରକାଗଜ ପ୍ରଜାତନ୍ତ୍ର, ସାହିତ୍ୟ ପତ୍ରିକା 'ଝଙ୍କାର' ପ୍ରଭୃତି ପତ୍ରପତ୍ରିକା ପ୍ରକାଶନ କରି ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିଲେ। ପ୍ରତ୍ୟେକ ବିଷୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଯୋଗୁ ସେ ରାଜ୍ୟର ଚଳନ୍ତି ପାଠାଗାର ଭାବେ ଜନମାନସରେ ପରିଚିତ ଥିଲେ। ପାଠାଗାର ଆନ୍ଦୋଳନକୁ ବିକଶିତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଓଡ଼ିଶା ଇତିହାସ ସମେତ ବହୁ ପୁସ୍ତକ ରଚନା କରି ସେ ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ବୋଲି ମତ ପ୍ରକାଶ ପାଇଛି। ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରଥମ କେନ୍ଦ୍ରମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୩୪ତମ ଶ୍ରାଦ୍ଧୋତ୍ସବ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ପାଳିତ ହୋଇଯାଇଛି। ଅନୁଶାସନ ସଚିବ ତଥା ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉମାନାଥ ମିଶ୍ର, ଗ୍ରନ୍ଥାଗାରିକ ରୁଦ୍ରପ୍ରସାଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପାଠାଗାର କର୍ମଚାରୀ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ 'ଡ. ହରେକୃଷ୍ଣ ମହତାବ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ଶ୍ରାଦ୍ଧବାର୍ଷିକୀରେ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨।୧(ବ୍ୟୁରୋ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ୩୫ତମ ଶ୍ରାଦ୍ଧଦିବସ ଅବସରରେ ତାଙ୍କ ସ୍ମୃତି ପ୍ରତି ବିଧାନସଭା ପକ୍ଷରୁ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ବିଧାନସଭା ପରିସରରେ ଅନୁଷ୍ଠିତ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ରୂପେ ଏବଂ ବରିଷ୍ଠ ବିଧାନସଭା ସଦସ୍ୟ ପ୍ରଫୁଲ୍ଲ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ମହତାବ ଜଣେ ବିଶିଷ୍ଟ ଜନନେତା ରୂପେ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଯୋଗଦାନ ରଖିଥିଲେ ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି। ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶାର ବହୁବିଧ ପ୍ରଗତି ହୋଇଥିଲା ବୋଲି ମଧ କହି ସେ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସମ୍ମାନିତ ଅତିଥି ସାମଲ ମହତାବଙ୍କୁ ଓଡ଼ିଶାର ଅଦ୍ୱିତୀୟ ଜନନେତା ରୂପେ ବର୍ଣ୍ଣନା କରି ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ଥିବା ବର୍ଣ୍ଣନା କରିଥିଲେ ।



ସର୍ବୋଦୟ ସାହିତ୍ୟ ସଂସଦ ପକ୍ଷରୁ ରବିବାର ପୁରୀର ସର୍ବୋଦୟ ନଗରସ୍ଥିତ ନିର୍ବିକଳ୍ପ ସଭାଗୃହରେ ଆୟୋଜିତ ଏକ ଉତ୍ସବରେ ଆର୍ତ୍ତତ୍ରାଣ ମାନସିଂଙ୍କ କବିତା ସଂକଳନ 'ଶବରୀ'କୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାରେ ରବିବାର ଲୋକେ ଷ୍ଟଲ ବୁଲି ଦେଖୁଛନ୍ତି।



ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୫ତମ ଶ୍ରାଦ୍ଧୋତ୍ସବରେ ରବିବାର ବିଧାନସଭା ପରିସରସ୍ଥ ମହତାବଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ଜାନୁୟାରୀରେ ୬ ନୂଆ ଗାଡ଼ି ବଜାରକୁ ଆସିବ**

ଚଳିତ ବର୍ଷରେ ଅନେକ ୪ ଚକିଆ ଯାନ ବଜାରକୁ ଆସିବାର ସୂଚନା ରହିଛି। ସେଗୁଡ଼ିକର ଶୁଭାରମ୍ଭ ସମୟ ମଧ୍ୟ ନିର୍ଦ୍ଧାରିତ ହୋଇଛି। ସେଥିମଧ୍ୟରୁ ଜାନୁୟାରୀରେ ଆସିବାକୁ ଥିବା ଗାଡ଼ିଗୁଡ଼ିକର ଏକ ତାଲିକା ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଉକ୍ତ ତାଲିକାରେ ଥିବା ଗାଡିଗୁଡିକ ହେଉଛି ଅଡି କ୍ୟୁ୭, କିଆ କାରନେସ, ବିଏମ୍‌ଡବ୍ଲ୍ୟୁ ଏକ୍ସ୩ ୨୦୨୨, ଟୟୋଟା ହିଲକ୍ସ, ଭଲ୍‌ଭୋ ଏକ୍ସସି ୪୦ ରିଚାର୍ଜ ଓ ସ୍କୋଡା କୋର୍ଡିଆକ ଭଳି ପ୍ରମୁଖ କମ୍ପାନୀର ସୌଖୀନ ଗାଡି ବଜାରକୁ ଆସୁଛି। ୨୦୨୨ ଜାନୁୟାରୀର ପ୍ରଥମ ଥର ପାଇଁ ଭାରତୀୟ ରାସ୍ତାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା କାରଗୁଡିକର ସମ୍ପୂର୍ଣ୍ଣ ହୋଷ୍ଟ ଦେଖିବାକୁ ମିଳିବ।

## ସଂକ୍ଷେପରେ

### ୧୭.୫ଲକ୍ଷ ହ୍ବାଟ୍ସଆପ୍ ଆକାଉଣ୍ଟ ବନ୍ଦ

ଭୁବନେଶ୍ୱର,୨।୧: ସାରା ବିଶ୍ୱରେ ଲୋକପ୍ରିୟ ସୋସିଆଲ ମିଡିଆ ଆପ୍ 'ହ୍ବାଟ୍ସଆପ୍' ବିଭିନ୍ନ କାରଣ ପାଇଁ ଅନେକ ଆକାଉଣ୍ଟକୁ ବନ୍ଦ କରିଦେଇଛି। ପ୍ଲାଟଫର୍ମର ସୁରକ୍ଷା ମାନଦଣ୍ଡକୁ ଦୃଷ୍ଟିରେ ରଖି କମ୍ପାନୀ ଏଭଳି ପଦକ୍ଷେପ ନେଇଛି ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ୨୦୨୧ନଭେମ୍ବରରେ ୧୭.୫ ଲକ୍ଷରୁ ଅଧିକ ଭାରତୀୟଙ୍କ ହ୍ବାଟ୍ସଆପ୍ ଆକାଉଣ୍ଟକୁ କମ୍ପାନୀ ବନ୍ଦ କରିଦେଇଛି। କମ୍ପାନୀକୁ ୬୦୨ଟି ଅଭିଯୋଗ ମିଳିବା ପରେ ଏଭଳି ପଦକ୍ଷେପ ନିଆଯାଇଥିଲା। କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦ୍ୱାରା କୁହାଯାଇଛି ଯେ, କେବଳ ଭାରତ ନୁହେଁ ଅନ୍ୟ ଦେଶରେ ମଧ୍ୟ ଅଭିଯୋଗ ଆସିଥିବା ହ୍ବାଟ୍ସଆପ୍ ଆକାଉଣ୍ଟଗୁଡିକୁ ମଧ୍ୟ ବନ୍ଦ କରାଯାଉଛି।

### ଇନ୍ଦିରା ଆଇଭିଏଫ୍‌ର ସଫଳତା ଉତ୍ସବ

ଭୁବନେଶ୍ୱର,୨।୧: ଇନ୍ଦିରା ଆଇଭିଏଫ୍ ପକ୍ଷରୁ ନିକଟରେ ଦେଶବ୍ୟାପୀ ୯୦,୦୦୦ରୁ ଅଧିକ ସଫଳ ଆଇଭିଏଫ୍ ପ୍ରକ୍ରିୟା ପୂରା କରିବାର ରେକର୍ଡ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ସଂସ୍ଥାର ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବେଟି ବଚାଓ-ବେଟି ପଢ଼ାଓ ବିଷୟବସ୍ତୁ ଉପରେ ଆୟୋଜିତ ଉତ୍ସବ ପାଳନ କରାଯାଇଥିଲା। ଯେଉଁଥିରେ ଶିକ୍ଷା କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଝିଅମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଠାରେ ପୁରୁଷ ସନ୍ତାନହୀନତା ଓ ଚିକିତ୍ସା ପଦ୍ଧତି ଉପରେ ଏକ ସେମିନାର୍ ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଓଡିଶାର ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମନସ୍ୱିନି ସାହୁ ଯୋଗ ଦେଇଥିଲେ ଏବଂ ଇନ୍ଦିରା ଆଇଭିଏଫ୍‌ର କ୍ଲିନିକାଲ ଓ ଲ୍ୟାବ୍ ଅପରେଶନ ଚିଫ୍ ଡଃ ବିପିନ ଚନ୍ଦ୍ର ଏହାର ଅଧକ୍ଷତା କରିଥିଲେ। ସେହିପରି ଇନ୍ଦିରା ଆଇଭିଏଫ୍ ଭୁବନେଶ୍ୱରର ବରିଷ୍ଠ ଡାକ୍ତର ସ୍ମିତା ନାଏକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶାର ଜିଏସ୍‌ଟି ସଂଗ୍ରହରେ ୪୩% ଅଭିବୃଦ୍ଧି

ଭୁବନେଶ୍ୱର,୨।୧




ଦେଶର ବିକାଶ ପାଇଁ ଅର୍ଥନୀତିର ଭିତ୍ତିଭୂମି ସଜାଡିବା ସହ ସାମଗ୍ରୀ ଓ ସେବା ଶୁଳ୍କ (ଜିଏସ୍‌ଟି) ସଂଗ୍ରହ କ୍ଷେତ୍ରରେ ଓଡ଼ିଶାର ଆୟ ୪୩% ଅଭିବୃଦ୍ଧି ଘଟିଛି। ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ମୋଟ ୪୦୮୦.୧୪ କୋଟି ଟଙ୍କାର ଶୁଳ୍କ ଆଦାୟ ହୋଇପାରିଛି। ଗତ ୨୦୨୦ରେ ମଧ୍ୟ ଓଡ଼ିଶାର ଜିଏସ୍‌ଟି ଆଦାୟ ୨୮୬୦.୨୦ କୋଟି ଟଙ୍କା ରହିଥିଲା। ଓଡ଼ିଶା ଜିଏସଟି ଆଦାୟରେ କ୍ରମାଗତ ୪ର୍ଥ ଥର ପାଇଁ ରେକର୍ଡ ପରିମାଣର ସଂଗ୍ରହ କରିଛି। ରାଜ୍ୟରେ ଜିଏସଟିର ଶୁଭାରମ୍ଭ ହେବା ପର ଠାରୁ ଏହା ହେଉଛି ୨ୟ ବୃହତ୍ ଜିଏସଟି ସଂଗ୍ରହ। ପ୍ରଗତିଶୀଳ ଜିଏସଟି ସଂଗ୍ରହ ଡିସେମ୍ବର ୨୦୨୧ରେ ୩୨,୧୧୩ କୋଟି ହୋଇଥିବା ବେଳେ ଗତ ବର୍ଷ ଏହି ସମୟ ମଧ୍ୟରେ ୨୦,୦୮୯ କୋଟିଆଦାୟ କରାଯାଇଥିଲା। ପୂର୍ବ ବର୍ଷ ତୁଳନାରେ ୨୦୨୧ରେ ୬୦% ଅଧିକ ଶୁଳ୍କ ଆଦାୟ ହୋଇଛି। ସେହିପରି ଓଡିଶା ଜିଏସଟି ୨୦୨୧ ଡିସେମ୍ବରରେ ୧,୧୧୮. ୬୫ କୋଟି ଟଙ୍କା ହୋଇଥିବା ବେଳେ ଗତ ବର୍ଷ ଏହି ସମୟ ମଧ୍ୟରେ ସଂଗ୍ରହ ରାଶି ଥିଲା ୭୬୫. ୨୬ କୋଟି ଟଙ୍କା। ଫଳରେ ପୂର୍ବାପେକ୍ଷା ୪୬.୧୮% ଅଧିକ ଅଭିବୃଦ୍ଧି ହାସଲ କରାଯାଇପାରିଛି। ଗତ ଡିସେମ୍ବର ଶେଷ ସୁଦ୍ଧା ହୋଇଥିବା ଆକଳନ ଅନୁଯାୟୀ ଦେଶର ଜିଏସ୍‌ଟି ଆୟ ମୋଟ ୧,୨୯,୭୮୦ କୋଟି ଟଙ୍କା ହୋଇଛି। ମୋଟ ଜିଏସ୍‌ଟି ଆୟରୁ କେନ୍ଦ୍ରୀୟ ଜିଏସ୍‌ଟି ଆକାରରେ ୨୨,୫୭୮ କୋଟି ଟଙ୍କା ମିଳିଥିବା ବେଳେ ରାଜ୍ୟ ଜିଏସ୍‌ଟି ଆକାରରେ ୨୮, ୬୫୮ କୋଟି ମିଳିଛି। ସେହିପରି ଆଇଜିଏସ୍‌ଟି ବାବଦରେ ୬୯,୧୫୫ କୋଟି ଟଙ୍କା ଏବଂ ସେସ୍ ବାବଦରେ ୯,୩୮୯ କୋଟି ଟଙ୍କା କେନ୍ଦ୍ର ସରକାର ପାଇଛନ୍ତି। ସେହିଭଳି ରାଜ୍ୟଗୁଡିକ ମଧ୍ୟରେ ସର୍ବାଧିକ ଜିଏସ୍‌ଟି ଆୟ ମହାରାଷ୍ଟ୍ରର ହୋଇଛି। ଏହି ରାଜ୍ୟକୁ ୧୯, ୫୯୨ କୋଟି ଟଙ୍କା ଜିଏସ୍‌ଟି ୨୦୨୧ରେ ମିଳିଛି। ୨୦୨୦ରେ ୧୭, ୬୯୯ କୋଟି ଥିଲା। ବଡ଼ ରାଜ୍ୟ ଭାବେ ଗୁଜରାଟରେ ୭, ୩୩୬ କୋଟି, ଉତ୍ତରପ୍ରଦେଶରେ ୬୦୨୯ କୋଟି, କର୍ନାଟକରେ ୮, ୩୩୫ କୋଟି, ତାମିଲନାଡୁରେ ୬, ୬୩୫ କୋଟି ଜିଏସ୍‌ଟି ଆଦାୟ ହୋଇଛି। ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ଜିଏସ୍‌ଟି ୩, ୭୦୭ କୋଟି ହୋଇଛି। ପୂର୍ବବର୍ଷ ୪,୧୧୪ କୋଟି ହୋଇଥିଲା। ଝାଡ଼ଖଣ୍ଡରେ ୨,୨୦୬କୋଟି ଆୟ ହୋଇଥିବା ବେଳେ ଛତିଶଗଡ଼ରେ ୨, ୫୮୨ କୋଟି ଓ ବିହାରରେ ୯୬୩ କୋଟି ଟଙ୍କା ହୋଇଥିବା ଜଣାପଡିଛି। ଗତବର୍ଷ ଝାଡ଼ଖଣ୍ଡରେ ୨,୧୫୦ କୋଟି, ଛତିଶଗଡ଼ରେ ୨, ୩୪୯ କୋଟି ଓ ବିହାରରେ ୧୦୬୭ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା।

# ବଜାର ଇଣ୍ଡିଆର ଏଜିଏମ୍ ଫଳାଫଳ

ଭୁବନେଶ୍ୱର,୨।୧


ଅତୁଲ ଗର୍ଗ

ଦେଶର ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନ 'ବଜାର ଇଣ୍ଡିଆ'ର ୩ୟ ବାର୍ଷିକ ସାଧାରଣ ସଭା (ଏଜିଏମ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ମହାମାରୀ ଯୋଗୁ ଭିଡିଓ କନଫରେନ୍ସି ଜରିଆରେ ଆୟୋଜିତ ହୋଇଥିବା ଏହି ଏଜିଏମ୍‌ରେ ବଜାର ଇଣ୍ଡିଆର ଚେୟାରମ୍ୟାନ୍ ଅତୁଲ ଗର୍ଗଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ଏହି ଅବସରରେ ସେ ପ୍ରତିଷ୍ଠାନର ବାର୍ଷିକ ଫଳାଫଳ ସହ କାରବାର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛନ୍ତି। କମ୍ପାନୀ ବର୍ତ୍ତମାନ ୧୩ଟି ରାଜ୍ୟର ୫୧ଟି ସହରରେ ୫୫ଟି ଷ୍ଟୋର ସହିତ କାର୍ଯ୍ୟ କରୁଛି। ଏହାର ଖୁଚୁରା ବ୍ୟବସାୟ କ୍ଷେତ୍ରର ପ୍ରାୟ ୫.୬୬ ଲକ୍ଷ ବର୍ଗଫୁଟ ପରିମିତ ଜମିରେ କାରବାର ବ୍ୟାପିଛି। ପୂର୍ବ ଭାରତରେ ବିଶେଷକରି ଉତ୍ତର ପୂର୍ବରେ ଏକ ପ୍ରମୁଖ ବ୍ୟବସାୟ ପ୍ରତିଷ୍ଠାନ ଭାବେ ଉପସ୍ଥିତି ଜାହିର କରିଛି। ଏହା ମୁଖ୍ୟତଃ ଉଦୀୟମାନ ମଧ୍ୟବିତ୍ତ ଏବଂ ମଧ୍ୟମ ଆୟ ବର୍ଗର ଜନସଂଖ୍ୟାକୁ ସେବା ଓ ସୁବିଧା ଯୋଗାଇଥାଏ। କମ୍ପାନୀ ପ୍ରଥମ ଥର ପାଇଁ ୧.୨୭ କୋଟି ଟଙ୍କା ପର୍ଯ୍ୟନ୍ତ ଲାଭ ହାସଲ କରିଛି। ଏହାର ମୂଲ୍ୟ ଷ୍ଟୋର ମାଧ୍ୟମରେ ସ୍ଥାନୀୟ ଉତ୍ପାଦକୁ ସମର୍ଥନ କରିବ ଏବଂ ଏହାର ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାକୁ କମ୍ପାନୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ସେହିଭଳି ୨୦୨୩ ଶେଷ ସୁଦ୍ଧା କମ୍ପାନୀ ଆହୁରି ୨୦ଟିଷ୍ଟୋର ସାରା ଦେଶରେ (ପାନ୍ ଇଣ୍ଡିଆ) ଖୋଲିବାର ଯୋଜନା ରଖିଛି। ବିଶେଷକରି ଏହାର ଅଂଶୀଦାରମାନେ ପ୍ରାୟତଃ ଯୋଗଦାନ କରୁଥିବା ଜଣାପଡିଛି। ଏହି ବୈଠକରେ ନିର୍ଦ୍ଦେଶକ ବୋର୍ଡ ଏବଂ କେଏମ୍‌ପିର ସଦସ୍ୟମାନେ ଭିସି ଜରିଆରେ ଯୋଗ ଦେଇଥିଲେ।

# ହେଲ୍‌ଥ ସଲ୍ୟୁଶନ ଆପ୍ 'ନିମାଇ' ଲୋକାର୍ପିତ

ଭୁବନେଶ୍ୱର,୨।୧




ଅତ୍ୟାଧୁନିକ ଚିକିତ୍ସା ଓ ଭେଷଜ ବିଜ୍ଞାନର ସୁବିଧା ପରେ ମଧ୍ୟ ରୋଗୀ ଠିକ୍ ସମୟରେ ତା'ର ଆବଶ୍ୟକ ଔଷଧ ଅନେକ କାରଣରୁ ଖାଇ ପାରି ନ ଥାଏ। ଫଳରେ ରୋଗ କମିବା ବଦଳରେ ବଢ଼ିବାର ଅନେକ ଆଶଙ୍କା ରହିଥାଏ। ଏଭଳି କିଛି ସମସ୍ୟାର ସମାଧାନ ପାଇଁ ଏକ ହେଲ୍‌ଥ ସଲ୍ୟୁଶନ ଆପ୍ 'ନିମାଇ'ର ପରିକଳ୍ପନା କରାଯାଇଥିଲା। ନିକଟରେ ଏହି ଆପ୍‌ର ବିକଶିତ କରାଯାଇଥିବା ବେଳେ ରବିବାର ସ୍ଥାନୀୟ ଖାରବେଳନଗର ସ୍ଥିତ ଏକ ହୋଟେଲ ପରିସରରେ ଉକ୍ତ ଆପ୍‌ର ଲୋକାର୍ପଣ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଚିକିତ୍ସକ ଆଲୋକ କାନୁନ୍‌ଗୋ, ଡା. ସୁକନ୍ୟା ରାୟ, ଡା. ମିହିର କୁମାର ସେନାପତି ଏବଂ ମିଡିଆ ପ୍ଲାନର ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଏହାର ବ୍ୟବହାର ଫଳରେ ରୋଗୀକୁ ଠିକ୍ ସମୟରେ ଆବଶ୍ୟକ ଔଷଧ ଖାଇବା ପାଇଁ ଉକ୍ତ ଆପ୍ ମନେପକାଇ ଦେବ। ଏହି ଆପ୍‌କୁ ଉଭୟ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ବିଭିନ୍ନ ଜରିଆରେ ବ୍ୟବହାର କରି ଯେକୌଣସି ରୋଗ ସମ୍ପର୍କରେ ସୂଚନା ଦେଇ ଠିକ୍ ସମୟରେ ଔଷଧ ଖାଇବାକୁ ଆବଶ୍ୟକ ସହାୟତା ପାଇପାରିବେ। ଏହି ଆପ୍‌କୁ ପ୍ରସ୍ତୁତ କରିଛନ୍ତି ଆଇଆଇଟି ଖଡ଼ଗପୁରର କମ୍ପ୍ୟୁଟର ବିଜ୍ଞାନର ଏମ୍‌ଟେକ୍ ଛାତ୍ର ତଥା ବରିଷ୍ଠ ସିଏସ୍ ବିଶେଷଜ୍ଞ ବିକ୍ରମ ରାୟ। କିଡ୍‌ସ ଚିକିତ୍ସାଳୟ ତଥା କାନୁନ୍‌ଗୋ ଡାଇବେଟିସ କେନ୍ଦ୍ରର ମୁଖ୍ୟ ପରାମର୍ଶଦାତା ଡା. ଆଲୋକ କାନୁନ୍‌ଗୋ ଏ କ୍ଷେତ୍ରରେ ତାଙ୍କୁ ବୈଷୟିକ ସହାୟତା ପ୍ରଦାନ କରିଛନ୍ତି। ଓଡ଼ିଶାର ଜଣାଶୁଣା ଚିକିତ୍ସକ ପ୍ରଫେସର ଡା. ନିମାନନ୍ଦ ରାୟଙ୍କ ସ୍ମୃତିରେ ଏହି ଆପ୍ ଉତ୍ସର୍ଗୀକୃତ କରାଯାଇଛି ବୋଲି ଡା. ଆଲୋକ କାନୁନ୍‌ଗୋ କହିଛନ୍ତି।

# ୟୁବିଆଇର ବରିଷ୍ଠ ପ୍ରବନ୍ଧକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨।୧

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ସ୍ଥାନୀୟ ଷ୍ଟେଶନ ସ୍କୋୟାର ଶାଖା (ପୂର୍ବର କର୍ପୋରେଶନ ବ୍ୟାଙ୍କ)ଭୁବନେଶ୍ୱର କ୍ଷେତ୍ରର ବରିଷ୍ଠ ପ୍ରବନ୍ଧକ ଉପେନ୍ଦ୍ର ମହାରଣା ନିକଟରେ ଉକ୍ତ ବ୍ୟାଙ୍କରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଷ୍ଟେଶନ ସ୍କୋୟାର ଶାଖାଠାରେ ଏକ ବୈଠକ ଆୟୋଜିତ ହୋଇଥିଲା। ଭୁବନେଶ୍ୱର ଶାଖାର କ୍ଷେତ୍ରୀୟ ମୁଖ୍ୟ ତଥା ଉପ ମହାପ୍ରବନ୍ଧକ ଶୋଭନ ସେନ୍‌ଗୁପ୍ତା, ମୁଖ୍ୟ ପ୍ରବନ୍ଧକ ବିରଞ୍ଚି ନାରାୟଣ ନାୟକ (ଶାଖା ମୁଖ୍ୟ)ଙ୍କ ସମେତ ୟୁବିଆଇ ଷ୍ଟେଶନ ସ୍କୋୟାର ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସମସ୍ତେ ମହାରଣାଙ୍କ ସୁଖୀ ଏବଂ ସୁସ୍ଥ ଅବସର ଜୀବନ କାମନା କରିଥିଲେ। ଏହି ଅବସରରେ ତାଙ୍କର ଧର୍ମପତ୍ନୀ ମଧୁମିତା ମହାରଣା, ପୁତ୍ର ଜୟନ୍ତ ମହାରଣାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ଟାପାରିଆର ହ୍ୟାଣ୍ଡ ଟୁଲ୍‌ସ ଉତ୍ପାଦ

ମୁମ୍ବାଇ,୨।୧



ଦୀର୍ଘ ୫୦ ବର୍ଷ ଧରି ଦେଶବାସୀଙ୍କୁ ସେବା ଓ ସାମଗ୍ରୀ ଯୋଗାଇ ଆସୁଥିବା ମୁମ୍ବାଇର ଅଗ୍ରଣୀ ହ୍ୟାଣ୍ଡ ଟୁଲ୍‌ସ ଉତ୍ପାଦନକାରୀ କମ୍ପାନୀ ଟାପାରିଆ ଟୁଲ୍‌ସ ଲିମିଟେଡ (ଟିଟିଏଲ୍)ର ଉତ୍ପାଦକୁ ମାର୍କେଟିଂ କରିବା ପାଇଁ ପ୍ରତ୍ୟେକ ଜଣାଶୁଣା ବ୍ୟବସାୟୀ ଠିକ୍ ପଦ୍ଧତି ନିୟୋଜିତ କରିଥାନ୍ତି। ଦେଶରେ ଏଭଳି ଏକ ପ୍ରତିଷ୍ଠାନର ଆବଶ୍ୟକ ଥିଲା, ଯେହେତୁ ଏହାର ପ୍ରାରମ୍ଭରେ ଏକ ପ୍ରତିଦ୍ୱନ୍ଦ୍ୱିତା ରହିଥିଲା। ଏହା ମୁଖ୍ୟତଃ ଅସଂଗଠିତ କ୍ଷେତ୍ର ଏବଂ ଅନ୍ୟାନ୍ୟ ଭାରତୀୟ କମ୍ପାନୀଗୁଡିକର ଉପକରଣ ଉତ୍ପାଦନଠାରୁ ବେଶ୍ ଅଗ୍ରଣୀ ରହିଛି। କମ୍ପାନୀ ବର୍ତ୍ତମାନ ସଂଗଠିତ କ୍ଷେତ୍ରର ପ୍ରାୟ ୭୦-୭୫% ବଜାର ଅଂଶକୁ ଆୟତ୍ତ କରିରଖିଛି ବୋଲି ଟିଟିଏଲ୍‌ର ସିଏମ୍‌ଡି ମତବ୍ୟକ୍ତ କରିଛନ୍ତି। ଏକ ଉଚ୍ଚମାନର ହ୍ୟାଣ୍ଡ ଟୁଲ୍ ମାର୍କେଟିଂ କରିବା ଏକ ମହତ କାର୍ଯ୍ୟ ବୋଲି ଟାପାରିଆ ବିଶ୍ୱାସ କରନ୍ତି। ଦେଶର ବିକ୍ରୟ ବ୍ୟତୀତ ଟାପାରିଆର ଉପକରଣଗୁଡ଼ିକ ମଧ୍ୟ ଅନେକ ଦେଶକୁ ରପ୍ତାନି ହୋଇଆସୁଛି। ଯେପରିକି ଇଂଲଣ୍ଡ, ଜର୍ମାନୀ, ଡେନମାର୍କ, ସ୍ୱିଡେନ, ନରୱେ, ଫିନଲାଣ୍ଡ, ଆମେରିକା, କାନାଡା, ମେକ୍ସିକୋ, ବ୍ରାଜିଲ, ପାନାମା, ଆର୍ଜେଣ୍ଟିନା, ପାରାଗୁଏ, ଉରୁଗୁଏ, ଇଥିଓପିଆ, କେନିଆ, ଦୁବାଇ, ହଂକଂ, ଥାଇଲାଣ୍ଡ, ଇଜିପ୍ଟ, ଅଷ୍ଟ୍ରେଲିଆ ଇତ୍ୟାଦି।

## ପ୍ରଥମ ପୃଷ୍ଠାରୁ...

### ୮ ପରେ ଦଶମ...

ନିଗମ କମିଶନର ସଞ୍ଜୟ କୁମାର ସିଂହ ଯୋଗ ଦେଇ ଭୁବନେଶ୍ୱରରେ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଟିକାଦାନ ବ୍ୟବସ୍ଥା କରାଯିବ। ଏଥିପାଇଁ ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ ଓ ଅଧକ୍ଷମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ ସହ ଯୋଗାଯୋଗ କରିବେ ବୋଲି କହିଥିଲେ। ଉଚ୍ଚ ମାଧ୍ୟମିକ ସ୍କୁଲର ଅଧକ୍ଷମାନେ ନିଜ ନିଜ ଜିଲାର ସିଡିଏମ୍‌ଓଙ୍କ ସହ ଯୋଗାଯୋଗ କରି ଟିକାଦାନ ସୁନିଶ୍ଚିତ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା ଓ ଉପନିର୍ଦ୍ଦେଶକ ଭାଗୀରଥି କାଣ୍ଡି ତଦାରଖ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ଟିକାଦାନ ପାଇଁ ଛାତ୍ରୀଛାତ୍ରମାନେ କୋୱିନ୍ ପୋର୍ଟାଲ୍‌ରେ ଆଗୁଆ ପଞ୍ଜୀକରଣ କରିପାରିବେ ଅଥବା ଟିକାଦାନ କେନ୍ଦ୍ରରେ ପହଞ୍ଚି ପଞ୍ଜୀକରଣ କରିପାରିବେ। ଅଧକ୍ଷ ଓ ପ୍ରଧାନଶିକ୍ଷକମାନେ ଟିକାଦାନ ନିମନ୍ତେ ସମସ୍ତ ଉପଯୁକ୍ତ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରସ୍ତୁତ କରି ସିଡିଏମ୍‌ଓଙ୍କ ସହ ଯୋଗାଯୋଗ କରିବେ ଓ ସମସ୍ତ ଛାତ୍ରୀଛାତ୍ର ଟିକା ନେବା ସୁନିଶ୍ଚିତ କରିବେ। ଏହି ବୈଠକରେ ସମସ୍ତ ଜିଲା ଶିକ୍ଷା ଅଧିକାରୀ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

### ଆଉ ୨୩ ଓମିକ୍ରନ୍...

ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୧ ବିଦେଶ ଫେରନ୍ତା, ୧୨ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ୧୧ଜଣ ବିଦେଶ ଫେରନ୍ତା ଫିନ୍‌ଲାଣ୍ଡ, ଓମାନ, ସାଉଦି ଆରବ, ଦୁବାଇ ଓ ସିରିଆରୁ ଆସିଛନ୍ତି। ୧୨ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ୨ଜଣ ଫିନ୍‌ଲାଣ୍ଡ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ନୂଆ ଆକ୍ରାନ୍ତଙ୍କ ବିଷୟରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ୨୩ ଓମିକ୍ରନ ଆକ୍ରାନ୍ତଙ୍କ ମଧ୍ୟରୁ ୪ଜଣ ମହିଳା ହୋଇଥିବାବେଳେ ୧୯ ଜଣ ପୁରୁଷ। ସମସ୍ତ ଚିହ୍ନଟଙ୍କ ବୟସ ୮ରୁ ୮୩ ବର୍ଷ ମଧ୍ୟରେ ହେବ। କେନ୍ଦୁଝର ଜିଲାରେ ସର୍ବାଧିକ ୭ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରୁ ୪, ସମ୍ବଲପୁର ଓ ପୁରୀ ଜିଲାରୁ ୩ଜଣ ଲେଖାଏ, ଅନୁଗୋଳ ଓ ବୌଦ୍ଧ ଜିଲାରୁ ୨ ଜଣ ଲେଖାଏ ଏବଂ ଜଗତସିଂହପୁର ଓ ବାଲେଶ୍ୱର ଜିଲାରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ଭିତରେ ସାମାନ୍ୟ ଲକ୍ଷଣ ଦେଖାଦେଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସମସ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇଛି। ସ୍ଥାନୀୟ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରିର ଯାଞ୍ଚ ଚାଲିଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ରାଜ୍ୟରେ ପ୍ରଥମେ ୨ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏମାନଙ୍କ ଭିତରୁ ଜଣେ ନାଇଜେରିଆ ଓ ଆଉ ଜଣେ କାତାରରୁ ଫେରିଥିଲେ। ଏହାପରେ ପୁଣି ୨ ନାଇଜେରିଆ ଫେରନ୍ତା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଧୀରେ ଧୀରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୧୪ରେ ପହଞ୍ଚିଥିଲା। ଏମାନଙ୍କ ମଧ୍ୟରେ ବି ସ୍ଥାନୀୟ ସଂକ୍ରମିତ ଥିଲେ। ତେବେ ଏକାଥରକେ ଗୋଟିଏ ଦିନରେ ୨୩ଜଣ ଚିହ୍ନଟ ହେବା ଘଟଣା ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

### ରାଜ୍ୟରେ ଦିନକରେ...

ଥିବା ଜଣାପଡ଼ିଛି। ଖୋର୍ଦ୍ଧାରୁ ସର୍ବାଧିକ ୧୭୭ ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୪୫ ଓ ସୁନ୍ଦରଗଡ଼ରୁ ୩୮ ଜଣ ରହିଛନ୍ତି। ଖୋର୍ଦ୍ଧା ଜିଲାରେ ସଂକ୍ରମଣ ହାର ୨.୮%କୁ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ଦୁଇଦିନରେ ଏକାଥରକେ ପ୍ରାୟ ଦୁଇଗୁଣା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେହିପରି ରାଜ୍ୟରେ ଲଗାତାର ଗତ ୭ଦିନର ଆକ୍ରାନ୍ତଙ୍କ ସଂଖ୍ୟାକୁ ନଜର ପକାଇଲେ ରବିବାର ୩୦୧ ଜଣ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରବିବାର ୪୨୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜାନୁୟାରୀ ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ୩୦ତାରିଖରେ ୨୨୫, ୨୯ରେ ୨୨୧, ୨୮ରେ ୧୫୬ ଓ ଡିସେମ୍ବର ୨୭ରେ ୧୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେପଟେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୫୫,୫୫୬କୁ ବୃଦ୍ଧି ପାଇଛି। ସେହିଭଳି ରାଜ୍ୟରେ କରୋନାରେ ଆଉ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଭୁବନେଶ୍ୱରର ଜଣେ ୭୫ବର୍ଷୀୟା ମହିଳା। ଫଳରେ ରାଜ୍ୟରେ ଏବେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୬୩ରେ ପହଞ୍ଚିଛି।

### ଆଇଏଏସ୍ ଅଫିସର ସ୍ତରରେ...

(ଡବ୍ଲ୍ୟୁଓସିଡି) କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ(ଏସ୍‌ଏସ୍‌ପିଡି)ର କମିଶନ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଶର୍ମାଙ୍କୁ ଡବ୍ଲ୍ୟୁଓସିଡି ଅତିରିକ୍ତ ଦାୟିତ୍ୱ ମିଳିବା ପରେ ଅନୁ ଗର୍ଗ ଏହି ଦାୟିତ୍ୱରୁ ମୁକ୍ତ ହୋଇଛନ୍ତି। ସେହିପରି ଇପିକଲ ଏମ୍‌ଡି ଦାୟିତ୍ୱରେ ଥିବା ଭୂପିନ୍ଦର ସିଂ ପୁନିଆଙ୍କୁ ଇଡ୍‌କୋ ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହାସହ ସେ ତାଙ୍କ ପୂର୍ବ ଦାୟିତ୍ୱ ମଧ୍ୟ ତୁଲାଇବେ।

### ଆଜିଠୁ ଭର୍ଚୁଆଲ...

ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଯେ, ୨୦୨୦ ମାର୍ଚ୍ଚରେ ଦେଶରେ କୋଭିଡ୍ ସଂକ୍ରମଣ ଆରମ୍ଭ ହେବା ପରଠାରୁ ସୁପ୍ରିମକୋର୍ଟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ମାମଲାଗୁଡ଼ିକର ଶୁଣାଣି ଚାଲିଥିଲା। ତେବେ ପରବର୍ତ୍ତୀ ସମୟରେ ସଂକ୍ରମଣ ହ୍ରାସ ପାଇଥିବା ଦର୍ଶାଇ ପୁଣି ପ୍ରତ୍ୟକ୍ଷ ଶୁଣାଣି କରିବାକୁ ଅନେକ ବାର୍ ଓ ଆଇନଜୀବୀ ଅନୁରୋଧ କରିଥିଲେ। ତେଣୁ ଗତ ଅକ୍ଟୋବରରେ ସୁପ୍ରିମକୋର୍ଟ ପ୍ରଶାସନ ପକ୍ଷରୁ ଏସ୍‌ଓପି ଜାରି କରାଯାଇଥିଲା।

### ଡିଏମ୍‌ଏଫ୍ ପାଣ୍ଠି...

ଏଥିରେ ଲଖନପୁର ଓପନକାଷ୍ଟ ପ୍ରୋଜେକ୍ଟ (ଓସିପି) ୧,୭୫,୪୯,୮୧୭.୯୧ ମେଟ୍ରିକ ଟନ କୋଇଲା ଉତ୍ପାଦନ କରିଥିବାବେଳେ ରୟାଲଟି ବାବଦକୁ ୨୧.୩୮ କୋଟି, ଡିଏମ୍‌ଏଫ୍‌କୁ ୬.୪୧ କୋଟି ଏବଂ ଏନ୍‌ଏମ୍‌ଇଟିକୁ ୦.୪୩ କୋଟି ସର୍ବମୋଟ ୨୮.୨୨ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ଲଜକୁରା ଓସିପିରେ ୪୬,୨୫,୬୬୬.୪୬ ମେଟ୍ରିକ ଟନ କୋଇଲା ଉତ୍ପାଦନ ହୋଇଥିବାବେଳେ ୫.୬୩ କୋଟି ରୟାଲଟି, ୧.୬୯ କୋଟି ଡିଏମ୍‌ଏଫ୍ ଏବଂ ଏନ୍‌ଏମ୍‌ଇଟିକୁ ୦.୧୧ କୋଟି ମୋଟ ୭.୪୩ କୋଟି ଟଙ୍କା କ୍ଷତି ହୋଇଛି। ବେଲପାହାଡ଼ ଓସିପିରେ ୯,୨୦,୪୩୧.୯୯ ମେଟ୍ରିକ ଟନ କୋଇଲା ଉତ୍ପାଦନ ହୋଇଥିବାବେଳେ ରୟାଲଟି ବାବଦକୁ ୧.୧୨ କୋଟି, ଡିଏମ୍‌ଏଫ୍‌କୁ ୦.୩୪ କୋଟି ଓ ଏନ୍‌ଏମ୍‌ଇଟିକୁ ୦.୦୨ କୋଟି ମୋଟ ୧.୪୮ କୋଟି ଟଙ୍କା କ୍ଷତି ହୋଇଛି। ସେହିପରି ସମଲେଶ୍ୱରୀ ଓସିପିରେ ୧,୦୯,୭୭,୩୪୮.୯୫ ମେଟ୍ରିକ ଟନ କୋଇଲା ଉତ୍ପାଦନ ହୋଇଥିବାବେଳେ ରୟାଲଟି ୧୩.୩୭ କୋଟି, ଡିଏମ୍‌ଏଫ୍‌କୁ ୪.୦୧ କୋଟି ଓ ଏନ୍‌ଏମ୍‌ଇଟିକୁ ୦.୨୭ କୋଟି ମୋଟ ୧୭.୬୫ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ଏହି ରୟାଲଟି କ୍ଷତି ଯୋଗୁ ମାଇନିଂ ଦ୍ୱାରା ପ୍ରଭାବିତ ଲୋକ ଓ ଅଞ୍ଚଳର ବିକାଶ ପ୍ରଭାବିତ ହୋଇଛି। ସେହିପରି ଖଣିଜ ଅନୁସନ୍ଧାନ ପାଇଁ ଉପଯୋଗ ହେଉଥିବା ଏନ୍‌ଏମ୍‌ଇଟି ପାଣ୍ଠି ମଧ୍ୟ ପ୍ରଭାବିତ ହୋଇଛି। ତେବେ ମେ ୨୦୨୦ରେ ଲିଜଧାରୀଙ୍କଠାରୁ ରୟାଲଟି, ଡିଏମ୍‌ଏଫ୍ ଓ ଏନ୍‌ଏମ୍‌ଇଟି ଅବଦାନ ପାଇଁ ଦାବି ଉପସ୍ଥାପନ କରାଯାଇଛି ବୋଲି ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ (ଡିଡିଏମ୍) ଦର୍ଶାଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସାଧାରଣତଃ ଖଣି କାର୍ଯ୍ୟ ହେଉଥିବା ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ରହୁନାହିଁ। ଅଧିକାଂଶ କାମ ମେଶିନ ସାହାଯ୍ୟରେ ହେଉଛି। ଏହାସହ ବାହାର ରାଜ୍ୟର ଠିକାସଂସ୍ଥା ନିୟୋଜିତ ଯୋଗୁ ସ୍ଥାନୀୟ ନିଯୁକ୍ତି ମଧ୍ୟ ପ୍ରଭାବିତ ହେଉଛି। କୌଣସି ବିକାଶମୂଳକ କାର୍ଯ୍ୟ ମଧ୍ୟ ହୋଇ ପାରୁ ନ ଥିବାରୁ ଉକ୍ତ ଅଞ୍ଚଳଗୁଡିକ ପଛୁଆ ହୋଇ ରହିଯାଇଛି। ଯାଜପୁର ଜିଲାର ଖଣି ଅଞ୍ଚଳ ସୁକିନ୍ଦାର ନଗଡ଼ା ଏହାର ଜ୍ୱଳନ୍ତ ଉଦାହରଣ। ଏପରିକି ଖଣି ଖନନ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କୁ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ଆବଶ୍ୟକ କ୍ଷତିପୂରଣ ମିଳୁନାହିଁ। ଖଣି ଖନନ କରୁଥିବା କମ୍ପାନୀର ଅଂଶଧନ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରିବା ଲାଗି ସରକାର ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଢାଞ୍ଚାଗତ ସଂଗଠିତ ପ୍ରକ୍ରିୟାର ଆବଶ୍ୟକତା ରହିଛି। ଖଣି ଅଞ୍ଚଳର ସମ୍ପଦକୁ ବ୍ୟବହାର କରି ସେହି ଅଞ୍ଚଳର ଲୋକମାନଙ୍କ ବିକାଶ ଉପରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରିବା କଥା। କିନ୍ତୁ ଡିଏମ୍‌ଏଫ୍ ପାଣ୍ଠି ପ୍ରତି ବିଭାଗୀୟ ଚରମ ଅବହେଳା ରିପୋର୍ଟରେ ଜଳଜଳ ହୋଇ ଦିଶୁଛି।

### ମେଡିକାଲରେ ପଶିଲେ...

ଲାଗିଛନ୍ତି। ଏ ସମ୍ପର୍କରେ ବନପାଳ ସୁରେନ୍ଦ୍ର ପଟ୍ଟନାୟକ କହିଛନ୍ତି, ସନ୍ଧ୍ୟାରେ ୨ଟି ଦନ୍ତା ମେଡିକାଲ ପରିସରକୁ ପଶି ଆସିଥିବା ଖବର ପାଇଥିଲୁ। ଗୋଟିଏ ଟିମ୍ କାଜୁ ଜଙ୍ଗଲ ଏବଂ ଅନ୍ୟ ଏକ ଟିମ୍ ମେଡିକାଲ ପରିସର ଶବ ବ୍ୟବଚ୍ଛେଦ ଗୃହ ଚାରିପଟେ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। କୌଣସି ବ୍ୟକ୍ତି କିମ୍ବା ରୋଗୀଙ୍କ ସମ୍ପର୍କୀୟ ବ୍ୟବଚ୍ଛେଦ ଗୃହ ପଛପଟ ନ ବୁଲିବା ଲାଗି ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ,ଏହି ବନାଞ୍ଚଳରେ ୩ଟି ଦନ୍ତା ରହିଥିବା ବେଳେ ସେଥିରୁ ଏକ ଦନ୍ତା ଚନ୍ଦକା ଜଙ୍ଗଲକୁ ପଳାଇଯାଇଛି। ଅନ୍ୟ ୨ଟି ଦନ୍ତା ଜରିପୁଟ, ଶରଧାପୁର, ତରତୁଆ ନିକଟ ଜଙ୍ଗଲରେ ରହୁଛନ୍ତି। ଶନିବାର ସନ୍ଧ୍ୟାରେ ଶରଧାପୁର ଗ୍ରାମରେ ଏହି ଦୁଇଟି ଦନ୍ତା ପଶି ଜଣେ ବ୍ୟକ୍ତିଙ୍କ ବାରିରେ ହୋଇଥିବା କଦଳୀ ଖାଇବା ସହ ନଷ୍ଟ କରିଛି। ସ୍ଥାନୀୟ ଲୋକଙ୍କ ପାଟି ଶୁଣି ହାତୀଦ୍ୱୟ ଜଙ୍ଗଲକୁ ପଳାଇଥିଲେ।

# ଖ୍ୱିଟିଂରୁ ଶହେ ପଥରଶିଳ୍ପୀ ପଠାଇଥିଲେ ରାଜା

ଡ. ସୁରେନ୍ଦ୍ର କୁମାର ମିଶ୍ର

- କେରାଣ୍ଡିମାଳରୁ ପଥର ଆସିଥିଲା ଋଷିକୁଲ୍ୟା ନଦୀପଥରେ
- ବଡ଼ମ୍ବା-ନରସିଂହପୁରରୁ ୧୮ହାତିଆ ପଥର ଅଣାଯାଇଥିଲା


ବିଶ୍ୱନାଥ ମୁଣ୍ଡିଆ ଏବଂ ଏହା ନିକଟରେ ଏବେ ସ୍ଥାପିତ ମନ୍ଦିର।
(ଫଟୋ: ରଶ୍ମିରଞ୍ଜନ ପ୍ରଧାନ, ଡେଲାଙ୍ଗ)




ଗତ ସଂଖ୍ୟାରେ ଆମେ ପାଞ୍ଚଟି ସ୍ଥାନରୁ ପଥର ଆସିବା କଥା ପୋଥି ଆଧାରରେ ଆଲୋଚନା କରିଥିଲେ। ପଥର ଆସି କୋଣାର୍କଠାରେ ପହଞ୍ଚିବା ପର୍ଯ୍ୟନ୍ତ କିପରି ୫ ପ୍ରକାର ଗୋଷ୍ଠୀ ପ୍ରବଳ ପରିଶ୍ରମ କରି କାର୍ଯ୍ୟକୁ ସଫଳ କରନ୍ତି ତାହା ଜାଣିଲେ। ଏମାନେ ସମସ୍ତେ ପାଉଣା ତ ନେଉଥିଲେ, କିନ୍ତୁ ଯେଉଁ ନିଷ୍ଠାରେ ଗୋଟାଏ ଜାତିର ଗୌରବମୟ ଐତିହ୍ୟକୁ ସାକାର କରିବା ପାଇଁ ଦୃଢ଼ ନିଶ୍ଚୟ ଥିଲେ ତାହା ଶିକ୍ଷା କରିବା କଥା। ଯେଉଁଠାରୁ ପଥର ସବୁ ଆସୁଥିଲା ତଥା ଯେଉଁମାନେ ଜଳପଥରେ ଆଣୁଥିଲେ ସେମାନଙ୍କ ବିଷୟରେ ଆଲୋଚନା କରିବାର ଉଦ୍ଦେଶ୍ୟ ଏମାନେ କେହି ବି ବାହାରିଆ ଲୋକ ନ ଥିଲେ, ଆମ ମନ୍ଦିର ନିର୍ମାଣ ଓ ପ୍ରସ୍ତୁତିକୁ ଯେଉଁମାନେ ଟାହି ଟାପରା କରି ଲେଖିଥିଲେ ଏବଂ ଏକ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ ଯେ ଓଡ଼ିଆମାନେ ପଦ୍ମତୋଳା ଗଣ୍ଡରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରି ନ ଥିଲେ, ସେଇ ଧାରଣାକୁ ନିରାଧାର କରିବାର ପ୍ରୟାସ।

ଓଡ଼ିଶାର ସବୁବର୍ଗର ଲୋକଙ୍କୁ ଗଜପତି ଏକାଠି କରିବାକୁ ପଦକ୍ଷେପ ନେଇଥିଲେ। ନଇଲେ ଭଞ୍ଜକୁଳର ଚନ୍ଦ୍ରମା ମୟୂରଭଞ୍ଜର ରାଜା ଶ୍ରୀଚକ୍ରଧର ଭଞ୍ଜ ୧୦୦ ଖ୍ୱିଟିଂ ପଥର ପଠାଇଥାନ୍ତେ କାହିଁକି! ଏହିପଥର ମହାନଦୀ ଜଳପଥ ଦେଇ କୋଣାର୍କରେ ପହଞ୍ଚିଥିଲା। ଶହେ ପଥର ସହିତ ସେ ଶହେ ଖ୍ୱିଟିଂର ଶିଳ୍ପୀ ମଧ୍ୟ ପଠାଇଥିଲେ। ଚାପବାହାକଙ୍କୁ ସମ୍ମାନର ସହ ଏକଯୋଡ଼ା ଲେଖାଏଁ ଧୋତି ଦିଆଯାଇଥିଲା କୋଣାଦିତ୍ୟ ଭଣ୍ଡାରରୁ।

ସେ ସମୟରେ ପର୍ଯ୍ୟଙ୍ଗ ଅଞ୍ଚଳ କହିଲେ ମହାନଦୀଠାରୁ ଡେଲାଙ୍ଗ ଅଞ୍ଚଳ ଦେଇ ଚିଲିକା ପର୍ଯ୍ୟନ୍ତ ବୁଝାଯାଉଥିଲା। ଅଞ୍ଚଳର ନାୟକଙ୍କୁ 'ପର୍ଯ୍ୟଙ୍ଗ ନାୟକ' କୁହାଯାଉଥିଲା। ସେ ଜଗଦଳ ପାହାଡ଼ରୁ ପଠାଇଲେ ୬୦ ହଜାର ୩୮୨ ଖଣ୍ଡ ପଥର, ଦୁଇଜଣ ବୋହିପାରୁଥିବା ପଥରଖଣ୍ଡ। ଆମେ ଜଗଦଳପାହାଡ଼ ଅନୁସନ୍ଧାନରେ ଯାଇଥିଲୁ। ଏହି ପଥର ନିଶ୍ଚିତ ଦୟାନଦୀ ଜଳପଥରେ ଆସିଥିବ ଆମର ବିଶ୍ୱାସ ହେଲା। ବିରାଟ ପାହାଡ଼ ଥିଲା। ଚାରିପଟୁ ପଥରକଟା ଆଜି ବି ଚାଲିଛି। ପାହାଡ଼ର ଉତ୍ତର-ପଶ୍ଚିମ କୋଣ ଦେଇ ଦୟାନଦୀ ପ୍ରବାହିତ। କୋଣାର୍କକୁ ପଥର ଆସିବାରେ ଏହା ଥିଲା ସପ୍ତମ ସ୍ଥାନ।

ନରସିଂହଦେବଙ୍କ ୭ମ ଅଙ୍କରେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ୯ମ ଅଙ୍କରେ କେରାଣ୍ଡିମାଳରୁ ପଥର ଆସିଲା ଋଷିକୂଲ୍ୟା ନଦୀପଥରେ। ସାତଶହ ପଥର ଚାପ ଏବଂ ନୌକାରେ ଆସିଥିଲା କୋଣାର୍କକୁ।

ଜଗଦଳପାହାଡ଼ ଏବେ ବିଶ୍ୱନାଥ ପାହାଡ଼ ଭାବରେ ପରିଚିତ ହେଉଛି। ହାରାହାରି ଆଠଶହ ବର୍ଷ ମଧ୍ୟରେ ପାହାଡ଼କୁ ଏକ ମୁଣ୍ଡିଆ ସ୍ତରକୁ ଆମେ ଆଣି ପହଞ୍ଚେଇ ଦେଇଛେ। ପାହାଡ଼ ତଳେ ଥିବା ଗାଁର ନାମ ଏବେ ବି ଜଗଦଳପୁର ଅଛି। ବିଶ୍ୱନାଥ ପାହାଡ଼ରୁ ପୁଣି ଥରେ ୭୦ଟି ଆବୁଡ଼ାଖାବୁଡ଼ା ପଥର ଆସିଥିଲା। ପୋଥିରେ ସ୍ପଷ୍ଟ ଲେଖାଯାଇଛି- ଦୟାନଦୀରେ ଚାପ ଥିଲା। ଚାପ ଦଳେଇ ସେଗୁଡ଼ିକୁ ଚାପରେ ଲଦି ମହାନଦୀକୁ ଆଣିବା ପରେ କୋଣାର୍କ ଅଭିମୁଖେ ଆସିଥିଲା।

ମହାନଦୀରୁ ପଥରବୋଝେଇ ଚାପ ସୋଲ ନଦୀ ଗଣ୍ଡରେ ପହଞ୍ଚିଥିଲା। ସେଇ ଗଣ୍ଡରୁ ଏକ ଉଦିପୁର ଦଣ୍ଡା (କେନାଲ) କୋଣାର୍କ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିଲା। କେନାଲ ଦେଇ ପଥର ପହଞ୍ଚିବା ପରେ ଶଗଡ଼ିଆ ବୋହି ଆଣିଥିଲେ ପଥରଖଳାକୁ।

ପଥର ଆଣିବା ପାଇଁ ନରସିଂହପୁର ଗଡ଼କୁ (ବଡ଼ମ୍ବା-ନରସିଂହପୁର) ଯାଇଥିଲେ ମୁକୁନ୍ଦ ମହାପାତ୍ର ଓ ରାଧୁ ପଥୁରିଆ। ନରସିଂହପୁର ବଣଜଙ୍ଗଲ ଘେରା ଖଣିରୁ ପଥର ପଠାଇବା ପାଇଁ ସେଠାକାର ପଥରକଟୁଆଳଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଥିଲା। ବଡ଼ମ୍ବା-ନରସିଂହପୁରର ବାଣେଶ୍ୱର ନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବଡ଼ ବଡ଼ ପଥର ଆସିଥିଲା। ବଡ଼ ପଥର କାଟିବା ପାଇଁ ସ୍ୱତନ୍ତ୍ର ସୁନାମାଢ଼ ମଧ୍ୟ ଖର୍ଚ୍ଚ ହୋଇଥିଲା।

ପଥର ଆସିଲାବେଳେ ଅଘଟଣ ବି ଘଟିଛି। ଅଠରହାତ ଲମ୍ବା ବଡ଼ ବଡ଼ ପଥର ସିଦ୍ଧିଦୁର୍ଗା ପାହାଡ଼ରୁ କଟାଯାଇ ଚାପରେ ଅଣାଯିବା ସମୟରେ ବାତ୍ୟା ଆରମ୍ଭ ହୋଇଯାଇଥିଲା। ଚାପଟି ନଦୀରୁ ବାହାରି କୋଣାର୍କକୁ ଲମ୍ବିଥିବା କେନାଲରେ ପହଞ୍ଚିଯିବା ପରେ ଚାପ ବୁଡ଼ିଗଲା। ବୁଡ଼ାଳିମାନେ ପଥରରେ ଦଉଡ଼ି ବାନ୍ଧି ତିନୋଟି ହାତୀ ଦ୍ୱାରା ପଥରକୁ ଉପରକୁ ଉଠେଇଥିଲେ। ଗୋଟିଏ ଗୋଟିଏ ପଥରକୁ ଉଠେଇବା ଅତ୍ୟନ୍ତ କଷ୍ଟକର ଥିଲା। ତେଣୁ ଦଶ ଦିନ ଲାଗିଗଲା ସବୁ ପଥର କୂଳରେ ଲାଗିବାକୁ। ପାଣିରେ ପହଁରି ପହଁରି ଯାଇ ପାଣି ଭିତରକୁ ବୁଡ଼ି ପଥର ଚାରିପଟେ ଚଉକସ କରି ଦଉଡ଼ି ବାନ୍ଧିବା ସହଜ କଥା ନୁହେଁ। ଅସମ୍ଭବ ଲାଗୁଥିବା ଏହି କାର୍ଯ୍ୟକୁ ଯିଏ ସାହସର ସହିତ ତୁଲାଇଥିଲେ ସେ ଥିଲେ ଜଗୁନି ପଥୁରିଆ। ଧନ୍ୟ କହିବା ତାଙ୍କୁ।

# ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର



ଇଂ. ମାୟାଧର ସ୍ୱାଇଁ

"ନାସା ଗତବର୍ଷ ଡିସେମ୍ବର ୨୪ରେ ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ରକୁ ଦକ୍ଷିଣ ଆମେରିକାର ଫ୍ରେଞ୍ଚ ଗୁଏନାଠାରୁ ୟୁରୋପୀୟ ମହାକାଶ ସଂଘର 'ଏରିଏନ୍-୫' ରକେଟ୍ ସାହାଯ୍ୟରେ ଅନ୍ତରୀକ୍ଷକୁ ଉତ୍କ୍ଷେପଣ କରିଛି। ଉତ୍କ୍ଷେପଣର ୨୬ ମିନିଟ୍ ପରେ ୬୨୦୦ କିଗ୍ରା ଓଜନର ଦୂରବୀକ୍ଷଣ ଯନ୍ତ୍ର ରକେଟ୍‌ଠାରୁ ପୃଥକ୍ ହୋଇ ଏହାର ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଛି। ୧୯୬୦ ଦଶକରେ ନାସା ସଂସ୍ଥାର ମୁଖ୍ୟ ଥିବା ବିଶିଷ୍ଟ ଜ୍ୟୋତିର୍ବିଦ୍ ଜେମ୍ସ ଏଡ୍‌ଉଇନ୍ ୱେବ୍‌ଙ୍କ ନାମ ଅନୁସାରେ ଏହାକୁ ନାମିତ କରାଯାଇଛି। ଏହାର ବ୍ୟାସ ହେଉଛି ୨୧ ମିଟର।"



ବିଶ୍ୱ ହେଉଛି ଅନନ୍ତ ଓ ଅସୀମ। କୋଟି କୋଟି ନକ୍ଷତ୍ର ଓ ଗାଲାକ୍ସିକୁ ନେଇ ଏହା ଗଠିତ। ଆମେ କେବଳ ଏହାର କିୟଦଂଶକୁ ଦେଖିପାରିଛେ। ବିଶ୍ୱର ବିଭିନ୍ନ ବସ୍ତୁପିଣ୍ଡର ଅଧ୍ୟୟନ ପାଇଁ ମହାକାଶକୁ କେତେଗୁଡ଼ିଏ କୃତ୍ରିମ ଉପଗ୍ରହ ଓ ମହାକାଶଯାନ ପଠାଯାଇ ତଥ୍ୟ ଆହରଣ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ଓ ୟୁରୋପୀୟ ମହାକାଶ ସଂଘ ମିଳିତ ଭାବରେ ୧୯୯୦ ମସିହାରେ ଭୂକକ୍ଷରେ 'ହବଲ' ମହାକାଶ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନ କରି ଅନେକ ନୂତନ ଜ୍ୟୋତିର୍ବିଦୀୟ ପିଣ୍ଡ ଆବିଷ୍କାର କରିଥିଲେ। ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିବା ପରେ ଏହା ଗତବର୍ଷ ସେପ୍ଟେମ୍ବର ମାସରେ ଅକାମି ହୋଇଯାଇଥିଲା। ଏହାର ଉତ୍ତରାଧିକାରୀ ଭାବରେ ନାସା କୋଡ଼ିଏ ବର୍ଷ ପୂର୍ବରୁ ଅନ୍ୟ ଏକ ଉନ୍ନତ ଓ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ରର ଡିଜାଇନ୍ କରି ଗତବର୍ଷ ଏହାକୁ ମହାକାଶକୁ ପଠାଇଛି। ଏହାର ନାମ ହେଉଛି 'ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର'।

ନାସା ଗତବର୍ଷ ଡିସେମ୍ବର ୨୪ରେ ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ରକୁ ଦକ୍ଷିଣ ଆମେରିକାର ଫ୍ରେଞ୍ଚ ଗୁଏନାଠାରୁ ୟୁରୋପୀୟ ମହାକାଶ ସଂଘର 'ଏରିଏନ୍-୫' ରକେଟ୍ ସାହାଯ୍ୟରେ ଅନ୍ତରୀକ୍ଷକୁ ଉତ୍କ୍ଷେପଣ କରିଛି। ଉତ୍କ୍ଷେପଣର ୨୬ ମିନିଟ୍ ପରେ ୬୨୦୦ କିଗ୍ରା ଓଜନର ଦୂରବୀକ୍ଷଣ ଯନ୍ତ୍ର ରକେଟ୍‌ଠାରୁ ପୃଥକ୍ ହୋଇ ଏହାର ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଛି। ୧୯୬୦ ଦଶକରେ ନାସା ସଂସ୍ଥାର ମୁଖ୍ୟ ଥିବା ବିଶିଷ୍ଟ ଜ୍ୟୋତିର୍ବିଦ୍ ଜେମ୍ସ ଏଡ୍‌ଉଇନ୍ ୱେବ୍‌ଙ୍କ ନାମାନୁସାରେ ଏହାକୁ ନାମିତ କରାଯାଇଛି। ଏହାର ବ୍ୟାସ ହେଉଛି ୨୧ ମିଟର। ରକେଟ୍‌ରେ ଏହାକୁ ଭାଙ୍ଗ କରି ରଖାଯାଇଥିଲା ଏବଂ ରକେଟ୍‌ରୁ ପୃଥକ ହେବା ପରେ ଏହା ଖୋଲି ଯାଇ ଗୋଟିଏ ଟେନିସ କୋର୍ଟ ଆକାରର ହୋଇଯାଇଥିଲା। ଏହାର ମୁଖ୍ୟ ଦର୍ପଣ ବେରିଲିୟମ ଧାତୁରୁ ୧୮ଟି ଷଡ଼କୋଣୀୟ କେନ୍ଦ୍ରରେ ନିର୍ମିତ ହୋଇଛି। ଏହାକୁ ଥଣ୍ଡା ରଖିବା ପାଇଁ ତଥା ଅବଲୋକିତ ରଶ୍ମିରୁ ରକ୍ଷା କରିବା ପାଇଁ ଏଥିରେ ସୁନାର ପତଳା ସ୍ତରର ଆଚ୍ଛାଦନ କରାଯାଇଛି। ଦର୍ପଣର ବ୍ୟାସ ହେଉଛି ୬.୫ ମିଟର। ହବ୍‌ର ଦୂରବୀକ୍ଷଣ ଯନ୍ତ୍ରଠାରୁ ଏହା ହେଉଛି ଶହେ ଗୁଣ ଅଧିକ ସମ୍ବେଦନଶୀଳ ଓ ଶକ୍ତିଶାଳୀ।



ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପ ଓ କାନାଡ଼ାର ମହାକାଶ ସଂସ୍ଥାରେ କାର୍ଯ୍ୟ କରୁଥିବା ଇଞ୍ଜିନିୟରମାନେ ଏହାର ନିର୍ମାଣ କରିଛନ୍ତି।

ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ର ପୃଥିବୀଠାରୁ ୧୫ ଲକ୍ଷ କି.ମି. ଦୂରରେ ଲାଗ୍ରାଞ୍ଜେ ବିନ୍ଦୁ-୨ (ଏଲ୍-୨)ରେ ରହି ସୂର୍ଯ୍ୟଙ୍କୁ ପରିକ୍ରମଣ କରିବ। ଏଲ୍-୨ ବିନ୍ଦୁ ସୂର୍ଯ୍ୟ ଓ ପୃଥିବୀ ସହ ଗୋଟିଏ ସରଳରେଖାରେ ଏପରି ସ୍ଥାନରେ ରହିଛି ଯେ, ଏଠାରେ ଅବସ୍ଥିତ ଥିବା କୌଣସି ବସ୍ତୁପିଣ୍ଡ ଉପରେ ସୂର୍ଯ୍ୟ ଓ ପୃଥିବୀ ସମାନ ଆକର୍ଷଣ ବଳ ବିପରୀତ ଦିଗରେ ଅନୁଭୂତ ହେବ। ଏଣୁ ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ର ସେଠାରେ ରହି ପୃଥିବୀ ବେଗରେ ସୂର୍ଯ୍ୟଙ୍କୁ ପରିକ୍ରମଣ କରିବ; ସତେ ଯେପରି ଗୋଟିଏ ଦଉଡ଼ିରେ ଦୁଇଟିଯାକ ବନ୍ଧା ହୋଇଛି।

ବିଶ୍ୱ ସୃଷ୍ଟିର ପ୍ରାରମ୍ଭିକ ଅବସ୍ଥାକୁ ଅଧ୍ୟୟନ କରିବା ହେଉଛି ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ରର ମୁଖ୍ୟ ଲକ୍ଷ୍ୟ। ଅବଲୋହିତ ବର୍ଣ୍ଣାଳିରେ ବିଭିନ୍ନ ଜ୍ୟୋତିର୍ବିଦୀୟ ପିଣ୍ଡକୁ ଦେଖିବା ପାଇଁ ଡିଜାଇନ୍ କରାଯାଇଥିବାରୁ ମହାକାଶର ଗ୍ୟାସ୍ ଓ ଧୂଳି ବାଦଲ ଦେଇ ଏହା ଦୂର ନକ୍ଷତ୍ର ଓ ଗାଲାକ୍ସିଗୁଡ଼ିକୁ ଦେଖିପାରିବ। ବିଶ୍ୱ ଆଜକୁ ୧୩.୮ ବିଲିୟନ ବର୍ଷ ପୂର୍ବେ ସୃଷ୍ଟି ହୋଇଛି ଏବଂ ଏହାର ୧୦୦ ନିୟୁତ ବର୍ଷ ପରେ ବ୍ରହ୍ମାଣ୍ଡକୁ ଅଧ୍ୟୟନ କରିବା ହେଉଛି ଏହାର ଲକ୍ଷ୍ୟ।

ସୌରଜଗତ ବାହାରେ ଚାରି ହଜାରରୁ ଅଧିକ ଗ୍ରହ ଆବିଷ୍କୃତ ହେଲାଣି। ଜ୍ୟୋତିର୍ବିଦ୍‌ମାନେ ବିଶ୍ୱାସ କରୁଛନ୍ତି ଯେ, ବିଶ୍ୱର ଅନ୍ୟ କେତେକ ଗ୍ରହରେ ପୃଥିବୀ ଭଳି ଜୀବଜଗତ ଗଢ଼ି ଉଠିବା ସଦୃଶ ଅବସ୍ଥା ଥାଇପାରେ। ଏଣୁ ଏହି ଦୂରବୀକ୍ଷଣ ଯନ୍ତ୍ର ସୌରଜଗତର ଗ୍ରହଗୁଡ଼ିକର ବାୟୁମଣ୍ଡଳ ଓ ପୃଷ୍ଠଦେଶ ଅଧ୍ୟୟନ କରିବା ସହିତ ସେଠାରେ ଜୀବଜଗତର ସମ୍ଭାବନା ଅନୁସନ୍ଧାନ କରିବ। ଏହା ପୃଥିବୀଠାରୁ ୬୩ ଆଲୋକବର୍ଷ ଦୂରରେ ଥିବା ଗ୍ରହଗୁଡ଼ିକୁ ମଧ୍ୟ ଅଧ୍ୟୟନ କରିପାରିବ। ପ୍ରତ୍ୟେକ ଗାଲାକ୍ସିର କେନ୍ଦ୍ରରେ ଗୋଟିଏ ଗୋଟିଏ ବୃହଦାକାୟ କୃଷ୍ଣଗର୍ତ୍ତ ବା ବ୍ଲାକ୍ ହୋଲ୍ ରହିଥିବାର ଜ୍ୟୋତିର୍ବିଦ୍‌ମାନେ ଜାଣିପାରିଛନ୍ତି। ଏହି ଦୂରବୀକ୍ଷଣ ଯନ୍ତ୍ର ମଧ୍ୟ ସେଗୁଡ଼ିକୁ ଅଧ୍ୟୟନ କରିବ।

ଏଲ୍-୨ ବିନ୍ଦୁରେ ଅବସ୍ଥାପିତ ହେଉଥିବାରୁ ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ର କମ୍ ଇନ୍ଧନ ଆବଶ୍ୟକ କରିବ। ଏହା ଅତି କ୍ଷୀଣ ଅବଲୋକିତ ରଶ୍ମିକୁ ଠାବ କରୁଥିବାରୁ ଅନ୍ୟ କୌଣସି ଆଲୋକ କିମ୍ବା ତାପ ଉତ୍ସ ଏହାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବ। ସୂର୍ଯ୍ୟ ଆଡ଼କୁ ଥିବା ଦୂରବୀକ୍ଷଣ ଅଂଶର ତାପମାତ୍ରା ୨୦୦ ଡିଗ୍ରି ଫାରେନାଇଟ୍ ଥିବାବେଳେ ଏହାର ବିପରୀତ ପାର୍ଶ୍ୱର ତାପମାତ୍ରା ହେଉଛି ବିୟୁକ୍ତ ୪୦୦ ଡିଗ୍ରି ଫାରେନାଇଟ୍। ଏଣୁ ସୂର୍ଯ୍ୟ ଆଡ଼କୁ ରହୁଥିବା ପାର୍ଶ୍ୱକୁ ଉତ୍ତାପରୁ ରକ୍ଷା କରିବା ପାଇଁ ଗୋଟିଏ ତାପୀୟ ଘୋଡ଼ଣୀ ଦିଆଯାଇଛି। ଦୂରବୀକ୍ଷଣ ଯନ୍ତ୍ରର ଦର୍ପଣ ଓ ଏଥିରେ ଯନ୍ତ୍ରପାତି ସର୍ବଦା ବିୟୁକ୍ତ ୪୦୦ ଡିଗ୍ରୀ ତାପମାତ୍ରାରେ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା ହୋଇଛି।

ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ର ଦଶ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାର ନିର୍ମାଣ ପାଇଁ ୧୦ ବିଲିୟନ ଡଲାର (ପ୍ରାୟ ୭୫ ହଜାର କୋଟି) ଖର୍ଚ୍ଚ ହୋଇଛି। ଏହା ହେଉଛି ମହାକାଶ ଗବେଷଣା କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରକଳ୍ପ। ଏହା ବ୍ରହ୍ମାଣ୍ଡର ଅନେକ ରହସ୍ୟ ଉନ୍ମୋଚନ କରି ଆମର ଜ୍ଞାନବୃଦ୍ଧି କରିବ। ଏହାକୁ ନେଇ ଜ୍ୟୋତିର୍ବିଦ୍ ଏବଂ ଏପରିକି ସାଧାରଣ ଲୋକଙ୍କ ମନରେ ଅନେକ ଉତ୍କଣ୍ଠା ଲାଗି ରହିଛି।

- ୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

## ଜିନିଷ ଏକ : ଉପକାର ଅନେକ

# ପାଚିଲା କଦଳୀ

*ପାଚିଲା କଦଳୀ ଖାଇବାକୁ ବେଶ୍ ସ୍ୱାଦଯୁକ୍ତ। ଏହାକୁ ଖାଇଲେ ସେଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପଯୋଗୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...*



- ରକ୍ତଚାପକୁ ଅନେକାଂଶରେ ପାଚିଲା କଦଳୀ ନିୟନ୍ତ୍ରିତ କରିଥାଏ। ଯଦି ଜଣେ ଉଚ୍ଚ ରକ୍ତଚାପ ରୋଗୀ ଦିନକୁ ଦୁଇଟି ଲେଖାଏଁ ପାଚିଲା କଦଳୀ ଖାଆନ୍ତି, ତେବେ ତାହା ତାଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେରୁ ଏକଥା ଜାଣିପାରିଛନ୍ତି।
- ଅବସାଦଠାରୁ ଦୂରେଇ ରଖିବାରେ କଦଳୀ ଅନେକାଂଶରେ ସାହାଯ୍ୟ କରିଥାଏ। ନିୟମିତ ଗୋଟିଏ କଦଳୀ ଖାଇଲେ ତାହା ମାନସିକତାକୁ ସକାରାତ୍ମକ ରଖିବାରେ ସାହାଯ୍ୟ କରେ ବୋଲି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି।
- ଫାଇବରର ଅତ୍ୟନ୍ତ ପ୍ରମୁଖ ଉତ୍ସ ହେଲା କଦଳୀ।
- ପାଚନକ୍ରିୟାଜନିତ ସମସ୍ୟାକୁ କେତେକାଂଶରେ ସମାଧାନ କରିଥାଏ ପାଚିଲା କଦଳୀ।
- ଆପଣଙ୍କ ଶରୀରରେ କ୍ୟାଲ୍‌ସିୟମର ଅଭାବ ପରିଲକ୍ଷିତ ହେଉଛି କି ? ଯଦି ହଁ, ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ପାଚିଲା କଦଳୀ ସାମିଲ କରନ୍ତୁ।
- ନିୟମିତ ପାଚିଲା କଦଳୀ ଖାଇଲେ ତାହା ହୃତ୍‌ପିଣ୍ଡ (ହାର୍ଟ)କୁ ସୁସ୍ଥ ରଖିଥାଏ।
- ରକ୍ତଜନିତ ସମସ୍ୟା ଆନିମିଆ ସହ ଲଢ଼ିବାର ଶକ୍ତି ପାଚିଲା କଦଳୀର ରହିଛି।
- ସବୁଠାରୁ ଖାସ୍ କଥା ହେଲା, ନିୟମିତ କଦଳୀ ଖାଇଲେ ତାହା ଶରୀରରେ ଅମ୍ଳଜାନ ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ।
- ଆପଣ କୋଷ୍ଠକାଠିନ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି? ଯଦି ହଁ, ତେବେ ଏପରି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରହିବାର ଏକ ସହଜ ଉପାୟ ରହିଛି। ନିୟମିତ ପାଚିଲା କଦଳୀ ଖାଇଲେ ତାହା କୋଷ୍ଠକାଠିନ୍ୟଜନିତ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ।



# ବୁଦ୍ଧିମତ୍ତା ବଢ଼ାଏ ଅଣ୍ଡା



ଅଣ୍ଡାରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ନିକଟରେ ଆଉ ଏକ କଥା ସାମିଲ କରାଯାଇଛି। ତାହା ହେଲା ବୁଦ୍ଧିମତ୍ତା। ଅର୍ଥାତ୍, ବୁଦ୍ଧିମତ୍ତା ବଢ଼ାଇବାରେ ଅଣ୍ଡାର ଭୂମିକା ରହିଛି। 'ବୁଦ୍ଧିମତ୍ତା ଓ ଅଣ୍ଡା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଯେଉଁମାନଙ୍କର ବୁଦ୍ଧିମତ୍ତାରେ ତାରତମ୍ୟ ଲକ୍ଷ୍ୟ କରାଯାଇଥିଲା, ସେମାନଙ୍କୁ ନିୟମିତ ଅଣ୍ଡା ଖାଇବାକୁ ସେମାନେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାର ପ୍ରଭାବ ବୁଦ୍ଧିମତ୍ତା ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଅଣ୍ଡା ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ବଢୁଥିବାର ସେମାନେ ଜାଣିବାକୁ ପାଇଥିଲେ।

# ଆଣ୍ଟିବାୟୋଟିକ୍ ଖାଉଥିଲେ...

କେତେକ ରୋଗର ଚିକିତ୍ସା ସମୟରେ ଡାକ୍ତର ମେଡିସିନ୍ ସହ ଆଣ୍ଟିବାୟୋଟିକ ଖାଇବାକୁ ପରାମର୍ଶ ଦିଅନ୍ତି। କିନ୍ତୁ ଅଳ୍ପ କେତେଜଣ ବ୍ୟକ୍ତି ସାମାନ୍ୟ ଦେହ ଖରାପ ହେଲେ ଆଣ୍ଟିବାୟୋଟିକ ଖାଇବାକୁ ପସନ୍ଦ କରିଥାଅନ୍ତି। ହେଲେ ଏହି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ଯଦି ଡାକ୍ତରଙ୍କ ପରାମର୍ଶ ଅନୁସାରେ ମେଡିସିନ ସହ ଆଣ୍ଟିବାୟୋଟିକ ଖାଉଛନ୍ତି, ତେବେ ଔଷଧ ଖାଇବା ହଠାତ୍ ବନ୍ଦ କରନ୍ତୁ ନାହିଁ। ଡାକ୍ତର ଯେତେଦିନ ପର୍ଯ୍ୟନ୍ତ ଖାଇବାକୁ କହିଛନ୍ତି, ସେ ପର୍ଯ୍ୟନ୍ତ ଔଷଧ ଖାଇବା ଚାଲୁ ରଖନ୍ତୁ। ଡାକ୍ତରଙ୍କ ବିନା ପରାମର୍ଶରେ ଛୋଟପିଲାଙ୍କୁ ଆଣ୍ଟିବାୟୋଟିକ ଦିଅନ୍ତୁ ନାହିଁ। ପରବର୍ତ୍ତୀ ସମୟରେ ଦେହ ଖରାପ ହେଲେ ଆଣ୍ଟିବାୟୋଟିକ ଖାଇବା ପାଇଁ ସାଇତି ରଖନ୍ତୁ ନାହିଁ। କାରଣ ଆପଣଙ୍କ ରୋଗ ଅନୁସାରେ ଡାକ୍ତର ଆଣ୍ଟିବାୟୋଟିକ ଖାଇବାକୁ ପରାମର୍ଶ ଦେଇଥାନ୍ତି । ଅନ୍ୟ କାହା ପରାମର୍ଶରେ ଆଣ୍ଟିବାୟୋଟିକ ଖାଆନ୍ତୁ ନାହିଁ। ଭୁଲ ଆଣ୍ଟିବାୟୋଟିକ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେବାର ଆଶଙ୍କା ଥାଏ। କେତେକ ବ୍ୟକ୍ତିଙ୍କର ଆଣ୍ଟିବାୟୋଟିକ ଶରୀରରେ ସୁଟ୍ କରି ନ ଥାଏ। ତେଣୁ ଡାକ୍ତରଙ୍କ ସହ ପରାମର୍ଶ ସମୟରେ ଏ ବିଷୟରେ ସୂଚିତ କରିବାକୁ ଭୁଲନ୍ତୁ ନାହିଁ।



# କଫ ସମସ୍ୟାର ଘରୋଇ ଉପଚାର



କଫଜନିତ ସମସ୍ୟା ଦେଖାଦେଲେ ଅବହେଳା କରନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ। ଏପରି କି ସେହି ସମୟରେ ହସ୍ପିଟାଲରେ ଆଡ୍‌ମିଶନ ହୋଇ ଏଥିପାଇଁ ଚିକିତ୍ସିତ ହେବାକୁ ପଡିଥାଏ। ତେବେ ଏଥିରୁ କେତେକାଂଶରେ ଉପଶମ ପାଇବା ଲାଗି ଆପଣ କେତୋଟି ଘରୋଇ ଉପଚାରକୁ ଆପଣେଇ ପାରନ୍ତି। ଅଧା କପ୍ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ଉଷୁମ କରି କିଛି ସମୟ ପରେ ସେବନ କଲେ କଫରୁ ଉପଶମ ମିଳିଥାଏ। ପ୍ରଥମେ ଅଦାକୁ ଭଲ ଭାବରେ ଛେଚି ଦିଅନ୍ତୁ। ତା'ପରେ ଏହାକୁ ପାଣିରେ ପକାଇ ଭଲ ଭାବରେ ଫୁଟାନ୍ତୁ। ଏହି ପାଣିକୁ ଛାଣି ଦିନକୁ ୩-୪ ଥର ପିଇଲେ ଏପରି ସମସ୍ୟାରୁ ଉପଶମ ମିଳିଥାଏ। ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଉଷୁମ କରି ପିଅନ୍ତୁ। ଏହାଦ୍ୱାରା କଫଜନିତ ସମସ୍ୟାରୁ କେତେକାଂଶରେ ଉପଶମ ମିଳିବ।



# କୋଲେଷ୍ଟରଲକୁ ନିୟନ୍ତ୍ରଣ କରିବ ଟମାଟୋ

ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ଯଦି ଏଥିରେ ଅସନ୍ତୁଳନ ଦେଖିବାକୁ ମିଳେ, ତେବେ ତାହା କେତେକ ରୋଗର କାରଣ ସାଜିଥାଏ। ତେବେ କୋଲେଷ୍ଟରଲକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ଟମାଟୋ ଖାଇବା ଦ୍ୱାରା ଆମ ଶରୀରରେ କୋଲେଷ୍ଟରଲ ପରିମାଣ ନିୟନ୍ତ୍ରଣରେ ରହିଥାଏ ବୋଲି ୟୁନିଭର୍ସିଟି ଅଫ ସିଡ୍‌ନୀର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ଟମାଟୋରେ 'ଲାଇକୋପେନ୍' ନାମକ ଏକ ତତ୍ତ୍ୱ ରହିଛି, ଯାହା କୋଲେଷ୍ଟରଲକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଜଣେ ହୃଦ୍‌ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ।

# ସ୍ୱାସ୍ଥ୍ୟ ସୂଚନା

- ଦିନକୁ ଦୁଇ ଥର ଦାନ୍ତ ଘଷିବାକୁ ଚେଷ୍ଟା କରନ୍ତୁ। ସକାଳେ ତ ନିଶ୍ଚୟ ଦାନ୍ତ ଘଷୁଥିବେ, ତା'ସହ ରାତ୍ରଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।
- ବ୍ୟାୟାମ କରିବା ପୂର୍ବରୁ ଆପଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଯଦି ଅସୁସ୍ଥ ଲାଗୁଛି, ତେବେ ସେଦିନ ବ୍ୟାୟାମ ନ କରି ବିଶ୍ରାମ ନିଅନ୍ତୁ।
- ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ।
- ଦାନ୍ତଜନିତ ସମସ୍ୟାର କିଛି ଲକ୍ଷଣ ଜାଣିବାକୁ ପାଇଲେ ବିଳମ୍ବ ନ କରି ଦନ୍ତ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସନ୍ତୁ। ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ କ୍ୟାଲସିୟମଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏହାଦ୍ୱାରା ଅସ୍ଥି ମଜଭୁତ ରହିଥାଏ।
- ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩/୨୦୨୨ Bhubaneswar, Monday, January 3/ 2022



କାକଟପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହିନ୍ଦୁସ୍ତାନ ସ୍ପୋର୍ଟିଂ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ**

# ହିନ୍ଦୁସ୍ତାନ ସ୍ପୋର୍ଟିଂ ଚାମ୍ପିୟନ

**କାକଟପୁର, ୨।୧ (ଡି.ଏନ୍.ଏ.)**

ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୩୨ତମ ସଂସ୍କରଣ ରବିବାର ଶେଷ ହୋଇଛି। ଏହାର ଫାଇନାଲରେ ଜୁଭେନାଇଲ ସ୍ପୋର୍ଟିଂ କଟକକୁ ହରାଇ ହିନ୍ଦୁସ୍ତାନ ସ୍ପୋର୍ଟିଂ ଜଗତ୍‌ସିଂହପୁର ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିଣି ଜୁଭେଇନାଇଲ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ୍ ହରାଇ ୧୭୨ ରନ୍ ସଂଗ୍ରହ କରିଥିଲା। ହିନ୍ଦୁସ୍ତାନ ସ୍ପୋର୍ଟିଂ ପକ୍ଷରୁ ସୁପ୍ରଭାତ ପଟ୍ଟନାୟକ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ହିନ୍ଦୁସ୍ତାନ ସ୍ପୋର୍ଟିଂ ୧୮.୨ ଓଭରରେ ୪ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର କିଶାନ ରଥ ସର୍ବାଧିକ ୪୮ ବଲ୍ ଖେଳି ୯୪ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ହିନ୍ଦୁସ୍ତାନ ସ୍ପୋର୍ଟିଂକୁ ଚାମ୍ପିୟନ ଟ୍ରଫି ସହ ନଗଦ ୨୦ହଜାର ଏବଂ ଜୁଭେନାଇଲ୍ ସ୍ପୋର୍ଟିଂକୁ ରନର୍ସ ଅପ ଟ୍ରଫି ସହ ନଗଦ ୧୫ହଜାର ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା। ଏଥିସହ ମଙ୍ଗଳା କ୍ରିକେଟ କ୍ଲବର ବାଦଲ ଭୋଳଙ୍କୁ ଟୁର୍ନାମେଣ୍ଟରେ ବେଷ୍ଟ ବ୍ୟାଟ୍ସମ୍ୟାନ ପ୍ରାଇଜ ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ପ୍ରଦୀପ୍ତ ଦୀକ୍ଷିତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଓଡ଼ିଶା କ୍ରିକେଟ୍ ଆସୋସିଏଶନର ସମ୍ପାଦକ ସଞ୍ଜୟ ବେହେରା, ଜ୍ୟୋତିର୍ମୟ ଦଳାଇ, ସ୍ୱାଧୀନ ନାୟକ, ମନୋରମା ସ୍ୱାଇଁ, ମୁଖ୍ୟବକ୍ତା ହିମାଂଶୁ ଭୂଷଣ ଦୀକ୍ଷିତ୍, ଜ୍ଞାନରଞ୍ଜନ ସାହୁ, କବିରାଜ ବିଶ୍ୱାଳ, ଅଭୟ ସେଠୀ, ପ୍ରାଣନାଥ ମଲ୍ଲିକ, ରାକେଶ ପଟ୍ଟନାୟକ, କିଶୋର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ତପନ ଦୀକ୍ଷିତ୍, ତୁଷାର ରଞ୍ଜନ ଦୀକ୍ଷିତ୍, କମଲ ଲୋଚନ ଦୀକ୍ଷିତ, ପିଚ୍ କ୍ୟୁରେଟର ଧିରେନ୍ ଚାନ୍ଦ, ପ୍ରଦ୍ୟୁମ୍ନ ସେନାପତି, ଉତ୍ତମ ନାୟକ, ଇଂ. ସୂର୍ଯ୍ୟକାନ୍ତ ଦୀକ୍ଷିତ, କାଳନ୍ଦୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟର ନିର୍ମଳ ମିଶ୍ର ଏବଂ ଅୟଶକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ୍, ଅଞ୍ଜନ ଦୀକ୍ଷିତ, ଭାଗବତ ସ୍ୱାଇଁ, ପ୍ରକାଶ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। କୁମାର ବାବୁ, ରାକେଶ ଦୀକ୍ଷିତ୍, ଜ୍ୟୋତିପ୍ରକାଶ, ତ୍ରିଲୋଚନ, ଏସ୍. ଲିକୁନ, କାହ୍ନା ପଣ୍ଡା, ରୋହନ ଦୀକ୍ଷିତ୍ ସ୍କୋରର ଦାୟିତ୍ୱରେ ଥିଲେ।

# ଓଡ଼ିଶା ଏଫ୍‌ସି ଆଜି ମୁମ୍ବାଇକୁ ଭେଟିବ

**ଭାସ୍କୋ, ୨।୧**


ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

ଚଳିତ ଇଣ୍ଡିଆନ ସୁପରଲିଗ୍‌ରେ ସ୍ଥିର ପ୍ରଦର୍ଶନ ଦେଇପାରି ନ ଥିବା ଓଡ଼ିଶା ଏଫ୍‌ସି ସୋମବାର ଟେବୁଲ ଟପ୍ପର ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ। ଗତ ୪ ମ୍ୟାଚରେ ବିଜୟ ସ୍ୱାଦ ପାଇ ନ ଥିବା ଭୁବନେଶ୍ୱରଭିତ୍ତିକ ଓଡ଼ିଶା ଏଫ୍‌ସି ପାଇଁ ଆଗାମୀ ମ୍ୟାଚ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାସ୍କୋର ତିଳକ ମୈଦାନରେ ଏହି ମ୍ୟାଚ ଅନୁଷ୍ଠିତ ହେବ।

ଓଡ଼ିଶା ଏଫ୍‌ସି ବେଙ୍ଗାଲୁରୁ ଏଫ୍‌ସି ଓ ଇଷ୍ଟବେଙ୍ଗଲ ବିପକ୍ଷରେ ବିଜୟ ସହ ସିଜନ ଆରମ୍ଭ କରିଥିଲା। ତୃତୀୟ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ନିକଟରୁ ପରାଜିତ ହୋଇଥିଲେ ହେଁ ୪ର୍ଥ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡକୁ ହରାଇ ବିଜୟ ପଥକୁ ଫେରିଥିଲା। ମାତ୍ର ଏହା ପରବର୍ତ୍ତୀ ୪ ମ୍ୟାଚରେ ଦଳ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। ଜାମସେଦପୁର ଏଫ୍‌ସି, ଚେନ୍ନାଇନ୍ ଏଫ୍‌ସି ଓ ହାଇଦ୍ରାବାଦ୍ ଏଫ୍‌ସି ନିକଟରୁ ପରାଜିତ ହୋଇଥିବାବେଳେ ଏଫ୍‌ସି ଗୋଆ ବିପକ୍ଷରେ ମ୍ୟାଚକୁ ଡ୍ର ରଖିଥିଲା। ଗତ ମ୍ୟାଚରେ ହାଇଦ୍ରାବାଦଠାରୁ ବୃହତ୍ ବ୍ୟବଧାନ ୧-୬ ଗୋଲରେ ହାରିଥିବାରୁ ଦଳକୁ ନୂଆକରି ଗୋଟିଏ ୟୁନିଟରେ ଖେଳିବାକୁ ହେବ। ତା’ ହେଲେ ଯାଇ ମୁମ୍ବାଇକୁ ଦଳ ଟକ୍କର ଦେଇପାରିବ। ମୁମ୍ବାଇ ଏଫ୍‌ସି ୮ ମ୍ୟାଚରୁ ୫ ବିଜୟ, ୧ ଡ୍ର ଓ ୨ ପରାଜୟ ସହ ୧୬ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ତେବେ ପୂର୍ବ ୨ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ନିକଟରୁ ପରାଜୟ ଏବଂ ନର୍ଥଇଷ୍ଟ ୟୁନାଇଟେଡ ସହିତ ମ୍ୟାଚ ଡ୍ର ରଖି ଦଳ ସାମାନ୍ୟ ମୋମେଣ୍ଟମ ହରାଇଥିବା ପରିଲକ୍ଷିତ ହୋଇଛି। ଓଡ଼ିଶା ଏଫ୍‌ସି ଏହାର ଫାଇଦା ନେବାକୁ ଉଦ୍ୟମ କରିବ ନିଶ୍ଚିତ। କିକୋ ରାମିରେଜଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ଖେଳିଥିବା ୮ ମ୍ୟାଚରେ ୨୦ଟି ଗୋଲ ବରଣ କରିଛି, ଯାହାକି ଦଳର ସବୁଠାରୁ ଖରାପ ପ୍ରଦର୍ଶନକୁ ସୂଚାଉଛି। ଦଳର ରକ୍ଷଣଭାଗ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିଛି। ୨୦୨୦-୨୧ ସିଜନରେ ଏହି ଦଳ ୨୦ଟି ଗେମ୍ ଖେଳି ୪୪ଟି ଗୋଲ ବରଣ କରିଥିଲା ଏବଂ ମାତ୍ର ଗୋଟିଏ ମ୍ୟାଚରେ କ୍ଲିନ୍ ଶିଟ୍ ପାଇଥିଲା।

**ଇଣ୍ଡିଆନ ସୁପର ଲିଗ୍**

‘‘କେତେକ ମୁହୂର୍ତ୍ତରେ ଆମ ଖେଳାଳିମାନେ ବ୍ୟକ୍ତିଗତ ତ୍ରୁଟି କରିଛନ୍ତି, ଯାହାକି ତାହା ଦଳର ପ୍ରଦର୍ଶନ ଉପରେ ପ୍ରଭାବ ପକାଇଛି। ତେବେ ଆମେ କାହାକୁ ଦୋଷ ଦେଇପାରୁନୁ। ଏଥିପାଇଁ କୋଚିଂ ଷ୍ଟାଫ୍ ପ୍ରଥମେ ଉତ୍ତରଦାୟୀ ଏବଂ ତା’ ପରେ ଖେଳାଳି। ଆମେ ଏହାର ସମାଧାନ ପାଇଁ ଚେଷ୍ଟା କରୁଛୁ ଏବଂ ଦଳ ଉନ୍ନତ ପ୍ରଦର୍ଶନ କରିବାନେଇ ଆଶାବାଦୀ ଅଛୁ’’ ବୋଲି ସହକାରୀ କୋଚ୍ କିନୋ ଗାର୍ସିଆ ଖବରଦାତା ସମ୍ମିଳନୀରେ କହିଛନ୍ତି। ମୁମ୍ବାଇ ଟେବୁଲର ଶୀର୍ଷରେ ଅଛି ଏବଂ ଏହା ଏକ ଶକ୍ତିଶାଳୀ ଦଳ। ତେବେ ଆମେ ନିଜକୁ ପ୍ରସ୍ତୁତ କରି ଏହି ମ୍ୟାଚ ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଗତ ମ୍ୟାଚରେ ଦ୍ୱିତୀୟ ଥରପାଇଁ ଚେତାବନୀ ପାଇଥିବାରୁ ମୁଖ୍ୟକୋଚ୍ କିକୋ ରାମିରେଜ ଆଗାମୀ ମ୍ୟାଚ ସମୟରେ ଅନୁପସ୍ଥିତ ରହିବେ। ମୁମ୍ବାଇ ଓ ଓଡ଼ିଶା ମଧ୍ୟରେ ଏହାପୂର୍ବରୁ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଉଭୟ ଦଳ ୨ଟି ଲେଖାଏ ମ୍ୟାଚରେ ବିଜୟୀ ହୋଇ ସମାନ ରେକର୍ଡର ଅଧିକାରୀ ଅଛନ୍ତି।

## ପ୍ୟାରିସ ଗେମ୍ସ ପର୍ଯ୍ୟନ୍ତ ନୀରଜଙ୍କ କୋଚ ରହିବେ ବାର୍ଟୋନିଜ

**ନୂଆଦିଲ୍ଲୀ, ୨।୧ (ପି.ଟି.):** ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରାଙ୍କ ଜର୍ମାନୀ କୋଚ୍ କ୍ଲେଅସ୍ ବାର୍ଟୋନିଜ୍‌ଙ୍କ ସହ ହୋଇଥିବା ଚୁକ୍ତିର ମିଆଦ ୨୦୨୪ ପ୍ୟାରିସ୍ ଗେମ୍ସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ତରଫରୁ ରବିବାର ଏହା ସ୍ପଷ୍ଟ କରିଦିଆଯାଇଛି। ଟୋକିଓରେ ଐତିହାସିକ ଅଲିମ୍ପିକ ସ୍ୱର୍ଣ୍ଣ ଜିତିବା ପରେ ଚୋପ୍ରା ଜର୍ମାନ ବାୟୋ-ମେକାନିକାଲ ଏକ୍ସପର୍ଟଙ୍କ ସହ ତାଙ୍କ ଟ୍ରେନିଂ ଜାରି ରଖିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ୨୦୧୮ରେ କହୁଣିରେ ଅସ୍ତ୍ରୋପଚାର ପାଇଁ ନୀରଜଙ୍କ ରିହାବିଲିଟେଶନ ଓ ରିକଭରି ପ୍ରୋସେସ୍ ଚାଲିଥିବା ବେଳେ ବାର୍ଟୋନିଜ ନିଜ ଦେଶର ତଥା ପୂର୍ବତନ ବିଶ୍ୱ ରେକର୍ଡଧାରୀ ଜାଭେଲିନ୍ ଥ୍ରୋୟର ୟୁୱି ହୋନ୍‌ଙ୍କଠାରୁ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି କୋଚ୍ ଗାଲିନା ବୁଖାରିନା ଚଳିତ ବର୍ଷ ଚାଇନାର ହାନାଝୋଠାରେ ହେବାକୁଥିବା ଏସିଆନ ଗେମ୍ସ ପର୍ଯ୍ୟନ୍ତ ୪୦୦ ମିଟର କୋଚ୍ ପଦବୀରେ ରହିବେ ବୋଲ ଏଏଫ୍ଆଇ କହିଛି।

# ଦକ୍ଷିଣ ଆଫ୍ରିକା ଦଳରେ ଜାନ୍‌ସେନ


ମାର୍କୋ ଜାନସେନ

**ଜୋହାନ୍ସବର୍ଗ, ୨।୧:** ଜାନୁୟାରୀ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଛି। ୨୧ ବର୍ଷୀୟ ଯୁବ ଦ୍ରୁତ ବୋଲର ମାର୍କୋ ଜାନସେନ ପ୍ରଥମଥର ପାଇଁ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଗତ ସପ୍ତାହରେ ନିଜର ପ୍ରଥମ ଟେଷ୍ଟରେ ୫ ଉଇକେଟ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟେମ୍ବା ବଭୁମା ଦିନିକିଆରେ ଦଳରେ ନେତୃତ୍ୱ ନେବେ। କେଶବ ମହାରାଜ ଉପ-ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ହିପ୍ ଇଞ୍ଜୁରି କାରଣରୁ ଟେଷ୍ଟ ଦଳରୁ ବାଦ୍ ପଡିଥିବା ଅଭିଜ୍ଞ ଦ୍ରୁତ ବୋଲର ଅନରିଚ ନୋର୍ଜ ମଧ୍ୟ ଦିନିକିଆ ସିରିଜରୁ ବାଦ୍ ପଡିଛନ୍ତି।

ୱେନ ପାର୍ନେଲ, ସିସାନ୍ଦା ମାଗାଲା ଓ ଜୁବେର ହମ୍‌ଜା ଦଳରେ ନିଜର ସ୍ଥାନ ବଜାୟ ରଖିଛନ୍ତି। ପ୍ରଥମ ଟେଷ୍ଟ ପରାଜୟ ପରେ ଅବସର ଘୋଷଣା କରିଥିବା ପୂର୍ବତନ ଅଧିନାୟକ କ୍ୱିଣ୍ଟନ ଡିକକ୍ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଏକ ସନ୍ତୁଳିତ ଦଳ ଚୟନ କରିବାକୁ ପ୍ରୟାସ କରିଛୁ ବୋଲି କ୍ରିକେଟ ସାଉଥ ଆଫ୍ରିକା (ସିଏସ୍ଏ) କନଭେନର ଅଫ୍ ସିଲେକ୍ଟର୍ସ ଭିକ୍ଟର ଏମ୍‌ପିସାଙ୍ଗ କହିଛନ୍ତି। ପ୍ରଥମ ଓ ଦ୍ୱିତୀୟ ଦିନିକିଆ ଜାନୁୟାରୀ ୧୯ ଓ ୨୧ ତାରିଖରେ ପାର୍ଲର ବୋଲାଣ୍ଡ ପାର୍କରେ ଖେଳାଯିବ। ସେହିପରି ୨୩ ତାରିଖରେ ତୃତୀୟ ତଥା

**ଭାରତ ବିପକ୍ଷ ଦିନିକିଆ ସିରିଜ**

ଅନ୍ତିମ ଦିନିକିଆ କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍ସରେ ଖେଳାଯିବ। ଏହି ସିରିଜ ପାଇଁ ଭାରତ ଶନିବାର ଏକ ୧୮ ଜଣିଆ ଦଳ ଘୋଷଣା କରିଛି। ରୋହିତ ଶର୍ମା ଫିଟ୍ ନ ଥିବାରୁ ଲୋକେଶ ରାହୁଲ ଅଧିନାୟକ ଦାୟିତ୍ୱ ସମ୍ଭାଳିବେ।

**ଦକ୍ଷିଣ ଆଫ୍ରିକା ଦଳ:** ଟେମ୍ବା ବଭୁମା (ଅଧିନାୟକ), କେଶବ ମହାରାଜ (ଉପ- ଅଧିନାୟକ), କ୍ୱିଣ୍ଟନ ଡିକକ, ଜୁବେର ହମ୍‌ଜା, ମାର୍କୋ ଜାନସେନ, ଜାନେମନ ମଲନ, ସିସାନ୍ଦା ମାଗାଲା, ଏଡେନ ମାରାକ୍ରାମ, ଡେଭିଡ୍ ମିଲର, ଲୁନ୍‌ଗି ଏନ୍‌ଗିଡି, ୱେନ ପାର୍ନେଲ, ଆଣ୍ଡିଲ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବରେଜ ଶାମ୍‌ସି, ରାସି ଭାନ ଡେର ଡୁସେନ ଓ କାଏଲ ଭେରେନ।



ଇଶାନ ମହାପାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଓସ୍କାର ୫୨ ରନରେ ବିଜୟୀ

**ଭୁବନେଶ୍ୱର, ୨।୧ (କ୍ରୀଡ଼ା ପ୍ରତିନିଧି):** ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୩ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ଓସ୍କାର ସ୍ପୋର୍ଟିଂ ୫୨ ରନରେ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓସ୍କାର ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିଥିଲା। ଦଳ ପକ୍ଷରୁ ଇଶାନ ମହାପାତ୍ର ସର୍ବାଧିକ ୬୦ ରନ କରି ଅପରାଜିତ ରହିଥିବାବେଳେ ଆଦିତ୍ୟ ୪୩ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ବିବେକ ନାଥ ୨ଟି ଉଇକେଟ ନେଇଥିଲେ। ୨୦୬ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ୍ସ ପୂରା ୩୫ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୫୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟ ପ୍ରଧାନ ସର୍ବାଧିକ ୩୮ ରନ କରିଥିଲେ। ବିଜୟୀ ଦଳର ଶୁଭ୍ରାଂଶୁ ଗୌଡ଼ ୩ଟି ଏବଂ ଆୟାନ ନାୟକ, ଆଦିତ୍ୟ ଓ ପିନାକି ଦାସ ୨ଟି ଲେଖାଏ ଉଇକେଟ ନେଇଥିଲେ। ଇଶାନ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଆୟୋଜକ ପାରାମାଉଣ୍ଟ ସଦସ୍ୟ ସନତ ଦାସ ଅତିଥିଭାବେ ଯୋଗ ଦେଇଥିଲେ। ଶରତ ସାହୁ ଓ ଲୁଲୁ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।

## ମେସି କରୋନା ପଜିଟିଭ

**ପ୍ୟାରିସ, ୨।୧ (ଏପି):** ୭ଥର ବାଲନ ଡି’ଅର ପୁରସ୍କାର ବିଜେତା ଲିଓନେଲ ମେସିଙ୍କ ସମେତ ପ୍ୟାରିସ ସେଣ୍ଟ ଜର୍ମେନର ୪ ଖେଳାଳି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫ୍ରେଞ୍ଚ କପ୍ ଗେମ୍ ପୂର୍ବରୁ ଏହି ଖବର ଦଳ ପାଇଁ ଚିନ୍ତାର କାରଣ ହୋଇଛି। ମେସିଙ୍କ ବ୍ୟତୀତ କରୋନା ସଂକ୍ରମିତ ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ୍ ଜୁଆନ ବର୍ନାଟ, ସର୍ଗିଓ ରିକୋ ଏବଂ ନାଥାନ ବିଟୁମାଜାଲା। ପିଏସ୍‌ଜିର ଜଣେ ଷ୍ଟାଫ ଶନିବାର କୋଭିଡ୍ ପଜିଟିଭ ହୋଇଥିଲେ।




# ସହିଦନଗର ଜିତିଲା ଲକ୍ଷ୍ମୀସାଗର କପ

**ଭୁବନେଶ୍ୱର, ୨।୧ (କ୍ରୀଡ଼ା ପ୍ରତିନିଧି)**

ଲକ୍ଷ୍ମୀସାଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୩ତମ ଲକ୍ଷ୍ମୀସାଗର କପ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଫାଇନାଲରେ ଆଇଆରସିକୁ ପରାସ୍ତ କରି ସହିଦନଗର ଚାମ୍ପିୟନ ହୋଇଛି। ଟସ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସହିଦନଗର ୨୦ ଓଭରରେ ୮ ଉଇକେଟ ହରାଇ ୨୫୭ରନ କରିଥିଲା। ଦଳ ପକ୍ଷରୁ ମନୁ ରାଉତ ସର୍ବାଧିକ ୭୩ ଓ ସ୍ୱାଗତ ଅପରାଜିତ ୩୫ରନ କରିଥିଲେ। ବିପକ୍ଷ ଦଳର ଜୁନୈଦ ଓ କୃତ୍ତିବାସ ଦାସ ୩ଟି ଲେଖାଏ ଉଇକେଟ ନେଇଥିଲେ। ୨୫୮ରନ ବିଜୟ ଲକ୍ଷ୍ୟର ପିଛା କରି ଆଇଆରସି ଦଳ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୪୬ ରନ କରିବାକୁ ସକ୍ଷମ ହୋଇଥିଲା। ଶ୍ୟାମସୁନ୍ଦର ସର୍ବାଧିକ ୭୯ ଓ କୃତ୍ତିବାସ ୫୬ରନ କରିଥିଲେ। ସହିଦନଗର ପକ୍ଷରୁ ପ୍ରୀତମ ୪ ଓ ରଶ୍ମି ୩ଟି ଉଇକେଟ ନେଇଥିଲେ। ଲଢୁଆ ବ୍ୟାଟିଂ ପାଇଁ ଆଇଆରସି ଦଳର ଶ୍ୟାମସୁନ୍ଦରଙ୍କୁ ମ୍ୟାନ ଅଫ ଦି ଫାଇନାଲ ଘୋଷଣା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦ହଜାର ଓ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସହିଦନଗର ଦଳର ରଶ୍ମିରଞ୍ଜନ ଜେନା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ସେହି ଦଳର ମନୁ ରାଉତଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ରଶ୍ମିରଞ୍ଜନଙ୍କୁ ଶ୍ରେଷ୍ଠ ଫିଲଡର ପୁରସ୍କାର ପ୍ରଦାନ କରାଯାଇଥିଲା। କଟକର ୱିଣ୍ଡ-୨୦୦୦ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ପାଇଥିଲା।


ଚାମ୍ପିୟନ ସହିଦନଗର ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଜଣେ ମୃତ

**ନିରାକାରପୁର,୨।୧(ଡି.ଏନ୍.ଏ.):** ନିରାକାରପୁର ରେଲୱେ ଷ୍ଟେଶନ ଓ ଲେଭଲକ୍ରସିଂ ମଧବର୍ତ୍ତୀ ଅଞ୍ଚଳରେ ଟ୍ରେନ୍ ଧକ୍କାରେ ରବିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଶ୍ରୀମୁକୁନ୍ଦପୁର ଗ୍ରାମର ପ୍ରକାଶ ଜେନା(୪୨)। ଖବରପାଇ ନିରାକାରପୁର ରେଲୱେ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଯିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨/୨୨) ରୁଜୁ ହୋଇଛି।

### ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

**ନିରାକାରପୁର,୨।୧(ଡି.ଏନ୍.ଏ.):** ଜଙ୍କିଆ ଥାନା ପୋଲିସ ରବିବାର ଓଲସିଂହ ଗ୍ରାମର ଏକ ଭଡ଼ା ଘରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଛଣଗିରି ପଞ୍ଚାୟତ ଅଞ୍ଚଳର ତ୍ରିନାଥ ବରାଳ(୪୫)। ସୂଚନା ମୁତାବକ, ଓଲସିଂହ ଗ୍ରାମରେ ତ୍ରିନାଥ ଭଡ଼ା ଘର ନେଇ ପରିବାର ସହ ରୁହନ୍ତି। ତେବେ ତ୍ରିନାଥଙ୍କ ସ୍ତ୍ରୀ ଦିନ ମଜୁରିଆଭାବେ କାମ କରୁଥିବା ବେଳେ ପୁଅ ଏକ ଗ୍ରସେରି ଦୋକାନରେ କାମ କରନ୍ତି। କୌଣସି କାରଣକୁ ନେଇ ତ୍ରିନାଥ ଓ ତାଙ୍କ ସ୍ତ୍ରୀଙ୍କ ପାଟିତୁଣ୍ଡ ହୋଇଥିଲା। ପରେ ସ୍ତ୍ରୀ ଓ ପୁଅ କାମକୁ ଯାଇଥିବା ବେଳେ ତ୍ରିନାଥ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ଏକ ମାମଲା (ନଂ.୧/୨୨)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ କହିଛନ୍ତି।

### ଭିଜିଲାନ୍ସ ଅତିରିକ୍ତ ଏସ୍‌ପି କେଦାରନାଥ ସାହୁଙ୍କ ପରଲୋକ

**କଟକ ଅଫିସ,୨।୧:** କଟକ ଭିଜିଲାନ୍ସ ଡିଭିଜନର ଅତିରିକ୍ତ ଏସ୍‌ପି କେଦାରନାଥ ସାହୁ(୫୭)ଙ୍କର ରବିବାର ପରଲୋକେ ହୋଇଯାଇଛି। ଅପରାହ୍ନରେ ସେ କଟକସ୍ଥିତ ବାସଭବନରେ ଥିବାବେଳେ ହଠାତ୍ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ କୀର୍ତ୍ତିରାଜ ମୁଖାଗ୍ନି ଦେଇଥିଲେ। କଟକ ଜିଲା ବଡମ୍ବା ଥାନା ଅଧୀନ ରଗଡିପଦାରେ ଜନ୍ମ ଗ୍ରହଣ କରିଥିବା କେଦାରନାଥ ୧୯୮୭ରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ।

### କେମିକାଲ ଡବା ବିସ୍ଫୋରଣ, ଜଣେ ଗୁରୁତର

**ବ୍ରହ୍ମଗିରି,୨।୧(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅରଖକୁଦା ଗ୍ରାମରେ ରବିବାର ଏକ କେମିକାଲ ଡବା ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଚିଲିକାରେ ଚାଲୁଥିବା ଫାଇବର ଡଙ୍ଗା ମରାମତିରେ ବ୍ୟବହୃତ ହେଉଥିବା ଏକ ପ୍ରକାର କେମିକାଲ ଡଙ୍ଗା ରହୁଥିବା ନିକଟସ୍ଥ ଏକ ଘରେ ରଖାଯାଇଥିଲା। ରବିବାର ଉକ୍ତ ଗ୍ରାମର ଉମେଶ ବେହେରା ସେହି ଘରେ ଓଲାଉଥିବା ବେଳେ କେମିକାଲ ଡବାଟି ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ରମେଶ ଗୁରୁତର ହୋଇଥିଲେ। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବଢୁଛି କୋରେକ୍ସ କାରବାର

- ମଧୁଚନ୍ଦ୍ରିକାରେ ଚାଲିଛି ବେପାର
- ଦୈନିକ ଲକ୍ଷାଧିକ ଟଙ୍କାର କାରବାର
- ବିପଦଗାମୀ ହେଉଛନ୍ତି ଯୁବପିଢ଼ି

**ଖୋର୍ଦ୍ଧା ଅଫିସ,୨।୧**

ନିଶା କାରବାର ହବ୍ ପାଲଟିଛି ଖୋର୍ଦ୍ଧା ସହର। ବ୍ରାଉନସୁଗାର ପରେ ଏବେ କଫ୍ ସିରପ(କୋରେକ୍ସ) କାରବାର ବୃଦ୍ଧି ପାଇବାରେ ଲାଗିଛି। ସହରର ବହୁ ଔଷଧ ଦୋକାନଠାରୁ ଆରମ୍ଭ କରି ପାନ ଦୋକାନରେ ବେଆଇନ ଭାବେ ବିକ୍ରି ଚାଲିଛି। ଦିନକୁ ଲକ୍ଷାଧିକ ଟଙ୍କାର ବିକ୍ରି ହେଉଥିବା ଜଣାପଡିଛି। କରୋନା ସମୟରେ ଏହି କାରବାର ବୃଦ୍ଧି ପାଇଛି। ବିଶେଷତଃ ଯୁବପିଢି ଏହାର ଶିକାର ହେଉଛନ୍ତି। ଏସ୍‌ଟିଏଫ୍, ଅବକାରୀ ଓ ପୋଲିସର ବାରମ୍ବାର ଚଢ଼ାଉ ପରେ ମାଫିଆମାନେ ବ୍ରାଉନସୁଗାର ବେପାର ପରିବର୍ତ୍ତେ ଏହାକୁ ସୁରକ୍ଷିତ ବେପାର ଭାବେ ଧରି ନେଇଛନ୍ତି। ଏଥିରେ ଧରାପଡିବା ଆଶଙ୍କା ନ ଥିବାରୁ ବେଧଡକ ଭାବେ ଏହି କାରବାର ଚଳାଇଛନ୍ତି। ଡ୍ରଗ୍ସ ବିଭାଗ ଓ ଜିଲା ପ୍ରଶାସନର ଅବହେଳାରୁ ସହରରେ ଏହି ବେପାର ବଢ଼ିଚାଲିଛି।

ନିକଟରେ ବିଳମ୍ବିତ ରାତିରେ ଏସ୍‌ଟିଏଫ୍, ଖୋର୍ଦ୍ଧା ଡ୍ରଗ୍ସ ବିଭାଗ, ଅବକାରୀ ଓ ପୋଲିସ ପକ୍ଷରୁ ପୁରୁଣା ମେଡିକାଲ ରୋଡ୍ ପେଟ୍ରୋଲ ପମ୍ପ ନିକଟରେ ରହିଥିବା ୪ଟି ଔଷଧ ଦୋକାନ ଉପରେ ଅଚାନକ ଚଢ଼ାଉ କରିଥିଲେ ମଧ କିଛି ପାଇ ନ ଥିଲେ। ପୁରୁଣା ମେଡିକାଲ ରୋଡ ଏବଂ ନୂଆବସଷ୍ଟାଣ୍ଡ ରୋଡରେ ରହିଥିବା କେତେକ ଔଷଧ ଦୋକାନରେ କୋରେକ୍ସ ବିକ୍ରି ହେଉଥିବା ଚର୍ଚ୍ଚା ହେଉଛି। ତେବେ ଚଢ଼ାଉ ପୂର୍ବରୁ ସମ୍ପୃକ୍ତ ଦୋକାନୀ ଖବର ପାଇଯାଉଛନ୍ତି। ମଧୁଚନ୍ଦ୍ରିକାରେ କାରବାର ଚାଲିଥିବା ଜଣାପଡିଛି। ପୂର୍ବରୁ କଟକ, ଭୁବନେଶ୍ୱର ଏବଂ ପୁରୀରେ ବାରମ୍ବାର କୋରେକ୍ସ ବିକ୍ରି ଉପରେ ଚଢ଼ାଉ ଯୋଗୁ ବେପାରୀଙ୍କ ନଜର ଏବେ ଖୋର୍ଦ୍ଧା ଉପରେ ପଡିଛି। ବିଳମ୍ବିତ ରାତିରେ ଏଠାକୁ ପେଟି ପେଟି କୋରେକ୍ସ ସହରକୁ ଆସୁଥିବା ଜଣାପଡିଛି। ଏଥିରେ ର୍‍ୟାକେଟ କାମ କରୁଛି। ଗୋଟିଏ ଟିମ୍ ପ୍ରଥମେ ସହରରେ ବୁଲି ଅର୍ଡର ସଂଗ୍ରହ କରୁଛନ୍ତି। ଅନ୍ୟ ଟିମ୍ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା କରୁଥିବା ଜଣାପଡିଛି। ଏଠାରୁ ବିଭିନ୍ନ ସ୍ଥାନକୁ ପଠାଯାଉଛି। ଏହି କାରବାରରେ ସମ୍ପୃକ୍ତ ଥିବା ବେପାରୀଙ୍କୁ ତୁରନ୍ତ ଗିରଫ କରିବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ଆଇନଜୀବୀ ଅଜିତ ପଟ୍ଟନାୟକ କହିଛନ୍ତି, ଖୋର୍ଦ୍ଧା ସହରରେ ବ୍ରାଉନସୁଗାର ପରେ କୋରେକ୍ସ କାରବାର ବଢ଼ିଚାଲିଛି। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ସାମାଜିକ କର୍ମୀ ଶୋଭନ ଘୋଷ କୁହନ୍ତି, ଖୋର୍ଦ୍ଧାରେ ନିଶା କାରବାର ଦିନକୁ ଦିନ ବଢିବାରେ ଲାଗିଛି। ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ କହିଛନ୍ତି, ଏହି କାରବାର ଉପରେ ନଜର ରହିଛି। ଔଷଧ ଦୋକାନ ଉପରେ ଚଢ଼ାଉ ଡ୍ରଗ୍ସ ବିଭାଗର ଦାୟିତ୍ୱ। କୌଣସି ସ୍ଥାନରେ ବେଆଇନ ଭାବେ ବିକ୍ରି ଅଭିଯୋଗ ଆସିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ରାକେଶ ଚନ୍ଦ୍ରଙ୍କୁ ଉତ୍କଳ ଗୌରବ ସମ୍ମାନ

**ଜଟଣୀ,୨।୧(ଡି.ଏନ୍.ଏ.)**

କେନ୍ଦୁଝରର ସ୍ୱେଚ୍ଛାସେବୀ ସଙ୍ଗଠନ ଶୈଳବାଳା ଫାଉଣ୍ଡେଶନ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ରାଜୀବ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କରୋନା ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ସଂକ୍ରମିତ ଲୋକଙ୍କ ସେବା କରିଥିବା ଜଟଣୀ କୋଭିଡ କେୟାର ସେଣ୍ଟରର ଡା. ରାକେଶ ଚନ୍ଦ୍ର କଲେତଙ୍କୁ ଉତ୍କଳ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ଡା. କଲେତ ଗରିବ ତଥା ଅସହାୟ ଲୋକଙ୍କ ନିକଟରେ ପହଞ୍ଚି ସମସ୍ୟା ସମ୍ପର୍କରେ ବୁଝିବା ସହ ସମାଧାନ କରିଥାନ୍ତି। ନିଃସ୍ୱାର୍ଥପର ସେବା ପାଇଁ କଲେତଙ୍କୁ ସମ୍ବର୍ଦ୍ଧିତ କରି ସଙ୍ଗଠନ ଗର୍ବ ଅନୁଭବ କରୁଛି ବୋଲି କୁହାଯାଇଛି।


ମାଷ୍ଟର କ୍ୟାଣ୍ଟିନସ୍ଥିତ ଭୁବନେଶ୍ୱର ନ୍ୟୁଜ୍ ପେପର ସପ୍ଲାୟର ଆସୋସିଏଶନ୍‌ର ସଦସ୍ୟମାନେ ଧରିତ୍ରୀ କାର୍ଯ୍ୟାଳୟରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

## ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ପୁରୁଣା ଭୁବନେଶ୍ୱର,୨।୧(ଡି.ଏନ୍.ଏ.)**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉତ୍ତରା ଛକ ନିକଟରେ ବିଜ୍ଞାନ କାରିଗରୀ କୌଶଳ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶାକ ଚନ୍ଦ୍ର ପଣ୍ଡାଙ୍କ ଗାଡ଼ି ରବିବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ିର ପଛପଟ ଭାଙ୍ଗିରୁଜି ଯାଇଥିବା ବେଳେ କେହି ଆହତ ହୋଇ ନଥିବା ଜଣାପଡ଼ିଛି। ସୂଚନା ମୁତବାକ, ଅପରାହ୍ନରେ ମନ୍ତ୍ରୀ ପଣ୍ଡା ପରିବାର ସହ ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ଉତ୍ତରା ଛକ ନିକଟରେ ଏକ ଗାଡ଼ି ଆଗରେ ଗାଈ ପଶିଯାଇଥିଲା। ଫଳରେ ଚାଳକ ବ୍ରେକ ମାରିବାରୁ ପଛରେ ଆସୁଥିବା ଗାଡ଼ି ଚାଳକ ମଧ ବ୍ରେକ ମାରିଥିଲେ। ଏହା ଦେଖି ମନ୍ତ୍ରୀଙ୍କ ଗାଡି ଚାଳକ ମଧ ବ୍ରେକ ମାରିଥିଲେ। ଫଳରେ ତାଙ୍କ ପଛରେ ଆସୁଥିବା ଏକ ଗାଡି ମନ୍ତ୍ରୀଙ୍କ ଗାଡ଼ି ପଛକୁ ଧକ୍କା ଦେଇଥିଲା। ଏଥିରେ ଗାଡିର ପଛପଟ ଭାଙ୍ଗିରୁଜି ଯାଇଛି। କେହି ଆହତ ହୋଇ ନ ଥିବା ଜଣାପଡ଼ିଛି।

## କଳିଙ୍ଗ ଟାଇଗର କ୍ଲବ ଚାମ୍ପିୟନ

**ବେଗୁନିଆ,୨।୧(ଡି.ଏନ୍.ଏ.)**

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବେଗୁନିଆ ବ୍ଲକ କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମଞ୍ଜେଶ୍ୱର କ୍ଲବକୁ ୩୯ ରନରେ ହରାଇ ଖୋର୍ଦ୍ଧାର କଳିଙ୍ଗ ଟାଇଗର କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି କଳିଙ୍ଗ ଟାଇଗର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୯୯ ରନ ସଂଗ୍ରହ କରିଥିଲା। ଜବାବରେ ମଞ୍ଜେଶ୍ୱର କ୍ଲବ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୬୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରଭାତ ପଣ୍ଡା ଓ ଶରତ ଚନ୍ଦ୍ର ତ୍ରିପାଠୀ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଜେଡି ନେତା ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ଡା.ବିଷ୍ଣୁ ପ୍ରସାଦ ଦାଶ, ସୁରେନ୍ଦ୍ର ପଣ୍ଡା, ମାନସ ରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ପଦ୍ମଚରଣ ମେମୋରିଆଲ ଟ୍ରଫି ସହ ୨୦ହଜାର ଟଙ୍କା ଓ ରନର୍ସ ଅପ ଟିମ୍‌କୁ ବିଶ୍ୱନାଥ ବାହିନୀପତି ମେମୋରିଆଲ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଟାଇଗର କ୍ଲବର ସୂର୍ଯ୍ୟକାନ୍ତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ସ୍ୱାଧୀନ ପାଇକରାୟ, ଶ୍ରେଷ୍ଠ ବୋଲର ଗୌତମ ଦାସ, ଶ୍ରେଷ୍ଠ ଫିଲ୍ଡର ନିରଞ୍ଜନ ବେହେରା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଟୁନୁ ଖଟୁଆଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ସ୍ପୋର୍ଟ୍ସ ଆସୋସିଏଶନର ସଦସ୍ୟ ଦିଲୀପ ପାଣିଗ୍ରାହୀ, ଶ୍ରୀକାନ୍ତ ବହିନୀପତି, ବଂଶୀଧର ପାଣିଗ୍ରାହୀ, ହେମନ୍ତ ଶତପଥୀ, ସୌମ୍ୟରଞ୍ଜନ ଦାଶ, ନରସିଂହ ପ୍ରଧାନ, ସଞ୍ଜୟ ପାଣିଗ୍ରାହୀ, ଦୀପକ ରଞ୍ଜନ ଦାଶ, ବାମଦେବ ମହାନ୍ତି ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ। ରାଜ କିଶୋର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପାର୍ବତୀ


@ ଦେବେନ୍ଦ୍ର


@ କୃଷ୍ଣଚନ୍ଦ୍ର


@ ମିହିର


@ ଅଭିଷେକ


@ ରିତିକ୍

## ୯ ମୃତ ବିଦେଶୀ ପକ୍ଷୀ ଜବତ

### ୨ ଶିକାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨।୧(ଡି.ଏନ୍.ଏ.)**



ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହେବାରେ ଲାଗିଛି। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ଏମାନେ ଚିଲିକାକୁ ଆସୁଛନ୍ତି। ଚିଲିକା ଓ ତଟବର୍ତ୍ତୀ ଅଞ୍ଚଳରେ ସବୁଦିନ ପକ୍ଷୀ ଶିକାର ଚାଲିଛି। ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଆସି ଶିକାରୀଙ୍କ ଫାଶରେ ପଡ଼ି କିମ୍ବା ବିଷମିଶା ଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ରବିବାର ଟାଙ୍ଗୀ ରେଞ୍ଜ ବନ୍ୟପ୍ରାଣୀ ବିଭାଗ ଅନ୍ତର୍ଗତ ବାଲିପାଟପୁର, ବରପୋଲିଆ ଅଞ୍ଚଳରୁ ୯ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ୨ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଣସପଦାର ଅଶୋକ ଭୋଇ ଓ ନରହରି ଭୋଇ। ଅଭିଯୁକ୍ତ ଅଶୋକଙ୍କଠାରୁ ୪ଟି କଟନ କୁଟ ଓ ନରହରିଙ୍କଠାରୁ ଗୋଟିଏ ହୁଇସିଲଙ୍ଗ, ୪ଟି କଟନ ଟିଲ ପକ୍ଷୀ ଜବତ ହୋଇଛି। ଏନେଇ ମାମଲା ରୁଜୁ କରାଯାଇ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି।


କଟକ ଦିୱାନ ବଜାରସ୍ଥିତ ବାଲାଜୀ ମନ୍ଦିର ପ୍ରାଙ୍ଗଣରୁ ରବିବାର ଶ୍ରୀଶ୍ରୀ ବାଲାଜୀ ଠାକୁରଙ୍କ ଶୋଭାଯାତ୍ରା ନଗର ପରିକ୍ରମା ପାଇଁ ବାହାରିଛି।


ବକୁଳ ଅମାବାସ୍ୟା ଅବସରରେ ପୁରୀ ଶ୍ରୀମନ୍ଦିର ପରିସରରେ ସେବାୟତମାନେ ରବିବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି କରୁଛନ୍ତି।


ପାରିବାରିକ ପତ୍ରିକା 'କାଦମ୍ବିନୀ' ଓ ଶିଶୁ ପତ୍ରିକା 'କୁନିକଥା'ର ୨୦୨୨ ଜାନୁୟାରୀ ସଂଖ୍ୟା ରବିବାର ଲୋକାର୍ପଣ ଉତ୍ସବରେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧକ୍ଷ କୁନା ତ୍ରିପାଠୀ ଏବଂ ଅନ୍ୟ ଅତିଥିମାନେ।

# ଯୁବକଙ୍କୁ ଗୋଡ଼ାଇ ହାଣିଲେ

## ପୂର୍ବଶତ୍ରୁତାକୁ ନେଇ ହତ୍ୟାକାଣ୍ଡ, ୩ ଗିରଫ

ପୁରୀ ଅଫିସ/ ନିରାକାରପୁର(ଡି.ଏନ୍.ଏ.)୨।୧



ପୁରୀ କୁମ୍ଭାରପଡ଼ା ଥାନାର ଜଟିଆବାଜୀ ଛକ ନିକଟରେ ରବିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ରାୟବାହାଦୁର ଲେନର ବିକି ନାୟକ। ପରେ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧/୨୨) ରୁଜୁ କରିଥିବା ବେଳେ ଆଇପିସି ଧାରା ୩୦୨, ୩୪ ଓ ୩(୨)(ଭି) ଅନୁସୂଚିତ ଜାତି ଓ ଜନଜାତି ଆଇନ ଅନୁଯାୟୀ ଧାରା ଲାଗିଛି। ଏଥିସହ ପୋଲିସ ପୁରୀ ଅଞ୍ଚଳର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ବିକି ସବୁଦିନ ଭଳି ରବିବାର ନିଜ ଦୋକାନକୁ ଯାଇଥିଲେ। ଦୋକାନରେ ଥିବାବେଳେ ଦୁଇ ଜଣ ଯୁବକ ସେଠାରେ ପହଞ୍ଚି ଥିବାବେଳେ କୌଣସି କଥାକୁ ନେଇ ୩ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସମ୍ପୃକ୍ତ ଯୁବକଦ୍ୱୟ ବିକିଙ୍କ ଉପରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ବିକି ଦୌଡ଼ିବା ବେଳେ ୨ ଯୁବକଙ୍କ ଅନ୍ୟ ଜଣେ ସହଯୋଗୀ ଆସିବାରୁ ୩ଜଣ ମିଶି ଏକ ଖଣ୍ଡା ଓ ଧାରୁଆ ଅସ୍ତ୍ର ଧରି ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଖବରପାଇ ବିକିଙ୍କ ପରିବାର ଲୋକ ପହଞ୍ଚିବା ବେଳେ ବିକିଙ୍କ ତଣ୍ଟି କଟିଯିବାରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୋଲିସ ପହଞ୍ଚି ଖୋଜାଖୋଜି କରୁଥିବାବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ବିଶେଷ ସୂତ୍ରରୁ ଅଭିଯୁକ୍ତମାନେ ନିରାକାରପୁର ଥାନା ଅଞ୍ଚଳକୁ ଯାଇଥିବା ଜାଣିବା ପରେ ସେଠିକାର ପୋଲିସକୁ ଜଣାଇଥିଲେ। ଫଳରେ ନିରାକାରପୁର ପୋଲିସ ଅଞ୍ଚଳରେ ଜୋରଦାର ଚେକିଂ କରି ସନ୍ଦେହଜନକ ଅବସ୍ଥାରେ ବାଇକ୍‌ରେ ଯାଉଥିବା ୩ଜଣ ଯୁବକଙ୍କୁ ଧରିଥିଲା। ପରେ ସେମାନଙ୍କୁ ପୁରୀ ପୋଲିସକୁ ହସ୍ତାନ୍ତର କରାଯାଇଥିବା ନେଇ ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ ବିକିଙ୍କ ପରିବାର ଲୋକେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଥିବା କଥା କହିଥିବାବେଳେ ପୋଲିସ ଘଟଣାସ୍ଥଳରେ ହୋଇଥିବା ବଚସା କାରଣରୁ ହତ୍ୟା ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ପ୍ରକାଶ କରିଛି।

## ସଂକ୍ଷେପରେ

### ୨୭ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର



ନିରାକାରପୁର,୨।୧(ଡି.ଏନ୍.ଏ.): ନିରାକାରପୁର ଥାନା ପରିସରରେ ରବିବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏସ୍‌ପି ରାଜକିଶୋର ଦୋରା ଯୋଗଦେଇ ବରିଷ୍ଠ ନାଗରିକ ଧ୍ରୁବତାରା ବୋଲି ମତବ୍ୟକ୍ତ କରିଥିଲେ। ଅତିଥିଭାବେ ଡିଆଇବି ଡିଏସ୍‌ପି ଅତନୁ କୁମାର ରାଉତ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସେବା ଯୋଗାଇଦେବାରେ ପୋଲିସ ସର୍ବଦା ରହିଛି ବୋଲି କହିଥିଲେ। କୌଣସି ଅସୁବିଧା ହେଲେ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ। ଏହି ଅବସରରେ ନିରାକାରପୁର ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ରାମକୃଷ୍ଣ ପଟ୍ଟନାୟକ, ସଭାପତି ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀ, ଉପସଭାପତି ପ୍ରସନ୍ନ କୁମାର ନନ୍ଦ, ସମ୍ପାଦକ ଲକ୍ଷ୍ମୀଧର ସମାନ୍ତରାୟ, ସହସମ୍ପାଦକ ଦୀନବନ୍ଧୁ କର ଓ କୋଷାଧ୍ୟକ୍ଷ ସର୍ବେଶ୍ୱର ପାହାଡସିଂଙ୍କ ସମେତ ୨୭ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଡିଏସ୍‌ପି ରବିନାରାୟଣ ପାଢୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ବଉଳ ଅମାବାସ୍ୟା ନୀତି ସମ୍ପନ୍ନ

ପୁରୀ ଅଫିସ,୨।୧: ପୌଷ ମାସ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ବକୁଳ ବା ବଉଳ ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କୁ ବଉଳ ଗଇଠା ଭୋଗ କରାଯାଇଛି। ପରମ୍ପରା ଅନୁଯାୟୀ, ପୌଷ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅବକାଶ ନୀତି ପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଆଜ୍ଞାମାଳ ଲାଗି ହୋଇଥିଲା। ପରେ ମହାପ୍ରଭୁଙ୍କ ସକାଳ ଧୂପ ଉଠିବା ସମୟରେ ରୋଷଘରୁ ବଉଳ - ଗଇଁଠା ଟାଟ ଭୋଗ ନିମନ୍ତେ ଗର୍ଭଗୃହକୁ ଆସିଥିଲା। ପରେ ଶ୍ରୀବିଗ୍ରହମାନଙ୍କୁ ପ୍ରସାଦ ଲାଗି ହେବା ପରେ ସକାଳଧୂପ ପୂଜା ହେବା ପରେ ବନ୍ଦାପନା ହୋଇଥିଲା। ମୁଦିରସ୍ତ ବଡ଼ଠାକୁରଙ୍କ ବାଡ଼ରେ ପୂଜାପଣ୍ଡା ମହାପ୍ରଭୁଙ୍କ ବାଡ଼ରେ ଏବଂ ପତି ମହାପାତ୍ର ମା' ସୁଭଦ୍ରାଙ୍କ ବାଡ଼ରେ ବନ୍ଦାପନା ନୀତି ସମ୍ପନ୍ନ କରିଥିଲେ। ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଟାଟ ମହାପ୍ରସାଦ ବାହାର କରାଯାଇଥିଲା। ପାଣି ପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କୁ ସିଂହାସନକୁ ବିଜେ କରିଥିଲେ। ଆଜ୍ଞାମାଳ ପାଇ ଅମାବାସ୍ୟା ନାରାୟଣ ପାଲିଙ୍କିରେ ସାଗର ଅଭିମୁଖେ ବିଜେ କରିଥିଲେ। ଶ୍ରୀମନ୍ଦିର ସହିତ ପ୍ରତି ଘରେ ବକୁଳ ଅମାବାସ୍ୟା ପାଳିତ ହୋଇଛି।

### ବ୍ଲକ କାର୍ଯ୍ୟାଳୟ ଭଙ୍ଗାରୁଜା କରି ଜଣେ ଗିରଫ

ପୁରୀ ଅଫିସ,୨।୧: ପୁରୀ ବ୍ଲକ୍ ଡେଭଲପମେଣ୍ଟ କାର୍ଯ୍ୟାଳୟରେ ପଶି ଜିନିଷପତ୍ର ଭାଙ୍ଗିବା ସହ କର୍ମଚାରୀ ଓ ଅଧିକାରୀଙ୍କୁ ଗାଳି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ନରେନ୍ଦ୍ର କୋଣ ଅଞ୍ଚଳର ସୁଦର୍ଶନ ସାମନ୍ତରାୟ (୪୮)। ତାଙ୍କଠାରୁ ଏକ ସ୍କୁଟି ଜବତ କରିଛି । ଏ ନେଇ ପୋଲିସ ନଂ ୨୬୬/୨୧ରେ ମାମଲା ରୁଜୁ କରିଛି। ଗତ ୨୭ ତାରିଖରେ ସୁଦର୍ଶନ କାର୍ଯ୍ୟାଳୟକୁ ଯାଇ କର୍ମଚାରୀଙ୍କୁ ଗାଳି କରିବା ସହ ସାମଗ୍ରୀ ଭଙ୍ଗାରୁଜା କରିଥିଲା।

## ଖଣ୍ଡାରେ ଭିଣୋଇଙ୍କୁ ହତ୍ୟା ଘଟଣା

# ଶାଳକଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨।୧(ବ୍ୟୁରୋ)



■ଭଉଣୀଙ୍କୁ ଅତ୍ୟାଚାର ଦେଉଥିବାରୁ ରାଗ ଥିଲା
■ବାଇକ୍, ଖଣ୍ଡା ଜବତ



ମଞ୍ଚେଶ୍ୱର ଥାନା ଅଧୀନ ଧୂଆଁକୁଟି ବସ୍ତିରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶାଳକ ବାପୁନି ନାୟକ(୧୯)ଙ୍କ ସମେତ ୩ଜଣଙ୍କୁ ରବିବାର ପୋଲିସ ଗିରଫ କରିଛି। ଗିରଫ ଅନ୍ୟ ଅଭିଯୁକ୍ତଦ୍ୱୟ ହେଲେ ଦୀପକ ସେଠୀ (୨୦) ଓ ରମେଶ ମହାନ୍ତି (୨୨)। ଏମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଗୋଟିଏ ଖଣ୍ଡା ଓ ବାଇକ ଜବତ ହୋଇଛି। ଅଭିଯୁକ୍ତମାନଙ୍କର ଡାକ୍ତରୀ ପରୀକ୍ଷା ପରେ ସୋମବାର କିମ୍ବା ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମୃତକ ସୁଶାନ୍ତ ଘଡ଼େଇଙ୍କ ଘର ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ବିଜୁ ପଟ୍ଟନାୟକ ଏୟାରପୋର୍ଟରେ ସୁଇପର୍ କାମ କରୁଥିଲେ। ଶାଳକ ବାପୁନି ମଧ୍ୟ ଏଠାରେ ରହି ସୁଇପର କାମ କରୁଥିଲେ। ବସ୍ତିରେ ପାଖାପାଖି ଘର ନେଇ ଦୁଇ ପରିବାର ରୁହନ୍ତି। ତେବେ ଭିଣୋଇ ସୁଶାନ୍ତ ନିଜ ସ୍ତ୍ରୀ ବର୍ଷାଙ୍କୁ ଅନେକ ସମୟରେ ମାଡ଼ ମାରୁଥିଲେ, ଯାହାକୁ ନେଇ ନଭେମ୍ବର ୪ ତାରିଖ ଅର୍ଥାତ୍ ଦୀପାବଳି ଦିନ ସୁଶାନ୍ତଙ୍କ ସହ ବାପୁନୀଙ୍କର ଝଗଡ଼ା ହୋଇଥିଲା। ଏହାକୁ ନେଇ ବାପୁନି ଭିଣୋଇ ସୁଶାନ୍ତଙ୍କୁ ହତ୍ୟା କରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ଏ ନେଇ ସେ ଉକ୍ତ ବସ୍ତିରେ ରହୁଥିବା ସାଙ୍ଗ ରମେଶ ଓ ରଙ୍ଗମାଟିଆ ଗ୍ରାମର ଦୀପକଙ୍କର ସାହାଯ୍ୟ ଲୋଡ଼ିଥିଲେ। ଦୀପକଙ୍କଠୁ ରମେଶ ଖଣ୍ଡା ଆଣି ବାପୁନିଙ୍କୁ ଦେଇଥିଲେ। ଗୁରୁବାର ରାତିରେ ୩ ଅଭିଯୁକ୍ତ ଏକ ବାଇକରେ ଆସି ସୁଶାନ୍ତଙ୍କ ଘର ନିକଟରେ ଛକି ରହିଥିଲେ।

ଅପରପକ୍ଷରେ ସୁଶାନ୍ତ ଗୁରୁବାର ରାତି ପ୍ରାୟ ୧୨.୩୦ ବେଳେ ଏକ ଭୋଜି ଖାଇସାରି ଘରକୁ ଆସି ଶୋଇଥିବା ବେଳେ କବାଟ ଖୋଲା ରହିଥିଲା। ହଠାତ ବାପୁନି ଘର ଭିତରକୁ ପଶିଆସି ଖଣ୍ଡାରେ ଭିଣୋଇ ସୁଶାନ୍ତଙ୍କୁ ଆକ୍ରମଣ କରିଥିଲେ। ସ୍ତ୍ରୀ ବର୍ଷା ଦୌଡ଼ି ଆସି ସ୍ୱାମୀଙ୍କୁ ରକ୍ଷା କରିବାକୁ ଉଦ୍ୟମ କରି ଆହତ ହୋଇଥିଲେ। ପରେ ବାପୁନି ତାଙ୍କ ଘରେ ଯାଇ ଲୁଚିଥିବାବେଳେ ୨ ସହଯୋଗୀ ଖଣ୍ଡା ଧରି ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ବାପୁନିଙ୍କୁ ପୋଲିସ କାବୁ କରି ଥାନାକୁ ଆଣି ଅଟକ ରଖିଥିଲା। ପୋଲିସ ଏକ ହତ୍ୟା ମାମଲା (ନଂ. ୪୬୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଟକ ବାପୁନିଙ୍କଠାରୁ ତଥ୍ୟ ହାସଲ ସହ ତାଙ୍କ ସାହାଯ୍ୟ ନେଇ ଲୁଚିଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ସଂରକ୍ଷଣ ତାଲିକାରେ ଆଦିବାସୀ ସମ୍ପ୍ରଦାୟଙ୍କୁ ଗୁରୁତ୍ୱ ଦିଆଯାଉ

ଖୋର୍ଦ୍ଧା ଅଫିସ,୨।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ପଦବୀ ସଂରକ୍ଷିତ ଚିଠା ତାଲିକା ପ୍ରକାଶ ପାଇଛି। ଏହି ପଦବୀ ପାଇଁ ବିଭିନ୍ନ ବର୍ଗ ପାଇଁ ସଂରକ୍ଷିତ ରହିଛି। ତେବେ ଚିଠା ତାଲିକାରେ ପ୍ରକାଶିତ ସଂରକ୍ଷଣ ଆସନକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଶବର ସଂଘ ପ୍ରକାଶିତ ଚିଠା ସଂରକ୍ଷିତ ତାଲିକାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି। ଆଦିବାସୀ ଅଞ୍ଚଳରେ ରହୁଥିବା ଶବର ଶ୍ରେଣୀର ଲୋକଙ୍କୁ ଅଣଦେଖା କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ଏନେଇ ଜିଲା ଶବର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଦୀର୍ଘ ବର୍ଷ ଧରି ଶବର ସମ୍ପ୍ରଦାୟ ଆଦିବାସୀମାନେ ବସବାସ କରି ଆସୁଛନ୍ତି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ସମ୍ପ୍ରଦାୟର ପ୍ରତିନିଧିତ୍ୱ ପାଇଁ ପୂର୍ବ ତାଲିକା ମୁତାବକ ଆଦିବାସୀ(ଅନୁସୂଚିତ ଜନଜାତି)ଙ୍କ ସଂରକ୍ଷଣ ରହିଥିଲା। ତେବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ନିର୍ବାଚନ ଆୟୋଗ ଦ୍ୱାରା ପୁନଃ ପ୍ରକାଶିତ ସଂରକ୍ଷଣ ତାଲିକାରେ ଆଦିବାସୀଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ। ବିଗତ ତାଲିକାରେ ପ୍ରତି ବ୍ଲକରେ ନିର୍ଦ୍ଧାରିତ ପଞ୍ଚାୟତ ଗୁଡ଼ିକରେ ଆଦିବାସୀ ସମ୍ପ୍ରଦାୟ ପାଇଁ ସଂରକ୍ଷିତ ଆସନ ରହିଥିଲା। ଏବେ ପ୍ରକାଶିତ ତାଲିକାରେ ଏହି ସମ୍ପ୍ରଦାୟକୁ ବାଦ୍ ଦିଆଯାଇଛି। ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲା ପରିଷଦ ସଭ୍ୟ ପଦବୀ ନିମନ୍ତେ ପଞ୍ଚାୟତଗୁଡ଼ିକରେ ସାମ୍ବିଧାନିକ ନିୟମାନୁଯାୟୀ ସଂରକ୍ଷଣ ଆସନ ବ୍ୟବସ୍ଥା କରାଯାଇ ଶବର ସମ୍ପ୍ରଦାୟଙ୍କୁ ରାଜନୈତିକ କ୍ଷେତ୍ରରେ ଅଧିକାର ପ୍ରଦାନ ଲାଗି ଦାବି କରିଛନ୍ତି।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନାମରେ ଟ୍ରେନ୍ ଚଳାଚଳ ଦାବିରେ ଲିଙ୍ଗରାଜ ମନ୍ଦିରର ସେବାୟତ ପ୍ରତିନିଧିମାନେ ରବିବାର ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେଶନ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଉତ୍କଳ ପବ୍ଲିଶର୍ସ ଆଣ୍ଡ୍ ବୁକସେଲର୍ସ ଆସୋସିଏଶନ ବୈଠକ

ଭୁବନେଶ୍ୱର, ୨।୧(ବ୍ୟୁରୋ)

ପ୍ରକାଶକ ସଂଘ 'ଉତ୍କଳ ପବ୍ଲିଶର୍ସ ଆଣ୍ଡ୍ ବୁକ୍ ସେଲର୍ସ ଆସୋସିଏଶନ' ତରଫରୁ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଗୁଆଝରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କ୍ଷୀରୋଦ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ପ୍ରଦୀପ୍ତ କୁମାର ବେହୁରା ଅତିଥି ପରିଚୟ ସହ ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ରାଜକିଶୋର ଦାସ, କୋଷାଧ୍ୟକ୍ଷ ଭିକାରୀ ଧଳଙ୍କ ସହ ସଦସ୍ୟ ଶୁଭ୍ରାଂଶୁ ପଣ୍ଡା, ଦେବରାଜ ସାହୁ, ତୁଷାର ବରଣ ସାହୁ, ରାଧାକୃଷ୍ଣ ଘଡ଼େଇ ପ୍ରମୁଖ ଯୋଗଦେଇ ପୁସ୍ତକ ପ୍ରକାଶନ ଓ ପ୍ରସାରଣ ସମ୍ପର୍କରେ ଆଲୋଚନା କରିଥିଲେ।

## କୋଭିଡ୍ ସହାୟତା ବଣ୍ଟନ ବେଳେ ଗଣ୍ଡଗୋଳ

ବେଗୁନିଆ,୨।୧(ଡି.ଏନ୍.ଏ.)

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ଗ୍ରାମରେ ଶନିବାର କୋଭିଡ୍ ସହାୟତା ବଣ୍ଟନ ବେଳେ ଗଣ୍ଡଗୋଳ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ଏ ସମ୍ପର୍କରେ ପୋଲିସ ଦୁଇଟି ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରାଶନ ହିତାଧିକାରୀଙ୍କୁ କୋଭିଡ୍ ସହାୟତା ବାବଦକୁ ୧ହଜାର ଟଙ୍କା ଲେଖାଏ ବଣ୍ଟନ କରାଯାଉଛି। ସାନପଦର ଗ୍ରାମସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଶନିବାର ଅପରାହ୍ନ ୫ଟାରେ ଯୋଗାଣ ସହାୟକ ସୁକାନ୍ତ କୁମାର ସାହୁ କୋଭିଡ୍ ସହାୟତା ରାଶି ବଣ୍ଟନ ପ୍ରକ୍ରିୟା ଜାରି ରଖିଥିଲେ। ତେବେ ଗ୍ରାମର ଭଗବାନ ବେହେରାଙ୍କ ଝିଅ ବଣ୍ଟନସ୍ଥଳରେ ପହଞ୍ଚି ସହାୟତା ରାଶି ମାଗିଥିଲେ। ତାଲିକାରେ ତୁମ ନାଁ ନାହିଁ ବୋଲି ଯୋଗାଣ ସହାୟକ ସାହୁ ତାଙ୍କୁ କହିଥିଲେ। ଏନେଇ ଭଗବାନଙ୍କ ଝିଅ ଘରେ ଜଣାଇଥିଲେ। ପରେ ଭଗବାନ ବଣ୍ଟନସ୍ଥଳରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପରେ ଯୋଗାଣ ସହାୟକ ସାହୁଙ୍କଠାରୁ ଟଙ୍କା ଛଡାଇ ନେବାକୁ ଉଦ୍ୟମ କରିଥିଲେ। ଫଳରେ ସୁକାନ୍ତଙ୍କ ସମେତ ଗ୍ରାମର ୩ରୁ ୪ଜଣ ବ୍ୟକ୍ତି ଭଗବାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଭଗବାନଙ୍କୁ କେତେଜଣଲୋକ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଡ଼ ମାରି ଟଙ୍କା ଭଗବାନ ଟଙ୍କା ଛଡ଼ାଇ ନେଉଥିଲେ ବୋଲି ଯୋଗାଣ ସହାୟକ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭଗବାନଙ୍କୁ ଆକ୍ରମଣ କରାଯାଇଛି ବୋଲି ସ୍ତ୍ରୀ ସୁକାନ୍ତି ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଦୁଇଟି ମାମଲା (ନଂ.୨, ୩/୨୨) ରୁଜ ହୋଇଛି।

## ଏସ୍‌ଟିଏଲ ସ୍ମାରକୀ କ୍ରିକେଟ: ଏମ୍‌କେସିସି ଚାମ୍ପିୟନ

ଜଟଣୀ,୨।୧(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଡପୁରା ଗ୍ରାମ ଖେଳପଡିଆରେ ୯ଦିନ ବ୍ୟାପି ଚାଲିଥିବା ଏସଟିଏଲ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏମକେସିସି ଷଣ୍ଡପୁର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ମୋଟ ୧୬ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଫୋର୍ସ ଇଲେଭେନକୁ ହରାଇ ଏମକେସିସି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ଏମ୍‌କେସିସି ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ବିନିୟମରେ ମୋଟ ୧୭୮ରନ ସଂଗ୍ରହ କରିଥିଲା। ଜବାବରେ ଫୋର୍ସ ଇଲେଭେନ ୧୯ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ସନ୍ତୋଷ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜଟଣୀ ଥାନା ଭାରପ୍ରାପ୍ତ ଅଧିକାରୀ ଦୟାନିଧି ନାୟକ, ଶିକ୍ଷାବିତ୍ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୃଷ୍ଣ ପ୍ରସାଦ ରାଉତ, ଲକ୍ଷ୍ମୀକାନ୍ତ ରାଉତ, ସୁଶାନ୍ତ ଦାସ, ପାର୍ଥ ସାରଥୀ ସାମନ୍ତରାୟ, ପଙ୍କଜ ପାଟଶାଣୀ, କିଶୋର ଦାସ, ବିଜୟ ସାହୁ ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

## କୁଶପଲା ସ୍ପୋର୍ଟସ କ୍ଲବ ଚାମ୍ପିୟନ

### ଏକ ଦିବସୀୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

ଟାଙ୍ଗୀ (ଖୋର୍ଦ୍ଧା),୨।୧(ଡି.ଏନ୍.ଏ.)

ଟାଙ୍ଗୀ ଚିଲିକା ଷ୍ଟାଡିୟମଠାରେ ଶିବା ୟୁଥ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ମାରକୀ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱର୍ଗତ ପଦ୍ମଚରଣ ଦାସ, ସୁଧାଂଶୁ ଶେଖର ଦଳାଇ, ଦିଲୀପ କୁମାର ଦାସ, ସୁଜିତ କୁମାର ଦାସଙ୍କ ସ୍ମୃତିରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ କୁହୁଡି ମହାବୀର ସ୍ପୋର୍ଟିଂକୁ ଟାଇବ୍ରେକର ୪-୩ ଗୋଲରେ ହରାଇ କୁଶପଲା ସ୍ପୋର୍ଟସ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ତନୋଜ ଶ୍ରୀଚନ୍ଦନ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ଖେଳାଳି କିଶୋର ପଟ୍ଟନାୟକ, ପଦ୍ମନାଭ ବିଶ୍ୱାଳ, ଗୋବିନ୍ଦ ଚନ୍ଦ୍ର ମହାରଣା, ବିଜୟ କୁମାର ରାଉତ, ଅକ୍ଷୟ କୁମାର ପଟ୍ଟନାୟକ, ଫୁଟବଲ କୋଚ୍ ଗଙ୍ଗାଧର ବେହେରା, ବିଭୂତି ଭୂଷଣ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, କୃଷ୍ଣ ମୋହନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଗୋପାଳ ସେଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦେଶୀ ନାୟକ, ପ୍ରିୟବ୍ରତ ବାହିନୀପତି, ଏସ୍ କୁମାର ଛବି, ବିପିନ ସାମନ୍ତରାୟ, ସଭାପତି କୃଷ୍ଣ ଚନ୍ଦ୍ର ରାଉତ, ସମ୍ପାଦକ ସଞ୍ଜୟ କୁମାର ମାନ୍ଧାତା, ତ୍ରିନାଥ ପାତ୍ର, ସୁକାନ୍ତ କୁମାର ବେହେରା, ତପନ କୁମାର ରାଉତ, ସୁନୀଲ କୁମାର ମହାରଣା ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

### ରାଜେନ୍ଦ୍ର ପଣ୍ଡାଙ୍କ ସ୍ମୃତିଚାରଣ

ଜଟଣୀ,୨।୧(ଡି.ଏନ୍.ଏ.)

ଜଟଣୀର ବିଶିଷ୍ଟ କମ୍ୟୁନିଷ୍ଟ ନେତା କମ୍ରେଡ ରାଜେନ୍ଦ୍ର ପଣ୍ଡାଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକ ସ୍ମୃତିସଭା ସିପିଆଇ(ଏମ୍)ଜଟଣୀ ଆଞ୍ଚଳିକ କମିଟି ଆନୁକୂଲ୍ୟରେ ବୁଢ଼ାପଡା ଗ୍ରାମରେ ସାରଙ୍ଗଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସିପିଏମ୍‌ର ଜିଲା ସମ୍ପାଦକ କମ୍ରେଡ ଅନନ୍ତ ମଙ୍ଗରାଜ, ଏ.କେ.ଚୌଧୁରୀ, ନିରଞ୍ଜନ ବେହେରା, ମନ୍ମଥ କୁମାର ଡାକୁଆ, ବାପୁନି ନାୟକ, ବିପିନ ସୁନ୍ଦରା, ଭାଗୀରଥି ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବେଣୁଧର ନାୟକ, ଅଇଁଠୁ ନାୟକ ସଙ୍ଗୀତ ପରିବେଷଣ କରିଥିଲେ।

### ଶ୍ରାଦ୍ଧବାର୍ଷିକୀରେ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨।୧ (ବ୍ୟୁରୋ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ୩୫ତମ ଶ୍ରାଦ୍ଧଦିବସ ଅବସରରେ ତାଙ୍କ ସ୍ମୃତି ପ୍ରତି ବିଧାନସଭା ପକ୍ଷରୁ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ବିଧାନସଭା ପରିସରରେ ଅନୁଷ୍ଠିତ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ରୂପେ ଏବଂ ବରିଷ୍ଠ ବିଧାନସଭା ସଦସ୍ୟ ପ୍ରଫୁଲ୍ଲ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ମହତାବ ଜଣେ ବିଶିଷ୍ଟ ଜନନେତା ରୂପେ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଯୋଗଦାନ ରଖିଥିଲେ ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି। ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶାର ବହୁବିଧ ପ୍ରଗତି ହୋଇଥିଲା ବୋଲି ମଧ୍ୟ କହି ସେ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।



ସର୍ବୋଦୟ ସାହିତ୍ୟ ସଂସଦ ପକ୍ଷରୁ ରବିବାର ପୁରୀର ସର୍ବୋଦୟ ନଗରସ୍ଥିତ ନିର୍ବିକଳ୍ପ ସଭାଗୃହରେ ଆୟୋଜିତ ଏକ ଉତ୍ସବରେ ଆର୍ତ୍ତତ୍ରାଣ ମାନସିଂଙ୍କ କବିତା ସଂକଳନ 'ଶବରୀ'କୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।



ଶିଶିର ସରସ ମେଳାରେ ରବିବାର ଲୋକେ ଷ୍ଟଲ ବୁଲି ଦେଖୁଛନ୍ତି।



ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୫ତମ ଶ୍ରାଦ୍ଧୋତ୍ସବରେ ରବିବାର ବିଧାନସଭା ପରିସରସ୍ଥ ମହତାବଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ଜୁନ୍ ସୁଦ୍ଧା ଜାଇକା କାମ ଶେଷ ହେବ

କଟକ ଅଫିସ,୨।୧


ସମୀକ୍ଷା ବୈଠକରେ ମନ୍ତ୍ରୀ, ବିଧାୟକଙ୍କ ସହ ଅନ୍ୟମାନେ।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

- ପେଟାନାଳର ପୁନରୁଦ୍ଧାର ପାଇଁ ୩୬ କୋଟି ଅନୁଦାନ
- ଷ୍ଟ୍ରିଟ୍ ଲାଇଟ୍ ମରାମତି ନିର୍ଦ୍ଦେଶ

କଟକସ୍ଥିତ ପ୍ରମୋଦ କନଭେନ୍ସନ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଚାଲିଥିବା ଭିତ୍ତିଭୂମିର ବିକାଶ ସମେତ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ। ଏଥିସହ ସହରରେ ଜାଇକା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ଜେନା ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଜୁନ୍ ସୁଦ୍ଧା ସହରରେ ଜାଇକା ପ୍ରକଳ୍ପ କାମ ଶେଷ ହେବ ବୋଲି ଅଧିକାରୀମାନେ କହିଥିଲେ। ସେହିପରି ସହରରେ ପରିମଳ ପରିଚାଳନା, ବକ୍ସଡ୍ରେନ ନିର୍ମାଣ, ଘରକୁ ପାନୀୟଜଳ ଯୋଗାଣ ଉପରେ ମନ୍ତ୍ରୀ ଜେନା ଆଲୋଚନା କରିଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ସହରର ଅନେକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ଅଚଳ ହୋଇପଡିଛି। ଏ ନେଇ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଏମ୍‌ସି ଅନ୍ତର୍ଗତ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀର ୪ଟି ପଞ୍ଚାୟତ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ ହୋଇଥିଲା। ବିଶେଷକରି ୫୬ ଓ ୫୯ ନମ୍ବର ୱାର୍ଡ ଅଞ୍ଚଳରେ ଜନସାଧାରଣ ସହରାଞ୍ଚଳ ପ୍ରତି ଉପଲବ୍ଧ ଥିବା ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ତେଣୁ ଉକ୍ତ ୱାର୍ଡ଼କୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ଜେନା ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପେଟାନାଳର ପୁନରୁଦ୍ଧାର, ଉଭୟପାର୍ଶ୍ୱ ବନ୍ଧ, ଜାଲି ଲାଗିବା ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ୩୬ କୋଟି ଟଙ୍କା ଅନୁଦାନ ମିଳିଥିବା ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ଜଳସମ୍ପଦ ବିଭାଗ ପେଟାନାଳର ପୁନରୁଦ୍ଧାର କରିବା ସହ ସିଏମ୍‌ସି ସୌନ୍ଦର୍ଯ୍ୟକରଣ କରିବ ବୋଲି ସେ କହିଛନ୍ତି। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ଚନ୍ଦ୍ରସାରଥି ବେହେରା, ସୋଭିକ୍ ବିଶ୍ୱାଳ, ଡେପୁଟି କମିଶନର ସଞ୍ଜୀବିତା ରାୟ, ଅଭିନେତା ଅରିନ୍ଦମ ରଏ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଚ୍ଚରୁ ମିଳିବ ୨୪ ଘଣ୍ଟିଆ ପାନୀୟ ଜଳ

ସିଏମ୍‌ସି ଅଧୀନ ୫୯ଟି ୱାର୍ଡର ସମସ୍ତ ଘରକୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ। ଆସନ୍ତା ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଡିଏ, ଜଗତପୁର ଓ ପ୍ରତାପନଗରୀରେ ଥିବା ଜଳ ବିଶୋଧନାଗାରକୁ ଉଦ୍‌ଘାଟନ କରିବେ। ଏହାପରେ ପାଖାପାଖି ୫୦ଟି ୱାର୍ଡରେ ନଦୀଜଳ ଯୋଗାଣ ହେବ। ଅବଶିଷ୍ଟ ୯ଟି ୱାର୍ଡରେ ମାର୍ଚ୍ଚ ସୁଦ୍ଧା ଜଳ ଯୋଗାଣ ହେବ ବୋଲି ୱାଟ୍‌କୋ ଅଧିକାରୀ ଦେବବ୍ରତ ମହାନ୍ତି କହିଛନ୍ତି। କଟକ ସହରରେ ପ୍ରାୟ ୯୮,୧୭୭ ଘରକୁ ପାଇପ ସଂଯୋଗ ହୋଇଛି। ଉକ୍ତ ମେଗା ପାନୀୟଜଳ ପ୍ରକଳ୍ପ ନିମନ୍ତେ ୩୮୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୩୪୯ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଭାଗୀୟ ଅଧିକାରୀ ଉକ୍ତ ବୈଠକରେ ମନ୍ତ୍ରୀ ଜେନାଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିଲେ।

## ଶିଶୁଭବନ କୋଠାରେ ହେବ ୮୫ ଆଇସିୟୁ ବ୍ୟବସ୍ଥା

ଶିଶୁଭବନରେ ୭ ମହଲାବିଶିଷ୍ଟ କୋଠାର ନିର୍ମାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ୩ ତାରିଖ ସୁଦ୍ଧା ସରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କୋଠାର ପ୍ରଥମ ୪ଟି ମହଲାରେ ଡାକ୍ତରଖାନା, ପଞ୍ଚମ ମହଲାରେ ପ୍ରଶାସନିକ ବ୍ଲକ ଓ ଷଷ୍ଠ ମହଲାରେ ଏକାଡେମିକ ବ୍ଲକ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ହସ୍ପିଟାଲରେ ମୋଟ୍ ୮୫ଟି ଆଇସିୟୁ ବ୍ୟବସ୍ଥା ପାଇଁ ଯୋଜନା କରାଯାଇଥିବା ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପାର୍ବତୀ


@ ଦେବେନ୍ଦ୍ର


@ କୃଷ୍ଣଚନ୍ଦ୍ର


@ ମିହିର


@ ଅଭିଷେକ


@ ରିତିକ୍

## ଆଜି କ'ଣ କେଉଁଠି

**କଟକ**

- ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତ୍‌ଙ୍କ ୧୦୩ତମ ଜୟନ୍ତୀ ସମାରୋହ, ପଣ୍ଡିତ୍‌ଙ୍କ ବାସଭବନ, ବ୍ରାହ୍ମଣସାହି, ଚାନ୍ଦିନୀଚୌକ, ପୂର୍ବାହ୍ନ ୯ଟା।
- ୧୩ ତମ କଟକ ମହୋତ୍ସବ, କଟକ ଶାରଳା ଭବନ, ସନ୍ଧ୍ୟା ୬ଟା

## ପୁସ୍ତକ 'ତ୍ରିବେଣୀ ସଙ୍ଗମ' ଉନ୍ମୋଚିତ

**ଫୁଲନଖରା,୨।୧(ଡି.ଏନ.ଏ.):** କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସସ୍ଥିତ ଗାଦିଗୋସେଇଁ ପୀଠରେ ବିଶିଷ୍ଟ ସ୍ତମ୍ଭକାର ଚୌଧୁରୀ ଚାରୁଚନ୍ଦ୍ର ମିଶ୍ରଙ୍କ ରଚିତ ପୁସ୍ତକ 'ତ୍ରିବେଣୀ ସଙ୍ଗମ' ରବିବାର ଉନ୍ମୋଚିତ ହୋଇଯାଇଛି। ଡ. ଶରତ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଆଇନଜୀବୀ ଉମାକାନ୍ତ ନନ୍ଦ, ଇଂ. ଶ୍ରୀସନ୍ୟାସୀ, ସାହିତ୍ୟିକ ଲିଙ୍ଗରାଜ ମହାନ୍ତି ପ୍ରମୁଖ ଅତିଥି ଭାବେ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଡ. ଅରବିନ୍ଦ ନନ୍ଦ ଓ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭଜନ ସିଡୀ ଲୋକାର୍ପିତ

**କଟକ ଅଫିସ,୨।୧:** ୪୨ ମୌଜା ରାଉତରାପୁରସ୍ଥିତ ମା' ଶାରଦା ଆଶ୍ରମରେ ପ୍ରଦ୍ୟୁମ୍ନ କିଶୋର ଦେବଙ୍କ ରଚିତ ଆଧାତ୍ମିକ ଭଜନ ସିଡି 'କରୁଣା ଭଣ୍ଡାର' ଉନ୍ମୋଚିତ ହୋଇଯାଇଛି। ଏଥିରେ ଶିଶୁ ପ୍ରତିଭା ଅପର୍ଣ୍ଣା ନାୟକ କଣ୍ଠଦାନ କରିଛନ୍ତି। ପ୍ରମୋଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରସିଦ୍ଧ ବେହେଲା ବାଦକ ଅଜୟ କୁମାର ବାରିକ, ମୁଖ୍ୟବକ୍ତା ଭାବେ ଗୀତିକାର ପ୍ରଦ୍ୟୁମ୍ନ କିଶୋର ଦେବ, ସମ୍ମାନିତ ଅତିଥି ଭାବେ ଅଧାପକ ଅମରେଶ ଚନ୍ଦ୍ର ସାହୁ, ଖବରଦାତା ଅନୀଲ ଦାସ, ପ୍ରଜ୍ଞାପାରମିତା ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଶେଖର ସୁମନ, ସନ୍ତୋଷ କର, ମାନସୀ ପ୍ରଧାନ, ଦେବାଶିଷ ପରିଡା, ପ୍ରଫୁଲ୍ଲ ନାୟକ ଉପସ୍ଥିତ ଥିଲେ। ବିଶ୍ୱଜିତ୍ ପରିଡା ଧନ୍ୟବାଦ ଦେଇଥିଲେ।


ମାଷ୍ଟର କ୍ୟାଣ୍ଟିନସ୍ଥିତ ଭୁବନେଶ୍ୱର ନ୍ୟୁଜ ପେପର ସପ୍ଲାୟର ଆସୋସିଏଶନ୍‌ର ସଦସ୍ୟମାନେ ଧରିତ୍ରୀ କାର୍ଯ୍ୟାଳୟରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

## ପୋଲିସକୁ ସମସ୍ୟା ଜଣାଇଲେ ବସ୍ତିବାସିନ୍ଦା

କଟକ ଅଫିସ,୨।୧

### ବସ୍ତିକୁ ଚାଲ ଅଭିଯାନ

ମଧୁପାଟଣା ପୋଲିସ ପକ୍ଷରୁ ବସ୍ତିକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲିସାହି ନିକଟରେ ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ଶତାଧିକ ବ୍ୟକ୍ତି ଉପସ୍ଥିତ ହୋଇ ନିଜର ସମସ୍ୟା ସମ୍ପର୍କରେ ପୋଲିସକୁ ଅବଗତ କରିଥିଲେ। ବିଶେଷକରି କଟକ ସହରରୁ ଯାତାୟାତ କରିବା ପାଇଁ ସିଟିବସ୍‌ର ବ୍ୟବସ୍ଥା କରିବା, ରାସ୍ତାଘାଟ ମରାମତି, ସମସ୍ତଙ୍କ ଘରେ ପାଇଖାନା ଓ ଜଳଯୋଗାଣ କରାଯିବା ପାଇଁ ବସ୍ତିବାସିନ୍ଦା ଜଣାଇଥିଲେ। ଏ ସମ୍ପର୍କରେ ପ୍ରଶାସନକୁ ଜଣାଯିବ ବୋଲି ପୋଲିସ ବସ୍ତିବାସିନ୍ଦାଙ୍କୁ କହିଥିଲା। ଏହି ବୈଠକରେ ଏସିପି ଏସ୍.ଏନ୍. ମୁଦୁଲି, ଆଇଆଇସି ତୁଷାରକାନ୍ତ ସେଠୀ ଉପସ୍ଥିତ ଥିଲେ।

ସେହିପରି ବିଡାନାସୀ ପୋଲିସ ପକ୍ଷରୁ ନିକଟସ୍ଥ ଟ୍ରାଞ୍ଜିଟ ହାଉସ ବସ୍ତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାହାର ଲୋକଙ୍କ ପ୍ରବେଶ, ନିଶା ସେବନ, ବିଦ୍ୟୁତ, ରାସ୍ତା ଓ ପାନୀୟ ଜଳ ବ୍ୟବସ୍ଥା ସମ୍ପର୍କରେ ବସ୍ତିର ଲୋକମାନେ ପୋଲିସକୁ ଜଣାଇଥିଲେ। ଏହାର ସମାଧାନ ପାଇଁ ପ୍ରଶାସନକୁ ଅବଗତ କରାଯିବ ବୋଲି ପୋଲିସ କହିଥିଲା। ସେହିପରି ବିଭାଗର ପରିଧି ଭିତରେ ଲୋକଙ୍କ ସମସ୍ୟା ସମାଧାନ ପାଇଁ ପୋଲିସ କାର୍ଯ୍ୟ କରିବ ବୋଲି ଥାନାଧିକାରୀ ପ୍ରଦୀପ୍ତ କିଶୋର ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏସ୍‌ଆଇ ରୋହିତ ବଳ, ନିରଞ୍ଜନ ଭୋଇ, ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ରିକେଟ, ଚ୍ୟାଲେଞ୍ଜର ଟିମ୍ ଚାମ୍ପିୟନ

କଟକ ଅଫିସ,୨।୧

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଷ୍ଟାଡିୟମରେ ପଦ୍ମିନୀ କେୟାର ହସ୍ପିଟାଲ ଆନୁକୂଲ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚ୍ୟାଲେଞ୍ଜର ଓ ୱାରିୟର ଟିମ୍ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ୱାରିୟର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଚାଲେଞ୍ଜର ଟିମ୍ ୭ ଉଇକେଟ୍ ବିନିମୟରେ ୭୩ ରନ୍ କରି ବିଜୟୀ ହୋଇଥିଲା। ଡା. ହିମାଂଶୁ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ୍ ଆଖ୍ୟା ଅର୍ଜନ କରିଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ହସ୍ପିଟାଲ ସିଇଓ ଡା. ଜ୍ୟୋତି ପ୍ରକାଶ ପରିଜା, ମାନବ ସମ୍ବଳ ଅଧିକାରୀ ଜଗଦୀଶ ପତିଙ୍କ ସମେତ ସମସ୍ତ ଡାକ୍ତର, ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ଯୁବ ଅହମ୍ମଦିୟା ତରଫରୁ ଶୁଖିଲା ଖାଦ୍ୟ ବଣ୍ଟନ

ଟିଗିରିଆ,୨।୧(ଡି.ଏନ୍.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀର ଯୁବ ଅହମ୍ମଦିୟା ତରଫରୁ ବିଭିନ୍ନ ଗ୍ରାମରେ ୨୦୦ ଗରିବ ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୁବ ଅହମ୍ମଦିୟା କଟକର ସଭାପତି ସଫାଉଦ୍ଦିନ ଖାଁ ଓ କରଡ଼ାପଲ୍ଲୀ ଯୁବ ଅହମ୍ମଦିୟା ସଭାପତି ସେରଫାତ ଅଲ୍ଲୀ ଯୋଗଦେଇଥିଲେ। ଏଥିରେ ଇସିହାକ ଖାଁ, ମହମ୍ମଦ ନୟିମ, ସେକ ମୁବାସୀର ଓ ଅଲିମ ଖାଁ ପ୍ରମୁଖ ସହଯୋଗ କରିଥିଲେ ।

## 'ସାହିତ୍ୟର କାଳଜୟୀ ସ୍ରଷ୍ଟା ଥିଲେ କବିଚନ୍ଦ୍ର'

କଟକ ଅଫିସ,୨।୧

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରବିବାର କଟକ ଗଡ଼ଗଡେଶ୍ୱର ମନ୍ଦିର ନିକଟ ରିଂରୋଡ଼ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗୀତିକବି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟବକ୍ତା ସାହିତ୍ୟିକ ଭାଗବତ ଶୁକ୍ଳ ଯୋଗଦେଇ କବିଚନ୍ଦ୍ର ସାହିତ୍ୟର କାଳଜୟୀ ସ୍ରଷ୍ଟା ଥିଲେ ବୋଲି କହିଥିଲେ। ସେହିପରି ସମ୍ମାନିତ ବକ୍ତା ଗୌତମ କର କହିଥିଲେ, କବିଚନ୍ଦ୍ରଙ୍କ ନାଟକ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ସମ୍ମାନିତ ଅତିଥି ସାହିତ୍ୟିକ ଭବାନୀ ପଣ୍ଡିତ କହିଥିଲେ, କବିଚନ୍ଦ୍ରଙ୍କର ଜୀବନ ବ୍ୟାପୀ ସାଧନା ଓ ସିଦ୍ଧି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ଏଥିରେ ନାଟ୍ୟକାର ସଞ୍ଜୀତ୍ କୁମାର ପଟ୍ଟନାୟକ, ଅଜିତ୍ କୁମାର ମହାପାତ୍ର, ବନମାଳୀ ବେହେରା, ବିଭୂତି ଭୂଷଣ ସେନାପତି, ମନୋରଞ୍ଜନ ମହାପାତ୍ର, ବଂଶୀଧର ରାଉତ ପ୍ରମୁଖ ଯୋଗଦେଇଥିଲେ। ରାମଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଚିଠି

କଣ୍ଟାପଡା, ୨।୧(ଡି.ଏନ.ଏ.)

କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରକୁ ବାଇରୋଇ ବଜାରଠାରୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଓ ଏହାର ସମ୍ମୁଖରେ ଥିବା ପଞ୍ଚାୟତ ସମିତି ରାସ୍ତା ଜବରଦଖଲରେ ରହିଛି। ତୁରନ୍ତ ଏହାକୁ ଜବରଦଖଲ ମୁକ୍ତ କରିବା ପାଇଁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କଣ୍ଟାପଡା ତହସିଲଦାର ମିତାଞ୍ଜଳି ଦାଶଙ୍କୁ ଚିଠି ଲେଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନିର୍‌ତାର ଏକ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର। ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଛାତ୍ରୀଛାତ୍ରମାନେ ଫିଜିଓଥେରାପି, ଅକୁପେଶନାଲ ଥେରାପି, ପ୍ରସ୍ଥେଟିକ ଓ ଅର୍ଥୋଟିକ ପାଠ ପଢିବା ପାଇଁ ଆସିଥାନ୍ତି। ନିର୍‌ତାର ଛାତ୍ରୀନିବାସ ସମ୍ମୁଖ ରାସ୍ତାକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ଗଣ୍ଡଗୋଳ ମଧ୍ୟ ଘଟୁଛି। ଫଳରେ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେକରି ନିର୍‌ତାର କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଗତ ୧୭ ତାରିଖରେ ନିର୍‌ତାର ପ୍ରଶାସନିକ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରି ଜବରଦଖଲ ଉଚ୍ଛେଦ କରିବାକୁ ଜିଲାପାଳଙ୍କୁ ଜଣାଇଥିଲେ। ପରେ ଜିଲାପାଳ ଚୟନୀ ଚିଠି ନଂ. ୪୮୪୨/୨୭।୧୨।୨୧ରେ ଜବରଦଖଲ ହଟାଇବାକୁ ତହସିଲଦାରଙ୍କୁ ଜଣାଇଛନ୍ତି।


କଟକ ଦିୱାନ ବଜାରସ୍ଥିତ ବାଲାଜୀ ମନ୍ଦିର ପ୍ରାଙ୍ଗଣରୁ ରବିବାର ଶ୍ରୀଶ୍ରୀ ବାଲାଜୀ ଠାକୁରଙ୍କ ଶୋଭାଯାତ୍ରା ନଗର ପରିକ୍ରମା ପାଇଁ ବାହାରିଛି।


ବକୁଳ ଅମାବାସ୍ୟା ଅବସରରେ ପୁରୀ ଶ୍ରୀମନ୍ଦିର ପରିସରରେ ସେବାୟତମାନେ ରବିବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି କରୁଛନ୍ତି।


ପାରିବାରିକ ପତ୍ରିକା 'କାଦମ୍ବିନୀ' ଓ ଶିଶୁ ପତ୍ରିକା 'କୁନିକଥା'ର ୨୦୨୨ ଜାନୁୟାରୀ ସଂଖ୍ୟା ରବିବାର ଲୋକାର୍ପଣ ଉତ୍ସବରେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ଏବଂ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### କବିତା,ନୃତ୍ୟ ସଙ୍ଗୀତ ଆସର

**ନରସିଂହପୁର,୨।୧.(ସ୍ୱ.ପ୍ର.):** ସାଂସ୍କୃତିକ ଅନୁଷ୍ଠାନ ନରସିଂହପୁର ଲେଖକ ସାମ୍ମୁଖ୍ୟ ତରଫରୁ କବିତା ଆସର ଓ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଥାନା ଛକସ୍ଥିତ ଷ୍ଟେଟବ୍ୟାଙ୍କର ଉପର ମହଲାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଗୟାଧର ସାହୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୁର୍ଯ୍ୟୋଧନ ବରାଳ, କୁଳମଣି ବାରିକି, ପ୍ରଫେସର ପ୍ରଫୁଲ୍ଲ ସାହୁ, ବ୍ୟଙ୍ଗକାର ବ୍ରଜବନ୍ଧୁ ସୁବୁଦ୍ଧି ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ସରୋଜ ବଳିଆର ସିଂ, ସନାତନ ସ୍ୱାଇଁ ଓ ଦେବରାଜ ସ୍ୱାଇଁଙ୍କ ସମେତ ନୟାଗଡ଼ ହିନ୍ଦୋଳ ଆଠଗଡ଼ ଓ ବଡମ୍ବା ଅଞ୍ଚଳର କବି ଓ କବୟିତ୍ରୀମାନେ ଯୋଗଦେଇ କବିତା ପାଠ କରିଥିଲେ। ଖବରଦାତା କାର୍ତ୍ତିକେଶ୍ୱର ନାଥ, ଶିକ୍ଷକ କଳିଙ୍ଗ କେଶରୀ ପ୍ରଧାନ ଓ କରୁଣାକର ଶତ୍ରୁସଲ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଭିଜିଲାନ୍ସ ଅତିରିକ୍ତ ଏସ୍‌ପି କେଦାରନାଥ ସାହୁଙ୍କ ପରଲୋକ

**କଟକ ଅଫିସ,୨।୧:** କଟକ ଭିଜିଲାନ୍ସ ଡିଭିଜନର ଅତିରିକ୍ତ ଏସ୍‌ପି କେଦାରନାଥ ସାହୁ(୫୭)ଙ୍କର ରବିବାର ପରଲୋକେ ହୋଇଯାଇଛି। ଅପରାହ୍ନରେ ସେ କଟକସ୍ଥିତ ବାସଭବନରେ ଥିବାବେଳେ ହଠାତ୍ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ କୀର୍ତ୍ତିରାଜ ମୁଖାଗ୍ନି ଦେଇଥିଲେ। କଟକ ଜିଲା ବଡମ୍ବା ଥାନା ଅଧୀନ ରଗଡିପଦାରେ ଜନ୍ମ ଗ୍ରହଣ କରିଥିବା କେଦାରନାଥ ୧୯୮୭ରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ।



### ନରସିଂହପୁର ଶାଖା କେନାଲ ଖନନର ଭିତ୍ତିପ୍ରସ୍ତର ସ୍ଥାପନ

**ଡିଗିରିଆ,୨।୧(ଡି.ଏନ୍.ଏ.):** ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଡିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ନୂଆସଡ଼କଠାରେ ରେଙ୍ଗାଲି ନରସିଂହପୁର ଶାଖା କେନାଲ ଖନନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ନୂଆସଡ଼କଠାରୁ ୨୨୦ ମିଟର ପର୍ଯ୍ୟନ୍ତ ଏହି କେନାଲ ଖନନ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ, ବ୍ଲକ ଅଧକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡ଼ା, ଭାଗୀରଥି ନନ୍ଦ, ରଘୁନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ।

### ପାହାଡ଼ ମ୍ୟାପ ତିଆରି, ପଦଯାତ୍ରା ଶିବିର

**ବାଙ୍କୀ,୨।୧(ସ୍ୱ.ପ୍ର.):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ଡମପଡ଼ା ବ୍ଲକ ନରଗାଙ୍ଗସ୍ଥିତ ମହାପର୍ବତ ପାଦଦେଶରେ ଥିବା ମାମୁଁ ଭଣଜା ପାହାଡ଼ରେ ଏକ ଦୁଃସାହସିକ ପଦଯାତ୍ରା ଓ ପାହାଡ ମ୍ୟାପ ତିଆରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ଶିବିରରେ ମହିଳା ସମରଶିକ୍ଷାର୍ଥୀ ବାହିନୀ ଅଧିକାରିଣୀ କ୍ୟାପଟେନ୍ ଡ. ସନ୍ଧ୍ୟାରାଣୀ ମହାନ୍ତି ନେତୃତ୍ୱ ନେଇଥିଲେ। ଏଥିରେ ମଧୁପୁର ଉଚ୍ଚବିଦ୍ୟାଳୟ ଯାଜପୁରର ଏନ୍‌ସିସି ସେକେଣ୍ଡ ଅଫିସର ମମତା ମହାନ୍ତି ଯୋଗଦେଇ ମ୍ୟାପ ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩୮ଜଣ ମହିଳା ଏନ୍‌ସିସି କ୍ୟାଡେଟ ଯୋଗଦେଇଥିଲେ।

# ଯୁବକଙ୍କୁ ଗୋଡ଼ାଇ ହାଣିଲେ

## ପୂର୍ବଶତ୍ରୁତାକୁ ନେଇ ହତ୍ୟାକାଣ୍ଡ, ୩ ଗିରଫ

**ପୁରୀ ଅଫିସ/ ନିରାକାରପୁର(ଡି.ଏନ୍.ଏ.)୨।୧**

ପୁରୀ କୁମ୍ଭାରପଡ଼ା ଥାନାର ଜଟିଆବାଜୀ ଛକ ନିକଟରେ ରବିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ରାୟବାହାଦୁର ଲେନର ବିକି ନାୟକ। ପରେ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧/୨୨) ରୁଜୁ କରିଥିବା ବେଳେ ଆଇପିସି ଧାରା ୩୦୨, ୩୪ ଓ ୩(୨)(ଭି) ଅନୁସୂଚିତ ଜାତି ଓ ଜନଜାତି ଆଇନ ଅନୁଯାୟୀ ଧାରା ଲାଗିଛି। ଏଥିସହ ପୋଲିସ ପୁରୀ ଅଞ୍ଚଳର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ବିକି ସବୁଦିନ ଭଳି ରବିବାର ନିଜ ଦୋକାନକୁ ଯାଇଥିଲେ। ଦୋକାନରେ ଥିବାବେଳେ ଦୁଇ ଜଣ ଯୁବକ ସେଠାରେ ପହଞ୍ଚି ଥିବାବେଳେ କୌଣସି କଥାକୁ ନେଇ ୩ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସମ୍ପୃକ୍ତ ଯୁବକଦ୍ୱୟ ବିକିଙ୍କ ଉପରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ବିକି ଦୌଡ଼ିବା ବେଳେ ୨ ଯୁବକଙ୍କ ଅନ୍ୟ ଜଣେ ସହଯୋଗୀ ଆସିବାରୁ ୩ଜଣ ମିଶି ଏକ ଖଣ୍ଡା ଓ ଧାରୁଆ ଅସ୍ତ୍ର ଧରି ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଖବରପାଇ ବିକିଙ୍କ



ପରିବାର ଲୋକ ପହଞ୍ଚିବା ବେଳେ ବିକିଙ୍କ ତଣ୍ଟି କଟିଯିବାରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୋଲିସ ପହଞ୍ଚି ଖୋଜାଖୋଜି କରୁଥିବାବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ବିଶେଷ ସୂତ୍ରରୁ ଅଭିଯୁକ୍ତମାନେ ନିରାକାରପୁର ଥାନା ଅଞ୍ଚଳକୁ ଯାଇଥିବା ଜାଣିବା ପରେ ସେଠିକାର ପୋଲିସକୁ ଜଣାଇଥିଲେ। ଫଳରେ ନିରାକାରପୁର ପୋଲିସ ଅଞ୍ଚଳରେ ଜୋରଦାର ଚେକିଂ କରି ସନ୍ଦେହଜନକ ଅବସ୍ଥାରେ ବାଇକ୍‌ରେ ଯାଉଥିବା ୩ଜଣ ଯୁବକଙ୍କୁ ଧରିଥିଲା। ପରେ ସେମାନଙ୍କୁ ପୁରୀ ପୋଲିସକୁ ହସ୍ତାନ୍ତର କରାଯାଇଥିବା ନେଇ ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେକ ବିକିଙ୍କ ପରିବାର ଲୋକେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଥିବା କଥା କହିଥିବାବେଳେ ପୋଲିସ ଘଟଣାସ୍ଥଳରେ ହୋଇଥିବା ବଚସା କାରଣରୁ ହତ୍ୟା ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ପ୍ରକାଶ କରିଛି।

## ଖଣ୍ଡାରେ ଭିଣୋଇଙ୍କୁ ହତ୍ୟା ଘଟଣା

## ଶାଳକଙ୍କ ସମେତ ୩ ଗିରଫ

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଧୀନ ଧିରୁକୁଟି ବସ୍ତିରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶାଳକ ବାପୁନି ନାୟକ(୧୯)ଙ୍କ ସମେତ ୩ଜଣଙ୍କୁ ରବିବାର ପୋଲିସ ଗିରଫ କରିଛି। ଗିରଫ ଅନ୍ୟ ଅଭିଯୁକ୍ତଦ୍ୱୟ ହେଲେ ଦୀପକ ସେଠୀ (୨୦) ଓ ରମେଶ ମହାନ୍ତି (୨୨)। ଏମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଗୋଟିଏ ଖଣ୍ଡା ଓ ବାଇକ ଜବତ ହୋଇଛି। ଅଭିଯୁକ୍ତମାନଙ୍କର ଡାକ୍ତରୀ ପରୀକ୍ଷା ପରେ ସୋମବାର କିମ୍ବା ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମୃତକ ସୁଶାନ୍ତ ଘଡ଼େଇଙ୍କ ଘର ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ବିଜୁ ପଟ୍ଟନାୟକ ଏୟାରପୋର୍ଟରେ ସୁଇପର୍ କାମ କରୁଥିଲେ। ଶାଳକ ବାପୁନି ମଧ୍ୟ ଏଠାରେ ରହି ସୁଇପର କାମ କରୁଥିଲେ। ବସ୍ତିରେ ପାଖାପାଖି ଘର ନେଇ ଦୁଇ ପରିବାର ରୁହନ୍ତି। ତେବେ ଭିଣୋଇ ସୁଶାନ୍ତ ନିଜ ସ୍ତ୍ରୀ ବର୍ଷାଙ୍କୁ ଅନେକ ସମୟରେ ମାଡ଼ ମାରୁଥିଲେ, ଯାହାକୁ ନେଇ ନଭେମ୍ବର ୪ ତାରିଖ ଅର୍ଥାତ୍ ଦୀପାବଳି ଦିନ ସୁଶାନ୍ତଙ୍କ ସହ



■ଭଉଣୀଙ୍କୁ ଅତ୍ୟାଚାର କରୁଥିବାରୁ ରାଗ ଥିଲା

■ବାଇକ୍, ଖଣ୍ଡା ଜବତ



ବାପୁନୀଙ୍କର ଝଗଡ଼ା ହୋଇଥିଲା। ଏହାକୁ ନେଇ ବାପୁନି ଭିଣୋଇ ସୁଶାନ୍ତଙ୍କୁ ହତ୍ୟା କରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ଏ ନେଇ ସେ ଉକ୍ତ ବସ୍ତିରେ ରହୁଥିବା ସାଙ୍ଗ ରମେଶ ଓ ରଙ୍ଗମାଟିଆ ଗ୍ରାମର ଦୀପକଙ୍କର ସାହାଯ୍ୟ ଲୋଡ଼ିଥିଲେ। ଦୀପକଙ୍କଠୁ ରମେଶ ଖଣ୍ଡା ଆଣି ବାପୁନିଙ୍କୁ ଦେଇଥିଲେ। ଗୁରୁବାର ରାତିରେ ୩ ଅଭିଯୁକ୍ତ ଏକ ବାଇକରେ ଆସି ସୁଶାନ୍ତଙ୍କ ଘର ନିକଟରେ ଛକି ରହିଥିଲେ।

ଅପରପକ୍ଷରେ ସୁଶାନ୍ତ ଗୁରୁବାର ରାତି ପ୍ରାୟ ୧୨.୩୦ ବେଳେ ଏକ ଭୋଜି ଖାଇସାରି ଘରକୁ ଆସି ଶୋଇଥିବା ବେଳେ କବାଟ ଖୋଲା ରହିଥିଲା। ହଠାତ ବାପୁନି ଘର ଭିତରକୁ ପଶିଆସି ଖଣ୍ଡାରେ ଭିଣୋଇ ସୁଶାନ୍ତଙ୍କୁ ଆକ୍ରମଣ କରିଥିଲେ। ସ୍ତ୍ରୀ ବର୍ଷା ଦୌଡ଼ି ଆସି ସ୍ୱାମୀଙ୍କୁ ରକ୍ଷା କରିବାକୁ ଉଦ୍ୟମ କରି ଆହତ ହୋଇଥିଲେ। ପରେ ବାପୁନି ତାଙ୍କ ଘରେ ଯାଇ ଲୁଚିଥିବାବେଳେ ୨ ସହଯୋଗୀ ଖଣ୍ଡା ଧରି ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ବାପୁନିଙ୍କୁ ପୋଲିସ କାବୁ କରି ଥାନାକୁ ଆଣି ଅଟକ ରଖିଥିଲା। ପୋଲିସ ଏକ ହତ୍ୟା ମାମଲା (ନଂ. ୪୬୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଟକ ବାପୁନିଙ୍କଠାରୁ ତଥ୍ୟ ହାସଲ ସହ ତାଙ୍କ ସାହାଯ୍ୟ ନେଇ ଲୁଚିଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନାମରେ ଟ୍ରେନ୍ ଚଳାଚଳ ଦାବିରେ ଲିଙ୍ଗରାଜ ମନ୍ଦିରର ସେବାୟତ ପ୍ରତିନିଧିମାନେ ରବିବାର ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେଶନ ସମ୍ମୁଖରେ ଧାରଣା ଦେଇଛନ୍ତି।

# ୧.୬ ଲକ୍ଷ ପିଲାଙ୍କୁ ଦିଆଯିବ ପ୍ରଥମ ଡୋଜ

**କଟକ ଅଫିସ, ୨।୧**

■୧୦ରୁ କୋଭିଡ୍ ଯୋଦ୍ଧା, ୬୦ରୁ ଉର୍ଦ୍ଧ୍ୱ ବୟସ୍କ ନେବେ ତୃତୀୟ ଡୋଜ୍

ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜୋର୍‌ସୋରରେ ଟିକାକରଣ ଚାଲିଛି । ଏହି କ୍ରମରେ ସୋମବାରଠାରୁ ୧୫ରୁ ୧୮ ବର୍ଷ ବୟସ୍କଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯିବ। ଏଥିପାଇଁ ଶନିବାରଠାରୁ ଅନ୍‌ଲାଇନ ପଞ୍ଜୀକରଣ ଓ ରବିବାରଠାରୁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ତେବେ କଟକ ଜିଲାରେ ୧ ଲକ୍ଷ ୬୦ ହଜାର କିଶୋରଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯିବ ବୋଲି କୋଭିଡ୍ ନୋଡାଲ ଅଫିସର ଉମେଶ ରାୟ ତାଙ୍କ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସୂଚାନା ଦେଇଛନ୍ତି।

କିଶୋରମାନେ କୋ-ୱିନ୍ ଆପ୍‌ରେ ରେଜିଷ୍ଟ୍ରେଶନ କରିପାରିବେ। ଏହାଛଡା 'ଅନ୍ ଦ ସ୍ପଟ୍' ଟିକାକରଣର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯେଉଁମାନେ ସ୍ଲଟ୍ ବୁକିଂ କରିପାରିବେ ନାହିଁ, ସେମାନେ ସିଧାସଳଖ ଟିକାକରଣ କେନ୍ଦ୍ରରେ ପହଞ୍ଚି ସ୍କୁଲ ଓ କଲେଜର ପରିଚୟପତ୍ର, ଫୋନ୍ ନମ୍ବର ଏବଂ ଆଧାରକାର୍ଡ ଦେଖାଇ ଟିକା ନେଇପାରିବେ। ହେଲେ ପ୍ରଥମେ ସ୍ଲଟ୍ ବୁକିଂ କରିଥିବା ପିଲାଙ୍କୁ ଟିକା ଦିଆଯିବ। ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପୂର୍ବରୁ ଥିବା ଟିକାକେନ୍ଦ୍ରଗୁଡିକରେ କୋଭାକ୍ସିନ ଟିକା ଦିଆଯିବ। ସେହିପରି ଆସନ୍ତା ୧୦ ତାରିଖରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ କୋଭିଡ୍ ଯୋଦ୍ଧାଙ୍କ ପାଇଁ ତୃତୀୟ ଡୋଜ ଟିକାକରଣ ଆରମ୍ଭ ହେବ। ଆବଶ୍ୟକ ପଡ଼ିଲେ ସ୍କୁଲ, କଲେଜରେ ମଧ ଟିକାକରଣ କେନ୍ଦ୍ର ଖୋଲାଯିବ। ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି କଟକ ମହାନଗର ନିଗମ (ସିଏମ୍‌ସି)ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଟିକାକରଣ ପାଇଁ ସବୁ ୱାର୍ଡରେ ତଦାରଖ ପ୍ରକ୍ରିୟା ଚାଲିଛି। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସିଏମ୍‌ସିର ଅଧିକାରୀମାନେ ପ୍ରତି ୱାର୍ଡ ବୁଲି ପରିବାରରେ କେତେଜଣ ସଦସ୍ୟ ଅଛନ୍ତି, ତାହା ଯାଞ୍ଚ କରିଛନ୍ତି। ତେବେ ବେଶି ଫୋକସ୍‌ରେ ରହିଛି ୧୫ରୁ ୧୮ ବର୍ଷ ବୟସ୍କ ପିଲା । ସିଏମ୍‌ସି ଏହି ଟିକାକରଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସେ କହିଛନ୍ତି।

# ପ୍ରତିଭା ରାୟ ପାଇଲେ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ



ସମାରୋହରେ ପଦ୍ମଶ୍ରୀ ପ୍ରତିଭା ରାୟଙ୍କୁ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

**କଟକ ଅଫିସ, ୨।୧**

ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ

କଟକ ଶାରଳା ଭବନଠାରେ ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତିରେ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ପୀତାମ୍ବର ମିଶ୍ର ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଥିଲେ, ପୀତାମ୍ବର ମିଶ୍ର ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ସମ୍ମାନିତ ଅତିଥି କଥାକାର ବିଜୟ ନାୟକ କହିଥିଲେ, ପୀତାମ୍ବର ବାବୁ ପ୍ରକାଶନ ଓ ପାଠାଗାର ଆନ୍ଦୋଳନର ପୁରୋଧା ଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାଶ ବେନହୁର ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକା ପଦ୍ମଶ୍ରୀ ଡ. ପ୍ରତିଭା ରାୟଙ୍କୁ ପୀତାମ୍ବର ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ନୃସିଂହ ପ୍ରସାଦ ମିଶ୍ରଙ୍କୁ ପୀତାମ୍ବର ମିଶ୍ର ପ୍ରକାଶନ ସମ୍ମାନ ଓ ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ଉମାଦେବୀ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର, ପ୍ରଫେସର ତନ୍ମୟ ପଣ୍ଡା, ସୁନନ୍ଦା ମିଶ୍ର, ନାଟ୍ୟକାର ସଙ୍ଗୀତ ପଟ୍ଟନାୟକ, ଶୈଳରାଣୀ ମିଶ୍ର ଓ ଜୀବାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିଠୁ କଟକ ମହୋତ୍ସବ

**କଟକ ଅଫିସ,୨।୧**

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ଶାରଳା ଭବନରେ ୧୩ତମ କଟକ ମହୋତ୍ସବ ସୋମବାରଠାରୁ ଆରମ୍ଭ ହେବ। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ୧୫୦ ବିଶିଷ୍ଟ କଣ୍ଠଶିଳ୍ପୀ, ନୃତ୍ୟ ଓ ବାଦ୍ୟଶିଳ୍ପୀ ଯୋଗଦେଇ କଳା ପରିବେଷଣ କରିବେ। ଏହା ରାଜ୍ୟ ତଥା ଦେଶରେ କଳାର ପ୍ରଚାର ପ୍ରସାର କରିବା ସହ ଜାତୀୟ ସଂହତିର ପରିପୁଷ୍ଟ କରୁଛି ବୋଲି ସଂଘ ପକ୍ଷରୁ ରବିବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

### ଫୁଟବଲ ଟୁର୍ନାମେଣ୍ଟ: ଇଲେଭେନ ଗନ ବିଜୟୀ

**ଖୁଣ୍ଟୁଣୀ,୨।୧(ଡି.ଏନ.ଏ.)**

ଆଠଗଡ଼ ବ୍ଲକ ଅଧୀନ ଓରନ୍ଦା ସମ୍ଭେଶ୍ୱର ଖେଳପଡିଆରେ ରବିବାର ମହାଦେବ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଓରନ୍ଦା ଗ୍ରାମ ସଭାପତି ଇଂ. ପ୍ରତାପ ଚନ୍ଦ୍ର ସାମଲ, ସମ୍ପାଦକ ପ୍ରେମାନନ୍ଦ ବେଉରା, ପ୍ରଭାତ ପ୍ରଧାନ ଓ ଅଭୟ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଇଲେଭେନ ଗନ ତିନିଘରିଆ ଓ ଶ୍ରୀଜଗନ୍ନାଥ ଯୁବ ସଂସଦ କପୁରସିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଶେଷରେ ଟାଇବ୍ରେକର ଜରିଆରେ ଇଲେଭେନ ଗନ ବିଜୟୀ ହୋଇଥିଲା। ରେଫରୀ ଅମିନ ନନ୍ଦ କ୍ରୀଡା ପରିଚାଳନା କରିଥିବାବେଳେ ଜ୍ୟୋତିରଞ୍ଜନ ବେଉରା, ଅରୁଣ ନାୟକ ସହାୟତା କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଜିଲାସ୍ତରୀୟ ଟିମ୍ ଭାଗ ନେଇଛନ୍ତି। ସୋମବାର ନାରପଡା ଓ ମୁଣ୍ଡୁଲିଆ କ୍ଲବ ମଧ୍ୟରେ ମ୍ୟାଚ ହେବ।

### ଭାଗଚାଷୀ ଗୋଷ୍ଠୀକୁ ମିଳିଲା କୃଷି ଋଣ

**ଡିଗିରିଆ, ୨।୧ (ଡି.ଏନ୍.ଏ.)**

ବଳରାମ ଯୋଜନାରେ ଡିଗିରିଆ ବ୍ଲକର ଭାଗଚାଷୀ ଗୋଷ୍ଠୀଙ୍କୁ ରବିବାର କୃଷିଋଣ ପ୍ରଦାନ କରାଯାଇଛି। ନିଜିଗଡ଼ସ୍ଥିତ ଗାନ୍ଧୀସ୍ମୃତି ପଡ଼ିଆରେ ଆତ୍ମା ଅଧକ୍ଷ ହରେନ୍ଦ୍ର ଦଳେଇ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବ୍ଲକର ୧୯୮ ଭାଗଚାଷୀ ଗୋଷ୍ଠୀଙ୍କୁ କୃଷି ଋଣ ବଣ୍ଟନ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ବର୍ଷେ ମଧ୍ୟରେ ବିନା ସୁଧରେ ଏହି ଋଣ ପରିଶୋଧ କରାଗଲେ ପୁଣି ୧ଲକ୍ଷ ୬୦ହଜାର ଟଙ୍କା ଋଣ ବାବଦରେ ଦିଆଯିବ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଏଆର୍‌ସିଏସ୍ ଅଶୋକ କୁମାର ପାଣି, ଡିଆରସିଏସ୍ ଲକ୍ଷ୍ମୀଧର ସୁବୁଦ୍ଧି, ଡିପିଡି ସୁରେଶ ଚନ୍ଦ୍ର ମଲ୍ଲିକ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ବନଶ୍ରୀ ମଲ୍ଲିକ, ବ୍ଲକ ଅଧକ୍ଷା ରୂପା ଦଳେଇ ପ୍ରମୁଖ ଯୋଗଦେଇଥିଲେ।

### ଶ୍ରାଦ୍ଧବାର୍ଷିକୀରେ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ୩୫ତମ ଶ୍ରାଦ୍ଧଦିବସ ଅବସରରେ ତାଙ୍କ ସ୍ମୃତି ପ୍ରତି ବିଧାନସଭା ପକ୍ଷରୁ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ବିଧାନସଭା ପରିସରରେ ଅନୁଷ୍ଠିତ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ରୂପେ ଏବଂ ବରିଷ୍ଠ ବିଧାନସଭା ସଦସ୍ୟ ପ୍ରଫୁଲ୍ଲ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ମହତାବ ଜଣେ ବିଶିଷ୍ଟ ଜନନେତା ରୂପେ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଯୋଗଦାନ ରଖିଥିଲେ ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି। ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶାର ବହୁବିଧ ପ୍ରଗତି ହୋଇଥିଲା ବୋଲି ମଧ କହି ସେ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସମ୍ମାନିତ ଅତିଥି ସାମଲ ମହତାବଙ୍କୁ ଓଡ଼ିଶାର ଅଦ୍ୱିତୀୟ ଜନନେତା ରୂପେ ବର୍ଣ୍ଣନା କରି ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ଥିବା ବର୍ଣ୍ଣନା କରିଥିଲେ ।



ସର୍ବୋଦୟ ସାହିତ୍ୟ ସଂସଦ ପକ୍ଷରୁ ରବିବାର ପୁରୀର ସର୍ବୋଦୟ ନଗରସ୍ଥିତ ନିର୍ବିକଳ୍ପ ସଭାଗୃହରେ ଆୟୋଜିତ ଏକ ଉତ୍ସବରେ ଆର୍ତ୍ତତ୍ରାଣ ମାନସିଂଙ୍କ କବିତା ସଂକଳନ 'ଶବରୀ'କୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।



ଭୁବନେଶ୍ୱରରେ ଅନୁଷ୍ଠିତ ଶିଶିର ସରସ ମେଳାରେ ରବିବାର ଲୋକେଷ୍ଟଲ ବୁଲି ଦେଖୁଛନ୍ତି।



ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୫ତମ ଶ୍ରାଦ୍ଧୋତ୍ସବରେ ରବିବାର ବିଧାନସଭା ପରିସରସ୍ଥ ମହତାବଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜାନୁୟାରୀ ୨୦୨୨

## ମନ୍ଦିରରୁ ସାମଗ୍ରୀ, ଟଙ୍କା ଚୋରି

ଡେଲାଙ୍ଗ, (ଡି.ଏନ୍.ଏ)- ଡେଲାଙ୍ଗ ଫାଣ୍ଡି କୁମ୍ଭାଳ ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଛି। ଏ ନେଇ ମନ୍ଦିର ପୂଜକ ରବିବାର ଅଭିଯୋଗ କରିବା ପରେ ପୋଲିସ ଜଣଙ୍କୁ ଅଟକ ରଖିଛି। ପୂଜକ ହୁଲାସ ରଣା ରବିବାର ସକାଳୁ ମନ୍ଦିରକୁ ଆସିବା ବେଳେ ମନ୍ଦିରର ତାଲା ଭଙ୍ଗା ହୋଇଥିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ମନ୍ଦିରରୁ ୧୨ଟି ପିତଳ ଘଣ୍ଟି, ଗୋଟେ ଘଣ୍ଟା, ୨ଟି ପିତଳ ଗରା, ୨ଟି ଢାଳ, ୩ଟି ପିତଳ ଥାଳି, ୨ଟି ତସଲା, ଗୋଟେ ବାଲଟି, ୫ଟି ଭୋଗଥାଳିଆ ବିଭିନ୍ନ ସାମଗ୍ରୀ ଓ ହୁଣ୍ଡିରେ ଥିବା ଟଙ୍କା ଚୋରି ହୋଇଥିବା ଜାଣିଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଜଣେ ଯୁବକଙ୍କୁ ଥାନାକୁ ଆଣିଛି।





## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧।୧।୨୦୨୨

| | |
|---|---|
| ୯,୯୫୦ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ଆଜି କ'ଣ କେଉଁଠି

ପୁରୀ

- ଅର୍ନ୍ତଜାତୀୟ ବେଦାନ୍ତ ସୋସାଇଟି ପକ୍ଷରୁ ଶ୍ରୀ ଶ୍ରୀ ଭଗବାନଙ୍କ ୮୧ତମ ଆବିର୍ଭାବ ଦିବସ, ନୀଳମାଧବ ଆଶ୍ରମ, ବଳିଆପଣ୍ଡା ନିକଟ, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା

ପୁରୀ ଅଫିସ, ୨।୧- ପୁରୀ ଚନ୍ଦନପୁର ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କ ଥେଣ୍ଟପୁରସ୍ଥିତ ଶ୍ରୀଜଗନ୍ନାଥ ଆଶ୍ରମ ଆନୁକୂଲ୍ୟରେ ରବିବାର ଆଶ୍ରମ ନିକଟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ସହ ଶ୍ରୀଜଗନ୍ନାଥ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଡ. ନାରାୟଣ ବାବାଙ୍କ ଦ୍ୱାରା ପ୍ରତ୍ୟକ୍ଷ ଉତତ୍ତ୍ୱବଧାନରେ ମୁଖ୍ୟ ଅତିଥି ଭାବେ ଡ. ରବି ନାରାୟଣ ସାହୁ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ଶିବିରରେ କନିଷ୍ଠ ତଥା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରକୁ ଡ. ଅର୍ଜୁନ ସାହୁ, ଡ. ଲକ୍ଷ୍ମୀଧର ପ୍ରଧାନ, ଡ. ବିଜୟ ସାହୁ ଏବଂ ବ୍ରଜବନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ରାମଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ସହଦେବ ସାହୁ ସଂଯୋଜକ ଭାବେ କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ସୋନାଲି ସାହୁ ଏବଂ ଅନୁପୂର୍ଣ୍ଣା ବେହେରା ପ୍ରମୁଖ ସହାୟତା କରିଥିଲେ।

### ବଉଳ ଅମାବାସ୍ୟା ନୀତି ସମ୍ପନ୍ନ

ପୁରୀ ଅଫିସ,୨।୧- ପୌଷ ମାସ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ବକୁଳ ବା ବଉଳ ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କୁ ବଉଳ ଗଇଠା ଭୋଗ କରାଯାଇଛି। ପରମ୍ପରା ଅନୁଯାୟୀ, ପୌଷ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅବକାଶ ନୀତି ପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଆଜ୍ଞାମାଳ ଲାଗି ହୋଇଥିଲା। ପରେ ମହାପ୍ରଭୁଙ୍କ ସକାଳ ଧୂପ ଉଠିବା ସମୟରେ ରୋଷଘରୁ ବଉଳ - ଗଇଁଠା ଟାଟ ଭୋଗ ନିମନ୍ତେ ଗର୍ଭଗୃହକୁ ଆସିଥିଲା। ପରେ ଶ୍ରୀବିଗ୍ରହମାନଙ୍କୁ ପ୍ରସାଦ ଲାଗି ହେବା ପରେ ସକାଳଧୂପ ପୂଜା ହେବା ପରେ ବନ୍ଦାପନା ହୋଇଥିଲା। ମୁଦିରସ୍ତ ବଡ଼ଠାକୁରଙ୍କ ବାଡ଼ରେ ପୂଜାପଣ୍ଡା ମହାପ୍ରଭୁଙ୍କ ବାଡ଼ରେ ଏବଂ ପତି ମହାପାତ୍ର ମା' ସୁଭଦ୍ରାଙ୍କ ବାଡ଼ରେ ବନ୍ଦାପନା ନୀତି ସମ୍ପନ୍ନ କରିଥିଲେ। ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଟାଟ ମହାପ୍ରସାଦ ବାହାର କରାଯାଇଥିଲା। ପାଣି ପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କୁ ସିଂହାସନକୁ ବିଜେ କରିଥିଲେ। ଆଜ୍ଞାମାଳ ପାଇ ଅମାବାସ୍ୟା ନାରାୟଣ ପାଲିଙ୍କିରେ ସାଗର ଅଭିମୁଖେ ବିଜେ କରିଥିଲେ। ଶ୍ରୀମନ୍ଦିର ସହିତ ପ୍ରତି ଘରେ ମଧ ବକୁଳ ଅମାବାସ୍ୟା ପାଳିତ ହୋଇଛି।

# ପୁରୀରେ ୩ ଓମିକ୍ରନ୍ ସଂକ୍ରମିତ

**ପୁରୀ ଅଫିସ,୨।୧:**

- ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି
- ପଶ୍ଚିମବଙ୍ଗ ଯାତ୍ରୀଙ୍କ ଉପରେ ଫୋକସ୍



ରାଜଧାନୀ ପରେ ଶ୍ରୀକ୍ଷେତ୍ର ପୁରୀରୁ ୩ଜଣ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ସଂକ୍ରମିତ କେଉଁ ଅଞ୍ଚଳର ତାହା ସ୍ପଷ୍ଟ ହୋଇପାରି ନାହିଁ। ଅନ୍ୟପକ୍ଷେ ପୁରୀ ମ୍ୟୁନିସିପାଲିଟିରୁ ୧ ତାରିଖରେ ୧୨ଜଣ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୱାର୍ଡ ନଂ ୧୪ରୁ ୬ଜଣ, ୱାର୍ଡ ୧୩ରୁ ୨ଜଣ ଏବଂ ୱାର୍ଡ ୧, ୧୧, ୧୭ ଓ ୨୧ରୁ ଜଣେ ଲେଖାଏ ରହିଛନ୍ତି। ସେହିଭଳି ଖୋର୍ଦ୍ଧା ଓ ମହାରାଷ୍ଟ୍ରର ଜଣେ ଲେଖାଏ ବ୍ୟକ୍ତି ପୁରୀରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହିଭଳି ଭାବେ ଜିଲାରେ ସଂକ୍ରମଣ ସଂଖ୍ୟା ୧୪ରେ ପହଞ୍ଚିଛି। ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ, ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼କୁ ଏହା ପଛର ପ୍ରମୁଖ କାରଣ ବୋଲି କୁହାଯାଉଛି। ପୁରୀରେ ଗତ ଜିରୋ ନାଇଟ ସେଲିବ୍ରେଶନ୍ ଉପରେ କଟକଣା ରହିଥିଲେ ମଧ ସହରରେ ପ୍ରବଳ ଭିଡ଼ ରହିଥିଲା। ନୂଆବର୍ଷ ଦିନ ବେଳାଭୂମିରେ ହଜାର ହଜାର ଲୋକ ଉପସ୍ଥିତ ଥିଲେ। ସେହିଭଳି ପର୍ଯ୍ୟଟକଙ୍କୁ ହୋଟେଲରେ ରଖିବା ପାଇଁ ଥିବା ପ୍ରୋଟୋକଲ୍ ଏବେ ଆଉ ପାଳନ କରାଯାଉ ନାହିଁ। ଯେକେହି ଆସି ଯେକୌଣସି ହୋଟେଲରେ ରହିପାରୁଛନ୍ତି। ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ଲୋକେ ପୁରୀ ସହରକୁ କ୍ରମାଗତ ଭାବେ ଆସୁଥିବା ବେଳେ କଟକଣା କୋହଳ ଯୋଗୁ ସମସ୍ୟା ବଢ଼ିଥିବାବେଳେ ପୁଣି କଟକଣା କଡ଼ା କରାଯିବାକୁ ସହରବାସୀ ଅଭିଯୋଗ କରିଛନ୍ତି। ଆଇନଜୀବୀ ତଥା ବାମଦଳ ନେତା ଶ୍ରୀକାନ୍ତ ପରିଜା କହିଛନ୍ତି, ସଂକ୍ରମଣ ରୋକିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କଟକଣା ଲାଗୁ କରାଯିବା ଆବଶ୍ୟକ। ପୁରୀ ଏକ ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ କ୍ଷେତ୍ର ହୋଇଥିବା ହେତୁ କଟକଣା ଏକାନ୍ତ ଆବଶ୍ୟକ ହୋଇପଡୁଛି। ଏବେ ଲୋକ ଓ ପ୍ରଶାସନ ଉଭୟ କୋହଳ ମନୋଭାବ ପୋଷଣ କଲେଣି। ତେଣୁ ମାସ୍କ ଓ ସାମାଜିକ ଦୂରତ୍ୱକୁ ପୁଣି କଡ଼ାକଡ଼ି ପାଳନ କରାଯାଉ। ଅନ୍ୟପକ୍ଷେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସୋମବାର ଏନେଇ କ୍ଷେତ୍ର ପ୍ରସ୍ତୁତ ହେବ। କିଭଳି ଭାବେ ସଂକ୍ରମଣ ରୋକିବା ପାଇଁ କଟକଣା ଲାଗିବ ତାହା ଉପରେ ବିଚାର କରାଯିବ। ପଶ୍ଚିମବଙ୍ଗ ଯାତ୍ରୀଙ୍କ ଉପରେ ନଜର ରହିବ। ସେମାନଙ୍କୁ ଚିହ୍ନଟ କରିବା ଉପରେ ଜୋର ଦିଆଯିବ। ସେହିଭଳି ରାଜ୍ୟ ସରକାର ଜାରି କରିବାକୁ ଥିବା ନିର୍ଦ୍ଦେଶନାମାକୁ ଜିଲା ପ୍ରଶାସନ ଲାଗୁ କରିବ ବୋଲି ଉପଜିଲାପାଳ କହିଛନ୍ତି।

## ଏବେ ବି ଜମିରେ ଭାସୁଛି ପାଚିଲା ଧାନ

**ଗୋପ,୨।୧(ଡି.ଏନ୍.ଏ)**

ବାତ୍ୟା ଜୱାଦ ପ୍ରଭାବରେ ହୋଇଥିବା ଲଘୁଚାପ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ବାତ୍ୟା ଯିବାର ଏକ ମାସ ବିତିଗଲାଣି। ହେଲେ ଏବେ ବି ଗୋପ ବ୍ଲକ ଅଞ୍ଚଳର ଚାଷୀଙ୍କ ଜମିରେ ଭାସୁଛି ପାଚିଲା ଧାନ। ଏପରି କି ଦୀର୍ଘ ମାସେ ଧରି ପାଚିଲା ଧାନ ଜମିରେ ଗଜା ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତ ଡିସେମ୍ବର ୩ରେ ଜାୱାଦ ବାତ୍ୟା ଫଳରେ ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ହୋଇଥିଲା। ଗୋପ ବ୍ଲକ ଅଞ୍ଚଳରେ ହଜାର ହଜାର ହେକ୍ଟର ଚାଷ ଜମିରେ ପାଚିଲା ଧାନ ଜମିରେ ପଡ଼ିରହିଥିଲା। ଚାଷୀ ପାଚିଲା ଧାନକୁ ଧାନ ଜମିରୁ ନେଇ ପାରି ନ ଥିବା ସମୟରେ ଏବେ ବି ପାଚିଲା ଧାନ ବର୍ଷା ପାଣିରେ ଭାସୁଛି। ଚାଷୀ ସରକାରୀ ସହାୟତାକୁ ଅନେଇ ବସିଥିବାବେଳେ ଅନେକ ଚାଷୀ ପରିବାର ଏବେ ଚିନ୍ତାରେ ଅଛନ୍ତି ବୋଲି ଚାଷୀ ଶରତ ବେହେରା, ରଶ୍ମି ରଞ୍ଜନ ବେହେରା, ଭଗବାନ ବାରିକ ପ୍ରମୁଖ କହିଛନ୍ତି। ଅନ୍ୟପଟେ ତଦନ୍ତ ଚାଲିଥିବାବେଳେ ସରକାରୀ ସହାୟତା ରାଶି ଚାଷୀମାନଙ୍କୁ ଯୋଗାଇ ଦିଆଯିବ ବୋଲି ଗୋପ ବ୍ଲକ କୃଷି ଅଧିକାରୀ ନକୁଳ ମଲ୍ଲିକ କହିଛନ୍ତି।



ମାଷ୍ଟର କ୍ୟାଣ୍ଟିନସ୍ଥିତ ଭୁବନେଶ୍ୱର ନିଉଜ୍ ପେପର ସପ୍ଲାୟର ଆସୋସିଏଶନ୍‌ର ସଦସ୍ୟମାନେ ଧରିତ୍ରୀ କାର୍ଯ୍ୟାଳୟରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

## ବଡି ବିଲ୍ଡିଂ ଇଭେଣ୍ଟ କ୍ୟାଲେଣ୍ଡର ଘୋଷଣା

**ପୁରୀ ଅଫିସ,୨।୧:**

ୱାର୍ଲଡ ଫିଟନେସ୍ ଫେଡେରେଶନ୍ ଓ କଳିଙ୍ଗ ଫିଟନେସ ଆସୋସିଏଶନ୍ ପକ୍ଷରୁ ଚଳିତବର୍ଷ ପାଇଁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଇଭେଣ୍ଟ କ୍ୟାଲେଣ୍ଡର ପ୍ରକାଶ ପାଇଛି। ଏକ ଖବରଦାତା ସମ୍ମିଳନୀ କରି କଳିଙ୍ଗ ବଡି ବିଲ୍ଡିଂ ଫିଟନେସ୍ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ରଞ୍ଜନ ମହାନ୍ତି ଓ ଉପଦେଷ୍ଟା ଗୌରିଶଙ୍କର ସିଂହାରୀ ସୂଚନା ଦେଇଛନ୍ତି। ଜାନୁୟାରୀ ୯ରୁ ନଭେମ୍ବର ୨୭ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା କରାଯିବ। ନଭେମ୍ବର ୨୫ରୁ ୨୭ ୩ଦିନ ଧରି ଭୁବନେଶ୍ୱରରେ ଜାତୀୟସ୍ତରର ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ହେବ। ୨୫ଟି ରାଜ୍ୟରୁ ୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଯୋଗଦେବେ। ୧୧ଟି ବର୍ଗରେ ପ୍ରତିଯୋଗିତା ହେବ। ଏ ନେଇ ଆସୋସିଏଶନ୍ ସ୍ୱତନ୍ତ୍ର ତାଲିମ ଶିବିରର ମଧ ଆୟୋଜନ କରିବ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଚଳାଇବ। ଏହି ପ୍ରତିଯୋଗିତା ହେତୁ ଏଥିରେ ସାମିଲ ହେଉଥିବା ଯୁବକ ଓ ଯୁବତୀମାନଙ୍କୁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଓ ନିଯୁକ୍ତି ପ୍ରଦାନ କରିବା ପାଇଁ ମଧ ଆସୋସିଏଶନ୍ କାର୍ଯ୍ୟ କରିବ ବୋଲି ମହାନ୍ତି କହିଛନ୍ତି। ସଂଘ ଉପସଭାପତି ସନ୍ତୋଷ ଆଡିହ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା ଓ ଶିବ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ

**ପୁରୀ ଅଫିସ, ୨।୧**

ଅମାବାସ୍ୟା ତିଥିରେ ରବିବାର ଶ୍ରୀମନ୍ଦିରରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଛି। ପୌଷ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିରକ ସ୍ୱତଲିପି ଅନୁଯାୟୀ ରୀତିନୀତିରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଯାଇଛି। ସକାଳ ଧୂପ ସମ୍ପନ୍ନ ହେବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ପାଲିଙ୍କିରେ ବିଜେ କରାଇଥିଲେ। ବଡୁ ସେବକମାନେ ଠାକୁରଙ୍କୁ ଘଣ୍ଟ, ଛତା, ବାଦ୍ୟ ସହ ବିମାନରେ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରାଇଥିଲେ। ପାଳିଆ ସେବକ ରୂପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡା ଦେଇଥିଲେ। ପୂଜାପଣ୍ଡା ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା। ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡା ନୀତି ହୋଇଥିଲା। ସେବକମାନେ ହରିଦାସ ମଠ ଗୋହରୀ ରାସ୍ତାରେ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ପରେ ଶ୍ରୀମନ୍ଦିରରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ହୋଇଥିଲା।

## କେମିକାଲ ଡବା ବିସ୍ଫୋରଣ, ଜଣେ ଗୁରୁତର

**ବ୍ରହ୍ମଗିରି,୨।୧(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅରଖକୁଦା ଗ୍ରାମରେ ରବିବାର ଏକ କେମିକାଲ ଡବା ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଚିଲିକାରେ ଚାଲୁଥିବା ଫାଇବର ଡଙ୍ଗା ମରାମତିରେ ବ୍ୟବହୃତ ହେଉଥିବା ଏକ ପ୍ରକାର କେମିକାଲ ଡଙ୍ଗା ରହୁଥିବା ନିକଟସ୍ଥ ଏକ ଘରେ ରଖାଯାଇଥିଲା। ରବିବାର ଉକ୍ତ ଗ୍ରାମର ଉମେଶ ବେହେରା ସେହି ଘରେ ଓଲାଉଥିବା ବେଳେ କେମିକାଲ ଡବାଟି ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ରମେଶ ଗୁରୁତର ହୋଇଥିଲେ। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ୧୦୮ ହନୁମାନ ଚାଳିଶା ପଠନ

**କଣାସ,୨।୧(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ପଞ୍ଚାୟତର ବଡ଼ାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥଙ୍କ ପୀଠରେ ନବବର୍ଷକୁ ସ୍ୱାଗତ ଜଣାଇ ରାଜ୍ୟ ଓ ଦେଶର ମଙ୍ଗଳ ପାଇଁ ୧୦୮ ହନୁମାନ ଚାଳିଶା ପାଠ କରାଯିବା ସହିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଗ୍ରାମର ଅଞ୍ଚଳବାସୀଙ୍କ ସମେତ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରୁ ୧୦୮ଜଣ ବ୍ୟକ୍ତି ୧୦୮ଥର ଲେଖାଏଁ ହନୁମାନ ଚାଳିଶା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ନାରାୟଣ ଦାଶ, ବାଦଲପୁର ମଠାଧୀଶ ସନାତନ ମହାରାଜ ଓ ଅନେକ ମଠାଧୀଶ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବୈଦ୍ୟନାଥପାଟଣା ଗ୍ରାମର ଜାମିନିକାନ୍ତ ପାଢୀ ଓ ବଡ଼ାସ ଗ୍ରାମର କେତେକ ଯୁବକ ପରିଚାଳନା କରିଥିଲେ ।

## ସାକ୍ଷୀଗୋପାଳଙ୍କୁ ବକୁଳଲାଗି

**ସାକ୍ଷୀଗୋପାଳ,୨।୧(ଡି.ଏନ୍.ଏ.)**

ବକୁଳଲାଗି ଅମାବାସ୍ୟା ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ରବିବାର ଠାକୁରଙ୍କୁ ବକୁଳ ଲାଗି କରାଯାଇଛି। ଦ୍ୱିପ୍ରହର ଧୂପରେ ପୂଜାପଣ୍ଡା ସେବକ ସଂସ୍କାର କରି ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କୁ ବକୁଳ ଲାଗି କରିଥିଲେ। ଉପଚାର, ଆଳତି ସହିତ ଦୂବ, ବରକୋଳି ପତ୍ର, ଅରୁଆ ଚାଉଳରେ ବନ୍ଦାପନା କରାଯାଇଥିଲା। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ବଉଳ ଗୁଣ୍ଡ ଭୋଗ କରାଯାଇଛି। ଛତି ତ୍ରାସ, ଘଣ୍ଟ, କାହାଳି, ବାଜା ମହୁରୀ ବାଦ୍ୟ ମଧ୍ୟରେ ଠାକୁରଙ୍କ ଦେବନୀତି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗ୍ରାମର ମନ୍ଦିର, ମଠ ଓ ବ୍ରାହ୍ମଣ ଶାସନରେ ଏହି ପର୍ବ ପାଳିତ ହୋଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପାର୍ବତୀ



@ ଦେବେନ୍ଦ୍ର



@ କୃଷ୍ଣଚନ୍ଦ୍ର



@ ମିହିର



@ ଅଭିଷେକ



@ ରିତିକ୍

## ଡକାୟତି ଯୋଜନା ପଣ୍ଡ, ୩ ଗିରଫ

**ଡେଲାଙ୍ଗ,୨।୧(ଡି.ଏନ୍.ଏ)**

ଡକାୟତି ଯୋଜନା କରିବା ଘଟଣାରେ ଡେଲାଙ୍ଗ ପୋଲିସ ଚଢ଼ାଉ କରି ରବିବାର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୁଣ୍ଡୁଚିପାଟଣା ଗ୍ରାମର ଅକ୍ଷୟ ପରିଡା(୪୨),ସେବାକସାହୁ ପାଟଣା ଗ୍ରାମର ରାମଚନ୍ଦ୍ର ବେହେରା(୪୩) ଓ କୁଆପଦା ଗ୍ରାମର ରଶ୍ମିରଞ୍ଜନ ହରିଚନ୍ଦନ (୨୦)। ସେମାନଙ୍କଠାରୁ ୨ଟି ଅଫୁଟା ବୋମା, ୨ଟି ରଡ, ଗୋଟେ ଖଣ୍ଡା, ଅଧାଜଳା ଧୂପକାଠି ଓ ୨ଟି ଦିଆସିଲି ଜବତ କରିଥିଲେ। ଏ ନେଇ ପୋଲିସ ନଂ .୦୩/୨୨ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ୩ ଜଣ ଯୁବକ ମଉନିମଠ ଛକ ନିକଟସ୍ଥ ତ୍ରିନାଥ ମନ୍ଦିର ପଛପଟେ ରବିବାର ସନ୍ଧ୍ୟାରେ ଡକାୟତି ଯୋଜନା କରୁଥିବା ଲୋକେ ସନ୍ଦେହ କରିଥିଲେ। ଖବରପାଇ ଥାନା ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପାଟ୍ରୋଲିଂ ଟିମ୍ ଏଏସଆଇ ଗୋପବନ୍ଧୁ ରାଉତ, ସିପାହି ପ୍ରଶାନ୍ତ ପ୍ରଧାନ ସେଠାରେ ପହଞ୍ଚି ୩ ଜଣଙ୍କୁ ଧରିଥିଲେ। ପଚରାଉଚରା କରିବାରୁ ସାତଶଙ୍ଖ ଆନ୍ଧ୍ର ବ୍ୟାଙ୍କ ଡକାୟତି କରିବାର ଯୋଜନା କରୁଥିବା ସ୍ୱୀକାର କରିଥିଲେ।



କଟକ ଦିୱାନ ବଜାରସ୍ଥିତ ବାଲାଜୀ ମନ୍ଦିର ପ୍ରାଙ୍ଗଣରୁ ରବିବାର ଶ୍ରୀଶ୍ରୀ ବାଲାଜୀ ଠାକୁରଙ୍କ ଶୋଭାଯାତ୍ରା ନଗର ପରିକ୍ରମା ପାଇଁ ବାହାରିଛି।



ବକୁଳ ଅମାବାସ୍ୟା ଅବସରରେ ପୁରୀ ଶ୍ରୀମନ୍ଦିର ପରିସରରେ ସେବାୟତମାନେ ରବିବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି କରୁଛନ୍ତି।



ପାରିବାରିକ ପତ୍ରିକା 'କାଦମ୍ବିନୀ' ଓ ଶିଶୁ ପତ୍ରିକା 'କୁନିକଥା'ର ୨୦୨୨ ଜାନୁୟାରୀ ସଂଖ୍ୟା ରବିବାର ଲୋକାର୍ପଣ ଉତ୍ସବରେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ଏବଂ ଅନ୍ୟ ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଜାନୁୟାରୀ ୨୦୨୨

## ଭିଜିଲାନ୍ସ ଅତିରିକ୍ତ ଏସ୍‌ପି କେଦାରନାଥ ସାହୁଙ୍କ ପରଲୋକ

କଟକ ଅଫିସ: କଟକ ଭିଜିଲାନ୍ସ ଡିଭିଜନର ଅତିରିକ୍ତ ଏସ୍‌ପି କେଦାରନାଥ ସାହୁ(୫୭)ଙ୍କର ରବିବାର ପରଲୋକେ ହୋଇଯାଇଛି। ଅପରାହ୍ଣରେ ସେ କଟକସ୍ଥିତ ବାସଭବନରେ ଥିବାବେଳେ ହଠାତ୍ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ କିର୍ତୀରାଜ ମୁଖାଗ୍ନି ଦେଇଥିଲେ। କଟକ ଜିଲା ବଡମ୍ବା ଥାନା ଅଧୀନ ରଗଡିପଦାରେ ଜନ୍ମ ଗ୍ରହଣ କରିଥିବା କେଦାରନାଥ ୧୯୮୭ରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ।



## ସଂକ୍ଷେପରେ

### ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ

କଣାସ,୨।୧(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଓଗାଳପୁର ଗ୍ରାମରେ ପ୍ରତିଷ୍ଠିତ ଉତ୍ତର ଚିଲିକା ୱେଲଫେୟାର କ୍ଲବ ପକ୍ଷରୁ ରବିବାର ୨୧ତମ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ସ୍ଥାନୀୟ ଗ୍ରାମ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଣାସ, ଟାଙ୍ଗୀ, ବ୍ରହ୍ମଗିରି ବ୍ଲକର ୮ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଉଦ୍‌ଘାଟନୀ ମ୍ୟାଚ ଅଇନିପୁର ଓ ଓଗାଳପୁର ଜୁନିୟର ଟିମ ମଧ୍ୟରେ ହୋଇଥିଲା। ଅଇନିପୁର ଭଲିବଲ ଟିମ ଓଗାଳପୁର ଜୁନିୟର ଟିମ୍‌କୁ ୨-୦ରେ ପରାସ୍ତ କରିଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିବା ବେଳେ କବି ବୈକୁଣ୍ଠନାଥ ନରେନ୍ଦ୍ର, ଭୀମସେନ ସ୍ୱାଇଁ, ହାରାଧନ ମହାପାତ୍ର, ଭାଗୀରଥି ବେହେରା, ବ୍ରହ୍ମଚାରୀ ବେହେରା, ମହେଶ୍ୱର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଚିଲିକା କ୍ଲବ ଦୋଛିଆ ପକ୍ଷରୁ ମଧ୍ୟ ଶନିବାର ୮ଟି ଦଳକୁ ନେଇ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗଡ଼ଖାରଦ ଭଲିବଲ ଟିମ୍ ଦୋଛିଆ ଭଲିବଲ ଟିମ୍‌କୁ ୨-୧ରେ ପରାସ୍ତ କରିଥିଲା। ବିଜୟୀ ଦଳକୁ ଟ୍ରଫି ସହ ଅର୍ଥରାଶି ଓ ରନର୍ସ ଦଳକୁ ଟ୍ରଫି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବିଶ୍ୱଜିତ୍ ପ୍ରତାପ ସିଂହ ପ୍ରଦାନ କରିଥିଲେ।

### ଶ୍ରୀକ୍ଷେତ୍ର ଟାଏକୋଣ୍ଡୋ ଏକାଡେମୀର ସଫଳତା

ପୁରୀ ଅଫିସ,୨।୧- ପ୍ରଥମ ଗ୍ଲୋବାଲ୍ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଗତ ଡିସେମ୍ବର ୨୨ଠାରୁ ୨୯ ତାରିଖ ମଧ୍ୟରେ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶ୍ରୀକ୍ଷେତ୍ରର ଟାଏକୋଣ୍ଡୋ ପ୍ରଶିକ୍ଷକ ମିଥୁନ ସାହୁଙ୍କ ତତ୍ତ୍ୱାବଧାନରେ ଏକାଡେମୀର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଉକ୍ତ ଏକାଡେମୀର ଜାତବେଦ ତ୍ରିପାଠୀ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ଅର୍ପିତା ପ୍ରିୟଦର୍ଶିନୀ ପ୍ରଧାନ, ଆରାଧା ମହାପାତ୍ର, ପାୟଲ ବଡଜେନା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଏସ୍. ଜ୍ଞାନେଶ ରେଡି, ଐଶ୍ୱର୍ଯ୍ୟା ନାଏକ, ଅଂଶୁପ୍ରିୟା ପ୍ରଧାନ, ହାର୍ଦ୍ଦିକ ମିଶ୍ର, ସତ୍ୟମ୍ ଶୁଭମ୍ ନାୟକ, ସାଇଜିତ୍ ମହାନ୍ତି ଏବଂ ପ୍ରିୟଙ୍କା ବଡଜେନା ପ୍ରମୁଖ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୩୪ଟି ଦେଶରୁ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଶୁଭକାମନା ପ୍ରଦାନ କରିଛନ୍ତି।

### ଗାଥା କବିତା ସଂକଳନ ‘ଶବରୀ’ ଲୋକାର୍ପିତ

ପୁରୀ ଅଫିସ,୨।୧- ସର୍ବୋଦୟ ସାହିତ୍ୟ ସଂସଦ ପ୍ରଯୋଜିତ ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ମାନସିଂହଙ୍କ ଦୀର୍ଘ ଗାଥା କବିତା ସଂକଳନ ‘ଶବରୀ’ର ଲୋକାର୍ପଣ ଉତ୍ସବ ରବିବାର ସ୍ଥାନୀୟ ସର୍ବୋଦୟ ନଗରସ୍ଥିତ ନିର୍ବିକଳ୍ପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାରସ୍ୱତ ସାଧକ ପ୍ରାଧ୍ୟାପକ ଡ. ବଳରାମ ଦାସ ଯୋଗଦେଇ କହିଛନ୍ତି, ରାମାୟଣରେ ଜନଜାତି ନାରୀ ଶବରୀ ଚରିତ୍ରକୁ ଜଣେ ସମାଜ ସଂସ୍କାରିକା ତଥା ବିଭୁ ପ୍ରଣୟଣ ପରମ ସେବିକା ରୂପେ ଅଭିହତ କରାଯାଇଛି। ସମ୍ମାନିତ ଅତିଥି ରୂପେ ସାହିତ୍ୟିକ ଡ. ସୁନୀଲ ରଥ, ଗୀତିକାର ବଦ୍ରି ମିଶ୍ର ଏବଂ ଛନ୍ଦ କବି ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶବରୀ ଚରିତ୍ରର ଆଦ୍ୟରୁ ଅଦ୍ୟାବିଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ତୁଷାର ରଞ୍ଜନ ମାନସିଂହ, ମିହିର ମାନସିଂହ, ନୀହାର ମାନସିଂହ, ଅଧାପିକା ନିରୁପମା ଦାଶ, ଈତିଶ୍ରୀ ଦାଶ ଏବଂ ରୂପଶ୍ରୀ ମାନସିଂହ ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କୁ ଗୋଡ଼ାଇ ହାଣିଲେ

## ପୂର୍ବଶତ୍ରୁତାକୁ ନେଇ ହତ୍ୟାକାଣ୍ଡ, ୩ ଗିରଫ

ପୁରୀ ଅଫିସ/ ନିରାକାରପୁର, ୨।୧ (ଡି.ଏନ୍.ଏ.)



ପୁରୀ କୁମ୍ଭାରପଡ଼ା ଥାନାର ଜଟିଆବାଜୀ ଛକ ନିକଟରେ ରବିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ରାୟବାହାଦୁର ଲେନର ବିକି ନାୟକ। ପରେ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧/୨୨) ରୁଜୁ କରିଥିବା ବେଳେ ଆଇପିସି ଧାରା ୩୦୨, ୩୪ ଓ ୩(୨)(ଭି) ଅନୁସୂଚିତ ଜାତି ଓ ଜନଜାତି ଆଇନ ଅନୁଯାୟୀ ଧାରା ଲାଗିଛି। ଏଥିସହ ପୋଲିସ ପୁରୀ ଅଞ୍ଚଳର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ବିକି ସବୁଦିନ ଭଳି ରବିବାର ନିଜ ଦୋକାନକୁ ଯାଇଥିଲେ। ଦୋକାନରେ ଥିବାବେଳେ ଦୁଇ ଜଣ ଯୁବକ ସେଠାରେ ପହଞ୍ଚି ଥିବାବେଳେ କୌଣସି କଥାକୁ ନେଇ ୩ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସମ୍ପୃକ୍ତ ଯୁବକଦ୍ୱୟ ବିକିଙ୍କ ଉପରେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ବିକି ଦୌଡ଼ିବା ବେଳେ ୨ ଯୁବକଙ୍କ ଅନ୍ୟ ଜଣେ ସହଯୋଗୀ ଆସିବାରୁ ୩ଜଣ ମିଶି ଏକ ଖଣ୍ଡା ଓ ଧାରୁଆ ଅସ୍ତ୍ର ଧରି ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଖବରପାଇ ବିକିଙ୍କ ପରିବାର ଲୋକ ପହଞ୍ଚିବା ବେଳେ ବିକିଙ୍କ ତଣ୍ଟି କଟିଯିବାରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୋଲିସ ପହଞ୍ଚି ଖୋଜାଖୋଜି କରୁଥିବାବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ତେବେ ବିଶେଷ ସୂତ୍ରରୁ ଅଭିଯୁକ୍ତମାନେ ନିରାକାରପୁର ଥାନା ଅଞ୍ଚଳକୁ ଯାଇଥିବା ଜାଣିବା ପରେ ସେଠିକାର ପୋଲିସକୁ ଜଣାଇଥିଲେ। ଫଳରେ ନିରାକାରପୁର ପୋଲିସ ଅଞ୍ଚଳରେ ଜୋରଦାର ଚେକିଂ କରି ସନ୍ଦେହଜନକ ଅବସ୍ଥାରେ ବାଇକ୍‌ରେ ଯାଉଥିବା ୩ଜଣ ଯୁବକଙ୍କୁ ଧରିଥିଲା। ପରେ ସେମାନଙ୍କୁ ପୁରୀ ପୋଲିସକୁ ହସ୍ତାନ୍ତର କରାଯାଇଥିବା ନେଇ ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ‌କ ବିକିଙ୍କ ପରିବାର ଲୋକେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଥିବା କଥା କହିଥିବାବେଳେ ପୋଲିସ ଘଟଣାସ୍ଥଳରେ ହୋଇଥିବା ବଚସା କାରଣରୁ ହତ୍ୟା ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ପ୍ରକାଶ କରିଛି।

## ଖଣ୍ଡାରେ ଭିଣୋଇଙ୍କୁ ହତ୍ୟା ଘଟଣା

## ଶାଳକଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨।୧(ବ୍ୟୁରୋ)



- ■ଭଉଣୀଙ୍କୁ ଅତ୍ୟାଚାର କରୁଥିବାରୁ ରାଗ ଥିଲା
- ■ବାଇକ୍, ଖଣ୍ଡା ଜବତ



ମଞ୍ଚେଶ୍ୱର ଥାନା ଅଧୀନ ଧୂଆଁକୁଟି ବସ୍ତିରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶାଳକ ବାପୁନି ନାୟକ(୧୯)ଙ୍କ ସମେତ ୩ଜଣଙ୍କୁ ରବିବାର ପୋଲିସ ଗିରଫ କରିଛି। ଗିରଫ ଅନ୍ୟ ଅଭିଯୁକ୍ତଦ୍ୱୟ ହେଲେ ଦୀପକ ସେଠୀ (୨୦) ଓ ରମେଶ ମହାନ୍ତି (୨୨)। ଏମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଗୋଟିଏ ଖଣ୍ଡା ଓ ବାଇକ ଜବତ ହୋଇଛି। ଅଭିଯୁକ୍ତମାନଙ୍କର ଡାକ୍ତରୀ ପରୀକ୍ଷା ପରେ ସୋମବାର କିମ୍ବା ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମୃତକ ସୁଶାନ୍ତ ଘଡ଼େଇଙ୍କ ଘର ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ବିଜୁ ପଟ୍ଟନାୟକ ଏୟାରପୋର୍ଟରେ ସୁଇପର୍ କାମ କରୁଥିଲେ। ଶାଳକ ବାପୁନି ମଧ୍ୟ ଏଠାରେ ରହି ସୁଇପର କାମ କରୁଥିଲେ। ବସ୍ତିରେ ପାଖାପାଖି ଘର ନେଇ ଦୁଇ ପରିବାର ରୁହନ୍ତି। ତେବେ ଭିଣୋଇ ସୁଶାନ୍ତ ନିଜ ସ୍ତ୍ରୀ ବର୍ଷାଙ୍କୁ ଅନେକ ସମୟରେ ମାଡ଼ ମାରୁଥିଲେ, ଯାହାକୁ ନେଇ ନଭେମ୍ବର ୪ ତାରିଖ ଅର୍ଥାତ୍ ଦୀପାବଳି ଦିନ ସୁଶାନ୍ତଙ୍କ ସହ ବାପୁନୀଙ୍କର ଝଗଡ଼ା ହୋଇଥିଲା। ଏହାକୁ ନେଇ ବାପୁନି ଭିଣୋଇ ସୁଶାନ୍ତଙ୍କୁ ହତ୍ୟା କରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ଏ ନେଇ ସେ ଉକ୍ତ ବସ୍ତିରେ ରହୁଥିବା ସାଙ୍ଗ ରମେଶ ଓ ରଙ୍ଗମାଟିଆ ଗ୍ରାମର ଦୀପକଙ୍କର ସାହାଯ୍ୟ ଲୋଡ଼ିଥିଲେ। ଦୀପକଙ୍କଠୁ ରମେଶ ଖଣ୍ଡା ଆଣି ବାପୁନିଙ୍କୁ ଦେଇଥିଲେ। ଗୁରୁବାର ରାତିରେ ୩ ଅଭିଯୁକ୍ତ ଏକ ବାଇକରେ ଆସି ସୁଶାନ୍ତଙ୍କ ଘର ନିକଟରେ ଛକି ରହିଥିଲେ।

ଅପରପକ୍ଷରେ ସୁଶାନ୍ତ ଗୁରୁବାର ରାତି ପ୍ରାୟ ୧୨.୩୦ ବେଳେ ଏକ ଭୋଜି ଖାଇସାରି ଘରକୁ ଆସି ଶୋଇଥିବା ବେଳେ କବାଟ ଖୋଲା ରହିଥିଲା। ହଠାତ ବାପୁନି ଘର ଭିତରକୁ ପଶିଆସି ଖଣ୍ଡାରେ ଭିଣୋଇ ସୁଶାନ୍ତଙ୍କୁ ଆକ୍ରମଣ କରିଥିଲେ। ସ୍ତ୍ରୀ ବର୍ଷା ଦୌଡ଼ି ଆସି ସ୍ୱାମୀଙ୍କୁ ରକ୍ଷା କରିବାକୁ ଉଦ୍ୟମ କରି ଆହତ ହୋଇଥିଲେ। ପରେ ବାପୁନି ତାଙ୍କ ଘରେ ଯାଇ ଲୁଚିଥିବାବେଳେ ୨ ସହଯୋଗୀ ଖଣ୍ଡା ଧରି ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ବାପୁନିଙ୍କୁ ପୋଲିସ କାବୁ କରି ଥାନାକୁ ଆଣି ଅଟକ ରଖିଥିଲା। ପୋଲିସ ଏକ ହତ୍ୟା ମାମଲା (ନଂ. ୪୬୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଟକ ବାପୁନିଙ୍କଠାରୁ ତଥ୍ୟ ହାସଲ ସହ ତାଙ୍କ ସାହାଯ୍ୟ ନେଇ ଲୁଚିଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

## ବ୍ଲକ କାର୍ଯ୍ୟାଳୟ ଭଙ୍ଗାରୁଜା କରି ଜଣେ ଗିରଫ

ପୁରୀ ଅଫିସ,୨।୧

ପୁରୀ ବ୍ଲକ୍ ଡେଭଲପମେଣ୍ଟ କାର୍ଯ୍ୟାଳୟରେ ପଶି ଜିନିଷପତ୍ର ଭାଙ୍ଗିବା ସହ କର୍ମଚାରୀ ଓ ଅଧିକାରୀଙ୍କୁ ଗାଳି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ନରେନ୍ଦ୍ର କୋଣ ଅଞ୍ଚଳର ସୁଦର୍ଶନ ସାମନ୍ତରାୟ (୪୮)। ତାଙ୍କଠାରୁ ଓଡି ୦୨ ଜି ୩୫୨୨ ନମ୍ବର ବିଶିଷ୍ଟ ଏକ ସ୍କୁଟି ଜବତ କରିଛି । ଏ ନେଇ ପୋଲିସ ନଂ ୨୬୬/୨୧ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଗତ ୨୭ ତାରିଖ ଦିନ ଅଭିଯୁକ୍ତ ସୁର୍ଦ୍ଦଶନ କାର୍ଯ୍ୟାଳୟକୁ ଯାଇ କର୍ମଚାରୀଙ୍କୁ ଗାଳି କରିବା ସହ କାର୍ଯ୍ୟାଳୟରେ ଥିବା ଜିନିଷପତ୍ର ଭଙ୍ଗାରୁଜା କରିଥିଲା। ଏ ନେଇ ପରଦିନ ବିଡିଓ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଚଢ଼ାଉ କରି ଅଭିଯକ୍ତଙ୍କୁ ଗିରଫ କରିଛି।

## ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ଶପଥ

ଡେଲାଙ୍ଗ,୨।୧(ଡି.ଏନ୍.ଏ)

ଡେଲାଙ୍ଗ ବ୍ଲକର ଶ୍ରୀପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟରେ ୧୯୯୭ ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ସଭାରେ ପୁରାତନ ଛାତ୍ରୀ ଜୟଶ୍ରୀ ମହାପାତ୍ର ଓ ଛାତ୍ର ମହେଶ୍ୱର ବେହେରା ପୂର୍ବତନ ଶିକ୍ଷକମାନଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ପ୍ରଧାନ ଶିକ୍ଷକ ଜଳନ୍ଧର ବେହେରାଙ୍କ ସଭାପତିତ୍ୱରେ ପୂର୍ବତନ ଶିକ୍ଷକ ଚୈତନ୍ୟ ମହାରଣା, ତ୍ରୟଲୋକନାଥ ପାଣିଗ୍ରାହୀ, ସଦାଶିବ ମିଶ୍ର, ଗୌରାଙ୍ଗ ଚରଣ ଗୁଇଁ, ବନମାଳି ମୁଦୁଲି, ଲକ୍ଷ୍ମୀଧର ମିଶ୍ର, ସୁନନ୍ଦା ମହାନ୍ତି ଯୋଗ ଦେଇଥିଲେ। ସଭାରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଦିଗରେ ମୋ ସ୍କୁଲର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଭିତ୍ତିଭୂମି ବିକାଶ ସମ୍ପର୍କରେ ଶପଥ ନେଇଥିଲେ। ପରେ ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ସହ ଚାରାରୋପଣ କରାଯାଇଥିଲା। ତାରକ ପାଣିଗ୍ରାହୀ, ରାଜେନ୍ଦ୍ର ସାହୁ, ଇତିଶ୍ରୀ ନାୟକ, ମନୋଜ ସ୍ୱାଇଁ, ବନ୍ଦନା ଦାସ, ଶାନ୍ତିଲତା ନାୟକ ଏବଂ ବାବାଜି ବେହେରା ପ୍ରମୁଖ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନାମରେ ଟ୍ରେନ୍ ଚଳାଚଳ ଦାବିରେ ଲିଙ୍ଗରାଜ ମନ୍ଦିରର ସେବାୟତ ପ୍ରତିନିଧିମାନେ ରବିବାର ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେଶନ ସମ୍ମୁଖରେ ଧାରଣା ଦେଇଛନ୍ତି।

## କ୍ରିକେଟ: ବ୍ଲାକ ସ୍ୱାଇଡର ଚାମ୍ପିୟନ

କଣାସ,୨।୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ କରମଳାରେ ୬ଦିନ ଧରି ଚାଲିଥିବା ଶାନ୍ତିଧାମ ପ୍ରିମିୟର ଲିଗ୍ ମ୍ୟାଚ କ୍ରିକେଟ ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ଶନିବାର ଫାଇନାଲ ମ୍ୟାଚ ବ୍ଲକ ସ୍ୱାଇଡର ସହିତ ନିୟୁ ଷ୍ଟାର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲାକ ସ୍ୱାଇଡର ପ୍ରଥମେ ବ୍ୟାଟିଂ କରି ୧୬ ଓଭର ଖେଳି ୫ ଉଇକେଟ୍ ହରାଇ ୧୮୩ରନ ସଂଗ୍ରହ କରିଥିଲା। ଜବାବରେ ନିୟୁ ଷ୍ଟାର କ୍ଲବ ୧୫ ଓଭର ୩ଟି ବଲ ଖେଳି ସମସ୍ତ ଉଇକେଟ ହରାଇ ୧୬୨ରନ୍ କରି ପରାସ୍ତ ହୋଇଥିଲା। ଫଳରେ ୨୧ ରନରେ ବ୍ଲାକ ସ୍ୱାଇଡର ମ୍ୟାଚ ଜିତି ଚାମ୍ପିୟନ ହୋଇଛି। ମ୍ୟାଚ ପରେ ପୁରସ୍କାର ବିତରଣ ଉତ୍ସବକ ଆୟୋଜିତ ହୋଇଥିବାବେଳେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇଥିବା ବେଳେ ଶାନ୍ତିଧାମ ଆଶ୍ରମର ବାବାଜି ବନବିହାରୀ ଦାସ ଓ ସୂର୍ଯ୍ୟକାନ୍ତ ଦାସରାୟ ଅତିଥିଭାବେ ଯୋଗଦେଇଥିଲେ। ତେବେ ଚାମ୍ପିୟନ ଟିମର ଅଧିନାୟକ ଦୁଷ୍ମନ୍ତ ସାହୁଙ୍କୁ ମ୍ୟାନ୍ ଅଫ୍ ଦ୍ ମ୍ୟାଚ, ଅଭିଜିତ ପ୍ରଧାନ ଏବଂ ରନର୍ସ ଟିମ୍‌ର ଅଧିନାୟକ ତ୍ରିଲୋଚନ ରଥଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।

# ପରିକ୍ରମା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିବାଦ

ପୁରୀ ଅଫିସ,୨।୧:

- ■ କମ୍ ଦାମରେ ମୂଲ୍ୟବାନ ଜମି ନେଉଥିବା ଅଭିଯୋଗ
- ■ ପୂର୍ବରୁ ନେଇଥିବା ଜମିର କ୍ଷତିପୂରଣ ଏଯାଏ ମିଳିନି

ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ ମିଟର ଉଚ୍ଛେଦ କାର୍ଯ୍ୟ ୯୫ ପ୍ରତିଶତ ଶେଷ ହୋଇଥିବା ବେଳେ ବଳକା ଜମି ଅଧିଗ୍ରହଣରେ ସମସ୍ୟା ଦେଖାଦେଇଛି। ଯେଉଁ ଦରରେ ଜମି ଅଧିଗ୍ରହଣ ହେଉଛି ଜମି ମାଲିକମାନେ ସେଥିରେ ସନ୍ତୁଷ୍ଟ ନୁହନ୍ତି। ଏହି ପ୍ରକଳ୍ପ ପାଇଁ ବାସେଳି ସାହି ଓ ଚୁଡ଼ଙ୍ଗ ସାହି ମୌଜାର ୮ଟି ପ୍ଲଟ ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଜାରି କରାଯାଇ ରବିବାର ସନ୍ଧ୍ୟା ସୁଦ୍ଧା ଦୋକାନ ଓ ଘର ଖାଲି କରିବାକୁ ଉଲ୍ଲେଖ କରାଯାଇଥିଲା। ଏଭଳି ନୋଟିସ୍ ପାଇବା ପରେ ଅସନ୍ତୁଷ୍ଟ ଜମି ମାଲିକମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି।

ଦାମୋଦର ଗୋଚ୍ଛିକାରଙ୍କୁ ପ୍ରତିନିଧିତ୍ୱ କରି ଆଇନଜୀବୀ ଅମିତ ଦାଶ ଏ ନେଇ ରବିବାର ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ସେ କହିଛନ୍ତି ଯେ, ଅଧିଗ୍ରହଣ ବାବଦକୁ ରହିଥିବା ୪୭ ଡିସିମିଲ ଜମି ୩ଜଣଙ୍କ ମାଲିକାନାରେ ରହିଛି। ଏହି ଜାଗା ଉପରେ ୪ଟି ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ରହିଛି। ପୂର୍ବରୁ ୨୦୧୫ରେ ମଧ୍ୟ ଆମଠାରୁ ଜମି ଅଧିଗ୍ରହଣ ହୋଇଥିଲା, ସେ ସମୟରେ ହୋଇଥିବା ପ୍ରତିଶ୍ରୁତିର କ୍ଷତିପୂରଣ ଏପର୍ଯ୍ୟନ୍ତ ମିଳିନି। ବଗଲା ଧର୍ମଶାଳା ପରିସରରେ ଜମି ଦିଆଯିବ ବୋଲି କୁହାଯାଇଥିଲେ ମଧ୍ୟ ତାହା ମିଳିଲା ନାହିଁ। ସେହିଭଳି ଯେଉଁ ଦରରେ ଏବେ ଜମି ପ୍ରଦାନ କରାଯାଉଛି ତାହା ସାମ୍ପ୍ରତିକ ଜମିର ମୂଲ୍ୟଠାରୁ ଢ଼େର କମ୍। କମ୍ ଟଙ୍କା ଦେଇ ଅଧିକ ମୂଲ୍ୟର ଜମି ନେବାକୁ ପ୍ରଶାସନ ବାଧ କରୁଛି। ଅନେକ ଲୋକ ପ୍ରଶାସନର ନାଲି ଆଖି ଦେଖି ଶସ୍ତାରେ ଜମି ଦେଇ ସାରିଲେଣି। ମାତ୍ର ଆମେ ଏଭଳି କରିବୁ ନାହିଁ। ରାଜସ୍ୱ ବିଭାଗ ନିକଟରେ ଏ ସମ୍ପର୍କରେ ଅଭିଯୋଗ ମଧ୍ୟ କରାଯାଇଥିଲା। ଜମିର ଠିକ ମୂଲ୍ୟ ନିର୍ଦ୍ଧାରଣ ପାଇଁ କୁହାଯାଇଥିଲା। ମାତ୍ର ସମ୍ପୃକ୍ତ ଅଭିଯୋଗ ଉପରେ ଶୁଣାଣି ହେଲା ନାହିଁ। ଏହି ସମ୍ମିଳନୀ ଜରିଆରେ ଜମି ଅଧିଗ୍ରହଣକୁ ବେଆଇନ ବୋଲି କହିବା ସହ ଜମି ମାଲିକ ରାଜି ନ ହେବା ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇପାରିବ ନାହିଁ ଆଇନଜୀବୀ ଦାଶ ଯୁକ୍ତି ବାଢ଼ିଛନ୍ତି। ସେହିଭଳି ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବାବେଳେ ପ୍ରଶାସନର ଏଭଳି କାର୍ଯ୍ୟକଳାପ ବେଆଇନ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତି ଜମିର ୩ଜଣ ମାଲିକ ଥିବାବେଳେ ୨ଜଣ ଜମି ଅଧିଗ୍ରହଣ ପାଇଁ ରାଜିନାମା ପ୍ରଦାନ କରିସାରିଛନ୍ତି। ଅନ୍ୟପକ୍ଷରେ ଉପଜିଲାପାଳ ଭବତାରଣ ସାହୁ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଆର୍‌ଏଫ୍‌ସିଟି ଏଲ୍‌ଏଆର୍ ଆଣ୍ଡ ଆର୍ ଧାରା ୬୪ ଅନୁସାରେ ଉକ୍ତ ଜମିର କ୍ଷତିପୂରଣ ରାଶି ଏଲ୍‌ଏଆର ଆଣ୍ଡ ଆର୍ କର୍ତ୍ତୃପକ୍ଷଙ୍କ ପାଖରେ ଜମା କରାଯାଇଛି। ଏଲଏଆର୍ ଆଣ୍ଡ ଆର୍‌ଙ୍କ ନ୍ୟାୟାଳୟ ଜମି ଦଖଲ ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ଅନୁମତି ମିଳିବା ପରେ ଏହି ନୋଟିସ୍ ଜାରି କରାଯାଇଛି। ସୂଚନାଥାଉକି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ ଶେଷ କରିସାରିଲେଣି। ମାତ୍ର ପରିକ୍ରମା କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ।

## ଅସ୍ତରଙ୍ଗରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

ଅସ୍ତରଙ୍ଗ,୨।୧(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମରେ ଏହି ବ୍ଲକ ଅନ୍ତର୍ଗତ ଖଣ୍ଡାସାହି ସ୍ୱପ୍ନେଶ୍ୱର ନୋଡାଲ ବିଦ୍ୟାଳୟ ପରିସରରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ବିଦ୍ୟାଳୟ ଗୃହ ନିର୍ମିତ ହୋଇଛି। ଏ ନେଇ ଏକ ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅନ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷ ମିନତୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ଗୃହର ଉଦ୍‌ଘାଟନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନୂଆଗଡ଼ ମାଛଧରା ବନ୍ଦର ରାସ୍ତାଠାରୁ ନାନପୁର ଡମସୁଣ ୩ କିଲୋମିଟର ରାସ୍ତା ପାଇଁ ୩ କୋଟି ୬୬ଲକ୍ଷ ଟଙ୍କା, ସିଦ୍ଧିପୁର-ବେଳଙ୍ଗ ୫ କିଲୋମିଟର ରାସ୍ତା ପାଇଁ ୫ କୋଟି ୫୫ ଲକ୍ଷ ଟଙ୍କାର ନବୀକରଣ ପାଇଁ ଶିଳାନ୍ୟାସ ହୋଇଥିଲା। ବ୍ଲକର ମୁଖ୍ୟ କାର୍ଯ୍ୟାଳୟ ପାଇଁ ୩୦ ଲକ୍ଷ ଓ ସରିପୁର ପଞ୍ଚାୟତର ମିଶନ ଶକ୍ତି ଗୃହ କାର୍ଯ୍ୟ ପାଇଁ ୧୨ ଲକ୍ଷ ଟଙ୍କାରେ କାର୍ଯ୍ୟ ସମାପ୍ତ ହୋଇଯାଇଥିବାରୁ ସେ ସବୁକୁ ମଧ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପଞ୍ଚାନନ ସାଇଁ, କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଉମାକାନ୍ତ ସାମନ୍ତରାୟ, ବିଡିଓ ବେବିତାମଞ୍ଜରୀ ନାୟକ,ସହକାରୀ କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ଼ଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ, ଠିକାଦାର ଚକ୍ରଧର ପରିଡ଼ା, ଅମିୟ ମହାନ୍ତି, ମନୋରଞ୍ଜନ ସ୍ୱାଇଁ, ସରପଞ୍ଚ ମଙ୍ଗୁଳି ପ୍ରଧାନ, ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସର୍ବୋଦୟ ସାହିତ୍ୟ ସଂସଦ ପକ୍ଷରୁ ରବିବାର ପୁରୀର ସର୍ବୋଦୟ ନଗରସ୍ଥିତ ନିର୍ବିକଳ୍ପ ସଭାଗୃହରେ ଆୟୋଜିତ ଏକ ଉତ୍ସବରେ ଆର୍ତ୍ତତ୍ରାଣ ମାନସିଂଙ୍କ କବିତା ସଂକଳନ ‘ଶବରୀ’କୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।



ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଚାଲିଥିବା ଶିଶିର ସରସ ମେଳାରେ ରବିବାର ଲୋକେ ଷ୍ଟଲ ବୁଲି ଦେଖୁଛନ୍ତି।



ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୫ତମ ଶ୍ରାଦ୍ଧୋତ୍ସବରେ ରବିବାର ବିଧାନସଭା ପରିସରସ୍ଥ ମହତାବଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।